# ଓଡିଶାର ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ହାତିଆଗୁଣି ଦେଇ ରେଳବିହାର ଠାରୁ ଏକାମ୍ରକାନନ ପର୍ଯ୍ୟନ୍ତ ୨୦୦ ଫୁଟ ମାଷ୍ଟର ପ୍ଲାନ ରାସ୍ତା ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ

**STUDY ASSIGNED BY :**


ରାଜ୍ୟ ସାମାଜିକ ପ୍ରଭାବ ଆକଳନ ୟୁନିଟ

ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ୍ (ଏନ୍.ସି.ଡି.ଏସ)

ଭୁବନେଶ୍ୱର, ଓଡ଼ିଶା -୭୫୧୦୧୩






**STUDY CONDUCTED BY:**


ଆର୍.ଏ.ସି

ରିସର୍ଚ୍ଚ ଏଣ୍ଡ ଆନାଲିସିସ୍ କନସୋଲଟାଣ୍ଟସ୍

ସହିଦନଗର, ଭୁବନେଶ୍ୱର-୭୫୧୦୦୭

# ଓଡିଶାର ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ହାତିଆଶୁଣି ଦେଇ ରେଳବିହାର ଠାରୁ ଏକାମ୍ରକାନନ ପର୍ଯ୍ୟନ୍ତ ୨୦୦ଫୁଟ ମାଷ୍ଟର ପ୍ଲାନ ରାସ୍ତା ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ

*ମେ -୨୦୨୦*

*ପ୍ରଦତ୍ତ ହେଲା:*

**ରାଜ୍ୟ ସାମାଜିକ ପ୍ରଭାବ ଆକଳନ ୟୁନିଟ**

ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ୍ (ଏନ୍.ସି.ଡି.ଏସ)
ଭୁବନେଶ୍ୱର, ଓଡ଼ିଶା -୭୫୧୦୧୩

*ପ୍ରଦାନ କଲେ:*

**ଆର୍ଏ ସି**

ରିସର୍ଚ୍ଚ ଏଣ୍ଡ୍ ଆନାଲିସିସ୍ କନସୋଲଟାଣ୍ଟସ୍
ସହିଦନଗର, ଭୁବନେଶ୍ୱର, ୭୫୧୦୦୭

## ସ୍ୱୀକାରୋକ୍ତି

ଓଡିଶାର ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ହାତିଆଶୁଣି ଦେଇ ରେଳବିହାର ଠାରୁ ଏକାମ୍ରକାନନ ପର୍ଯନ୍ତ ୨୦୦ଫୁଟ ମାଷ୍ଟର ପ୍ଲାନ ରାସ୍ତା ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଭଳି ଏକ ଆହ୍ୱାନପୂର୍ଣ୍ଣ କାମ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର, ରିସର୍ଚ୍ଚ ଆଣ୍ଡ ଆନାଲିସିସ କନସଲ୍‌ଟାଣ୍ଟ (ଜଇଉ) କୁ ପ୍ରଦାନ କରିଥିଲା । ଏହି ଅଧ୍ୟୟନ ଟି ପ୍ରସ୍ତାବିତ ୨୦୦ ଫୁଟ ମାଷ୍ଟର ପ୍ଲାନ ରାସ୍ତା ପ୍ରକଳ୍ପ ହେତୁ ପ୍ରଭାବିତ ପରିବାର/ବ୍ୟକ୍ତିମାନଙ୍କ ଠାରୁ ପ୍ରାସଙ୍ଗିକ ସୂଚନା ଏକତ୍ରିତ କରିବାକୁ ପ୍ରାଧାନ୍ୟ ଦେଇଥିଲା ।

ଏହି ଅଧ୍ୟୟନ ଉଦ୍ଦେଶ୍ୟରେ, ଖୋର୍ଦ୍ଧା ଜିଲ୍ଲା ର ଜୟଦେବ ବିହାର ଅଞ୍ଚଳରେ କାର୍ଯ୍ୟ କରାଯାଇଥିଲା ଏବଂ ଏହା ପ୍ରଭାବିତ ପରିବାର ଉପରେ ପ୍ରକଳ୍ପର ପ୍ରଭାବ ଆକଳନ କରିବାକୁ ଲକ୍ଷ୍ୟ ରଖିଥିଲା । ଏହା ବ୍ୟତିତ ଦାବିଦାର ବ୍ୟକ୍ତିମାନଙ୍କ ସାରଣୀ ପ୍ରସ୍ତୁତ କରାଯାଇଥିଲା । ଅଞ୍ଚଳରେ କାର୍ଯକରିବା ସମୟରେ ମହିଳା ଓ ପୁରୁଷ ଉଭୟଙ୍କ ଉପସ୍ଥିତିରେ କେନ୍ଦ୍ରୀଭୂତ ଦଳଗତ ଆଲୋଚନା କରାଯାଇଥିଲା ।

ଆମ ଅନୁଷ୍ଠାନକୁ ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ କରିବାର ଦାୟିତ୍ୱ ପ୍ରଦାନ କରି ଥିବାରୁ ଆମେ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା ସଂସ୍ଥା, ଭୁବନେଶ୍ୱର ନିକଟରେ ଆମର କୃତଜ୍ଞତା ଜ୍ଞାପନ କରୁଛୁ । ପ୍ରଫେସର ଡକ୍ଟର ଶିବଲାଲ ମେହେର, ସଂଯୋଜକ, ରାଜ୍ୟ ସାମାଜିକ ପ୍ରଭାବ ଆକଳନ ସଂସ୍ଥା, ଆମକୁ ସମୟୋପଯୋଗି ଦିଗଦର୍ଶନ ଦେବା ସହ ସମର୍ଥନ କରିଥିବାରୁ ଆମେ ତାଙ୍କୁ ହୃଦୟର ସହ ଧନ୍ୟବାଦ ଜ୍ଞାପନ କରୁଛୁ । ଏହି ଅଧ୍ୟୟନ ବିବରଣୀ ପ୍ରସ୍ତୁତ କରିବାକୁ ବହୁମୂଲ୍ୟ ମତାମତ ପ୍ରଦାନ କରିଥିବାରୁ ଆମେ ଆମର ପରାମର୍ଶଦାତାମାନଙ୍କ ନିକଟରେ ଚିରଋଣି ରହିବୁ । ପ୍ରକଳ୍ପ ଅଞ୍ଚଳରେ କାର୍ଯ୍ୟ କରିବା ସମୟରେ ସଠିକ ସମୟରେ ଯୋଗଦାନ ଏବଂ ସହଯୋଗ ନିମନ୍ତେ ବିଭିନ୍ନ ସ୍ତରରେ ଥିବା ସମସ୍ତ ହିତାଧିକାରୀଙ୍କ ନିକଟରେ ଆମେ କୃତଜ୍ଞ ଅଟୁ । ପ୍ରଦାନ କରାଯାଇଥିବା କାର୍ଯ୍ୟଟିକୁ ସଠିକ ସମୟରେ ସମ୍ପୁର୍ଣ୍ଣ କରିବାକୁ କ୍ଷେତ୍ର କର୍ମଚାରୀ ଏବଂ କର୍ଯ୍ୟାଳୟର କର୍ମଚାରୀମାନଙ୍କ ନିଷ୍ଠାବାନ ପ୍ରୟାସକୁ ଆମେ ସ୍ୱୀକାର କରୁଛୁ । ପରିଶେଷରେ, ଆମେ ଆଶା କରୁଛୁ ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଲକ୍ଷ୍ୟ ହାସଲ କରିବାରେ ଉପଯୋଗି ହେବ ।



**ଡ଼. ଏସ୍ ଆର୍ ମାଣିଆ**

**ଆର୍ ଏ ସି, ଭୁବନେଶ୍ୱର**

# ସୂଚୀପତ୍ର


| ଅଧ୍ୟାୟ | ଶିର୍ଷକ | ପୃଷ୍ଠା |
|---|---|---|
| | ସ୍ୱୀକାରୋକ୍ତି | ୨ |
| | ସୂଚୀପତ୍ର | ୩ |
| | ସାରଣୀ ସୂଚୀ | ୪ |
| | ଚିତ୍ରସୂଚୀ | ୪ |
| | ସଂକ୍ଷେପଣ | ୫ |
| | କାର୍ଯ୍ୟନିର୍ବାହୀ ସାରାଂଶ | ୬-୧୧ |
| ଅଧ୍ୟାୟ - ୧ | ଉପକ୍ରମ ଓ ପ୍ରକଳ୍ପର ବର୍ଣ୍ଣନା | ୧୨-୨୩ |
| ଅଧ୍ୟାୟ - ୨ | ଅଧ୍ୟୟନ ଦଳ ଉଦ୍ଦେଶ୍ୟ ଓ ପଦ୍ଧତି | ୨୪-୩୦ |
| ଅଧ୍ୟାୟ - ୩ | ଅଧ୍ୟୟନ ଅଞ୍ଚଳ ଓ ପ୍ରଭାବିତ ପରିବାର ସାମାଜିକ ଓ ଅର୍ଥନୈତିକ ସ୍ଥିତି | ୩୧-୫୦ |
| ଅଧ୍ୟାୟ - ୪ | ଜମିର ଆକଳନ | ୫୧-୫୪ |
| ଅଧ୍ୟାୟ - ୫ | ପ୍ରକଳ୍ପର ପ୍ରଭାବ ଆକଳନ ଓ ସାମାଜିକ ପ୍ରଭାବ ପରିଚାଳନା ଯୋଜନା | ୫୫-୬୬ |
| ଅଧ୍ୟାୟ - ୬ | ଜନଶୁଣାଣି ଶିବିରର ବିବରଣୀ | ୬୭-୭୧ |
| ଅଧ୍ୟାୟ - ୭ | ସାମାଜିକ ମୂଲ୍ୟ ଲାଭର ବିଶ୍ଳେଷଣ ଓ ସୁପାରିଶ | ୭୨-୭୩ |
| ଅନୁସୂଚୀ-୧ | ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଓ ଜନ ଶୂଣାଣିର ବିଜ୍ଞପ୍ତି | ୭୪-୮୦ |
| ଅନୁସୂଚୀ-୨ | ଦାବିଦାରମାନଙ୍କ ନାମ | ୮୧-୮୩ |
| ଅନୁସୂଚୀ-୩ | ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଓ ଜନଶୁଣାଣିର ଫଟୋଗ୍ରାଫ | ୮୪-୮୮ |
| ଅନୁସୂଚୀ-୪ | କେନ୍ଦ୍ରୀଭୁତ ଦଳଗତ ଆଲୋଚନା ଓ ଜନଶୁଣାଣିରେ ଭାଗ ନେଇଥିବା ଲୋକମାନଙ୍କ ଦସ୍ତଖତ | ୮୯-୯୧ |
| ଅନୁସୂଚୀ-୫ | ଏସ୍ ଆଇ ଏ ମ୍ୟାପ | ୯୨ |
| ଅନୁସୂଚୀ-୬ | ସାମାଜିକ ମାନଚିତ୍ର | ୯୩ |

# ସାରଣୀ ସୂଚୀ


| ସାରଣୀ | ଶିର୍ଷକ |
|---|---|
| ସାରଣୀ-୨.୧ | ଅଧ୍ୟୟନ ଦଳ |
| ସାରଣୀ ୩.୧ | ସଂକ୍ଷେପରେ ଜିଲ୍ଲାର ତଥ୍ୟ |
| ସାରଣୀ-୩.୨ | ଭୁବନେଶର ତହସିଲ ସମ୍ବନ୍ଧରେ ପ୍ରମୁଖ ତଥ୍ୟ |
| ସାରଣୀ-୩.୩ | ଅଧ୍ୟୟନ କରାଯାଇଥିବା ୱାର୍ଡ଼ ର ଜନସଂଖ୍ୟା ସମ୍ବନ୍ଧୀୟ ତଥ୍ୟ |
| ସାରଣୀ-୩.୪ | ୱାର୍ଡ଼ରେ ଉପଲବ୍ଧ ହେଉଥିବା ସର୍ବସାଧାରଣ ସମ୍ପତ୍ତି(ସଂଖ୍ୟାରେ) |
| ସାରଣୀ-୩.୫ | ୱାର୍ଡ଼ରେ ଉପଲବ୍ଧ ହେଉଥିବା ସାମାଜିକ ଏବଂ ସାଂସ୍କୃତିକ ଭିତ୍ତିଭୂମି(ସଂଖ୍ୟାରେ) |
| ସାରଣୀ-୩.୬ | ଲିଙ୍ଗ ଭିତ୍ତିରେ ପ୍ରଭାବିତ ପରିବାର ଓ ଜନସଂଖ୍ୟାର ବିଭାଜନ |
| ସାରଣୀ-୩.୭ | ବୟସ ଅନୁଯାୟୀ ପ୍ରଭାବିତ ଜନସଂଖ୍ୟାର ବିଭାଜନ |
| ସାରଣୀ-୩.୮ | ପ୍ରଭାବିତ ପରିବାରମାନଙ୍କର ଜାତି ବିଭାଜନ |
| ସାରଣୀ-୩.୯ | ପ୍ରଭାବିତ ପରିବାରମାନଙ୍କ ଶିକ୍ଷାର ସ୍ତର |
| ସାରଣୀ -୩.୧୦ | ଜିବିକା ଅନୁସାରେ ପ୍ରଭାବିତ ପରିବାର ବିତରଣ |
| ସାରଣୀ-୩.୧୧ | ପ୍ରଭାବିତ ପରିବାରମାନଙ୍କର ଆୟର ସ୍ତର |
| ସାରଣୀ-୩.୧୨ | ଖାଦ୍ୟ ଓ ଅଣଖାଦ୍ୟରେ ହାରାହାରୀ ମାସିକ ଖର୍ଚ୍ଚ (ଟଙ୍କାରେ) |
| ସାରଣୀ-୩.୧୩ | ପ୍ରଭାବିତ ପରିବାରର ଋଣଗ୍ରସ୍ତତା |
| ସାରଣୀ-୩.୧୪ | ପ୍ରଭାବିତ ପରିବାରର ବିଭନ୍ନ ସଦସ୍ୟ ନେଇଥିବା ଋଣ |
| ସାରଣୀ-୩.୧୫ | ଋଣର ଉତ୍ସ |
| ସାରଣୀ-୩.୧୬ | ଋଣର ଉଦ୍ଦେଶ୍ୟ |
| ସାରଣୀ-୩.୧୭ | ପରିବାରର ଚଳନ୍ତି ଆସବାବ ପତ୍ର |
| ସାରଣୀ -୪.୧ | ପ୍ରଭାବିତ ପରିବାରର ମାଲିକାନାରେ ଥିବା ଜମିର ପ୍ରକାର |
| ସାରଣୀ -୪.୨ | ପ୍ରକଳ୍ପ ଜମିରେ କ୍ଷତି ହେଉଥିବା ବିଭିନ୍ନ ପ୍ରକାର ଢାଞ୍ଚା/ନିର୍ମାଣ |
| ସାରଣୀ -୪.୩ | ପ୍ରଭାବିତ ଏବଂ ଅଧିଗ୍ରହଣ ଜମିର କ୍ଷତି ପ୍ରତିଶତ |
| ସାରଣୀ-୫.୧ | ପ୍ରକଳ୍ପ ବାବଦରେ ପରିବାର ମାନଙ୍କର ଦୃଷ୍ଟିଭଙ୍ଗି |
| ସାରଣୀ-୫.୨ | ପ୍ରକଳ୍ପ ନକାରାତ୍ମକ ପ୍ରଭାବ |


# ଚିତ୍ରସୂଚୀ


| | |
|---|---|
| ଚିତ୍ର - ୧ | ବିଭିନ୍ନ ପର୍ଯ୍ୟାୟରେ ଅଧ୍ୟୟନର ର ଦୃଷ୍ଟିକୋଣ ଓ ପଦ୍ଧତି |
| ଚିତ୍ର -୨ | ଖୋର୍ଦ୍ଧାଜିଲ୍ଲାର ମାନଚିତ୍ର |
| ଚିତ୍ର - ୩ | ବୟସ ଅନୁଯାୟୀ ପ୍ରଭାବିତ ଜନସଂଖ୍ୟାର ବିଭାଜନ |
| ଚିତ୍ର – ୪ | ପ୍ରଭାବିତ ପରିବାର ମାନଙ୍କର ଜୀବିକା |
| ଚିତ୍ର - ୫ | ଜମି ବ୍ୟବହାର ଶୈଳୀ |
| ଚିତ୍ର - ୬ | କ୍ଷତିପୂରଣ ପାଇବା ନିମନ୍ତେ ପ୍ରଭାବିତ ପରିବାରର ପ୍ରାଥମିକତା |

# ସଂକ୍ଷେପଣ

| | | |
|---|---|---|
| ସି ଏଚ୍ ସି | : | ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର |
| ସି ପି ଆର୍ | : | ସର୍ବସାଧାରଣ ସମ୍ପତ୍ତି |
| ସି ଆର୍ ଡି ପି | : | କ୍ୟାପିଟାଲ ରୋଡ ଡେଭଲପ୍ମେଣ୍ଟ ଫଣ୍ଡ |
| ସି ଏସ୍ ଜି | : | କନ୍ସଲଟାନ୍ସି ସର୍ଭିସ ଗ୍ରୁପ |
| ସି ଏସ୍ ଆର୍ | : | କର୍ପୋରେଟ ସୋସିଆଲ୍ ରେସପନ୍ସ |
| ଡିଇପିଟି | : | ଡିପାର୍ଟମେଣ୍ଟ |
| ଡି ପି ଆର୍ | : | ବିସ୍ତୃତ ପ୍ରକଳ୍ପ ବିବରଣୀ |
| ଇ ଆଇ ଏ | : | ପରିବେଶ ପ୍ରଭାବ ଆକଳନ |
| ଇ ଏମ୍ ପି | : | ପରିବେଶ ପରିଚାଳନା ଯୋଜନା |
| ଏଫ୍ ଜି ଡି | : | କେନ୍ଦ୍ରୀଭୂତ ଦଳଗତ ଆଲୋଚନା |
| ଏଫ୍ ଆର୍ ଏ | : | ଜଙ୍ଗଲ ଜମି ବ୍ୟବହାର ଆଇନ |
| ଜି ଓ ଆଇ | : | ଭାରତ ସରକାର |
| ଜି.ପି | : | ଗ୍ରାମ ପଂଚାୟତ |
| ଇଡ୍କୋ | : | ଇଣ୍ଡଷ୍ଟ୍ରୀଆଲ୍  ଇନ୍ଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ କର୍ପୋରେସନ୍, ଓଡିଶା |
| ଆର୍ ଏ ସି | : | ରିସର୍ଚ୍ଚ ଆଣ୍ଡ ଆନାଲିସିସ କନସଲ୍ଟାଣ୍ଟ |
| କେ.ଏମ | : | କିଲୋମିଟର |
| ଏଲ୍ ଏ ଓ | : | ଜମି ଅଧିଗ୍ରହଣ ଅଧିକାରୀ |
| ଏନ୍ ସି ଡି ଏସ୍ | : | ନବକୃଷ୍ଣ ଚୌଧୁରୀ  ଉନ୍ନୟନ ଗବେଷଣା କେନ୍ଦ୍ର |
| ଏନ୍ ଏଚ୍ | : | ଜାତୀୟ ରାଜପଥ |
| ଏନ୍ ଏଚ୍ ଡି ପି | : | ଜାତୀୟ ରାଜପଥ ଉନ୍ନୟନ ଯୋଜନା |
| ଓ ବି ସି | : | ଅନ୍ୟାନ୍ୟ ପଛୁଆ ବର୍ଗ |
| ପି ଏ ଏଫ୍ | : | ପ୍ରକଳ୍ପ ପ୍ରଭାବିତ ପରିବାର |
| ପି ଏ ପି | : | ପ୍ରକଳ୍ପ ପ୍ରଭାବିତ ଲୋକ |
| ପି ଏଚ୍ ସି | : | ପ୍ରାଥମିକ ଚିକିତ୍ସା କେନ୍ଦ୍ର |
| ପି ଏମ୍ଜିଏସ୍ ୱାଇ | : | ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା |
| ପି ଆର୍ ଏ | : | ସହଭାଗି ଗ୍ରାମ୍ୟ ଅବଧାରଣା |
| ପି ଆର୍ ଆଇ | : | ପଞ୍ଚାୟତ ରାଜ ଅନୁଷ୍ଠାନ |
| ପି ଏସ୍ ୟୁ | : | ପବ୍ଲିକ ସେକ୍ଟର ଅଣ୍ଡର ଟେକିଙ୍ଗ |
| ପି ଡବ୍ଲ୍ୟୁ ଡି | : | ଭିନ୍ନକ୍ଷମ |
| ଆର୍ ଆଣ୍ଡ ଆର୍ | : | ପୁନର୍ବାସ ଓ ଥଇଥାନ |
| ଆର୍ ଓ ଡବ୍ଲ୍ୟୁ | : | ରାଇଟ୍ ଅଫ ୱେ |
| ଆର.ଟି.ଏଫ.ସି.ଟି. ଏଲ.ଏ.ଆର. ଆର. | : | ନ୍ୟାୟ  ସଂଗତ କ୍ଷତିପୂରଣ ଅଧିକାର ତଥା ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ପୁନର୍ବାସ ଏବଂ ଥଇଥାନ ଅଧିନିୟମ |
| ଏସ୍  ସି | : | ଅନୁସୂଚିତ ଜାତି |
| ଏସ୍  ଏଚ୍ | : | ରାଜ୍ୟ ରାଜପଥ |
| ଏସ୍ ଏଚ୍ ଜି | : | ସ୍ୱୟଂ ସହାୟକ ଗୋଷ୍ଠୀ |
| ଏସ୍ ଆଇ ଏ | : | ସାମାଜିକ ପ୍ରଭାବ ଆକଳନ |
| ଏସ୍ ଆଇ ଏମ୍ ପି | : | ସାମାଜିକ ପ୍ରଭାବ ପରିଚାଳନା ଯୋଜନା |
| ଏସ୍  ଟି | : | ଅନୁସୂଚିତ ଜନଜାତି |

# କାର୍ଯ୍ୟନିର୍ବାହୀ ସାରାଂଶ

ସଡ଼କ ଭିତ୍ତିଭୂମିର ଉନ୍ନତିକରଣ, କାର୍ଯ୍ୟକାରୀତା ଓ ରକ୍ଷାଣବେକ୍ଷଣ ସମ୍ବନ୍ଧରେ ଓଡ଼ିଶା ସରକାରଙ୍କର ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ଓଡିଶା ସରକାରଙ୍କ ପୁର୍ତ୍ତ ବିଭାଗ ବିଭିନ୍ନ ରାସ୍ତାର ଉନ୍ନତି ନିମନ୍ତେ ଚିହ୍ନଟ କରିଛନ୍ତି । ଏହି ପରିପ୍ରେକ୍ଷୀରେ କ୍ୟାପିଟାଲ ରୋର୍ଡ ଡେଭଲପ୍‌ମେଣ୍ଟ ଫଣ୍ଡ (ଉଜଉଚ) ପ୍ରକଳ୍ପରେ ଓଡିଶାର ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱର ତହସିଲ ଅନ୍ତର୍ଗତ ହାତିଆଶୁଣି ଦେଇ ରେଳବିହାର ଠାରୁ ଏକାମ୍ରକାନନ ପର୍ଯନ୍ତ ୨୦୦ଫୁଟ ପ୍ରଶସ୍ଥ ମାଷ୍ଟର ପ୍ଲାନ ରାସ୍ତା ନିର୍ମାଣ କରାଯିବ । ଏହି ରାସ୍ତାର ଉନ୍ନତିକରଣ ପାଇଁ ୧.୯୬୧ ଏକର ବେସରକାରୀ ଜମି ଅଧିଗ୍ରହଣ କରାଯିବ ଯାହାକି ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ତହସିଲ ଅନ୍ତର୍ଗତ ଜୟଦେବବିହାର ମୌଜାରେ ଅବସ୍ଥିତ ।

**ଅଧ୍ୟୟନ**

ଓଡିଶା ସରକାର ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ହାତିଆଶୁଣି ଦେଇ ରେଳବିହାର ଠାରୁ ଏକାମ୍ରକାନନ ପର୍ଯନ୍ତ ୨୦୦ଫୁଟ ମାଷ୍ଟର ପ୍ଲାନ ରାସ୍ତା ନିର୍ମାଣ ନିମନ୍ତେ ଯୋଜନା କରିଛନ୍ତି ଯେଉଁଥିପାଇଁ ୧.୯୬୧ ଏକର ବେସରକାରୀ ଜମି ଅଧିଗ୍ରହଣ କରାଯାଉଛି । ଏହାକୁ ଦେଖି ରାଜ୍ୟ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କେନ୍ଦ୍ର ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ଭୁବନେଶ୍ୱର ତାହାର ଏକ ତାଲିକାଭୁକ୍ତ ସଂସ୍ଥା ***ଆର ଏ ସି*** ସଂସ୍ଥାକୁ ବେସରକାରୀ ଜମି ଅଧିଗ୍ରହଣ କରିବା ଉଦ୍ଦେଶ୍ୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବା ପାଇଁ ଦାୟିତ୍ୱ ନ୍ୟସ୍ତ କରିଛନ୍ତ । ଉକ୍ତ ଜମି ଓଡିଶାର ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ତହସିଲ ଅନ୍ତର୍ଗତ ଜୟଦେବ ବିହାର ଅଞ୍ଚଳବାସୀଙ୍କର । ଏହି ଅଧ୍ୟୟନ କରିବା ପାଇଁ ଓଡ଼ିଶା ସରକାରଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତାଙ୍କର ଚିଠି ସଂଖ୍ୟା ଆର୍ ଡି ଏମ୍- ଏଲ୍ ଏ ଏ-କେ ଏଚ୍ ଡି-୦୦୧୦-୨୦୧୮/୧୮୯୩ ତା୧୦.୦୧.୨୦୨୦ରେ ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଅଧ୍ୟୟନର ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ଉଭୟେ ଜନଗଣନା ପଦ୍ଧତି ଓ ନମୁନା ପଦ୍ଧତିରେ ତଥ୍ୟ ସଂଗ୍ରହ କରାଯାଇଥିଲା । ୧୪ ଟି ପ୍ରକଳ୍ପ ପ୍ରଭାବିତ ପରିବାରକୁ ସାମିଲ କରି ସର୍ଭେ କାର୍ଯ୍ୟ କରା ଯାଇଥିଲା । ଜୟଦେବ ବିହାରର ୱାର୍ଡ ନମ୍ବର ୧୬ ଠାରେ ୧୪ ଟି ପ୍ରକଳ୍ପ ପ୍ରଭାବିତ ପରିବାରର ସର୍ଭେ କାର୍ଯ୍ୟ କରା ଯାଇଥିଲା । ଏତଦ୍ ବ୍ୟତିତ ରାସ୍ତା ପ୍ରକଳ୍ପ ସମ୍ବନ୍ଧରେ ମତାମତ ଜାଣିବା ନିମନ୍ତେ ନମୁନା ଆକାରରେ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ୧୦ ଟି ଜମି ହରାଉନଥିବା ପରିବାରରେ ମଧ୍ୟ ସର୍ଭେ କାର୍ଯ୍ୟ କରା ଯାଇଥିଲା ।

**ଅଧ୍ୟୟନର ନିଷ୍କର୍ଷ**

**ପ୍ରଭାବିତ ପରିବାରର ସାମଜିକ ଆର୍ଥିକ ପାର୍ଶ୍ୱଚିତ୍ର**

୧୪ ଜଣ ଉତ୍ତରଦାତାଙ୍କ ମଧ୍ୟରୁ ୧୩ ଜଣ (୯୨.୮%) ପୁରୁଷ ଅଟନ୍ତି, ଯାହା ବୁଝାଉଛି ଯେ ପ୍ରଭାବିତ ପରିବାରର ପୁରୁଷମାନେ ମୁଖ୍ୟ ନିଷ୍ପତ୍ତି ଗ୍ରହଣକାରୀ ଅଟନ୍ତି । ପ୍ରସ୍ତାବିତ ରାସ୍ତା ନିର୍ମାଣ ନିମନ୍ତେ ଏହି ପରିବାରମାନେ ସେମାନଙ୍କ

ଜମି ସହିତ ଅନ୍ୟାନ୍ୟ ସମ୍ପତ୍ତି ମଧ୍ଧ ହରାଉଛନ୍ତି । ଆହୁରି ମଧ୍ଧ ସର୍ଭେ ହୋଇଥିବା ପରିବାରର ଜନସଂଖ୍ୟାର ଲିଙ୍ଗଗତ ବିଭାଜନରୁ ଜଣାଯାଏ ଯେ ୭୧ ଜଣ ସଦସ୍ୟଙ୍କ ମଧ୍ୟରୁ ୩୬ଜଣ (୫୦.୭୦%) ପୁରୁଷ ହୋଇଥିବା ବେଳେ ୪୯.୩୦% (୩୫ ଜଣ)ମହିଳା ଅଟନ୍ତି ।

ସମୁଦାୟ ଜନସଂଖ୍ୟାର ସର୍ବାଧିକ ୩୦.୯୯% ଲୋକ ୪୫ ରୁ ୬୦ ବର୍ଷ ବୟସ୍କ ବର୍ଗରେ ଅଛନ୍ତି ଯେଉଁମାନେ କି ଅର୍ଥନୈତିକ ଦୃଷ୍ଟିରୁ ସକ୍ରିୟ ବୋଲି କଳ୍ପନା କରାଯାଉଛି, ଯେତେବେଳେ କି, ଦ୍ୱିତୀୟ ସର୍ବାଧିକ ୨୮.୧୭% (୧୮ ରୁ ୪୫ ବର୍ଷ ବୟସ୍କ)ଯେଉଁମାନେ କି ଉତ୍ପାଦନକ୍ଷମ ଗୋଷ୍ଠୀର ଅଟନ୍ତି । ତେଣୁ ଏହା ସୂଚିତ କରୁଛି ଯେ, ପ୍ରଭାବିତ ଅଞ୍ଚଳର ପ୍ରାୟ ୬୦% ଲୋକ ସେମାନଙ୍କ ପରିବାରକୁ ଆର୍ଥିକ ଦୃଷ୍ଟିରୁ ସହାୟତା କରନ୍ତି ।

ପ୍ରକଳ୍ପ ପ୍ରଭାବିତ ପରିବାରମାନେ ଦୁଇଟି ବର୍ଗରେ ଅଛନ୍ତି ଅର୍ଥାତ ଅନ୍ୟାନ୍ୟ ପଛୁଆ ବର୍ଗ ଏବଂ ସାଧାରଣ ବର୍ଗ । ସମୁଦାୟ ମଧ୍ୟରୁ ସାଧାରଣ ବର୍ଗ ଲୋକମାନଙ୍କ ସଂଖ୍ୟା ୬୪.୨୯% ହୋଇଥିବା ବେଳେ ଅନ୍ୟାନ୍ୟ ପଛୁଆ ବର୍ଗର ଲୋକମାନଙ୍କ ସଂଖ୍ୟା ୩୫.୭୧% । ଏହା ମଧ୍ଧ ପରିଲକ୍ଷିତ ହେଲା ଯେ, ପ୍ରଦାନ କରାଯାଇଥିବା ତାଲିକାରେ କୌଣସି ହରିଜନ କିମ୍ବା ଆଦିବାସୀ ପରିବାର ନାହାନ୍ତି । ସାକ୍ଷରତା ସ୍ଥିତି ସୂଚିତ କରୁଛି ଯେ ସମୁଦାୟ ଜନସଂଖ୍ୟା (୭୧ ଜଣ) ମଧ୍ୟରୁ ୬୮ ଜଣ ସାକ୍ଷର ଅଟନ୍ତି ଏବଂ ବଳକା ୩ ଜଣ ଶିଶୁ ଅଟନ୍ତି ଯେଉଁମାନେ କି ଅଦ୍ୟାବଧି ବିଦ୍ୟାଳୟ ଯାଇନାହାନ୍ତି ।

ସମୁଦାୟ ଲୋକସଂଖ୍ୟା ମଧ୍ୟରୁ ୨୪ ଜଣ (୩୪%) ବିଭିନ୍ନ ପ୍ରକାରର ଆର୍ଥିକ ବୃତ୍ତିରେ ନିୟୋଜିତ ଅଛନ୍ତି ଓ ଅନ୍ୟମାନେ ସେମାନଙ୍କ ଉପରେ ନିର୍ଭର କରନ୍ତି । ପୁନଶ୍ଚ ସମୁଦାୟ ରୋଜଗାର କ୍ଷମ ବ୍ୟକ୍ତିମାନଙ୍କ ମଧ୍ୟରୁ ସର୍ବାଧିକ (୬୬.୭%) ବ୍ୟବସାୟ କାର୍ଯ୍ୟରେ ନିୟୋଜିତ ଥିବାବେଳେ ୨୫% ସରକାରୀ ବା ବେସରକାରୀ କ୍ଷେତ୍ରରେ ନିୟୋଜିତ ଅଛନ୍ତି । ହାରାହାରି ୪% ଲୋକ କୃଷିକାର୍ଯ୍ୟରେ ନିୟୋଜିତ ଥିବାବେଳେ ସମାନ ପ୍ରତିଶତ ଲୋକ କାରିଗର କାର୍ଯ୍ୟ କରନ୍ତି ।

ସର୍ଭେ ହୋଇଥିବା ୧୪ଟି ପରିବାର ମଧ୍ୟରୁ ୧୧(୭୮.୫୭) ଟି ପରିବାର ସ୍ୱଷ୍ଟ କରିଥିଲେ ଯେ, ସେମାନଙ୍କର ବାର୍ଷିକ ଆୟ ୩,୦୦,୦୦୦ ଟଙ୍କାରୁ ଅଧିକ । ଆୟର ଅନ୍ୟାନ୍ୟ ସ୍ତରରେ ଏହା ପରିଲକ୍ଷିତ ହେଲା ଯେ, ଟଙ୍କା୨,୦୦,୦୦୦/-ରୁ ଟଙ୍କା୩,୦୦,୦୦୦/-, ଟଙ୍କା୬,୦୦,୦୦୦/- ରୁ ଟଙ୍କା ୮,୦୦,୦୦୦/- ଏବଂ ଟଙ୍କା ୬,୦୦,୦୦୦/-ରୁ କମ୍ ବର୍ଗ ମଧ୍ୟରେ ପ୍ରତ୍ୟେକ ବର୍ଗରେ ଗୋଟିଏ କରି ପରିବାର ଅଛନ୍ତି । ଖର୍ଚ୍ଚ ପ୍ରଣାଳି ସୂଚିତ କରୁଛି ଯେ, ସର୍ବାଧିକ ପ୍ରତିଶତ (୭୧.୪୩%) ପରିବାର ଖାଦ୍ୟ ପାଇଁ ମାସିକ ୧୦,୦୦୦ ଟଙ୍କାରୁ ଅଧିକ ଖର୍ଚ୍ଚ କରନ୍ତି । ସେହିପରି ୬,୦୦୦ ଟଙ୍କାରୁ କମ୍ ଓ ୬,୦୦୦ ଟଙ୍କାରୁ ୮,୦୦୦ ଟଙ୍କା ମଧ୍ୟରେ ପ୍ରତ୍ୟେକ ବର୍ଗରେ ୨ (୧୪.୨୯%) ଟି ପରିବାର ଅଛନ୍ତି । ପରିବାରର ଅଣଖାଦ୍ୟ ଖର୍ଚ୍ଚ ଦେଖିବାକୁ ଗଲେ ସର୍ଭେ କରାଯାଇଥିବା ସମସ୍ତ ପରିବାର କହିଥିଲେ ଯେ, ହାରାହାରି ସେମାନେ ସମସ୍ତେ ଗତ କ୍ୟାଲେଣ୍ଡର ବର୍ଷରେ ସେମାନେ ଅଣଖାଦ୍ୟ ବାବାଦରେ ୧୦୦୦୦ ଟଙ୍କାରୁ ଅଧିକ ଖର୍ଚ୍ଚ କରିଛନ୍ତି ।

ସମସ୍ତ ପ୍ରଭାବିତ ପରିବାର ସେମାନଙ୍କର ନିଜ ଗୃହରେ ବସବାସ କରୁଛନ୍ତି, ଯେଉଁଗୁଡିକ କି ଇଟା ଏବଂ ସିମେଣ୍ଟରେ ସହିତ କଂକ୍ରିଟରେ ତିଆରି । ଏହା ଆହୁରିମଧ୍ୟ ପରିଲକ୍ଷିତ ହେଲା ଯେ, ୩ଟି ଗୃହର ଚଟାଣ ଟାଇଲରେ ନିର୍ମିତ, ୪

ଟି ଗୃହର ଚଟାଣ ସିମେଣ୍ଟରେ ନିର୍ମିତ ଏବଂ ଅବଶିଷ୍ଟ ୭ ଟି ଗୃହର ଚଟାଣ ଅନ୍ୟାନ୍ୟ ପଦାର୍ଥରେ ନିର୍ମିତ ଅଟେ। ସମସ୍ତ ବାସଗୃହରେ ମୌଳିକ ନାଗରିକ ସୁବିଧା ସୁଯୋଗ ଯଥା- ଗାଧୁଆଘର, ପାଇଖାନା, ଘର ଭିତରେଧୁଆଧୁଇ ହେବା ପାଇଁ ସ୍ୱତନ୍ତ୍ର ସ୍ଥାନ ଏବଂ ବିଦ୍ୟୁତ୍ ସଂଯୋଗ ଇତ୍ୟାଦି ଉପଲବ୍ଧ ଅଛି। ପ୍ରଭାବିତ ପରିବାର ସଦସ୍ୟମାନେ ପିଇବା ପାଇଁ ପାଇପ୍ ଜଳ ଉପରେ ନିର୍ଭର କରୁଛନ୍ତି। ଏହା ମଧ୍ୟ ସୁଚନା ମିଳିଲା ଯେ, ସହରୀକରଣର ପ୍ରଭାବରେ ଲୋକମାନେ ତଙ୍କ ଅଞ୍ଚଳରେ ସମସ୍ତ ମୌଳିକ ସୁବିଧା ସୁଯୋଗ ପାଇପାରୁଛନ୍ତି।

ପରିବାରର ଆସବାବ ପତ୍ର ପ୍ରଦର୍ଶିତ କରୁଛି ଯେ, ୧୪ଟି ପରିବାର ମଧ୍ୟରୁ ସମସ୍ତଙ୍କ ଘରେ ଟିଭି, ରେଫ୍ରିଜରେଟର ମୋବାଇଲ ଫୋନ ଏଲ୍.ପି.ଜି ଗ୍ୟାସ୍ ଓ ଆବଶ୍ୟକୀୟ ବାସନକୁସନ ରଖିଛନ୍ତି। ଏହା ବ୍ୟତିତ ୭୮.୫୭% ପ୍ରଭାବିତ ପରିବାରରେ ଦୁଇ ଚକିଆ ଯାନ, ୯୨.୮୬% ପରିବାରରେ ଅଳଙ୍କାର ଓ ୨୮.୫୭% ପରିବାରରେ ସାଇକେଲ ଥିବାର ଜଣାଗଲା। ଆହୁରି ମଧ୍ୟ ଏହି ତଥ୍ୟ ପ୍ରଦାନ କଲେ ଯେ, ୭୧.୪୩% ଉଚ୍ଚ ଆୟକାରୀ ପରିବାରରେ ୪ ଚକିଆ ଯାନ ଏବଂ ୧୪.୨୯% ପରିବାରରେ ବସ ଅଛି।

ବେସରକାରୀ ଡାକ୍ତରଖାନା ଗତ ବର୍ଷର ସ୍ୱାସ୍ଥ୍ୟ ର ତଥ୍ୟରୁ ଜଣାଗଲା ଯେ ଗତ ୧୨ ମାସରେ ୧୪ଟି ପରିବାରର (୯୧.୩୦%) ସଦସ୍ୟମାନେ ବିଭିନ୍ନ ପ୍ରକାର ରୋଗ ସମସ୍ୟା ଭୋଗିଛନ୍ତି ଓ ଚିକିତ୍ସା ପାଇଁ ପ୍ରାୟ ୧୦ଟି (୪୩.୪୮%) ପରିବାର ବେସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବା ବେଳେ ୨୬.୦୯% ପରିବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପସନ୍ଦ କରନ୍ତି ଓ ୧୩.୦୪% ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥାନ୍ତି। ଏତଦବ୍ୟତିତ ୧୭.୩୯% ପରିବାର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ହେବା ପାଇଁ ପସନ୍ଦ କରନ୍ତି।

ସର୍ଭେ କରାଯାଇଥିବା ପରିବାର ମଧ୍ୟରୁ ଗୋଟିଏ ପରିବାରର ମହିଳା ଗୋଷ୍ଠି ସ୍ତରରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସାମିଲ ହୁଅନ୍ତି ଏବଂ ୧୩.୦୪% ମହିଳାମାନେ ସ୍ୱୟଂ ସହାୟକ ଦଳର ସଦସ୍ୟ ଅଛନ୍ତି। ଏହା ବ୍ୟତିତ ସର୍ଭେ କରାଯାଇଥିବା ପରିବାର ମଧ୍ୟରୁ ୧୩.୪% ପରିବାରର ମହିଳା ଆର୍ଥିକ କାର୍ଯ୍ୟକ୍ରମରେ ଭାଗ ନିଅନ୍ତି। ପ୍ରଭାବିତ ପରିବାରର କୌଣସି ମହିଳା ଅଙ୍ଗନବାଡି କର୍ମୀ, ଏ ଏନ୍ ଏମ୍ କିମ୍ବା ପଞ୍ଚାୟତ ପ୍ରତିନିଧି ନାହାନ୍ତି।

ଜମିର ଆକଳନ

ପ୍ରାଥମିକ ତଥ୍ୟ ପ୍ରଦର୍ଶିତ କରୁଛି ଯେ, ପ୍ରଭାବିତ ପରିବାର ମାଲିକାନାରେ ସମୁଦାୟ ୩୧.୧୯୦ ଏକର ଜମି ଉପଲବ୍ଧ ଅଛି । ଏହା ବ୍ୟତିତ ଲୋକମାନେ ୦.୦୬ ଏକର ସରକାରୀ ଜମି ଏବଂ ୦.୯୩ ଏକର ଅନ୍ୟ କିସମର ଜମି ଦଖଲ କରିଛନ୍ତି। ମାଲିକାନାରେ ଥିବା ଜମିର ଜଳସେଚନ ଦୃଷ୍ଟିରୁ ଦେଖିଲେ, ଏହା ପରିଲକ୍ଷିତ ହେଲା ଯେ ମାଲିକାନାରେ ଥିବା ଜମି ମଧ୍ୟରୁ ପ୍ରାୟ ୧୧.୨୫ ଏକର (୩୬.୦୭%) ଜଳସେଚିତ ଜମି ଏବଂ ୮.୫୦ (୨୭.୨୫%) ଅଣ-ଜଳସେଚିତ ଜମି ଅଟେ। ଏହା ବ୍ୟତିତ ୫.୭୫୦ ଏକର ପତିତ ଜମି ଏବଂ ୫.୬୯୦ ଅନ୍ୟ ପ୍ରକାରର ଜମି ପ୍ରଭାବିତ ପରିବାରର ମାଲିକାନାରେ ଅଛି।

ପ୍ରଭାବିତ ପରିବାରର ଜମି ର ଶ୍ରେଣୀ ବିଭାଗ ରୁ ଜଣା ଯାଉଛି ସର୍ବାଧିକ ୧୯.୭୫ଏକର (୬୩.୩୨%) ଚାଷ ଉପଯୋଗି ଜମି ଏବଂ ୬.୪୨ ଏକର (୨୦.୫୮%) ପତିତ ଜମି ଯାହାକି ଖାଲି ପଡଛି ଏବଂ ଲୋକ ଏହାକୁ

କୌଣସି କାର୍ଯ୍ୟରେ ବ୍ୟବହାର କରୁନାହାନ୍ତି । ଏସବୁ ବ୍ୟତିତ ଲୋକମାନେ ୩.୯୭ ଏକର (୧୨.୩୭%) ଜମି ବାସସ୍ଥଳୀ ହିସାବରେ ଏବଂ ୦.୪୮ ଏକର ବ୍ୟବସାୟୀକ କର୍ଯ୍ୟରେ ବ୍ୟବହାର କରୁଛନ୍ତି ।

ପ୍ରଭାବିତ ବାସଗୃହର ଢାଞ୍ଚା ସମ୍ବନ୍ଧରେ ଏହା ଦେଖାଗଲା ଯେ, ପ୍ରସ୍ତାବିତ ପ୍ରକଳ୍ପର ଭୂମି ଅଧିଗ୍ରହଣ ବା ରାସ୍ତା ନିର୍ମାଣ କାରଣରୁ ବାସଗୃହ ଆକାରରେ ବ୍ୟବହାର ହେଉଥିବା ସମୁଦାୟ ୯ ଟି ଘର ପ୍ରଭାବିତ ହୋଇପାରେ ଏବଂ ଏ ସମସ୍ତ କଂକ୍ରିଟ ଛାତର ନିର୍ମାଣ କରାଯାଇଥିବା ଘର ଅଟେ । ଏହା ବ୍ୟତିତ ପ୍ରକଳ୍ପ ଅଞ୍ଚଳରେ ଗୋଟିଏ ଆଜ୍‌ବେଷ୍ଟସ ଘର ପ୍ରଭାବିତ ହେଉଛି ଯାହା ବ୍ୟବସାୟୀକ କାର୍ଯ୍ୟରେ ବ୍ୟବହାର ହେଉଛି । ଏହା ବ୍ୟତିତ ଦୁଇଟି ପାଚେରି ୨୦୦ ଫୁଟ ମାଷ୍ଟର ପ୍ଲାନ ରୋଡ ହେତୁ ପ୍ରଭାବିତ ହେବ (ଜମି ଆକଳନ ଅଧ୍ୟାୟ ଦେଖନ୍ତୁ) । ସେ ଯାହାହେଉ ଉପଯୁକ୍ତ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ ହେବା ପରେ କ୍ଷତି ଗୁଡିକ ଚିହ୍ନଟ ହେବା ପରେ ନିୟମ ଅନୁଯାୟୀ କ୍ଷତିପୁରଣ ପ୍ରଦାନ କରାଯିବ ।

ଆର୍ ଓ ଆର୍ ଅନୁଯାୟୀ ଜୟଦେବ ବିହାରରେ ସମୁଦାୟ ୩.୩୫୪ ବ୍ୟକ୍ତିଗତ ଜମି ପ୍ରଭାବିତ ହେବ । ସେଥିରୁ କଥିତ ପ୍ରକଳ୍ପ ନିମନ୍ତେ ୧.୯୬୧ ଏକର ଜମି ଅଧିଗ୍ରହଣ କରାଯିବ ଯାହାକି ସମୁଦାୟ ପ୍ରଭାବିତ ଜମିର ୫୮.୪୬% । ଆମେ ଯେତେବେଳେ ପ୍ରଭାବିତ ପରିବାରର ସମୁଦାୟ ଜମି କୁ ଦେଖୁଛୁ ଏଥିରୁ ଜଣା ପଡୁଛି ଯେ, ସମୁଦାୟ ୩୧.୧୯୦ ଏକର ଜମିରୁ ୧.୯୬୧ ଏକର ଅଧିଗ୍ରହଣ କରାଯିବ ଯାହାକି ସମୁଦାୟ ଜମିଜୋତର ୬.୨୯% ଅଟେ ।

### ପ୍ରକଳ୍ପର ପ୍ରଭାବ

ଜମି କ୍ଷତି ପ୍ରଭାବିତ ପରିବାର ମାନଙ୍କ ରୋଜଗାର ଓ ଜୀବିକା ଉପରେ କ୍ଷତି କରି ପାରେ ଓ କେତେକ ମଧ ସେମାନଙ୍କ ଜମିର ମୁଖ୍ୟ ଅଂଶ ହରାଇପାରନ୍ତି ଏବଂ ଆଉ କେତେକ ସାମାନ୍ୟ ପରିମାଣର କ୍ଷତିଗ୍ରସ୍ତ ହେବେ । ଏହି ସମସ୍ୟାକୁ ସମାଧାନ କରିବାକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ଉଚିତ ଯଦ୍ୱାରାକି ଜମି କ୍ଷତି ହେତୁ  ପ୍ରଭାବିତ ପରିବାର ସେମାନଙ୍କ କୃଷି ଜୀବିକା ଫେରାଇ ଆଣିବା ନିମନ୍ତେ ଆବଶ୍ୟକ ଜମି କିଣିବାକୁ ସକ୍ଷମ ହେବେ ।

ଏହି ପ୍ରକଳ୍ପ ସ୍ଥାନୀୟ ଲୋକଙ୍କୁ କୌଣସି ଆର୍ଥିକ ସହାୟତା ପ୍ରଦାନ କରିବ ନାହିଁ ପରନ୍ତୁ ଏହା କିଛି ଛୋଟ ବ୍ୟବସାୟ ପ୍ରତିଷ୍ଠାନକୁ ସ୍ଥାନାନ୍ତରଣ କରିବ । ଅଧ୍ୟୟନରୁ ମିଳିଥିବା ତଥ୍ୟ ଅନୁଯାୟୀ ପ୍ରକଳ୍ପ ଅଞ୍ଚଳରେ ପ୍ରଭାବିତ ପରିବାର ମଧ୍ୟରୁ ୨୩.୫୩% ପରିବାରର ବିଭିନ୍ନ ପ୍ରକାରର ବ୍ୟବସାୟ ଅଛି ଏବଂ ସେମାନଙ୍କ ମଧ୍ୟରୁ କେତେକଙ୍କର ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ହିଁ ବ୍ୟବସାୟ ଅଛି । ଏହା ମଧ ଜଣାଗାଲା ଯେ, ଏହି ବ୍ୟବସାୟୀମାନେ ସ୍ଥାନାନ୍ତରିତ ହେବେ ଓ ସେମାନଙ୍କର ଜୀବିକା କ୍ଷତିଗ୍ରସ୍ତ ହେବ, ଯାହାକି ସେମାନଙ୍କ ଉପରେ ଏକ ନକାରାତ୍ମକ ପ୍ରଭାବ ପକାଇପାରେ । ତେଣୁ ଏହି ବ୍ୟକ୍ତିମାନଙ୍କୁ ସେମାନଙ୍କର ସ୍ଥାନାନ୍ତରଣ ମୂଲ୍ୟ ସହିତ ଓ ବ୍ୟବସାୟ କ୍ଷତି ଦିନ ଗୁଡ଼ିକର କ୍ଷତିପୂରଣ ଦିଆଯିବା ଆବଶ୍ୟକ ।

ପ୍ରସ୍ତାବିତ ପ୍ରକଳ୍ପର ଭୂମି ଅଧିଗ୍ରହଣ ବା ରାସ୍ତା ନିର୍ମାଣ କାରଣରୁ ବାସଗୃହ ଆକାରରେ ବ୍ୟବହାର ହେଉଥିବା ସମୁଦାୟ ୯ ଟି ଘର ପ୍ରଭାବିତ ହୋଇପାରେ ଏବଂ ଏ ସମସ୍ତ କଂକ୍ରିଟ ଛାତର ନିର୍ମାଣ କରାଯାଇଥିବା ଘର ଅଟେ । ଏହା

ବ୍ୟତିତ ପ୍ରକଳ୍ପ ଅଞ୍ଚଳରେ ଗୋଟିଏ ଆଜ୍‌ବେଷ୍ଟସ ଘର ଓ ଦୁଇଟି ପାଚେରି ପ୍ରଭାବିତ ହେବ । ଏହି କ୍ଷତି ହେତୁ ଲୋକମାନେ ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେବେ ଏବଂ ମାନସିକ ସ୍ତରରେ ଦୁଃଖ ପାଇବେ । କେନ୍ଦ୍ରୀଭୂତ ଦଳଗତ ଆଲୋଚନା ସମୟରେ ଜଣାଗଲା ଯେ, ଲୋକମାନେ ତାଙ୍କ କ୍ଷତିଗ୍ରସ୍ତ ବାସଗୃହ ବଦଳରେ ଉତ୍ତମ ଭାବରେ ନିର୍ମିତ ଘର ଓ କ୍ଷତିପୂରଣ ଆକାରରେ ଅର୍ଥ ଦାବି କରୁଛନ୍ତି ।

ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମୟରେ ଗାଡି ସଂଖ୍ୟାରେ ବୃଦ୍ଧି ହେତୁ ଅନ୍ୟ ସଡକ ବ୍ୟବହାରକାରୀମାନଙ୍କ ନିମନ୍ତେ ସଡକ ସୁରକ୍ଷାରେ ବିପଦ ସୃଷ୍ଟି ହୋଇପାରେ । ତେଣୁ ନିର୍ମାଣ ସ୍ଥଳ ନିକଟରେ ଯାତାୟତ କରୁଥିବା ଗାଡି ଓ ସଡକ ବ୍ୟବହାରକାରୀମାନଙ୍କ ଯାତାୟତରେ ବାଧାସୃଷ୍ଟି ନକରି ସଠିକ୍ ଭାବରେ ଟ୍ରାଫିକ୍ ନିୟନ୍ତ୍ରଣ କରାଗଲେ ସାଧାରଣ ଲୋକମାନେ ଅସୁବିଧାରେ ପଡ଼ିବେନି ।

**ସଚେତନତା ଓ ଧାରଣା**

ପ୍ରଭାବିତ ଅଞ୍ଚଳର ଲୋକମାନେ ରାସ୍ତା ନିର୍ମାଣ ପ୍ରକଳ୍ପ ସମ୍ବନ୍ଧରେ ସଚେତନ ଅଛନ୍ତି ଏବଂ ମତାମତ ଦେଇଥିଲେ ଯେ ଏହି ପ୍ରକଳ୍ପ ଦ୍ୱାରା ବିଭିନ୍ନ ପ୍ରକାର ସୁବିଧା ଯଥା କ୍ଷତିପୂରଣ, ନିଯୁକ୍ତି ସୁଯୋଗ, ଉନ୍ନତ ଯୋଗାଯୋଗ ବ୍ୟବସ୍ଥା ଓ ପରିବହନ ବ୍ୟବସ୍ଥା ଇତ୍ୟାଦି ପାଇ ଉପକୃତ ହେବେ ।

ପ୍ରଭାବିତ ପରିବାର ପ୍ରକଳ୍ପର ସାମାଜିକ ଓ ଆର୍ଥିକ ଲାଭ ପ୍ରଦାନ କରିବ ବୋଲି ସହମତ ହେଲେ । ସାମାଜିକ ସୁବିଧା ଭାବେ ୯୦% ପରିବାର ମତ ଦେଲେ ଯେ ରେଳବିହାର ଠାରୁ ଏକାମ୍ରକାନନ ପର୍ଯ୍ୟନ୍ତ ୨୦୦ଫୁଟ ମାଷ୍ଟର ପ୍ଲାନ ରାସ୍ତା ନିର୍ମାଣ ପ୍ରକଳ୍ପଟି ସ୍ଥାନୀୟ ଲୋକଙ୍କୁ ସହଜ ଓ ସମୟୋପଯୋଗି ଗମନାଗମନ ସୁବିଧା ଯୋଗାଇ ଦେବ । ଏହା ବ୍ୟତିତ ମୌଳିକ ପରିବହନ ସୁବିଧା ଯୋଗାଇଦେବାରେ ସହାୟକ ହେବ । କେତେକ ପରିବାର କହିଲେ ରାସ୍ତାର ଉନ୍ନତିକରଣ ହେଲେ ରାସ୍ତା ପାଖରେ ଛୋଟ ଛୋଟ ବ୍ୟବସାୟର ସୁବିଧା ସୃଷ୍ଟି ହେବ ।

ପ୍ରକଳ୍ପରୁ ସହାୟତା ସମ୍ପର୍କରେ ୬୪.୩% ସର୍ବେକ୍ଷଣ ପରିବାର ସେମାନଙ୍କ ଜମି କ୍ଷତି ନିମନ୍ତେ ଟଙ୍କା ନେବାକୁ ମତ ଦେଇଥିଲେ ଏବଂ ୩୫.୭% ପରିବାର ଘର କ୍ଷତି ନିମନ୍ତେ ପ୍ରକଳ୍ପ ଅଧିକାରୀଙ୍କ ଠାରୁ ଟଙ୍କା ନେବାକୁ ମତ ଦେଇଥିଲେ । ଏହି ଦୁଇଟି ମତାମତ ବ୍ୟତିତ ଅନ୍ୟ ମତ କୌଣସି ପରିବାର ଦେଇନଥିଲେ । ସେ ଯାହାହେଉ ପ୍ରାୟ ସମସ୍ତ ପ୍ରକଳ୍ପ ପ୍ରଭାବିତ ପରିବାର ଜମି ତ୍ୟାଗକରି ପ୍ରକଳ୍ପକୁ ସମର୍ଥନ କରଥିଲେ ।

**ସୁପାରିଶ**

ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ନିମନ୍ତେ ନିଷ୍କର୍ଷର ଆଧାରରେ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସୁପାରିଶ କରାଯାଉଛି ।

- ଉପଯୁକ୍ତ ଅଧିକାରୀଙ୍କ ଦ୍ୱାରା ସଠିକ ମାର୍ଗରେଖା ର ଯାଞ୍ଚ ହେବା ଆବଶ୍ୟକ ଏବଂ ତାଞ୍ଚାର କ୍ଷତି ନିମନ୍ତେ ଅଧିନିୟମ ଅନୁଯାୟୀ କ୍ଷତି ପୂରଣ ପ୍ରଦାନ କରାଯିବା ଆବଶ୍ୟକ ।

- ପ୍ରକଳ୍ପ ଅଧିକାରୀ ପାଚେରି, ଦୋକାନ ଘର ଓ ଗଛର କ୍ଷତି ନିମନ୍ତେ ମୁଲ୍ୟାୟନ କରିବା ସହିତ ଏହି ସମ୍ପତ୍ତିରୁ ମିଳୁଥିବା ଆୟର ମଧ୍ୟ ହିସାବ କରିବା ଉଚିତ ଏବଂ ଆୟ ସହ ସମ୍ପତ୍ତି କ୍ଷତିର ଆଧାରରେ କ୍ଷତି ପୂରଣ ପ୍ରଦାନ କରାଯିବା ଆବଶ୍ୟକ ।
- ଲୋକମାନେ ନିଜର ଜୀବିକାପାଇଁ କେବଳ ଜମିକୁ ମହତ୍ତ୍ୱପୂର୍ଣ୍ଣ ମାନନ୍ତି ତାହା ନୁହେଁ ବରଂ ଏକ ସ୍ଥାବର ସମ୍ପତ୍ତି ରୁପେ ଏହାର ସ୍ଥାୟୀ ମୂଲ୍ୟ ନିମନ୍ତେ ମଧ୍ୟ ଗ୍ରହଣ କରାଯାଏ । ଜମି ଅଧିଗ୍ରହଣ ସେମାନଙ୍କ ଆତ୍ମବିଶ୍ୱାସ ଉପରେ ପ୍ରତିକୂଳ ରୂପରେ ପ୍ରଭାବିତ କରିବ । ତେଣୁ ସେମାନେ ଭୂମି ଏବଂ ଅନ୍ୟ ସମ୍ପତ୍ତି ନିମନ୍ତେ ଅଧିକ କ୍ଷତିପୂରଣ ଦାବି କଲେ ଯଦ୍ୱାରା କି ସେମାନେ ଏକ ବିକଳ୍ପ ଦିର୍ଘସ୍ଥାୟୀ ରୋଜଗାରରେ ନିୟୋଜିତ ହୋଇପାରିବେ
- ପ୍ରଭାବିତ ଲୋକମାନଙ୍କ ମତାମତ ଅନୁଯାୟୀ କ୍ଷତିଗ୍ରସ୍ତ ଜମିମାଲିକମାନଙ୍କୁ କ୍ଷତିପୁରଣ ଅର୍ଥ ପୈଠ କରିବାପାଇଁ ଏକ ସହଜ ଓ ସରଳ ପ୍ରଣାଳୀ ଗ୍ରହଣ କରାଯିବା ଦରକାର, କାରଣ ଅନେକ ଆଶଙ୍କା କରୁଛନ୍ତି ସରକାରୀ ବ୍ୟବସ୍ଥା ଜଟିଳ ଯାହାକି କ୍ଷତିଗ୍ରସ୍ତ ଲୋକମାନଙ୍କୁ କ୍ଷତିପୁରଣ ପାଇବାରେ ସହାୟକ ହେବନାହିଁ ।

ଯଦିଓ ପ୍ରକଳ୍ପର ପ୍ରଭାବିତ ପରିବାରଗୁଡିକ ଉପରେ କିଛି ପ୍ରତିକୂଳ ପ୍ରଭାବ ଅଛି; ଜମି ଆବଶ୍ୟକ କରୁଥିବା ସଂସ୍ଥା ନିଶ୍ଚିନ୍ତ ରୂପେ ଉପଯୁକ୍ତ ପଦକ୍ଷେପ ନେଇ ପ୍ରଭାବିତ ଗୋଷ୍ଠି ଉପରେ ପଡୁଥିବା ନକାରାତ୍ମକ ପ୍ରଭାବଗୁଡିକୁ କମ୍ କରିବାକୁ ଚେଷ୍ଟା କରିବେ ।

# ଅଧ୍ୟାୟ-୧

# ଉପକ୍ରମ ଓ ପ୍ରକଳ୍ପର ବର୍ଣ୍ଣନା

## ୧.୧ ଉପକ୍ରମ

ସଡ଼କ ପରିବହନ, ଯାତାୟତର ସବୁଠାରୁ ଭରସାଯୋଗ୍ୟ ଉପାୟ ଯାହାକି ଦେଶର ବିଭିନ୍ନ ଭାଗକୁ ଯୋଡିବାରେ ମହତ୍ତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ, ଯାହାକି କୌଣସି ଦେଶ ବା କ୍ଷେତ୍ରର ଅର୍ଥନୈତିକ ଉନ୍ନତି କରିବାରେ ସାହାଯ୍ୟ କରିଥାଏ । ସାଧାରଣ ବିଶ୍ଲେଷଣର ନିଷ୍କର୍ଷରୁ ଜଣାଯାଏ ସୁଗମ ଓ ଭରସାଯୋଗ୍ୟ ପରିବହନର ମାଧ୍ୟମ ଭାବରେ ସଡ଼କ ପରିବହନ ଅନ୍ୟାନ୍ୟ ପରିବହନ ମାଧ୍ୟମ ଠାରୁ ଯାତ୍ରୀ ପରିବହନ ଓ ଜିନିଷପତ୍ର ପରିବହନ କ୍ଷେତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଭାରତ ଭଳି ଦେଶରେ ଅର୍ଥନୈତିକ ଉନ୍ନତି ପାଇଁ ସଡ଼କ ପରିବହନର ଉନ୍ନତିକରଣ ଓ ବିସ୍ତାର ନିତ୍ୟାନ୍ତ ଆବଶ୍ୟକ । ଏଥିପାଇଁ ଭାରତ ସରକାର ଦ୍ୱାରା ସଡ଼କ ପରିବହନର ସ୍ୱତନ୍ତ୍ର ଭାବରେ ଉନ୍ନତି ପାଇଁ ସ୍ଥିର କରାଯାଇଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ଭାରତ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନା ଯଥା ଜାତୀୟ ରାଜପଥ ଉନ୍ନତିକରଣ ଯୋଜନା, ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଇତ୍ୟାଦି କାର୍ଯ୍ୟକାରୀ କରାଯାଇଛି । ଜାତୀୟ ସଡ଼କ ପାଣ୍ଠିକୁ ନୂଆରୂପ ଦେବା ପାଇଁ ଭାରତ ସରକାର ରାଜ୍ୟରେ ବିକ୍ରି ହେଉଥିବା ପେଟ୍ରୋଲ ଓ ଡ଼ିଜେଲରୁ ଶୁଳ୍କ ଆଦାୟ କରୁଛନ୍ତି । ରାଜ୍ୟ ରାଜପଥ ଓ ଜିଲ୍ଲା ମୁଖ୍ୟ ସଡ଼କର ଉନ୍ନତିକରଣ ପାଇଁ ପେଟ୍ରୋଲରୁ ୧୫% ଓ ଡ଼ିଜେଲରୁ ୩୦% ଶୁଳ୍କ ଖର୍ଚ୍ଚ ହେବା ପାଇଁ ସ୍ଥିରୀକୃତ ହୋଇଅଛି । ଏହି ଅର୍ଥରୁ ୧୦% ଆନ୍ତଃରାଜ୍ୟ ସଡ଼କର ଉନ୍ନତିକରଣ ପାଇଁ ବ୍ୟବସ୍ଥା ରହିଛି ।

କୌଣସି ଅଞ୍ଚଳ କିମ୍ବା ରାଜ୍ୟ କିମ୍ବା ଜାତି ର ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ ସଡ଼କ ପରିବହନର ଉନ୍ନତିକରଣ ଓ ନିୟମିତ ରକ୍ଷଣାବେକ୍ଷଣର ଆବଶ୍ୟକତା ଅଛି । ନୂତନ ଭାବେ ତିଆରି କିମ୍ବା ସଡ଼କର ଉନ୍ନତିକରଣର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଅନେକ ଅର୍ଥନୈତିକ ଉପାଦେୟତା ରହିଛି । ତେଣୁ ରାଜ୍ୟର ଅଗମ୍ୟ ଅଞ୍ଚଳ ଗୁଡ଼ିକୁ ଉନ୍ନତମାନର ସଡ଼କ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି । ଏହି ରାସ୍ତା ଗୁଡ଼ିକ କୃଷିର, କ୍ଷୁଦ୍ର ଓ କୁଟୀରଶିଳ୍ପର ଉନ୍ନତି; ସାର୍ବଜନିନ ଯୋଗାଣ ବ୍ୟବସ୍ଥାର ସଂଜାଲ, ସ୍ୱାସ୍ଥ୍ୟ ଓ ଶିକ୍ଷା ସୁବିଧା ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ମୁଖ୍ୟତଃ ନିର୍ଭର ଯୋଗ୍ୟ ଗାମାନାଗମନ ବ୍ୟବସ୍ଥା ଉପରେ ନିର୍ଭର କରେ । ତେଣୁ ଓଡ଼ିଶା ସରକାର ସମସ୍ତ ସହରାଞ୍ଚଳରେ ନିର୍ଭର ଯୋଗ୍ୟ ସଡକପଥ ଏବଂ ଗ୍ରାମାଞ୍ଚଳରେ ଥିବା ବସ୍ତିମାନଙ୍କୁ ସବୁଦିନିଆ ରାସ୍ତା ଯୋଗାଇଦେବା ପାଇଁ ଅଗ୍ରାଧିକାର ଦେଉଛନ୍ତି ।

## ୧.୨. ପ୍ରକଳ୍ପର ବର୍ଣ୍ଣନା:

ଏହା ଜଣାଯାଇଛି କି, ପ୍ରସ୍ତାବିତ ପ୍ରକଳ୍ପଟି ଇନ୍‌ଷ୍ଟିଚ୍ୟୁଟ ଅଫ ମାଥେମେଟିକ୍‌ସ ଠାରୁ ଏକାମ୍ରକାନନ ଭାୟା ଇନ୍‌ଫୋସିଟି (ଉତ୍କଳ ହେଲ୍‌ଥ କେୟାର ଠାରୁ ରେଳ ବିହାର ପର୍ଯ୍ୟନ୍ତ ଚେନେଜ୍ ୧୦/୦୮୦ ଠାରୁ ୧୨/୦୧୦ପର୍ଯ୍ୟନ୍ତ) ଆନୁମାନିକ ମୂଲ୍ୟ ୩୭୩୮.୬୪ ଲକ୍ଷ ଟଙ୍କାର ଏକ ଆକଳନ କରାଯାଇଛି ।

କଥିତ ରାସ୍ତାଟି ଆର୍ଥିକ ବର୍ଷ ୨୦୧୮-୧୯ ସି ଆର୍ ଡି ପି (କ୍ୟାପିଟାଲ ରୋଡ ଡେଭଲପମେଣ୍ଟ ପ୍ରୋଜେକ୍ଟ) ଯୋଜନାରେ ସ୍ଥାନିତ ହୋଇଛି । ଇନ୍ଷ୍ଟିଚ୍ୟୁଟ ଅଫ ମାଥେମେଟିକ୍ସ ଠାରୁ ଏକାମ୍ରକାନନ ଭାୟା ଇନ୍ଫୋସିଟି ପର୍ଯ୍ୟନ୍ତ ରାସ୍ତାର ଦୈର୍ଘ୍ୟ ୧୩.୫୮୦କିଲୋମିଟର ଯେଉଁଥିରୁ କି ଉତ୍କଳ ହେଲ୍ଥ କେୟାର ଠାରୁ ରେଳ ବିହାର ପର୍ଯ୍ୟନ୍ତ ଦୈର୍ଘ୍ୟ ୧.୯୩୦କିଲୋମିଟର । ସରକାରଙ୍କ ବୈଧ ଆଦେଶ ସଂଖ୍ୟା ଐଟଉ-୧୩-ଈଚ (ଉଇ)- କ୍ଷକ୍ଷକ୍ଷହରମୱ – ୧୪୭/୨୦୧୭-୨୬୨୨୪ ଯବୱରୟ ୧୩.୧୧.୨୦୧୭ ରେ ପଥରଗାଡିଆ ଠାରୁ ସଡକ ସମ୍ବନ୍ଧରେ ଉଉଚ-୦୧/୨୦୧୭ ରେ ପଥରଗାଡିଆ ଠାରୁ ଏକାମ୍ରକାନନ ଏବଂ ପଥରଗାଡିଆ ଠାରୁ ନନ୍ଦନକାନନ ରାସ୍ତାରେ ସଂଶୋଧନକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ୧୦/୬୦୦ ଠାରୁ ୧୪୧/୭୫୫ ପର୍ଯ୍ୟନ୍ତ ରାସ୍ତା ଯାହାକି ପୂର୍ବ ପ୍ରକଳ୍ପ ବିବରଣୀରେ ମୁଖ୍ୟ ଯନ୍ତ୍ରୀ (ଡି ପି ଆଇ ଏବଂ ରାସ୍ତା) ଓଡିଶାଙ୍କ ଠାରୁ ବୈଧ ଚିଠି ସଂଖ୍ୟା ୪୬୬୫ ଯୱ.୦୧.୦୨.୨୦୧୬ ରେ ୮୪୬.୨୨ ଲକ୍ଷ ଟଙ୍କାରେ ପ୍ରଶାସନିକ ମଞ୍ଜୁରୀ ପାଇଥିଲା ଏବଂ ନିର୍ବାହୀ ଯନ୍ତ୍ରୀ ଙ୍କ ଚୁକ୍ତି ସଂଖ୍ୟା ୭୧୮ ଚ-୧/୨୦୧୬-୧୭ ରେ ସ୍ୱାକ୍ଷର ହୋଇଥିବା ରାଜିନାମା ସ୍ଥାନୀୟ ଲୋକମାନଙ୍କ ବିରୋଧ ହେତୁ ରଦ୍ଦ କରାଯାଇଛି ଏବଂ ବନ୍ଦ ପ୍ରସ୍ତାବ ମୁଖ୍ୟ ଯନ୍ତ୍ରୀଙ୍କ ଚିଠି ସଂଖ୍ୟା ୨୭୫୬୭ ଯୱ.୧୭.୦୭.୨୦୧୭ ରେ ଅନୁମୋଦନ କରାଯାଇଛି ।

ପ୍ରସ୍ତାବିତ ମାର୍ଗରେଖା ଟି ବର୍ତ୍ତମାନର ଭରତପୁର ଅଭୟାରଣ୍ୟ/ଚନ୍ଦକା ରିଜର୍ଭ ଜଙ୍ଗଲ ମଧ ଦେଇ ଗତି କରୁଥିବାରୁ ଏବଂ ୧୦.୬୧୭ ହେକ୍ଟର ଜଙ୍ଗଲ ଜମି ଏଥିରେ ସାମିଲ ଅଛି ଯେଉଁଥିପାଇଁ ଆବଶ୍ୟକ ମଞ୍ଜୁରୀ ନିମନ୍ତେ ଉଚିତ ମାର୍ଗରେ କିସମ ପରିବର୍ତ୍ତନ ନିମନ୍ତେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ମନ୍ତ୍ରଣାଳୟ (ଭାରତ ସରକାର) ଙ୍କୁ ପ୍ରସ୍ତାବ ପ୍ରଦାନ କରାଯାଇଛି । ଯତ୍ନର ସହିତ ଅଧ୍ୟୟନ ଏବଂ ଷ୍ଟେଟ ବୋର୍ଡ ୱାଇଲ୍ଡଲାଇଫ /ନ୍ୟାସନାଲ ବୋର୍ଡ ଅଫ୍ ୱାଇଲ୍ଡଲାଇଫ ଠାରୁ ସୁପାରିଶ ପାଇବା ପରେ ଆଡିସିନାଲ୍ ପ୍ରିନ୍ସିପାଲ ଚିଫ୍ କନ୍ଜରଭେଟର ଅଫ ଫରେଷ୍ଟ, ଇଷ୍ଟର୍ଣ୍ଣ ରିଜିଅନାଲ ଅଫିସ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ମନ୍ତ୍ରଣାଳୟ (ଭାରତ ସରକାର) ବୈଧ ଚିଠି ସଂଖ୍ୟା ୫-ଙଜଉ୩୫୦/୨୦୧୮-ଈଐଟ ଯୱ.୧୮.୦୭.୨୦୧୮ ରେ ସରକାରଙ୍କ ନର୍ଦ୍ଦେଶିକା ଅନୁଯାୟୀ କେତେକ ନିୟମ ଓ ସର୍ତ୍ତ ସହ ଅନୁମତି ପ୍ରଦାନ କଲେ । ଯାହାର ବିସ୍ତୃତ ବିବରଣୀ ସ୍ଥାନ ନିର୍ଦ୍ଦିଷ୍ଟ ୱାଇଲ୍ଡଲାଇଫ କନ୍ଜରଭେସନ୍ ପ୍ଲାନ ପ୍ରସ୍ତୁତ କରାଯାଇ ପ୍ରିନ୍ସିପାଲ ଚିଫ୍ କନ୍ଜରଭେଟର ଅଫ ଫରେଷ୍ଟ (ୱାଇଲ୍ଡଲାଇଫ),ଜଙ୍ଗଲ ଓ ପରିବେଶ ବିଭାଗ, ଭାରତ ସରକାର ଙ୍କ ଅନୁମୋଦନରେ ପ୍ରତିଫଳିତ ହୋଇଛି । ଜଙ୍ଗଲ ବିଭାଗ ଦ୍ୱାରା ଦାବି କରାଯାଇଥିବା ପ୍ରସ୍ତାବିତ ବିତ୍ତିୟ ବ୍ୟୟ କୁ ବିସ୍ତୃତ ପ୍ରକଳ୍ପ ବିବରଣୀରେ ପ୍ରତିଫଳିତ କରାଯାଇଛି । ନ୍ୟାସନାଲ ବୋର୍ଡ ଅଫ ୱାଇଲ୍ଡଲାଇଫ (ଘଈଡଖ) ରିଜର୍ଭ ଜଙ୍ଗଲ ମଧ୍ୟରେ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଥିବା କଂକ୍ରିଟ ପାଚେରି କାନ୍ଥ ଦୁଇ ଭାଗରେ ବିଭକ୍ତ (୧) ୧.୯୩୦ କିଲୋମିଟର ପାଚେରି କାନ୍ଥ ଯାହାକି ମୁଖ୍ୟ ଯନ୍ତ୍ରୀ(ଡିପିଆଇ ଆଣ୍ଡ ରୋଡସ୍)ଓଡିଶା ଦ୍ୱାରା କରାଯାଇଛି । ସମଗ୍ର ୩.୫୦କିଲୋମିଟର ପାଚେରି କାନ୍ଥ ର ମୂଲ୍ୟ ପ୍ରକଳ୍ପର ବିସ୍ତୃତ ବିବରଣୀରେ ପ୍ରତିଫଳିତ ହୋଇଛି ।

୧. ଉପରେ ବର୍ଣ୍ଣନା କରାଯାଇଥିବା ରାସ୍ତା ୬ ଲାଇନ ବିଶିଷ୍ଟ ହୋଇ ଇନ୍ଷ୍ଟିଚ୍ୟୁଟ ଅଫ ମାଥେମେଟିକ୍ସ-ଇନ୍ଫୋସିଟି-ଏକାମ୍ରକାନନ ପର୍ଯ୍ୟନ୍ତ ନିର୍ମାଣ କରାଯିବ ।

୨. ପ୍ରକଳ୍ପ ରାସ୍ତାଟି ୬ ଲାଇନ ବିଶିଷ୍ଟ ହେବ (୨ଢ ୩ ଲାଇନ)ଯାନବାହାନ ଚଳାଚଳ ରାସ୍ତା ସହିତ ମଝିରେ ୫ ମିଟର ଚଉଡାର ମଧ୍ୟବର୍ତ୍ତି ସ୍ଥାନ, ୨.୫ମିଟରର ସାଇକେଲ ଟ୍ରାକ୍, ୮/୧୦ ମିଟର ମଧ୍ୟବର୍ତ୍ତି କ୍ଷେତ୍ର, ୧ମିଟର ଚଉଡା କଂକ୍ରିଟ ଡ୍ରେନ, ୩ ମିଟର ଚଉଡା ଉପଯୋଗି ଗଳି ଏବଂ ବାମ ପଟରେ ୭.୫୦ ମିଟର ସର୍ଭିସ୍ ରୋଡ ନିମନ୍ତେ ନକ୍ସା କରାଯାଇଛି

୩. ବର୍ତ୍ତମାନର ଏହି ବିବରଣୀ ପ୍ରାଥମିକ ସର୍ଭେ ଏବଂ ଅଞ୍ଚଳ ନିରିକ୍ଷଣ ସହିତ ପ୍ରକୃତ ରାଜପଥ ନକ୍ସା ଆଧାରରେ ନିର୍ମାଣ କରାଯାଇଛି ।

୪. ନିମ୍ନଲିଖିତ ବିସ୍ତୃତ ସର୍ଭେ ଏବଂ ଯାଞ୍ଚ କାର୍ଯ୍ୟ କରାଯାଇଛି

କ) ଟପୋଗ୍ରାଫିକାଲ ସର୍ଭେ

ଖ) ଜିଓ ଟେକନିକାଲ ଆଣ୍ଡ ମ୍ୟାଟେରିଆଲ ଇନ୍‌ଭଷ୍ଟିଗେସନ

ଗ) ରାସ୍ତା ନିରାପତ୍ତା ସମିକ୍ଷା

୫. ଟୋଟାଲ ଷ୍ଟେସନ ସାହାଯ୍ୟରେ ଟପୋଗ୍ରଫିକାଲ ସର୍ଭେ କରାଯାଇଥିଲା । ଯାନବାହାନ ଯିବା ରାସ୍ତାର ୬୦ ମିଟର ଲମ୍ବ ଗଳି ଭାଗରେ ପ୍ରତି ୧୦ ମିଟର ବ୍ୟବଧାନରେ କେନ୍ଦ୍ର ରେଖା ଦେଇ ବିଶେଷ ତଥ୍ୟମାନ ସଂଗ୍ରହ କରାଯାଇଥିଲା ।ପ୍ରତି ୧୦ମିଟର ବ୍ୟବଧାନରେ କ୍ରସ ସେକ୍ସନ ନିଆଯାଇଥିଲା ।

୬. ସବ୍‌ଗ୍ରେଡ ଓ ଡେନ୍ସିଟି ଜାଣିବା ନିମନ୍ତେ ଜିଓ ଟେକନିକାଲ ଇନ୍‌ଭଷ୍ଟିଗେସନ କରାଯାଇଥିଲା ।

୭. ନିର୍ମାଣ ସାମଗ୍ରୀର ସାମ୍ଭାବିତ ଉତ୍ସ ଏବଂ ପ୍ରାପ୍ତି ସ୍ଥାନ ଉପଯୁକ୍ତ କି ନୁହେଁ ଜାଣିବା ନିମନ୍ତେ ସର୍ଭେ ଓ ଯାଞ୍ଚ କରାଯାଇଥିଲା । ଆବଶ୍ୟକତା ଅନୁଯାୟୀ ବିଭିନ୍ନ ନମୁନାକୁ ପାରିକ୍ଷାଗାରରେ ପରିକ୍ଷଣ କରାଯାଇଥିଲା ।

୮. ଡଜାଇନ ଓ ଡ୍ରାଫଟିଙ୍ଗ ନିମନ୍ତେ ଜିଓ ମେଟ୍ରିକ ଡିଜାଇନ ଷ୍ଟାଣ୍ଡାର୍ଡ ଆଇ ଆର୍ ସି ୮୬, ଏମ୍ ଏକ୍ସ ରୋଡ ଅଟୋ କାର୍ଡ ଏବଂ ଅଟୋ ଡେକ୍ସ ଲ୍ୟାଣ୍ଡ ଡେଭଲପମେଣ୍ଟ ଡେକ୍ସଟପ୍ ସଫ୍ଟ ଓୟାର ବ୍ୟବହାର କରାଯାଇଥିଲା ।

୯. ପ୍ରସ୍ତାବିତ ରାସ୍ତା ରେ ନିମ୍ନଲିଖିତ ପ୍ରବନ୍ଧନ କରାଯାଇଛି

କ) ୬ ଲାଇନ ବିଶିଷ୍ଟ ଯାନବାହାନ ଚଳାଚଳ ରାସ୍ତା

୧) ୫୦୦ମିମି ସବଗ୍ରେଡ ଆର୍ଥ

୨) ୧୫୦ମିମି ମୋଟେଇ ଜିଏସ୍ ବି

୩) ୨୫୦ମିମିର ମୋଟେଇର ଡବ୍ଲ୍ୟୁ ଏମ୍ ଏମ୍ (ବେସ କୋର୍ସ)

୪) ବି ଏମ୍ ୫୦ ମିମି ତା ପଛକୁ ୨୫ ମିମି ମୋଟା ଏସ୍ ଡି ବି ସି

ଖ) ସାଇକେଲ ଟ୍ରାକ୍ ୨.୫୦ ମିଟର ଚଉଡା

୧) ୧୦୦ମିମି ମୋଟା ବାଲି ତା ଉପରେ ୧୦୦ ମିମି ଡି ଏଲ୍ ସି

୨) ୧୫୦ମିମି ମୋଟା ପି କ୍ୟୁ ଏସ୍ (ମେ-୪୦ ଗ୍ରେଡ)

ଗ) ଡ୍ରେନ୍ / ଉପଯୋଗି ଗଳି (ଯାହାକି ଫୁଟ୍‌ପାଥ ଆକାରରେ ମଧ୍ୟ ବ୍ୟବହାର କରାଯିବ ।

୧) ୧୦୦ମିମି ମୋଟା ବାଲି ତା ଉପରେ ୧୦୦ ମିମି ଡି ଏଲ୍ ସି

୨) ୧୫୦ମିମି ମୋଟା ଆର୍ ସି ସି (ମେ୍-୨୦ ଗ୍ରେଡ) ବେସ/କଂକ୍ରିଟ ଓ୍ୱାଲ୍

୩) ୧୦୦% କଭର ସ୍ଲାବ୍ ଆର୍ ସି ସି (ମେ୍-୨୦ ଗ୍ରେଡ)ଯାହା ଉପରେ ପଦଚାରୀମାନଙ୍କ ନିମନ୍ତେ ଚେକର୍ଡ ଟାଇଲ ନିମନ୍ତେ ପ୍ରବଧାନ ରହିବ

ଘ) ସେଥିରେ ୬ ଟି ୧.୦ଜ୍ଞ ଘ ୧.୦ଜ୍ଞ ବଭୟ ୧ ଭକ୍ସ. ୨ ଘ ୮.୦ ଘ ୬.୦ଜ୍ଞ ଊସଛ୍ଚର ଆର୍ ସି ସି ବକ୍ସ ସେଲ ସ୍ଥାନର ଅବସ୍ଥା ଦେଖି ଲଗାଯିବ । ବର୍ଷା ସମୟରେ ଅଭୟାରଣ୍ୟର ପାଣୀ ବୋହି ଯିବାକୁ ଧ୍ୟାନ ରେ ରଖି ପୁର୍ତ୍ତ ବିଭାଗରେ ଅଧିକାରୀମାନଙ୍କ ସମନ୍ୱୟରେ ଡି ଏଫ୍ ଓ ଚନ୍ଦକା (ବଣ୍ୟଜନ୍ତୁ ବିଭାଗ) ଭୁବନେଶ୍ୱର ଦ୍ୱାରା ଗଠିତ ଏକ ବିଶେଷଜ୍ଞ କମିଟି ବକ୍ସ ସେଲ କଲଭର୍ଟ ଲଗାଇବାକୁ ସୁପାରିଶ କରିଛନ୍ତି ।

୧୦. ଅନୁପ୍ରସ୍ଥରେ ୧:୧୫୦୦ଏବଂ ଲମ୍ୱରେ ୧:୧୫୦ ମାପରେ ଯୋଜନା ଏବଂ ପାର୍ଶ୍ୱଚିତ୍ରର ନକ୍ସା ପ୍ରସ୍ତୁତ କରାଯାଇଛି ।ଏହା ଅବସ୍ଥିତ ଥିବା ସମସ୍ତ ଯେଜନାର ଚିତ୍ର, ରୋଡ ଏମ୍ବାକମେଣ୍ଟ ରାଇଟ ଓ୍ୱେ ଅଫ୍ ଲିମିଟ୍ , ଡ୍ରେନେଜ ର ଆକାର, ବର୍ତ୍ତମାନର ଜମିର ପାର୍ଶ୍ୱଚିତ୍ର ଆଦି ରହିବ ।

୧୧. ଭାରତୀୟ ମାନରେ ନୁଆ ଚଲାପଥ ନିମନ୍ତେ କାର୍ଯ୍ୟ କରାଯାଇଛି । ବିଭିନ୍ନ ସ୍ଥାନରେ ସି ବି ଆର୍ ନିଆଯାଇଛି ।

୧୨. ଟ୍ରାଫିକ୍ ନିରାପତ୍ତା ଉପକରଣ, ଯାହାକି ଦୁର୍ଘଟଣା କମାଇବାକୁ ଏବଂ ଟ୍ରାଫିକ୍ ଯାତାୟତକୁ ସୁବିଧା କରିବା ନିମନ୍ତେ ରାସ୍ତାରେ ଆଇ ଆର୍ ସି ମାନର ଚିହ୍ନ କରାଯାଇଛି ।

୧୩. ଲୋକମାନଙ୍କ ସୁବିଧା ପାଇଁ ୧୦ ଲକ୍ଷ ଟଙ୍କା ଏବଂ ଜଙ୍ଗଲ କିସମ ପରିବର୍ତ୍ତନର ଖର୍ଚ୍ଚ ନିମନ୍ତେ ୧୮୫୮.୭୬୫ ଲକ୍ଷ ଟଙ୍କା ରଖା ଯାଇଛି ।

୧୪. କାର୍ଯ୍ୟ କରାଯିବା ସମୟରେ ରାସ୍ତା ଓ ପୋଲ ନିମନ୍ତେ ରଖା ଯାଇଥିବା "ଝକ୍ଷ୍ରରମସଲସମବସ୍ପସକ୍ସଭସ୍ପ କ୍ସଲ ଜକ୍ସବୟ ବଭୟ ଇକ୍ସସୟଶର ଡକ୍ସକ୍ସଳସ୍ପ (୫ସଷ ଜରଙ୍ଗସସ୍ପସକ୍ସଭ – ଭଢ ଗକ୍ସଜଞଐ" ମାନକୁ ଅନୁସରଣ କରାଯିବ ।

୧୫. ଟ୍ରାଫିକ ଓ କାମ କରିବା ଲୋକମାନଙ୍କ ନିମନ୍ତେ ଯାତାୟତ ସମୟରେ ସମସ୍ତ ପ୍ରକାର ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯିବ ।

୧୬. ଏହି ପ୍ରକଳ୍ପର ଆନୁମାନିକ ମୂଲ୍ୟ ୩୭୩୮.୬୪ ଲକ୍ଷ ଟଙ୍କା ଅଟେ ।

୧୭. ପ୍ରକଳ୍ପଟି ବର୍ଷାଋତୁ କୁ ମିଶାଇ୧୧ ମାସ ମଧ୍ୟରେ ଶେଷ ହେବ ।

ସଡ଼କ ଭିତ୍ତିଭୂମିର ଉନ୍ନତିକରଣ, କାର୍ଯ୍ୟକାରୀତା ଓ ରକ୍ଷାଣବେକ୍ଷଣ ସମ୍ୱନ୍ଧରେ ଓଡ଼ିଶା ସରକାରଙ୍କର ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ଓଡିଶା ସରକାରଙ୍କ ପୁର୍ତ୍ତ ବିଭାଗ ବିଭିନ୍ନ ରାସ୍ତାର ଉନ୍ନତି ନିମନ୍ତେ ଚିହ୍ନଟ କରିଛନ୍ତି । ଏହି ପରିପ୍ରେକ୍ଷୀରେ କ୍ୟାପିଟାଲ ରୋର୍ଡ ଡେଭଲପ୍‌ମେଣ୍ଟ ଫଣ୍ଡ (ଉଜଡଚ) ପ୍ରକଳ୍ପରେ ଓଡିଶାର ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱର ତହସିଲ ଅନ୍ତର୍ଗତ ହାତିଆଖୁଣି ଦେଇ ରେଳବିହାର ଠାରୁ ଏକାମ୍ରକାନନ ପର୍ଯନ୍ତ ୨୦୦ଫୁଟ ମାଷ୍ଟର ପ୍ଲାନ ରାସ୍ତା ନିର୍ମାଣ କରାଯିବ । ଏହି ରାସ୍ତାର ଉନ୍ନତିକରଣ ପାଇଁ ୧.୯୬୧ ଏକର ବେସରକାରୀ ଜମି ଅଧିଗ୍ରହଣ କରାଯିବ ଯାହାକି ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ତହସିଲ ଅନ୍ତର୍ଗତ ଜୟଦେବବିହାର ମୌଜାରେ ଅବସ୍ଥିତ ।

ଭୁବନେଶ୍ୱର, ଯାହାକି ସ୍ମାର୍ଟ ସିଟି ବୋଲି ଘୋଷଣା କରାଯାଇଛି ସେଠାରେ ଯାତାୟତ କରିବା ନିମନ୍ତେ ଏହା ଏକ ମୁଖ୍ୟ ରାସ୍ତା ଅଟେ । ଜନବସତି, ଶିକ୍ଷାନୁଷ୍ଠାନ ଓ ବାଣିଜ୍ୟ ପ୍ରତିଷ୍ଠାନର ସୁବିଧା ହାସଲ ପାଇଁ ଏହି ରାସ୍ତା ଅତ୍ୟନ୍ତ ଉପଯୋଗୀ । ବର୍ତ୍ତମାନର ଜମି ଅଧିଗ୍ରହଣରୁ ବର୍ତ୍ତିବା ନିମନ୍ତେ ଅନ୍ୟ କୌଣସି ବିକଳ୍ପ ରାସ୍ତା ନାହିଁ । ତେଣୁ ନିର୍ବାହୀ ଯନ୍ତ୍ରୀ (ଜ ଓ ଈ) ବିଭାଜନ-୩ ଭୁବନେଶ୍ୱରଙ୍କୁ ଜମି ଅଧିଗ୍ରହଣ ପାଇଁ ଆଦେଶ ମିଳିଅଛି । ତେଣୁ ଜମିର ଜରୁରୀ ଆବଶ୍ୟକତା ଅଛି, ଯେଉଁଥିପାଇଁ ବର୍ତ୍ତମାନର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି ।

***ବିକଳ୍ପ ମାଧ୍ୟମର ବିଶ୍ଳେଷଣ:***

ଏହା ଏକ ସ୍ପଷ୍ଟ ତଥ୍ୟ ଯେ, ସଡ଼କ ନିର୍ମାଣ ଓ ଉନ୍ନତିକରଣ ନିମନ୍ତେ ଜମି ଅଧିଗ୍ରହଣର ଆବଶ୍ୟକତା ରହିଛି ସେଥିପାଇଁ ଜନବସତିକୁ ସ୍ଥାନାନ୍ତର କରାନଯାଇ ସର୍ବନିମ୍ନ ପରିମାଣର ଜମି ଅଧିଗ୍ରହଣ ହେବା ଆବଶ୍ୟକ । ବର୍ତ୍ତମାନର ରାସ୍ତା ପ୍ରକଳ୍ପ ନିମନ୍ତେ କମ୍ ଜମି ଅଧିଗ୍ରହଣ ନିମନ୍ତେ ନକ୍ସା ପ୍ରସ୍ତୁତ କରାଯାଇଛି । ବର୍ତ୍ତମାନ ସେଠାରେ ଏକ ରାସ୍ତା ଅଛି କିନ୍ତୁ ଯାତାୟତ ଭିଡକୁ ଲକ୍ଷ୍ୟରେ ରଖି ଏଥିରେ ଅଧିକ ଉନ୍ନତି କରାଯାଉଛି । ଉକ୍ତ ରାସ୍ତାର ଉନ୍ନତିକରଣ ନିମନ୍ତେ ସର୍ବନିମ୍ନ ପରିମାଣର ଜମି ଅଧିଗ୍ରହଣ କରାଯିବ ଏବଂ ଶବ୍ଦ, କମ୍ପନ ଓ ପରିବେଶକୁ ନେଇ ପ୍ରଭାବ ପଡୁଥିବା ଅଞ୍ଚଳକୁ ଯେତେ ସମ୍ଭବ କମ୍ କରିବାକୁ ପ୍ରୟାସ କରାଯାଇଛି । ରେଳବିହାର ଠାରୁ ଏକାମ୍ରକାନନ ପର୍ଯନ୍ତ ଭାୟା ହାତିଆଗୁଣୀ ୨୦୦ଫୁଟ ମାଷ୍ଟର ପ୍ଲାନ ରାସ୍ତା ନିର୍ମାଣ ନିମନ୍ତେ ସମୁଦାୟ ୧.୯୬୧ ଏକର ବେସରକାରୀ ଜମି ଭୁବନେଶ୍ୱର ଜୟଦେବବିହାର ଗ୍ରାମରେ ଅଧିଗ୍ରହଣ କରାଯିବ ।

ଯେହେତୁ ପ୍ରକଳ୍ପଟି ରାସ୍ତାର ପ୍ରଶସ୍ତିକରଣ ଏବଂ ଉନ୍ନତିକରଣ ହେବ ତେଣୁ ଏହା ଲୋକମାନଙ୍କ ବ୍ୟବହାରରେ ଲାଗିବ, ନିର୍ମାଣ କାଳରେ କିଛି ଦିନ ନିମନ୍ତେ ଲୋକମାନଙ୍କ ଯାତାୟତ ଉଦ୍ଦେଶ୍ୟରେ ଗୋଟିଏ ବୁଲାଣି ରାସ୍ତା ବ୍ୟତିତ ଅନ୍ୟ  କୌଣସି ସହାୟକ ଭିତ୍ତିଭୂମି ସୁବିଧା ଆବଶ୍ୟକ ନାହିଁ ।

***ଶ୍ରମଜୀବିଙ୍କ ଆବଶ୍ୟକତା:***

ପ୍ରସ୍ତାବିତ ରାସ୍ତାର ପ୍ରଶସ୍ତିକରଣ ନିମନ୍ତେ ବହୁ ସଂଖ୍ୟାରେ ଶ୍ରମିକମାନଙ୍କ ଆବଶ୍ୟକତା ରହିବ  । କିନ୍ତୁ ଏହା ଅନୁଭବ କରାଯାଉଛି ପ୍ରକଳ୍ପରେ କାମ କରିବା ନିମନ୍ତେ ଶ୍ରମିକମାନଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତି ଦିଆଯିବ, ଅନୁସନ୍ଧାନରୁ ଜଣାଯାଇଛି ଯେ, ଯେଉଁ ପଥ ଦେଇ ରାସ୍ତା ନିର୍ମାଣ ହେବ ସେହି ପାର୍ଶ୍ୱରେ ଅତ୍ୟନ୍ତ କମ୍ ଲୋକ ବସବାସ କରୁଛନ୍ତି ସେହି ମାନଙ୍କ ମଧ୍ୟରୁ କିଛି ଲୋକ ପ୍ରକଳ୍ପରେ କିଛି ପରିମାଣର ଅଣକୁଶଳୀ କାର୍ଯ୍ୟ ତୁଲାଇ ପାରିବେ । କିନ୍ତୁ ମୁଖ୍ୟତଃ କୁଶଳୀ ଶ୍ରମିକ ଓ ଅନ୍ୟକିଛି ଅଣକୁଶଳୀ ଶ୍ରମିକମାନଙ୍କୁ ଅନ୍ୟ ସ୍ଥାନରୁ ଅଣାଯାଇ ଏହି ନିର୍ମାଣ କାର୍ଯ୍ୟ କରାଯିବ ।

## ୧.୩ ସାମାଜିକ ପ୍ରଭାବ ଆକଳନ

"ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩" ୧ ଜାନୁୟାରୀ. ୨୦୧୪ ମସିହାରୁ କାର୍ଯ୍ୟକାରୀ ହେଲା । ଯଦି କୌଣସି ସରକାର ନିଜର ବ୍ୟବହାର ପାଇଁ ନିଜ ଅଧିନରେ ରଖିବା ପାଇଁ, ସର୍ବସାଧାରଣ କାର୍ଯ୍ୟ ପାଇଁ, କମ୍ପାନୀ ପାଇଁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ଜମି ଆବଶ୍ୟକ

କରୁଥାନ୍ତି, କିମ୍ୱା ସର୍ବସାଧାରଣ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରୁଥାନ୍ତି ତେବେ କ୍ଷତିପୂରଣ, ଥଇଥାନ ଓ ପୁନର୍ବାସ ଆବଶ୍ୟକ ହେଉଥାଏ, ସେତେବେଳେ ଏହି ଆଇନର ବ୍ୟବସ୍ଥାବଳୀ ଲାଗୁ ହେବ । ତେବେ ଉଲ୍ଲେଖଯୋଗ୍ୟ ଯେ ଅନୁସୂଚିତ ଅଞ୍ଚଳରେ ଜମି ହସ୍ତାନ୍ତର ପାଇଁ ବଳବତ୍ତର ଥିବା ଆଇନ୍‌କୁ ଉଲ୍ଲଙ୍ଘନ କରି ସେହିସବୁ ଅଞ୍ଚଳରେ କୌଣସି ପ୍ରକାର ଜମି ହସ୍ତାନ୍ତର ବା ଅଧିଗ୍ରହଣ ହୋଇପାରିବ ନାହିଁ । ଏହି ଆଇନର ଧାରା ୪(୧) ଅନୁସାରେ ଯଦି ସରକାର କୌଣସି ସର୍ବସାଧାରଣ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରିବାକୁ ଋହୁଁଥାଆନ୍ତି ତେବେ ସମ୍ପୃକ୍ତ ଅଞ୍ଚଳର ଗାଁ ସ୍ତରରେ ଗ୍ରାମପଞ୍ଚାୟତ ଓ ଓ୍ୱାର୍ଡ ସ୍ତରରେ ପୌରାଞ୍ଚଳ ନିଗମ ସହ ପରାମର୍ଶ କରିବେ ଏବଂ ସେମାନଙ୍କ ପରାମର୍ଶରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ଆକାଳନ ଅଧ୍ୟୟନ କରିବେ । ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ ନିମ୍ନୋକ୍ତ ବିଷୟ ଅନ୍ତର୍ଭୁକ୍ତ ହେବ ।

(କ) ପ୍ରସ୍ତାବିତ ଜମି ଅଧିଗ୍ରହଣ ସର୍ବସାଧାରଣ ଉଦ୍ଦେଶ୍ୟରେ ହେଉଛି କି ନାହିଁ ତାହାର ଆକଳନ

(ଖ) ପ୍ରଭାବିତ ହେଉଥିବା ପରିବାରର ସଂଖ୍ୟା ନିର୍ଣ୍ଣୟ ଏବଂ ସେମାନଙ୍କ ମଧ୍ୟରୁ କେତୋଟି ପରିବାର ବିସ୍ଥାପିତ ହେବେ, ତାହାର ସଂଖ୍ୟା ନିର୍ଣ୍ଣୟ

(ଗ) ପ୍ରସ୍ତାବିତ ଅଧିଗ୍ରହଣ ଫଳରେ କେତେ ଜମି (ଉଭୟ ସର୍ବସାଧାରଣ ଏବଂ ଘରୋଇ) ଅଧିକୃତ ହେବ, ଘରସଂଖ୍ୟା, ବାସସ୍ଥାନ ଏବଂ କେତେ ସର୍ବସାଧାରଣ ସମ୍ପତ୍ତି ପ୍ରଭାବିତ ହେବ, ତାହା ଆକଳନ କରିବା ।

(ଘ) ଯେଉଁ ପରିମାଣର ଜମି ଅଧିକୃତ ହେବ ବୋଲି ପ୍ରସ୍ତାବିତ ଅଛି ତାହା ପ୍ରକଳ୍ପ ପାଇଁ ଆବଶ୍ୟକ ଜମିର ସର୍ବନିମ୍ନ ପରିମାଣ କି ନୁହେଁ ତାହା ଜାଣିବା ।

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବାବେଳେ ସରକାର, ଏହାର ପ୍ରଭାବ କିପରି ବିଭିନ୍ନ ବିଷୟ ଉପରେ ପଡିବ, ତାହା ବିଋରକୁ ନେବେ । ସେଗୁଡିକ ହେଲା; ପ୍ରଭାବିତ ପରିବାର ଗୁଡିକର ଜୀବିକା, ସର୍ବସାଧାରଣ ଏବଂ ଗୋଷ୍ଠୀ ସମ୍ପତ୍ତି, ସଂରଚନା ଭିତ୍ତିକ ସମ୍ପତ୍ତି ଯଥା ରାସ୍ତା, ସର୍ବସାଧାରଣ ପରିବହନ ନାଳ-ନର୍ଦ୍ଦମା, ପରିମଳ ବ୍ୟବସ୍ଥା, ପିଇବା ପାଣିର ଉତ୍ସ, ପଶୁସମ୍ପଦ ପାଇଁ ପାଣିର ଉତ୍ସ, ଗୋଷ୍ଠୀ ମାଲିକାନାରେ ପୋଖରୀ, ଗୋଚର, ଗଛପତ୍ର, ବଗିଋ, ସର୍ବସାଧାରଣ ସୁବିଧା ଯଥା ଡାକଘର, ସୁଲଭ ମୂଲ୍ୟ ଦୋକାନ, ଶସ୍ୟ ଗୋଦାମ, ବିଦ୍ୟୁତ୍ ସଂଯୋଗ, ସ୍ୱାସ୍ଥ୍ୟସୁବିଧା, ବିଦ୍ୟାଳୟ, ପ୍ରଶିକ୍ଷଣ ସୁବିଧା, ଅଙ୍ଗନବାଡି କେନ୍ଦ୍ର, ପୂଜାସ୍ଥଳୀ, ପାରମ୍ପରିକ ଅନୁଷ୍ଠାନ ଏବଂ ଶ୍ମଶାନ ।

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ, ଅଧ୍ୟୟନ ଦଳ ସମ୍ପୃକ୍ତ ସ୍ଥାନ ପରିଦର୍ଶନରେ ଯାଇ ବିଭିନ୍ନ ପ୍ରକାର ପରିମାଣାତ୍ମକ ଓ ଗୁଣାତ୍ମକ ତଥ୍ୟ ବିଶ୍ଳେଷଣ କରିବେ, ଲୋକଙ୍କସହ ମିଶି ଆଲୋଚନା କରାଇବେ, ସମାଜିକ ପ୍ରଭାବ ଆକଳନ ରିପୋର୍ଟ ପ୍ରସ୍ତୁତିରେ ଚଳଇ କୌଶଳ ବ୍ୟବହାର କରିବେ ଏବଂ ବିଭିନ୍ନ ଜଣାଶୁଣା ବ୍ୟକ୍ତି ବିଶେଷ ଯେଉଁମାନେ ସୂଚନା ଦେଇପାରିବେ, ସେମାନଙ୍କର ସାକ୍ଷାତକାର ନେବେ । ସମସ୍ତ ପ୍ରକାର ରାଜସ୍ୱ ରେକର୍ଡ ଓ ତଥ୍ୟର ସବିଶେଷ ତର୍ଜମା କରିବେ, କ୍ଷେତ୍ର ଯାଞ୍ଚ କରିବେ, ଏବଂ ସେହିପରି ଆଉ କୌଣସି ପ୍ରକଳ୍ପ ପାଇଁ ହୋଇଥିବା ଅଧ୍ୟୟନ ସହ ତୁଳନା କରିବେ । ଜମି ଆକଳନ, ଜମିର ରେକର୍ଡ ଓ କ୍ଷେତ୍ର ଯାଞ୍ଚକୁ ଆଧାର କରି ଅଧ୍ୟୟନଟି, କେତେ

ପରିବାର ପ୍ରଭାବିତ ହେବେ ଏବଂ ସେଥିମଧ୍ୟରୁ କେତୋଟି ପରିବାର ବିସ୍ଥାପିତ ହେବେ ତାର ନିର୍ଦ୍ଦିଷ୍ଟ ସଂଖ୍ୟା ଦେବେ ଏବଂ ସମସ୍ତ ପ୍ରଭାବିତ ପରିବାରର ସର୍ଭେ କରାଇବା, ଅଧ୍ୟୟନ ଦଳ ସୁନିଶ୍ଚିତ କରିବେ । ଉପଲବ୍ଧ ତଥ୍ୟ ଓ କ୍ଷେତ୍ର ପରିଦର୍ଶନକୁ ଭିତି କରି ପ୍ରଭାବିତ ପରିବାରଗୁଡ଼ିକର ସାମାଜିକ ଅର୍ଥନୈତିକ ଏବଂ ସାଂସ୍କୃତିକ ବିବରଣୀ ପ୍ରସ୍ତୁତ କରିବେ । ସଂଗୃହୀତ ତଥ୍ୟ ଆଧାରରେ ପ୍ରସ୍ତାବିତ ପ୍ରକଳ୍ପ ଓ ଜମି ଅଧିଗ୍ରହଣ କିପରି ଭାବରେ ଉଭୟ ସକାରାତ୍ମକ ଓ ନକାରାତ୍ମକ ପ୍ରଭାବ ପକାଉଛି, ତାହା ଆକଳନ କରିବେ ।

## ୧.୪ ସରକାରୀ ନୀତି ଓ ଆଇନିଗତ ଆଧାର

ପ୍ରସ୍ତାବିତ ରେଳପ୍ରକଳ୍ପ ପାଇଁ ବିଭିନ୍ନ ଆଇନ / ସରକାରୀ ନୀତି ପ୍ରଣୟନ କରାଯାଇଛି । ପ୍ରକଳ୍ପ କାର୍ଯ୍ୟକାରୀ କରିବାପାଇଁ ଥିବା ଆଇନଗତ ପ୍ରକ୍ରିୟାକୁ ବୁଝିବା, ପ୍ରଭାବିତ ଲୋକମାନଙ୍କ ପାଇଁ ପୁନର୍ବାସ ଓ ଥଇଥାନ ନୀତିରେ ରହିଥବା ଦୂବଳତାକୁ ଚିହ୍ନଟ କରିବା ଏବଂ ସେଗୁଡ଼ିକୁ ଦୂରକରିବା ତଥା ସ୍ଥାନୀୟ ଲୋକମାନଙ୍କର ବିକାଶମୂଳକ ଯୋଜନା ପ୍ରସ୍ତୁତି କରିବା ପାଇଁ ଏହିସବୁ ଆଇନର ତର୍ଜମା କରିବା ଏକାନ୍ତ ଅପରିହାର୍ଯ୍ୟ । ପୁନର୍ବାସ ଓ ଥଇଥାନ ଆଇନ୍, ୨୦୧୩ ତଥା ବିଭିନ୍ନ ସାମାଜିକ ବିଷୟକୁ ବିଚାରକୁ ନେଇ ପ୍ରକଳ୍ପଟିକୁ କାର୍ଯ୍ୟକାରୀ କରିବା ପାଇଁ କଣ ସବୁ ଆଇନଗତ ଆଧାର ରହିଛି, ତାହା ପରବର୍ତ୍ତୀ ପରବର୍ତ୍ତୀ ଭାଗ ଗୁଡ଼ିକରେ ବର୍ଣ୍ଣନା କରାଯାଇଛି । ପ୍ରକଳ୍ପ କାର୍ଯ୍ୟକାରୀ ହେବା ଯୋଗୁଁ ଯେଉଁସବୁ ସାମାଜିକ ଓ ପୁନର୍ବାସ ସମସ୍ୟା ଦେଖାଯିବ, ସେଗୁଡ଼ିକୁ ଦୂରକରିବା ପାଇଁ ପ୍ରଚଳିତ ନିୟମ ସମେତ ନିର୍ଦ୍ଦିଷ୍ଟ ପୁନର୍ବାସ ଓ ଥଇଥାନ ନିୟମ ପ୍ରସ୍ତୁତ କରାଯାଇଅଛି । ପ୍ରକଳ୍ପଟିର ପ୍ରକାର ଜାତୀୟ, ରାଜ୍ୟସ୍ତରୀୟ, ସ୍ଥାନୀୟ ଏବଂ ଆଇନଗତ ଆଧାର ଅନୁରୂପ ହେବ, ଏହା ପ୍ରକଳ୍ପର କର୍ତୃପକ୍ଷ ସୁନିଶ୍ଚିତ କରିବା ଦରକାର ।

### ୧.୪.୧ ସାମ୍ବିଧାନିକ ବ୍ୟବସ୍ଥା :

ଭାରତୀୟ ସମ୍ବିଧାନର ଧାରା ୧୯ ଓ ୩୧ରେ ସମ୍ପତ୍ତି ଉପରେ ଜଣେ ବ୍ୟକ୍ତିର ଅଧିକାର ବିଷୟରେ ଉଲ୍ଲେଖ କରାଯାଇଛି । ଧାରା ୧୯ ଅନୁସାରେ ଦେଶର ନାଗରିକମାନଙ୍କର ସମ୍ପତ୍ତି ଅର୍ଜନ କରିବା, ଅଧିକାର କରିବା ଓ ଏହାକୁ ହସ୍ତାନ୍ତର କରିବା ବ୍ୟବସ୍ଥା ଅଛି । ଧାରା ୩୧ ଅନୁସାରେ କୌଣସି ନାଗରିକକୁ ସମ୍ପତ୍ତିଗତ ଅଧିକାରଙ୍କୁ ବଞ୍ଚିତ କରାଯିବ ନାହିଁ । ଏଥିରେ ମଧ୍ୟ ଉଲ୍ଲେଖ ଥିଲା ଯେ ସର୍ବସାଧାରଣ ଉଦ୍ଦେଶ୍ୟରେ ଯଦି କୌଣସି ବ୍ୟକ୍ତିଙ୍କର ଜମି ଅଧିଗ୍ରହଣ କରାଯାଏ, ତେବେ ତାକୁ ଉପଯୁକ୍ତ କ୍ଷତି ପୂରଣ ପ୍ରଦାନ କରାଯିବ । ୧୯୭୮ ମସିହାରେ ଭାରତୀୟ ସମ୍ବିଧାନର ୪୪ ତମ ସଂଶୋଧନ ଅନୁସାରେ ମୌଳିକ ଅଧିକାର ତାଲିକାରୁ ସମ୍ପତ୍ତି ଗତ ଅଧିକାରକୁ ବାଦ୍ ଦିଆଗଲା ଓ ଏହା ପରିବର୍ତ୍ତେ ଏକ ନୂଆ ନ୍ୟାୟିକ ବ୍ୟବସ୍ଥା ଧାରା ୩୦୦(କ) ନାମରେ ଉଲ୍ଲେଖ କରାଗଲା । ଏହି ଧାରା ଅନୁସାରେ କୌଣସି ବ୍ୟକ୍ତି ତାର ସମ୍ପତିଗତ ଅଧିକାରରୁ ବଞ୍ଚିତ ହେବନାହିଁ । ତେଣୁ ଏହି ପ୍ରକଳ୍ପ ପାଇଁ ମଧ୍ୟ କ୍ଷତିଗ୍ରସ୍ତ ପରିବାର ମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯିବ ଓ ଏହି ଉଦ୍ଦେଶ୍ୟରେ ବର୍ତ୍ତମାନର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି ।

### ୧.୪.୨ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ ୨୦୧୩.

୧୮୯୪ର ଜମି ଅଧିଗ୍ରହଣ ଆଇନ ବଦଳରେ ଏହି ଆଇନ୍‌ଟି ୧ ଜାନୁୟାରୀ ୨୦୧୪ ମସିହାରୁ କାର୍ଯ୍ୟକାରୀ କରାଯାଇଅଛି । ପୁରୁଣା ଜମି ଅଧିଗ୍ରହଣ ଆଇନରେ ଥିବା ଦୁର୍ବଳତାକୁ ଦୂର କରି ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ଅଧିକ ଫଳପ୍ରଦ କରିବା ପାଇଁ ଏହି ଆଇନ୍‌ରେ ସମ୍ପୂର୍ଣ୍ଣ ପ୍ରୟାସ କରାଯାଇଅଛି । ସରକାରଙ୍କ ଦ୍ୱାରା ସର୍ବସାଧାରଣ ଉଦ୍ଦେଶ୍ୟରେ କିମ୍ବା ସରକାରୀ– ଘରୋଇ ସହଭାଗୀ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ହେଉଥିଲେ ଏହି ଆଇନ୍‌ରେ ବର୍ଦ୍ଧିତ କ୍ଷତିପୂରଣ ଦେବାର ବ୍ୟବସ୍ଥା ରହିଅଛି । ଜମି ମାଲିକ ଏବଂ ଅନ୍ୟ ପ୍ରଭାବିତ ଲୋକମାନଙ୍କର ସ୍ୱାର୍ଥରକ୍ଷା ପାଇଁ ଏହି ଆଇନ୍ ଖୁବ୍ ଉପକାରୀ ଓ ଆବଶ୍ୟକ ବୋଲି କୁହାଯାଇ ପାରିବ ।

**(କ) ସର୍ବସାଧାରଣ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ :** କୌଣସି ପ୍ରକଳ୍ପ ପାଇଁ କେବଳ ସର୍ବସାଧାରଣ ଉଦ୍ଦେଶ୍ୟରେ ହିଁ ଜମି ଅଧିଗ୍ରହଣ କରିହେବ । ସେଗୁଡିକ ହେଲା ସୁରକ୍ଷା ଓ ଜାତୀୟ ନିରାପତ୍ତା, ସରକାର ଏବଂ ସରକାରୀ କମ୍ପାନୀମାନଙ୍କ ଦ୍ୱାରା ତିଆରି ହେଉଥିବା ରାସ୍ତା, ରେଳପଥ, ରାଜପଥ ଏବଂ ବନ୍ଦର, ବିକାଶମୂଳକେ ଯୋଜନା ଏବଂ ଗାଁ-ତଥା-ସହରାଞ୍ଚଳ ବିକାଶ, ଗରିବ ଓ ଭୂମିହୀନଙ୍କ ପାଇଁ ଗୃହନିର୍ମାଣ ଏବଂ ସରକାରୀ ନିୟନ୍ତ୍ରିତ ଯୋଜନା ତଥା ଅନୁଷ୍ଠାନ ଇତ୍ୟାଦି । କେତେକ ବେସରକାରୀ ପ୍ରକଳ୍ପ କ୍ଷେତ୍ରରେ ପ୍ରଭାବିତ ୮୦% ଲୋକଙ୍କର ମତାମତ ନେବାକୁ ପଡିବ ।

**(ଖ) ଜମି ଅଧିଗ୍ରହଣର ପ୍ରକ୍ରିୟା:** ଏହି ଆଇନ୍ ଅନୁସାରେ ସରକାର, ଗ୍ରାମାଞ୍ଚଳରେ ଗ୍ରାମସଭା ସହ ପରାମର୍ଶ କରି ଏବଂ ସହରାଞ୍ଚଳରେ ପୌର ପରିଷଦ ସହ ପରାମର୍ଶ କରି ଏକ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବେ । ସାମାଜିକ ପ୍ରଭାବ ଆକଳନ ମୂଲ୍ୟାୟନ କରିବା ଦିନରୁ ୧୨ମାସ ଭିତରେ ଏବଂ ଜମି ଅଧିଗ୍ରହଣ ପୂର୍ବରୁ ସରକାର ଜମି ଆବଶ୍ୟକ କରୁଛନ୍ତି ବୋଲି ଏକ ବିଜ୍ଞପ୍ତି ପ୍ରକାଶ କରିବେ । ଏହାପରେ ସରକାର କେତେ ଜମି ଅଧିକୃତ କରିବେ, ତାପାଇଁ ଏକ ସର୍ଭେ କରାଇବେ । ଯଦି ସରକାରଙ୍କର ହୃଦବୋଧ ହୁଏ ଯେ ସର୍ବସାଧାରଣ ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ ଜମି ଗ୍ରହଣ କରିବାକୁ ପଡିବ, ତେବେ ଜମି ଅଧିଗ୍ରହଣ ପାଇଁ ଏକ ଘୋଷଣାନାମା ପ୍ରକାଶିତ କରିବେ । ଘୋଷଣାନାମା ପ୍ରକାଶିତ ହେବା ପରେ ସରକାର ଜମି ଅଧିଗ୍ରହଣ କରିବେ । ସେହି ନିର୍ଦ୍ଦିଷ୍ଟ ଜମି ଉପରେ ପ୍ରାଥମିକ ବିଜ୍ଞପ୍ତି ହେବା ଦିନଠାରୁ ଜମି ଅଧିଗ୍ରହଣ କରିବା ପର୍ଯ୍ୟନ୍ତ କୌଣସି ପ୍ରକାର ଜମି ସମ୍ବନ୍ଧୀୟ ଅନ୍ୟ କାରବାର ହୋଇପାରିବ ନାହିଁ । ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ରେଳବିହାର ଠାରୁ ଏକାମ୍ରକାନନ ପର୍ଯନ୍ତ ଭାୟା ହାତିଆଣ୍ଡୁଣୀ ୨୦୦ଫୁଟ ମାଷ୍ଟର ପ୍ଲାନ ରାସ୍ତା ନିର୍ମାଣ ପ୍ରକଳ୍ପର ସାମାଜିକ ପ୍ରଭାବ ଆକଳନ ପାଇଁ ଓଡିଶା ସରକାରଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ, ତାଙ୍କର ଚିଠି ସଂଖ୍ୟା ଆର୍ ଡି ଏମ୍- ଏଲ୍ ଏ ଏ-କେ ଏଚ୍ ଡି-୦୦୧୦-୨୦୧୮/୧୮୯୩ ତା୧୦.୦୧.୨୦୨୦ ଅନୁସାରେ ଜମି ଅଧିଗ୍ରହଣ ପୂର୍ବରୁ ବିଜ୍ଞପ୍ତି ଜାରି କରିଛନ୍ତି ।

(ଗ) **ଜମି ମାଲିକମାନଙ୍କ ନିମନ୍ତେ କ୍ଷତିପୂରଣ:** ଜମି ଅଧିଗ୍ରହଣ ପାଇଁ ଜିଲ୍ଲାପାଳ କ୍ଷତିପୂରଣ ରାଶି ନିର୍ଣ୍ଣୟ କରିବେ ଏବଂ ଜମି ଅଧିଗ୍ରହଣ ପାଇଁ ଘୋଷଣାନାମା ପ୍ରକାଶିତ ହେବାର ୨ବର୍ଷ ମଧ୍ୟରେ ଜମି ମାଲିକମାନଙ୍କୁ ତାହା ପ୍ରଦାନ କରିବେ ।

ଅଧିକୃତ ହେବାକୁ ଥିବା ଜମିର ବଜାର ମୂଲ୍ୟ ଆଧାରରେ କ୍ଷତିପୂରଣ ନିର୍ଣ୍ଣୟ ହେବ ଏବଂ ଏହି କ୍ଷତିପୂରଣ ରାଶି (୧) କୌଣସି ଜମିର ବିକ୍ରି ବା ବିକ୍ରୟ ନିମନ୍ତେ କରାଯାଇଥିବା ରାଜିନାମା ସମୟରେ ଭାରତୀୟ ଷ୍ଟାମ୍ପ ଆଇନ୍ ୧୮୯୯ ଧାରା (୨) ରେ ଉଲ୍ଲେଖ କରାଯାଇଥିବା ବଜାର ମୂଲ୍ୟ କିମ୍ବା (୨) ଆଖ ପାଖ ଗ୍ରାମ କିମ୍ବା ନିକଟବର୍ତ୍ତୀ ଅଞ୍ଚଳରେ ବିକ୍ରି ହୋଇଥିବା ସମାନ ପ୍ରକାର ଜମିର ହାରାହାରି ବିକ୍ରୟ ମୂଲ୍ୟ (୩) ବେସରକାରୀ କମ୍ପାନି କିମ୍ବା ସରକାରୀ-ବେସରକାରୀ ମିଳିତ ଉଦ୍ୟମରେ ହେଉଥିବା ଉଦ୍ୟୋଗ ରେ ସେକ୍ସନ୨ ର ସବ୍ ସେକ୍ସନ ୨ ଅନୁଯାୟୀ ନିର୍ଦ୍ଦିଷ୍ଟ ହୋଇଥିବା ମୂଲ୍ୟ, ମଧ୍ୟରୁ ଯାହା ଅଧିକ ହୋଇଥିବ ।

୨ ନମ୍ବର କ୍ଲଜରେ ଉଲ୍ଲେଖ ଥିବା ହାରାହାରି ଜମିର ବଜାର ମୂଲ୍ୟ କହିଲେ ଯେଉଁ ଅଞ୍ଚଳରେ ଜମି ଅଧିଗ୍ରହଣ ହେବା ନିମନ୍ତେ ସ୍ଥିର କରାଯାଇଛି ସମ୍ପୃକ୍ତ ଅଞ୍ଚଳର ନିକଟରେ ଯଦି ସମାନ ପ୍ରକାର କୌଣସି ଜମି ବିକ୍ରି ହୋଇଥିବ ବା ବିକ୍ରି ହେବା ପାଇଁ ରାଜିନାମା ହୋଇଥିବ ।

ହାରାହାରି ବଜାରମୂଲ୍ୟ ସ୍ଥିର କରିବା ନିମନ୍ତେ ସମ୍ପୃକ୍ତ ଅଞ୍ଚଳରେ ବିକ୍ରି ହୋଇଥିବ କିମ୍ବା ବିକ୍ରି ହେବା ପାଇଁ ରାଜିନାମା ହୋଇଥିବ ତେବେ ସର୍ବାଧିକ ମୂଲ୍ୟରେ ବିକ୍ରି ହୋଇଥିବା ଜମି ମଧ୍ୟରୁ ୫୦% ଜମିର ହାରାହାରି ମୂଲ୍ୟ ଅଧିକ ହେବ ।

(ଘ) **ପୁର୍ନବାସ ଓ ଥଇଥାନର ପ୍ରକ୍ରିୟା :** ପ୍ରତ୍ୟେକ ପ୍ରଭାବିତ ପରିବାରର ପୁର୍ନବାସ ଓ ଥଇଥାନ ପାଇଁ ଆଇନରେ ବ୍ୟବସ୍ଥା ଅଛି । ଜମି ଅଧିଗ୍ରହଣ ପାଇଁ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପାଇବାପରେ, ସର୍ଭେ କରିବା ଏବଂ ପୁର୍ନବାସ ଓ ଥଇଥାନ ଯୋଜନା ପ୍ରସ୍ତୁତ କରିବା ପାଇଁ ଜଣେ ପ୍ରଶାସକଙ୍କୁ ନିଯୁକ୍ତି ଦିଆଯିବ । ସେହି ଯୋଜନାଟିକୁ ତାପରେ ସମ୍ପୃକ୍ତ ପଞ୍ଚାୟତ ଏବଂ ଏନ୍.ଏ.ସି.ରେ ଆଲୋଚନା କରାଯିବ । ପ୍ରଶାସକ, ପୁର୍ନବାସ ଏବଂ ଥଇଥାନ ସମ୍ପର୍କିତ ସମସ୍ତ ଅଭିଯୋଗର ଶୁଣାଣି କରିବେ । ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଶାସକ ସେ ସମ୍ପର୍କରେ ଏକ ରିପୋର୍ଟ ପ୍ରସ୍ତୁତ କରି ଜିଲ୍ଲାପାଳଙ୍କୁ ଦେବେ । ଜିଲ୍ଲାପାଳ ପୁର୍ନବାସ ଓ ଥଇଥାନ ଯୋଜନା ଅନୁମୋଦନ କରିସାରିବା ପରେ ସରକାର ପୁର୍ନବାସ ଓ ଥଇଥାନ ଉଦ୍ଦେଶ୍ୟରେ ଆବଶ୍ୟକ ଅଞ୍ଚଳ ପାଇଁ ଏକ ଘୋଷଣାନାମା ଜାରି କରିବେ । ତାପରେ ପ୍ରଶାସକ ଥଇଥାନ ଓ ପୁର୍ନବାସ ଯୋଜନା କାର୍ଯ୍ୟକାରୀ କରିବାପାଇଁ ଦାୟିତ୍ୱ ନେବେ । କମିଶନର ଯୋଜନା ମୁତାବକ କାର୍ଯ୍ୟ ସମ୍ପାଦନ ନିମନ୍ତେ ଦୃଷ୍ଟି ଦେବେ । *ଏହି ପରିପ୍ରେକ୍ଷିରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ରେଳବିହାର ଠାରୁ ଏକାମ୍ରକାନନ ପର୍ଯନ୍ତ ଭାୟା ହାତିଆଗୁଣୀ ୨୦୦ଫୁଟ ମାଷ୍ଟର ପ୍ଲାନ ରାସ୍ତା ନିର୍ମାଣ ନିମନ୍ତେ*, ନିୟମ-୮ ଅନୁଯାୟୀ ଓଡିଶା ସରକାର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ହେବାର ୩୦ ଦିନ ମଧ୍ୟରେ ବିଜ୍ଞପ୍ତି ପ୍ରକାଶନ କରିବେ । ଏହି ଉଦ୍ଦେଶ୍ୟରେ ଓଡିଶାର ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଭୁବନେଶ୍ୱର ର ଜୟଦେବ ବିହାର ଠାରେ ପ୍ରକଳ୍ପର ସାମାଜିକ ପ୍ରଭାବ ଆକଳନ ପାଇଁ ଓଡିଶା ସରକାରଙ୍କର ରାଜସ୍ୱ ଓ

ବିପର୍ଯ୍ୟୟ ପ୍ରଶମନ ବିଭାଗ, ତାଙ୍କର ଚିଠି ସଂଖ୍ୟା ଆର୍ ଡି ଏମ୍- ଏଲ୍ ଏ ଏ-କେ ଏଚ୍ ଡି-୦୦୧୦-୨୦୧୮/୧୮୯୩ ତା୧୦.୦୧.୨୦୨୦ ଅନୁସାରେ ବିଜ୍ଞପ୍ତି ଜାରି କରିଛନ୍ତି ।

### ୧.୪.୩ ଓଡ଼ିଶା ନ୍ୟାୟୋଚିତ କ୍ଷତିପୁରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଧାରା-୨୦୧୬

ଆର.ଏଫ.ସି.ଟି.ଏଲ.ଏ.ଆର.ଆର.,୨୦୧୩(୨୦୧୩ ର ୩୦)ର ଧାରା ୧୦୯(କ)ର ଉପଧାରା(୧) ଅନୁଯାୟୀ ପ୍ରଦାନ କରାଯାଇଥିବା କ୍ଷମତା ଅନୁସାରେ ଏହି ନିୟମକୁ କାର୍ଯ୍ୟକାରୀ କରିବାକୁ ଓଡ଼ିଶା ସରକାର ଉପରୋକ୍ତ ନିୟମଟି ପ୍ରଚଳନ କରିଛନ୍ତି । ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ରେଳବିହାର ଠାରୁ ଏକାମ୍ରକାନନ ପର୍ଯନ୍ତ ଭାୟା ହାତିଆଶୁଣୀ ୨୦୦ଫୁଟ ମାଷ୍ଟର ପ୍ଲାନ ରାସ୍ତା ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ବର୍ତ୍ତମାନର ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କାର୍ଯ୍ୟକାରୀ କରାଯାଇଛି ।

ଏହି ଧାରାର ନିୟମ-୬ ଅନୁସାରେ ଓଡ଼ିଶା ସରକାର ରାଜ୍ୟରେ ସାମାଜିକ ପ୍ରଭାବ ଆକଳନ କରିବାକୁ "ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରକୁ ରାଜ୍ୟ ସାମାଜିକ ପ୍ରଭାବ ଆକଳନର କେନ୍ଦ୍ର (ଝଓଇ ଟଭସଗ୍ଧ) ଭାବରେ ଏକ ସ୍ୱାଧିନ ସଂସ୍ଥା ଭାବରେ ମନୋନିତ କରିଛନ୍ତି ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚ୍ଳନାର ବିଭାଗର ସେକ୍ରେଟାରୀଙ୍କୁ ଏହାର ନୋଡାଲ ଅଫିସର ଭାବରେ ଚୟନ କରାଯାଇଛି ।

ନିୟମ-୯ ଅନୁସାରେ ଝଓଇ ଅଧ୍ୟୟନ ସମ୍ପୃକ୍ତ ଗ୍ରାମର ପଞ୍ଚାୟତ /ପୌରପରିଷଦର ସହମତିରେ କରାଯିବ ଏବଂ ଏହାର ରିପୋର୍ଟ ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ଝଓଗଚ) ସହିତ ଉପସ୍ଥାପନ କରାଯିବ । ଏହି ନିୟମ ଅନୁସାରେ ***ରିସର୍ଚ୍ଚ ଆଣ୍ଡ ଆନାଲିସିସ କନସଲ୍‌ଟାଣ୍ଟ (ଜଇଉ)*** ର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳର ସଦସ୍ୟ ମାନେ ସର୍ଭେ ପୂର୍ବରୁ ଗାଁ ଗୁଡିକୁ ପରିଦର୍ଶନ କରି ପଞ୍ଚାୟତ ରେ ଆଲୋଚନା କରିଥିଲେ ଏବଂ ଝଓଇ ରିପୋର୍ଟ ଆଇନରେ ଥିବା 'ଫର୍ମ-ଡି' ଓ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ଝଓଗଚ) ସହିତ 'ଫର୍ମ-ଇ' ଅନୁସାରେ ତିଆରି କରାଯାଇଛି ।

ନିୟମ-୧୧ ଅନୁସାରେ ଝଓଇ ଅଧ୍ୟୟନର ପ୍ରଣାଳୀ ବିଷୟରେ ବର୍ଣ୍ଣନା କରାଯାଇଛି । ଯାହାକି ***ରିସର୍ଚ୍ଚ ଆଣ୍ଡ ଆନାଲିସିସ କନସଲ୍‌ଟାଣ୍ଟ (ଜଇଉ)*** ର ଝଓଇ ଟିମ୍ ଦ୍ୱାରା ପାଳନ କରାଯାଇଛି । ଘରବାରୀ ଜମି ଅଧିଗ୍ରହଣ ଓ ପରିବାର ସ୍ଥାନାନ୍ତରଣ କ୍ଷେତ୍ରରେ ସାମାଜିକ ପ୍ରଭାବ ଆକଳନ ଦଳର ସଦସ୍ୟମାନେ କ୍ଷତିଗ୍ରସ୍ତ ପରିବାରମାନଙ୍କ ଠାରୁ ସେମାନଙ୍କର ବିକଳ୍ପ ସ୍ଥାନ ଓ ତାହାର ସାମାଜିକ ଓ ଅର୍ଥନୈତିକ ସ୍ଥିତି ବିଷୟରେ ତଥ୍ୟ ସଂଗ୍ରହ କରିଥିଲେ ।

ନିୟମ-୧୨ ଅନୁସାରେ ସାମାଜିକ ପ୍ରଭାବ ପରିଚ୍ଳନା ଯୋଜନା (ଝଓଗଚ) ରେ ସମସ୍ତ କ୍ଷତିଗ୍ରସ୍ତ ପରିବାର ଓ ବାସଚ୍ୟୁତ ପରିବାରମାନଙ୍କର ସାରଣୀ ଯାହାକି ଝଓଇ ଟିମ୍ ଦ୍ୱାରା ପ୍ରସ୍ତୁତ କରାଯାଇ ବିବରଣୀରେ ସଂଲଗ୍ନ କରାଯିବ ।

ନିୟମ-୧୪ ଅନୁସାରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ନିଷ୍କର୍ଷ ସମ୍ବନ୍ଧରେ ମତାମତ ଜାଣିବା ନିମନ୍ତେ ଏବଂ କିଛି ଅତିରିକ୍ତ / ଛାଡି ଯାଇଥିବା ତଥ୍ୟ ଚୂଡାନ୍ତ ବିବରଣୀରେ ଉପସ୍ଥାପନ କରିବା ନିମନ୍ତେ ପ୍ରଭାବିତ ଅଞ୍ଚଳରେ ଜନ ଶୁଣାଣି କରାଯିବ । ନିୟମ ଅନୁଯାୟୀ ଜନଶୁଣାଣି ଚିଠା ବିବରଣୀ ଦାଖଲ କରିବା ପରେ କରାଯିବ ।

### ୧.୪.୪ ଓଡ଼ିଶା ପୁନର୍ବାସ ଓ ଥଇଥାନ ଆଇନ୍ -୨୦୧୬

ରାଜ୍ୟରେ ପ୍ରଚଳିତ ପୁନର୍ବାସ ଏବଂ ଥଇଥାନ ନୀତି ୨୦୦୬ର ଧାରା ୧୩ର ପ୍ରବନ୍ଧନରେ ଓଡିଶା ସରକାର ୨୮.୦୭.୨୦୧୪ରେ କରିଥିବା ସଂକଳ୍ପରେ ଓଡ଼ିଶା ସରକାର ଚତୁର୍ଥ ଥର ନିମନ୍ତେ ଓଡ଼ିଶା ସରକାର କ୍ଷତିପୂରଣ ରାଶି, ସ୍ଥାନାନ୍ତର ସାହାଯ୍ୟ, ଘରତିଆରି ସାହାଯ୍ୟ, ନିଯୁକ୍ତି ବଦଳରେ ଏକକାଳୀନ ଆର୍ଥିକ ସୁବିଧା, କୃଷି କ୍ଷତିପାଇଁ ସାହାଯ୍ୟ, ଅସ୍ଥାୟୀ ବାସସ୍ଥାନ ଏବଂ ସ୍ଥାନାନ୍ତର ବେଳେ ଦ୍ରବ୍ୟ ବୋହି ନେବାର ଖର୍ଚ୍ଚ ଇତ୍ୟାଦିରେ ଏହା ବୃଦ୍ଧି ଘଟାଇଲେ । ଏହି ନୀତିର ଉଦ୍ଦେଶ୍ୟ ଥିଲା ପ୍ରକଳ୍ପ ପ୍ରଭାବିତ ପରିବାରକୁ ସମର୍ଥନ କରିବା ଏବଂ ହିତାଧିକାରୀମାନଙ୍କ ଚିନ୍ତାଧାରା ମୁତାବାକ କ୍ଷତିପୂରଣ ପ୍ରକାର ସମ୍ବନ୍ଧରେ ନିଷ୍ପତ୍ତି ଗ୍ରହଣ କରିବା ।

ଓଡ଼ିଶା ସରକାର ସମସ୍ତ ପ୍ରକଳ୍ପରେ ସାମାଜିକ ଅର୍ଥନୈତିକ ସର୍ଭେ, ସାମାଜିକ ସାଂସ୍କୃତିକ ସର୍ଭେ ଏବଂ ଭିତ୍ତିଭୂମି ସର୍ଭେ କରିବାକୁ ନିୟମାବଳୀରେ ଆଦେଶ ପ୍ରଦାନ କରିଥିଲେ । ବର୍ତ୍ତମାନର ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ ଏହି ନିର୍ଦ୍ଦେଶିକାର ପାଳନ କରାଯାଇଛି ।

### ୧.୪.୫ ଜମି ଅଧିଗ୍ରହଣ ଆଇନ୍ ୧୮୯୪

ପୁର୍ନବାସ ଏବଂ ଥଇଥାନ ପାଇଁ ଉଦ୍ଦିଷ୍ଟ ସବୁଠାରୁ ଅଧିକ ପ୍ରଜୁଯ୍ୟ ଆଇନ୍ ହେଉଛି ଜମି ଅଧିଗ୍ରହଣ ଆଇନ, ୧୮୯୪ ଏବଂ ଏହି ଆଇନଟି ୧୯୮୪ ମସିହାରେ ସଂଶୋଧିତ ହୋଇଛି। ଏହି ଆଇନ୍‌ଟି ସରକାରଙ୍କ ଦ୍ୱାରା ସର୍ବସାଧାରଣ ଉଦ୍ଦେଶ୍ୟରେ ଘରୋଇ ଜମି ଅଧିଗ୍ରହଣ ଏବଂ କ୍ଷତିପୂରଣ ନିର୍ଣ୍ଣୟ କରିବା ପାଇଁ ପ୍ରଜୁଯ୍ୟ । ଏହି ଆଇନ୍ ଅନୁସାରେ କୌଣସି ବ୍ୟକ୍ତିଙ୍କୁ ଜମିରୁ ବଞ୍ଚିତ କରାଯାଇପାରିବନାହିଁ । ଜମି ଅଧିଗ୍ରହଣ ପୂର୍ବରୁ ପ୍ରଭାବିତ ଲୋକମାନଙ୍କର ଶୁଣାଣି କରିବା ପାଇଁ ଏହି ଆଇନ୍ ସୁଯୋଗ ଦେଇଥାଏ ।

ଜମି ଅଧିଗ୍ରହଣ ଆଇନର ମୁଖ୍ୟ ଉପାଦାନଗୁଡିକ ହେଲା : ଏହି ଉଦ୍ଦେଶ୍ୟରେ ଚିହ୍ନଟ ହୋଇଥିବା ଜମିକୁ ଧାରା ୪ ଅଧୀନରେ ବିଜ୍ଞପ୍ତି ପ୍ରକାଶ କରିବା । ଧାରା-୪ ଅଧୀନରେ ଥରେ ବିଜ୍ଞାପିତ ହୋଇଗଲାପରେ ଜମି ବିକ୍ରି ବା ହସ୍ତାନ୍ତର ହୋଇପାରିବନାହିଁ । ତାପରେ ସେହି ଜମି ଆଇନର ଧାରା ୬ ଅଧୀନରେ ସ୍ଥାନିତ ହୋଇଯିବ । ସରକାର ଜମି ଆବଶ୍ୟକ କରୁଛନ୍ତି ବୋଲି ଏହା ଏକ ଘୋଷଣା । ଜିଲ୍ଲାପାଳଙ୍କୁ ଜମି ଅଧିଗ୍ରହଣ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯିବ ଏବଂ ଧାରା ୯ରେ ଜମିକୁ ସ୍ଥାନିତ କରାଯାଏ । ଏହାପରେ ଇଚ୍ଛୁକ ପକ୍ଷମାନଙ୍କୁ ଜମି ବାବଦରେ ସେମାନଙ୍କର ପକ୍ଷ ରଖିବା ପାଇଁ ଏବଂ ମୂଲ୍ୟ ନିର୍ଦ୍ଧାରଣ ପାଇଁ ଆମନ୍ତ୍ରଣ ଜଣାଇବେ । ଧାରା ୧୧ ଅନୁସାରେ ଜିଲ୍ଲାପାଳ ଉକ୍ତ ଘୋଷଣା ପ୍ରକାଶିତ ହେବାର ୨ ବର୍ଷ ଭିତରେ ନିଷ୍ପତ୍ତି ନେବେ, ତା ନହେଲେ ଜମି ଅଧିଗ୍ରହଣ ପ୍ରକ୍ରିୟା ଖାରଜ ହୋଇଯିବ । ଜମିର ଯେଉଁ ଦାମ୍ ନିଷ୍ପତ୍ତି ହୋଇଥିବ, ସେଥିରେ ଯଦି ଅସହମତି ଥିବ, ତେବେ ଜଡ଼ିତ

ପକ୍ଷମାନେ ଜିଲ୍ଲାପାଳଙ୍କୁ ମାମଲାଟିକୁ କୋର୍ଟକୁ ପଠାଇଦେବା ପାଇଁ ଅନୁରୋଧ କରିବେ, ଯାହାଫଳରେ କୋର୍ଟ କ୍ଷତିପୂରଣ ଉପରେ ଚୂଡାନ୍ତ ନିଷ୍ପତ୍ତି ନେଇପାରିବେ । ଜମି ତଥା ଜମି ଉପରେ ହୋଇଥିବା ଅନ୍ୟାନ୍ୟ ଢାଞ୍ଚା (ଯଥା, ଘର, କୂଅ, ଗଛ ଇତ୍ୟାଦି) ପାଇଁ ପ୍ରକଳ୍ପ କର୍ତୃପକ୍ଷ ସରକାରଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରିବେ । ସରକାର ତାପରେ ସମ୍ପୃକ୍ତ ଜମିମାଲିକମାନଙ୍କୁ କ୍ଷତିପୂରଣ ଦେବେ । ଏହି ଆଇନ୍‌ଟି ଆମ ଦେଶରେ ଅନେକ ଦିନ ଧରି ବଳବତର ଥିଲା । ଏହି ଆଇନ୍‌ରେ ଥିବା ଦୁର୍ବଳତାଗୁଡିକୁ ବିଚାରକୁ ନେଇ ଭାରତ ସରକାର ଏକ ପ୍ରଗତିଶୀଳ ଆଇନ ପ୍ରଣୟନ କରିଅଛନ୍ତି, ଯାହାର ନାମ ହେଉଛି **"ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ ୨୦୧୩"** । ଏହି ନୂଆ ଆଇନ୍‌ଟି ପୁରୁଣା ଜମି ଅଧିଗ୍ରହଣ ଆଇନ,୧୮୯୪ ବଦଳରେ ଲାଗୁ କରାଯାଇଅଛି । କିନ୍ତୁ ମୋଟାମୋଟି ଭାବରେ ଜମି ଅଧିଗ୍ରହଣ ଏବଂ କ୍ଷତିପୂରଣର ପ୍ରକ୍ରିୟା, ମୂଳ ଜମି ଅଧିଗ୍ରହଣ ଆଇନ୍ ୧୮୯୪ ରୁ ଗ୍ରହଣ କରାଯାଇଛି ।

## ଅକ୍ଷମତା (ସମାନ ସୁଯୋଗ ସମୁହ, ଅଧିକାର ସମୁହର ସୁରକ୍ଷା ଏବଂ ସଂପୂର୍ଣ୍ଣ ସଂପୃକ୍ତି) ଅଧୀନିୟମ, ୧୯୯୫

ଉକ୍ତ ଅଧୀନିୟମଟି ଶାରିରୀକ ସ୍ତରରେ ଅକ୍ଷମ ବ୍ୟକ୍ତି ବିଶେଷଙ୍କର ସଶକ୍ତୀକରଣ ପାଇଁ ଦର୍ଶନରେ ପଥ ପ୍ରଦର୍ଶନ କରାଏ । ଉକ୍ତ ଅଧୀନିୟମଟି ଗୋଟିଏ ପକ୍ଷରେ ସମାନତାର ବିକାଶ ଏବଂ ଅକ୍ଷମ ବ୍ୟକ୍ତିବିଶେଷଙ୍କର ସଂପୃକ୍ତି ପାଇଁ ଗୋଟିଏ ଦଲିଲର ପ୍ରବର୍ତ୍ତନ କରିବା ସ୍ଥଳେ ଅନ୍ୟ ପକ୍ଷରେ ସମସ୍ତ ପ୍ରକାରର ଭେଦଭାବ ସୃଷ୍ଟିର ହ୍ରାସ ଉପରେ ଗୁରୁତ୍ୱ ପ୍ରଦର୍ଶନ କରିଥାଏ ।

---------

# ଅଧ୍ୟାୟ-୨:

# ଅଧ୍ୟୟନ ଦଳ ଉଦ୍ଦେଶ୍ୟ ଓ ପଦ୍ଧତି

## ୨.୧ ଅଧ୍ୟୟନ

ରାଜ୍ୟରେ ସଡ଼କ ଭିତ୍ତିଭୂମିର ବିସ୍ତାର ପ୍ରକ୍ରିୟା, ରକ୍ଷାଣବେକ୍ଷଣ ସମ୍ବନ୍ଧରେ ଓଡ଼ିଶା ସରକାରଙ୍କର ନିରନ୍ତର ଯୋଜନା ସମ୍ବନ୍ଧରେ ଓଡିଶା ସରକାରଙ୍କ ପୂର୍ତ୍ତ ବିଭାଗ ରାଜ୍ୟର ରାଜଧାନିର ସଡକ ସଂଜାଲର ନିର୍ମାଣ ଓ ଉନ୍ନତିର ଆବଶ୍ୟକତାକୁ ଚିହ୍ନଟ କରିଛନ୍ତି । ଏହି ପରିପ୍ରେକ୍ଷୀରେ କ୍ୟାପିଟାଲ ରୋର୍ଡ ଡେଭଲପ୍‌ମେଣ୍ଟ ଫଣ୍ଡ (ଉଜଜଚ) ପ୍ରକଳ୍ପରେ ଓଡିଶାର ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱର ତହସିଲ ଅନ୍ତର୍ଗତ ହାତିଆଶୁଣି ଦେଇ ରେଳବିହାର ଠାରୁ ଏକାମ୍ରକାନନ ପର୍ଯନ୍ତ ୨୦୦ଫୁଟ ମାଷ୍ଟର ପ୍ଲାନ ରାସ୍ତା ନିର୍ମାଣ କରାଯିବ । ଏହି ରାସ୍ତାର ଉନ୍ନତିକରଣ ପାଇଁ ୧.୯୬୧ ଏକର ବେସରକାରୀ ଜମି ଅଧିଗ୍ରହଣ କରାଯିବ ଯାହାକି ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ତହସିଲ ଅନ୍ତର୍ଗତ ଜୟଦେବବିହାର ମୌଜାର ୱାର୍ଡ ନମ୍ବର ୧୬ରେ ଅବସ୍ଥିତ ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନର ଧାରା ୨୦୧୩ଧାରା ୪(କ) ଅନୁସାରେ ଜମିଅଧିଗ୍ରହଣ ପୂର୍ବରୁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯିବ । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କେନ୍ଦ୍ର ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ଭୁବନେଶ୍ୱର ତାହାର ଏକ ତାଲିକାଭୁକ୍ତ ସଂସ୍ଥା ***ଆର ଏ ସି*** ସଂସ୍ଥାକୁ ୧.୯୫୬ ଏକର ବେସରକାରୀ ଜମି ଅଧିଗ୍ରହଣ କରିବା ଉଦ୍ଦେଶ୍ୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବା ପାଇଁ ଦାୟିତ୍ୱ ନ୍ୟସ୍ତ କରିଛି । ଉକ୍ତ ଜମି ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱର ତହସିଲ ଓଡିଶାର ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଭୁବନେଶ୍ୱରର ଜୟଦେବ ବିହାର ଗ୍ରାମ ଅନ୍ତର୍ଗତ । ଏହି ଅଧ୍ୟୟନ କରିବା ପାଇଁ ଓଡ଼ିଶା ସରକାରଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତାଙ୍କର ଚିଠି ସଂଖ୍ୟା ଆର୍ ଡି ଏମ୍- ଏଲ୍ ଏ ଏ-କେ ଏଚ୍ ଡି-୦୦୧୦-୨୦୧୮/୧୮୯୩ ତା୧୦.୦୧.୨୦୨୦ ରେ ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଏହି ବିଜ୍ଞପ୍ତି ଅନୁସାରେ ***ଆର ଏ ସି*** ସଂସ୍ଥା ୧.୯୬୧ ଏକର ବେସରକାରୀ ଜମି ଅଧିଗ୍ରହଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି । ରାଜ୍ୟ ଏସ୍ ଆଇ ଏ ଦ୍ୱାରା ପ୍ରାରମ୍ଭିକ ଭାବେ ଜୟଦେବ ବିହାର ଗ୍ରାମର ୨୬ ଜଣ ପଞ୍ଜିକୃତ ପଟ୍ଟାଧାରକଙ୍କୁ ଚିହ୍ନଟ କରା ଯାଇଥିଲା ଯେଉଁମାନେକି ୧୫ଟି ପରିବାରରେ ବସବାସ କରୁଛନ୍ତି ଯେଉଁଥିରୁ କି ୨ଟି ପରିବାରକୁ ଚିହ୍ନଟ କରାଯାଇପାରିଲା ନାହିଁ । ସେ ଯାହାହେଉ, ତଥ୍ୟ ସଂଗ୍ରହ ସମୟରେ ସର୍ଭେ ଦଳ ଗୋଟିଏ ପରିବର୍ଦ୍ଧିତ ପରିବାର ସମେତ ୧୪ ଟି ପରିବାରକୁ ପାଇଥିଲା ତଦନୁଯାୟୀ ସର୍ଭେ କରାଯାଇଥିଲା । ଆହୁରି ମଧ୍ୟ କ୍ଷେତ୍ର କାର୍ଯ୍ୟକ୍ରମ ସମୟରେ ଏହି ତଥ୍ୟ ଉପଲବ୍ଧ ହେଲା ଯେ, ପ୍ରଦାନ କରାଯାଇଥିବା ସୂଚୀରେ ଥିବା କ୍ରମିକ ସଂଖ୍ୟା ନମ୍ବର ୨ ରେ ଗଣନା କରଯାଇଥିବା ନାରାୟଣ ଚନ୍ଦ୍ର ବିଶ୍ୱାଳ ନାମକ ଜନୈକ ବ୍ୟକ୍ତି ଯାହାର ଖାତା ନମ୍ବର ୧୭୫ ରେ ଥିବା ପ୍ଲଟ ନମ୍ବର *୬୪୬*/୨୩୩୩ ଜମି କୁ ସେ କଲ୍ୟାଣି ଲକ୍ଷ୍ମି ମହାନ୍ତି ସ୍ୱାମି- ବିଜୟାନନ୍ଦ ମହାନ୍ତି

ନାମକ ଜନୈକ ବ୍ୟକ୍ତିଙ୍କୁ ବିକ୍ରୟ କରିଦେଇଛନ୍ତି । ଏହା ଅଞ୍ଚଳରେ ଥିବା ଅନ୍ୟ ପଟ୍ଟାଦାର ବ୍ୟକ୍ତିମାନେ ମଧ୍ଯ ପ୍ରକାଶ କରିଥିଲେ ତେଣୁ ଜମିର ବର୍ତ୍ତମାନର ମାଲିକଙ୍କୁ ସର୍ଭେରେ ସାମିଲ କରାଯାଇଛି ।

**୨.୨ ଅଧ୍ୟୟନର ଉଦ୍ଦେଶ୍ୟ**

ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଉଦ୍ଦେଶ୍ୟଗୁଡିକ ହେଉଛି:

୧. ପ୍ରସ୍ତାବିତ ଜମି ଅଧିଗ୍ରହଣ ସର୍ବସାଧାରଣ ଉଦ୍ଦେଶ୍ୟରେ ହେଉଛି କି ନାହିଁ ତାହା ଆକଳନ କରିବା ।

୨. ପ୍ରଭାବିତ ପରିବାର ଗୁଡିକର ସଂଖ୍ୟା ଗଣନା କରିବା, ପରିବାର ଗୁଡିକର ପ୍ରକୃତ ପକ୍ଷେ କେତେ ଜମି ଅଛି, ସେହି ଆଧାରରେ ଜମିର କ୍ଷତି କେତେ ହେଉଛି,ତାହା ଆକଳନ କରିବା ଏବଂ ଜମି ଅଧିଗ୍ରହଣ ଯୋଗୁଁ ସେଥିମଧ୍ଯରୁ କେତୋଟି ପରିବାର ଶାରୀରିକ ଭାବରେ କିମ୍ବା ବୃତ୍ତିଗତ ଭାବରେ ବିସ୍ଥାପିତ ହେଉଛନ୍ତି ତାର ଆକଳନ କରିବା ।

୩. ପ୍ରସ୍ତାବିତ ଜମି ଅଧିଗ୍ରହଣ ଯୋଗୁଁ କେତେ ପରିମାଣର ସର୍ବସାଧାରଣ ଏବଂ ବ୍ୟକ୍ତିଗତ ଜମି, ବାସଗୃହ ଓ ଅନ୍ୟାନ୍ୟ ସର୍ବସାଧାରଣ ସମ୍ପତ୍ତି ପ୍ରଭାବିତ ହେଉଛି,ତାର ଆକଳନ କରିବା ।

୪. ଯେତିକି ପରିମାଣର ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବ ଦିଆଯାଇଛି ପ୍ରକଳ୍ପ ପାଇଁ ଅତିକମ୍‌ରେ ସେତିକି ପରିମାଣର ଜମି ଆବଶ୍ୟକ କି ନାହିଁ, ତାହା ପରୀକ୍ଷା କରିବା ।

୫. ବିକଳ୍ପ ସ୍ଥାନ ଯେଉଁଠାରେ କି କମ୍ ବିସ୍ଥାପନ ହେବାର ସମ୍ଭାବନା ଥିଲା ସେହିସ୍ଥାନ ବିଚାରକୁ ନିଆଯାଇଥିଲା କିନ୍ତୁ ସେହି ସ୍ଥାନ ପ୍ରକଳ୍ପ ନିମନ୍ତେ ଉପଯୁକ୍ତ ହେଲା ନାହିଁ ତାହା ଜାଣିବାକୁ ପ୍ରୟାସ କରିବା ।

**୨.୩ ଅଧ୍ୟୟନର ଧାରା :**

ଭାରତ ସରକାରଙ୍କ ନ୍ୟାୟୋଚିତ କ୍ଷତିପୂରଣ ଏବଂ ଭୂଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ଧାରା ୪(କ) ଅନୁଯାୟୀ ଯେ କୌଣସି ପ୍ରକାରର ପ୍ରକଳ୍ପ ନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ଜମିଅଧିଗ୍ରହଣ ପୂର୍ବରୁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବାଧ୍ୟତାମୂଳକ ଅଟେ । ଏହି ଆଧାରରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଭୁବନେଶ୍ୱର ତହସିଲର ହାତିଆଶୁଣି ଦେଇ ରେଳବିହାର ଠାରୁ ଏକାମ୍ରକାନନ ପର୍ଯନ୍ତ ୨୦୦ଫୁଟ ମାଷ୍ଟର ପ୍ଲାନ ରାସ୍ତା ନିର୍ମାଣ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି ।

ଏହି ଅଧ୍ୟୟନ ଦ୍ୱାରା ପ୍ରକଳ୍ପ ଅଞ୍ଚଳର ବର୍ତମାନର ସ୍ଥିତି ଓ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବଦଳିବା ସ୍ଥିତି ସମ୍ବନ୍ଧରେ ଧାରଣା କରି ହେବ । ନିୟମ ଅନୁସାରେ ପ୍ରକଳ୍ପଟିକୁ କେବଳ ସହମତି ଦିଆଯାଇପାରିବ ଯେତେବେଳେ ପ୍ରକଳ୍ପଟି ପ୍ରଭାବିତ ବ୍ୟକ୍ତିମାନଙ୍କର ଜୀବନଧାରଣର ମାନରେ ଉନ୍ନତି କରିବ । ଯେହେତୁ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଭୂଅର୍ଜନ ଓ ଲୋକମାନଙ୍କର ସ୍ଥାନାନ୍ତର ଆବଶ୍ୟକ ରହିଥାଏ, ସେଥିପାଇଁ ପୁନର୍ବାସ କାର୍ଯ୍ୟପ୍ରଣାଳୀ ଠିକ୍ ଭାବରେ ହେବା ଆବଶ୍ୟକ । ଏହି ଅଧ୍ୟୟନଟି ଜନଗଣନା ପଦ୍ଧତି ଅନୁସାରେ ସଂଗୃହିତ ଉଭୟ ପ୍ରାଥମିକ ଓ ପରୋକ୍ଷ ତଥ୍ୟ ତଥା ପ୍ରଭାବିତ ଲୋକମାନଙ୍କ ସର୍ବେକ୍ଷଣ ଏବଂ ଲୋକମାନଙ୍କ ସହଭାଗିତା କୌଶଳ ଏବଂ କାର୍ଯାଳୟରେ ବିଶ୍ଳେଷଣ

ଉପରେ ଆଧାରିତ । ପରୋକ୍ଷ ତଥ୍ୟଗୁଡିକ ଅଞ୍ଚଳରୁ ସଂଗୃହିତ ସୂଚନାର ନିଷ୍କର୍ଷକୁ ସତ୍ୟ ପ୍ରମାଣିତ କରିବାରେ ସହାୟକ ହେବ ।

ଏହି ଅଧ୍ୟୟନଟି ନିମ୍ନଲିଖିତ ତଥ୍ୟ ପ୍ରଦାନ କରିବ :

- ପ୍ରକଳ୍ପ ଅଞ୍ଚଳର ସାମାଜିକ ଅର୍ଥନୈତିକ ସ୍ଥିତି
- ପ୍ରକଳ୍ପର ସମ୍ଭାବ୍ୟ ପ୍ରଭାବ, ଏହାର ପରିମାଣ ଓ ପ୍ରକୃତି
- ସକରାତ୍ମକ ଓ ନକରାତ୍ମକ ଭାବେ ପ୍ରଭାବିତ ଗୋଷ୍ଠୀ
- ପ୍ରକଳ୍ପ ସମ୍ବନ୍ଧରେ ଓ ପ୍ରକଳ୍ପର ପ୍ରଭାବ ବିଷୟରେ ପ୍ରଭାବିତ ଲୋକମାନଙ୍କର ମତାମତ
- ପ୍ରକଳ୍ପର ପ୍ରଭାବକୁ କମ୍ କରିବା ପାଇଁ ସମ୍ଭାବ୍ୟ ପଦକ୍ଷେପ
- ପ୍ରଶମନ ଉପାୟଗୁଡିକୁ କାର୍ଯ୍ୟକାରୀ କରିବାରେ ଆନୁଷ୍ଠାନିକ ଦକ୍ଷତା

## ୨.୪ ଅଧ୍ୟୟନ ଦଳ:

ଅଧ୍ୟୟନ କରିବା ନିମନ୍ତେ ୫ ଜଣିଆ ଅଭିଜ୍ଞ ବିଶେଷଜ୍ଞ ଦଳ ଗଠନ କରାଯାଇଥିଲା । ଅଧ୍ୟୟନର ବିଭିନ୍ନ ସ୍ତରରେ ନିର୍ଦ୍ଧାରିତ ହୋଇଥିବା ବିଭିନ୍ନ କାର୍ଯ୍ୟ ନିମନ୍ତେ ହୋଇଥିବା ଯୋଜନା ଅନୁସାରେ ଟିମ୍ ସଦସ୍ୟମାନଙ୍କୁ ଦାୟିତ୍ଵ ବଣ୍ଟନ କରାଯାଇଥିଲା । ନିମ୍ନଲିଖିତ ସଦସ୍ୟମାନେ ଅଧ୍ୟୟନରେ କାର୍ଯ୍ୟ କରିଥିଲେ । ଦଳର ସଦସ୍ୟମାନେ ଜନଗଣନା ପଦ୍ଧତି ଅନୁସାରେ ତଥ୍ୟ ସଂଗ୍ରହ, କେନ୍ଦ୍ରୀଭୂତ ଦଳଗତ ଆଲୋଚନା, ସାମାଜିକ ଓ ସମ୍ବଳ ମାନଚିତ୍ର ଆଦି ପ୍ରସ୍ତୁତ କରିବାରେ ନିୟୋଜିତ ହୋଇଥିଲେ । ନିମ୍ନଲିଖିତ ସଦସ୍ୟମାନେ ବର୍ତ୍ତମାନର ଏହି ଅଧ୍ୟୟନ କାର୍ଯ୍ୟ ସମ୍ପାଦନରେ ସମ୍ପୃକ୍ତ ହୋଇଥିଲେ ।

**ସାରଣୀ-୨.୧ ଅଧ୍ୟୟନ ଦଳ**

| କ୍ର ସଂ | ନାମ | ପଦବି | ଶିକ୍ଷାଗତ ଯୋଗ୍ୟତା | ଅଭିଜ୍ଞତା |
|---|---|---|---|---|
| ୧ | ଡ଼. ସରୋଜ ରଞ୍ଜନ ମାଣିଆ | ଟିମ୍ ଲିଡର | ପି ଏଚ୍ ଡି | ୨୫ବର୍ଷ |
| ୨ | ହୃଷିକେଶ ଦାଶ | ସୁପରଭାଇଜର | ସ୍ନାତକୋତ୍ତର | ୨୨ବର୍ଷ |
| ୩ | ନିରଞ୍ଜନ ସାହୁ | ତଥ୍ୟ ସଂଗ୍ରହକାରୀ | ସ୍ନାତକୋତ୍ତର | ୧୫ବର୍ଷ |
| ୪ | ଅନସୁୟା ବେହେରା | ତଥ୍ୟ ସଂଗ୍ରହକାରୀ | ସୋସିଆଲ ୱାର୍କ ରେ ସ୍ନାତକୋତ୍ତର | ୭ବର୍ଷ |
| ୫ | ଅନୁରାଧା ପ୍ରିୟଦର୍ଶୀନି | ତଥ୍ୟ ପରିଚାଳନାକାରି | କମ୍ପ୍ୟୁଟର ବିଜ୍ଞାନରେ ସ୍ନାତକୋତ୍ତର | ୫ବର୍ଷ |

## ୨.୫ ଅଧ୍ୟୟନର ପଦ୍ଧତି:

ଅଧ୍ୟୟନର ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ଉଭୟେ ଜନଗଣନା ପଦ୍ଧତି ଓ ନମୁନା ପଦ୍ଧତିରେ ତଥ୍ୟ ସଂଗ୍ରହ କରାଯାଇଥିଲା । ପ୍ରତ୍ୟକ୍ଷ ଭାବରେ ପରିବାର ମାନଙ୍କଠାରୁ ଜନଗଣନା ପଦ୍ଧତିରେ ତଥ୍ୟ ସଂଗ୍ରହ ହୋଇଥିବା ବେଳେ ପରୋକ୍ଷ ଭାବେ ପରିବାରମାନଙ୍କଠାରୁ ସାଧାରଣ ନମୁନା ସର୍ଭେ ପ୍ରଣାଳୀରେ ମନ ମୁତାବକ ନମୁନା ବାଛି ସେମାନଙ୍କ ଠାରୁ ତଥ୍ୟ ସଂଗ୍ରହ କରାଯାଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ସମସ୍ତ ପ୍ରଭାବିତ ଲୋକମାନଙ୍କର ଏକ ତାଲିକା ପ୍ରସ୍ତୁତ

କରିବା ଓ ପ୍ରଭାବିତ ଲୋକମାନଙ୍କ ସମ୍ପତ୍ତି ଓ ଆୟର ଉତ୍ସ ଉପରେ ପ୍ରକଳ୍ପର ପ୍ରଭାବ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା । ଏହି ଅଧ୍ୟୟନ ପାଇଁ ନିମ୍ନଲିଖିତ ପଦ୍ଧତି ବ୍ୟବହାର କରାଯାଇଥିଲା ।

କ) ପରୋକ୍ଷ ତଥ୍ୟ ଗୁଡ଼ିକର ସମୀକ୍ଷା, କ୍ଷେତ୍ର ପରିଦର୍ଶନ ଏବଂ ପ୍ରକଳ୍ପ ଅଞ୍ଚଳର ସୀମା ଓ ପ୍ରକଳ୍ପ ପ୍ରଭାବିତ ପରିବାର ଚିହ୍ନଟ,

ଖ) ଜନଗଣନା ସର୍ଭେ ଓ ପରିବର୍ଦ୍ଧିତ ପରିବାରର ଚିହ୍ନଟ

ଗ) ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ପରିବାର ଓ ୫% ପରୋକ୍ଷ ଭାବେ ପ୍ରଭାବିତ ପରିବାର ମାନଙ୍କଠାରୁ ତଥ୍ୟ ସଂଗ୍ରହ

ଘ) ସର୍ବସାଧାରଣ ପରାମର୍ଶ ଓ କେନ୍ଦ୍ରୀଭୂତ ଦଳଗତ ଆଲୋଚନା

ଙ) ସରକାରୀ ବିଭାଗରୁ ପରୋକ୍ଷ ତଥ୍ୟ ସଂଗ୍ରହ

ଚ) ପ୍ରକଳ୍ପର ସାମାଜିକ ପ୍ରଭାବ ଆକଳନ


ଛ) ସାମାଜିକ ପ୍ରଭାବ ଆକଳନ ବିବରଣୀ ପ୍ରସ୍ତୁତି ଓ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତ କରିବା

ଜ) ପ୍ରଭାବିତ ଲୋକମାନଙ୍କ ମତାମତ ଜାଣିବା ନିମନ୍ତେ ପ୍ରଭାବିତ ଅଞ୍ଚଳରେ ଜନ ଶୁଣାଣୀ କରାଇବା

ଝ) ଚୂଡ଼ାନ୍ତ ବିବରଣୀ ପ୍ରସ୍ତୁତି ଓ ଦାଖଲ

୧୪ ଟି ପ୍ରକଳ୍ପ ପ୍ରଭାବିତ ପରିବାରକୁ ସାମିଲ କରି ସର୍ଭେ କାର୍ଯ୍ୟ କରା ଯାଇଥିଲା । ଜୟଦେବ ବିହାରର ୱାର୍ଡ ନମ୍ବର ୧୬ ଠାରେ ୧୪ ଟି ପ୍ରକଳ୍ପ ପ୍ରଭାବିତ ପରିବାରର ସର୍ଭେ କାର୍ଯ୍ୟ କରା ଯାଇଥିଲା । ଏତଦ୍ ବ୍ୟତିତ ରାସ୍ତା ପ୍ରକଳ୍ପ ସମ୍ବନ୍ଧରେ ମତାମତ ଜାଣିବା ନିମନ୍ତେ ନମୁନା ଆକାରରେ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ୧୦ ଟି ଜମି ହରାଉନଥିବା ପରିବାରର ମଧ୍ୟ ସର୍ଭେ କାର୍ଯ୍ୟ କରା ଯାଇଥିଲା ।

**ଚିତ୍ର-୧; ବିଭିନ୍ନ ପର୍ଯ୍ୟାୟରେ ଅଧ୍ୟୟନର ଦୃଷ୍ଟିକୋଣ ଓ ପଦ୍ଧତି**



## ୨.୬ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ

**୨.୬.୧ ପ୍ରାସଙ୍ଗିକ ଦସ୍ତାବିଜଗୁଡିକର ସମୀକ୍ଷା-** ସାମାଜିକ ପ୍ରଭାବ ଆକଳନର ପୃଷ୍ଠଭୂମିକୁ ବୁଝିବା ପାଇଁ ଏହା ପୂର୍ବରୁ କାର୍ଯ୍ୟାଳୟ ସ୍ତରରେ ବ୍ୟାପକ ଗବେଷଣା କରାଯାଇଥିଲା । ତଦନୁଯାୟୀ ସାମାଜିକ ପ୍ରଭାବ ଆକଳନର ପ୍ରକ୍ରିୟା, ପରିଚାଳନା ଯୋଜନା, ଜନଶୁଣାଣି ଆଦି ସମ୍ବନ୍ଧରେ ଅବଗତ ହେବା ନିମନ୍ତେ ବିଭିନ୍ନ ବିବରଣୀ, ଅଧ୍ୟୟନ ବିବରଣୀ, ପ୍ରଜୁଜ୍ୟ ବିଭିନ୍ନ ଆଇନ୍ ଓ ନୀତିନିୟମ, ଗବେଷଣାମୂଳକ ପ୍ରକାଶନ, ବିଭିନ୍ନ ରିପୋର୍ଟ, ଏଥିପାଇଁ ସମୀକ୍ଷା କରାଯାଇଥିଲା ।

**୨.୬.୨ କ୍ଷେତ୍ର ପରିଦର୍ଶନ, ପରାମର୍ଶ ଏବଂ ସୂଚନା ପ୍ରଚାର ପ୍ରସାର** - କ୍ଷେତ୍ର କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଅଧ୍ୟୟନ ଦଳ ସ୍ଥାନୀୟ ଅଞ୍ଚଳର ଭୌଗଳିକ ସ୍ଥିତି, ଭୂପୃଷ୍ଠ, ସାମାଜିକ ଭିତ୍ତିଭୂମି, ପ୍ରଭାବିତ ଲୋକ ଓ ସେମାନଙ୍କ ସାମାଜିକ-ସାଂସ୍କୃତିକ ଜୀବନ ସମ୍ବନ୍ଧରେ ଅବଗତ ହେବା ନିମନ୍ତେ ଅନେକ ଥର ପରିଦର୍ଶନ କରିଥିଲେ । ପ୍ରକଳ୍ପ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ଏବଂ ଅଧ୍ୟୟନ ସମ୍ପର୍କରେ ତଥ୍ୟ ଆଦାନ ପ୍ରଦାନ କରିବାକୁ ଗବେଷକ ଦଳ ପ୍ରକଳ୍ପ ଅଞ୍ଚଳର ବିଭିନ୍ନ ହିତାଧିକାରୀମାନଙ୍କ ସହ ପରାମର୍ଶ କରିଥିଲେ ଏବଂ ସେମାନଙ୍କ ସହ ଆଲୋଚନା କରିଥିଲେ ।

**୨.୬.୩ ପାରିବାରିକ ତଥ୍ୟ ସଂଗ୍ରହ** - ଜନଗଣନା ପଦ୍ଧତିରେ ସର୍ଭେ କରିବାକୁ ପୂର୍ବରୁ ପରୀକ୍ଷା କରାଯାଇଥିବା ପରିବାର ସାକ୍ଷାତକାର ଅନୁସୂଚୀ (ଐକ୍ଟଙ୍କଶ୍ବରଷକ୍ଟଷୟ ଓଭଶ୍ବରକ୍ୱଙ୍ଗସରଙ୍ଗ ଝମଷରୟଙ୍କଷର) ବ୍ୟବହାର କରାଯାଇ ଘର କୁ ଘର ବୁଲି ତଥ୍ୟ ସଂଗ୍ରହ କରା ଯାଇଥିଲା । ଏହି ସର୍ଭେ ଅନୁସୂଚୀରେ ଅନ୍ତର୍ଭୁକ୍ତ କରାଯାଇଥିବା ବିଷୟଗୁଡିକ ହେଲା; ପ୍ରକଳ୍ପ ପ୍ରଭାବିତ ପରିବାର / ପ୍ରକଳ୍ପ ପ୍ରଭାବିତ ଲୋକମାନଙ୍କ ଚିହ୍ନଟ କରିବା ଉପାୟ, ସାମାଜିକ ପାର୍ଶ୍ୱଚିତ୍ର, ପରିବାରର ବିସ୍ତୃତ ବିବରଣୀ, ରୋଜଗାର ପନ୍ଥା, ଆୟର ଉତ୍ସ, ପରିବାରର ଖର୍ଚ୍ଚ, ପରିବାରର ସମ୍ପତ୍ତି, ପ୍ରଭାବିତ ହେଉଥିବା ଢାଞ୍ଚା ସମ୍ପର୍କରେ ସୂଚନା, ବ୍ୟବସାୟିକ/ ଆତ୍ମନିଯୁକ୍ତି ମୂଳକ କାର୍ଯ୍ୟ, ନିଯୁକ୍ତିର ବିବରଣୀ ଏବଂ ପ୍ରକଳ୍ପ ସମ୍ବନ୍ଧରେ ପ୍ରକଳ୍ପ ପ୍ରଭାବିତ ଲୋକମାନଙ୍କର ମତାମତ ତଥା ପୁର୍ନବାସ ଓ ଥଇଥାନ ଆବଶ୍ୟକତା ଉପରେ ମତାମତ ।

**୨.୬.୪ କେନ୍ଦ୍ରୀଭୂତ ଦଳଗତ ଆଲୋଚନ(ଏଫ୍‌ଜିଡି) ଓ ସହଭାଗି ଗ୍ରାମ୍ୟ ଅବଧାରଣା(ପିଆରଏ) ମାଧ୍ୟମରେ ଲୋକମାନଙ୍କ ସହ ବିଚାର ବିମର୍ଷ ଆୟୋଜନ-** ପ୍ରାଥମିକ ସୂତ୍ରରୁ ବିଭିନ୍ନ ପ୍ରକାର ପରିମାଣାତ୍ମକ ଓ ଗୁଣାତ୍ମକ ତଥ୍ୟ ସଂଗ୍ରହ କରିବା ପାଇଁ ଅନେକ ଗୁଡିଏ କେନ୍ଦ୍ରୀଭୂତ ଦଳଗତ ଆଲୋଚନ(ଏଫ୍‌ଜିଡି)ଏବଂ ଗୋଷ୍ଠୀର ସଦସ୍ୟମାନଙ୍କ ସହିତ ଆଲୋଚନାର ଆୟୋଜନ କରାଯାଇଥିଲା । ଅଧ୍ୟୟନ ଅଞ୍ଚଳରେ ପ୍ରଭାବିତ ଲୋକମାନଙ୍କର ନିର୍ଦ୍ଦିଷ୍ଟ ଦଳଭିତ୍ତିରେ ଏଫଜିଡି କରାଯାଇଥିଲା । ପ୍ରଭାବିତ ଗ୍ରାମରେ ପ୍ରସ୍ତାବିତ ରାସ୍ତା ଉନ୍ନତିକରଣ ସମ୍ବନ୍ଧରେ ଲୋକମାନଙ୍କର ଧାରଣା ଓ ମତାମତ ଜାଣିବାପାଇଁ ସହଭାଗି ଗ୍ରାମ୍ୟ ଅବଧାରଣା(ପିଆରଏ) କୌଶଳ ଯଥା ସୋସିଆଲ୍ ମ୍ୟାପିଂ ଏବଂ ରିସୋର୍ସ ମ୍ୟାପିଂ କରାଯାଇଥିଲା ।

**୨.୬.୫ ତଥ୍ୟ ବିଶ୍ଳେଷଣ ଏବଂ ରିପୋର୍ଟ ପ୍ରସ୍ତୁତି** – ପ୍ରଥମ ଚରଣରେ ପରୋକ୍ଷ ତଥ୍ୟଗୁଡ଼ିକର ବିଶ୍ଳେଷଣ କରାଯାଇ ସାମାଜିକ ପ୍ରଭାବ ଆକଳନର ସମ୍ପୁର୍ଣ୍ଣ ପ୍ରକ୍ରିୟାରେ ଆବଶ୍ୟକ ପ୍ରସଙ୍ଗ ଆକାରରେ ବ୍ୟବହାର କରାଯାଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ପରିମାଣାତ୍ମକ ତଥ୍ୟର ଯାଞ୍ଚ, କୋର୍ଡିଂ, କମ୍ପ୍ୟୁଟରରେ ଏଣ୍ଟ୍ରି, ଏଣ୍ଟ୍ରିରେ ଥିବା ତ୍ରୁଟି ସୁଧାରିବା ପ୍ରଭୃତି କାର୍ଯ୍ୟ କରାଯାଇଥିଲା । ବିଭିନ୍ନ ସାରଣୀ ଓ ଗ୍ରାଫ୍ ବ୍ୟବହାର କରାଯାଇ ପ୍ରାଥମିକ ତଥ୍ୟ ଗୁଡିକର ବିବରଣାତ୍ମକ ପରିସଂଖ୍ୟାନ ପଦ୍ଧତିରେ ବିଶ୍ଳେଷଣ କରାଯାଇଛି । ସେ ଯାହାହେଉ, ବିଭିନ୍ନ ଉତ୍ସରୁ ସଂଗୃହିତ ବିଭିନ୍ନ ପ୍ରକାରର ତଥ୍ୟ ଆଧାରରେ ସାମାଜିକ ପ୍ରଭାବ ଆକଳନ ବିବରଣୀ ର ଉନ୍ନତି କରାଯାଇଛି ।

**୨.୬.୬ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତି (ଋଓଗଚ)**– ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ସାମାଜିକ ପ୍ରଭାବ ଆକଳନ ସମୟରେ ଚିହ୍ନଟ କରାଯାଉଥିବା ପ୍ରଭାବ ଆଧାରରେ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତ କରିଥିଲେ । ସାମାଜିକ ପ୍ରଭାବ ପରିଚାଳନା ଯୋଜନାର ଲକ୍ଷ୍ୟ ଥିଲା ପ୍ରଭାବିତ ଅଞ୍ଚଳରେ ପରିବାରର ଦୁଃଖକୁ ହ୍ରାସ କରିବା ଏବଂ ପ୍ରକଳ୍ପ ହେତୁ ଘଟୁଥିବା ବିପରିତ ପ୍ରଭାବ ନିମନ୍ତେ କ୍ଷତିପୁରଣ ପ୍ରଦାନ କରିବା । ଏହି ଯୋଜନାରେ ପ୍ରଭାବ ଉପଶମ କରିବାର ସାଧ୍ୟତା, ପରିଚାଳନାର ରଣନୀତି ସମେତ ଖର୍ଚ୍ଚର ସଠିକ୍ ସୂଚନା ଆବଶ୍ୟକ ସମୟ ଏବଂ ଦକ୍ଷତା ପ୍ରଭୃତି ଅନ୍ତର୍ଭୁକ୍ତ । ଗ୍ରାମ ପଞ୍ଚାୟତରେ ବଣ୍ଟନ କରାଯିବା ନିମନ୍ତେ ଏହି ସାମାଜିକ ପ୍ରଭାବ ପରିଚାଳନା ଯୋଜନାଟିକୁ ପ୍ରଭାବିତ ଅଞ୍ଚଳର ସ୍ଥାନୀୟ ଭାଷା ଅର୍ଥାତ 'ଓଡିଆ' ଭାଷାରେ ପ୍ରସ୍ତୁତ କରାଯାଇଛି ।

**୨.୭ ଜନ ଶୁଣାଣି** – ଆର୍ ଏଫ୍ ସି ଟି ଏଲ୍ ଏ ଆର୍ ଆଣ୍ଡ ଆର୍ ଅଧିନିୟମ ୨୦୧୩ ର ଭାଗ ୫ ଅନୁଯାୟୀ ଜମି ଅଧିଗ୍ରହଣ ସମ୍ବନ୍ଧରେ ପ୍ରଭାବିତ ଲୋକମାନଙ୍କର ମତାମତ ଜାଣିବା ନିମନ୍ତେ ସ୍ଥାନ ସମୟ, ତାରିଖ, ଇତ୍ୟାଦି ବହୁ ପୂର୍ବରୁ ଅଞ୍ଚଳବାସୀମାନଙ୍କୁ ଜଣାଇ ଦିଆଯାଇ ଜନଶୁଣାଣିର ଆୟୋଜନ କରାଗଲା । ଜିଲ୍ଲାର ସମ୍ପୃକ୍ତ ଅଧିକାରୀ ଏବଂ ଜମି ଆବଶ୍ୟକ କରୁଥିବା ସଂସ୍ଥାର ଉପସ୍ଥିତିରେ ସମ୍ପୃକ୍ତ ଜମି ଅଧିଗ୍ରହଣ ଅଧିକାରୀ ଏବଂ ***"ରିସର୍ଚ୍ଚ ଆଣ୍ଡ ଆନାଲିସିସ କନସଲଟାଣ୍ଟ (ଜଇଉ)"*** ଦଳ ସଭା ପରିଚାଳନା କରି ସାମାଜିକ ପ୍ରଭାବ ଆକଳନ ବିବରଣୀ ଉପସ୍ଥାପନ କଲେ । ଜନଶୁଣାଣି ସରିବା ପରେ ଯାହାସବୁ ମତାମତ ମିଳିଲା, ଗବେଷକ ଦଳ ତାର ବିଶ୍ଳେଷଣ କରି ଜନଶୁଣାଣିରୁ ମିଳିଥିବା ତଥ୍ୟର ମୁଖ୍ୟାଂଶକୁ ରାଜ୍ୟ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ୟୁନିଟ୍‌କୁ ଦିଆଯିବାକୁ ଥିବା ଚୂଡାନ୍ତ ରିପୋର୍ଟରେ ସାମିଲ୍ କରିଛନ୍ତି ।

**୨.୮ ବ୍ୟବହୃତ କୌଶଳ**

ସର୍ଭେ କରାଯାଇଥିବା ଗ୍ରାମଗୁଡିକରେ ତଥ୍ୟ ସଂଗ୍ରହ କରିବା ପାଇଁ ଚାରି ପ୍ରକାର କୌଶଳ ବ୍ୟବହାର କାରାଯାଇଥିଲା । ସେହି କୌଶଳଗୁଡ଼ିକ ହେଲା –

- ପରିବାର ସାକ୍ଷାତକାର ସୂଚୀ
- ସାଧାରଣ, ସାମାଜିକ ଓ ସାଂସ୍କୃତିକ ଭିତ୍ତିଭୂମିର ତଥ୍ୟାବଳୀ
- କେନ୍ଦ୍ରୀଭୂତ ଦଳଗତ ଆଲୋଚନାର ନିର୍ଦ୍ଦେଶିକା
- ସାମାଜିକ ଓ ପ୍ରାକୃତିକ ସମ୍ବଳର ମାନଚିତ୍ର

### ୨.୯ ଅଧ୍ୟୟନର ସୀମାବଦ୍ଧତା :

ସାମାଜିକ ପ୍ରଭାବ ଆକଳନ ସମୟରେ ଅଧ୍ୟୟନ ଦଳ ଅନେକ ସମୟରେ ଅନେକ ସୀମାବଦ୍ଧ ପରିସ୍ଥିତିର ସମ୍ମୁଖୀନ ହୋଇଛି । ଅଧ୍ୟୟନ ଦଳ ଦ୍ୱାରା ଏହାକୁ ସମାଧାନ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ତଥ୍ୟ ସଂଗ୍ରହ ପ୍ରକ୍ରିୟା ସମୟରେ ଅଧ୍ୟୟନ ଦଳ ଦ୍ୱାରା ସମ୍ମୁଖିନ ହୋଇଥିବା ସୀମାବଦ୍ଧତାଗୁଡ଼ିକ ନିମ୍ନରେ ପ୍ରଦାନ କରାଯାଇଛି :-

- ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ନିମନ୍ତେ ୧୦ ଜାନୁୟାରୀ, ୨୦୨୦ ରେ ଅଧିସୂଚନା ଜାରି ହୋଇଥିଲା ଏବଂ ସେହି ଅନୁଯାୟୀ ସାମାଜିକ ପ୍ରଭାବ ଆକଳନ କରାଯାଇ ଚିଠା ବିବରଣୀ ଉପସ୍ଥାପନ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ୨୬ ଫେବୃୟାରୀ, ୨୦୨୦ ରିଖରେ ଜନ-ଶୁଣାଣି ପାଇଁ ଅଧିସୂଚନା ଜାରି କରିଥିଲେ ଏବଂ ସେହି ନିର୍ଦ୍ଦେଶ ମୁତାବକ ଜନ-ଶୁଣାଣି କାର୍ଯ୍ୟକ୍ରମ କରାଯାଇଥିଲା । ଏଥିଅନ୍ତେ ସମୟ ଅନୁଯାୟୀ ଚୁଡାନ୍ତ ବିବରଣୀ ଉପସ୍ଥାପନ ନିମନ୍ତେ ପ୍ରସ୍ତୁତି କରାଯାଉଥିଲା କିନ୍ତୁ କରୋନା ମହାମାରୀ ଯୋଗୁଁ ଏହା ବିଳମ୍ବ ହେଲା ।
- ଅଧ୍ୟୟନଟି କେବଳ ଜୟଦେବ ବିହାର ଗ୍ରାମର ପ୍ରଭାବିତ ଗ୍ରାମ ମଧ୍ୟରେ ସୀମିତ ଥିଲା
- ଅସମ୍ପୂର୍ଣ୍ଣ ଦସ୍ତାବିଜ - ଯେହେତୁ କେତେକ ପ୍ରଭାବିତ ପରିବାର ଯୋଗାଯୋଗ ନିମନ୍ତେ କୌଣସି ଠିକଣା ଛାଡି ନଯାଇ ଦୂର ସ୍ଥାନକୁ ଚାଲି ଯାଇଛନ୍ତି ତେଣୁ ଉତ୍ତରଦାତାମାନଙ୍କ ସହ ଯୋଗାଯୋଗ କରାଯାଇପାରିଲା ନାହିଁ ।
- ପ୍ରକୃତ ପ୍ରଭାବ ସମ୍ଭାବିତ ଲୋକମାନଙ୍କ ସହ ଅଲଗା ହୋଇପାରେ କାରଣ ବାସ୍ତବିକ ଦୁନିଆ କୁ ଠିକ ଭାବରେ ଅନୁମାନିତ କରାଯାଇ ପାରିବ ନାହିଁ ।
- ପ୍ରକଳ୍ପ ଅଞ୍ଚଳରୁ ମିଳିଥିବା ପ୍ରାଥମିକ ତଥ୍ୟ କୁ ଯାଞ୍ଚ କରିବା ନିମନ୍ତେ ବ୍ୟାପକ ପରୋକ୍ଷ ତଥ୍ୟ ଉପଲବ୍ଧ ହେଲା ନାହିଁ । ତେଣୁ ବ୍ୟାଖ୍ୟାର ବିଶ୍ଳେଷଣ ରେ ସାମାନ୍ୟ ଭୁଲ ରହିଥିବାକୁ ଅସ୍ୱୀକାର କରଯାଇନପାରେ ।

### ୨.୧୦ ଅଧ୍ୟାୟର ରୂପରେଖ:

ଅଧ୍ୟୟନର ବିବରଣୀଟି ୭ଟି ଅଧ୍ୟାୟରେ ବିଭକ୍ତ ପ୍ରଥମ ଅଧ୍ୟାୟଟି ଉପକ୍ରମ ଯେଉଁଥିରେ ପ୍ରକଳ୍ପର ପୃଷ୍ଠଭୂମି ବର୍ଣ୍ଣନା ଓ ସରକାରୀ ନୀତି ଓ ଆଇନଗତ ଆଧାରର ବିଶ୍ଳେଷଣ ଆଦି ସାମିଲ ଅଛି । ଦ୍ୱିତୀୟ ଅଧ୍ୟାୟରେ ଅଧ୍ୟୟନର ଉଦ୍ଦେଶ୍ୟ ପ୍ରଣାଳୀ ଓ ସୀମାବଦ୍ଧତା ଇତ୍ୟାଦି ବର୍ଣ୍ଣନା କରାଯାଇଛି । ପ୍ରକଳ୍ପ ଅଞ୍ଚଳର ପାର୍ଶ୍ୱଚିତ୍ର ଓ ପ୍ରଭାବିତ ପରିବାରମାନଙ୍କର ବିବରଣୀ ଇତ୍ୟାଦି ସମ୍ବନ୍ଧରେ ତୃତୀୟ ଅଧ୍ୟାୟରେ ଆଲୋକପାତ କରାଯାଇଛି । ଚତୁର୍ଥ ଅଧ୍ୟାୟରେ ପ୍ରକଳ୍ପର ଜମି ସମ୍ବନ୍ଧରେ ବିଶ୍ଳେଷଣ କରା ଯାଇଛି । ପ୍ରକଳ୍ପର ବିଭିନ୍ନ ପ୍ରକାର ପ୍ରଭାବର ବିଶ୍ଳେଷଣ, ପ୍ରଭାବିତ ପରିବାରମାନଙ୍କର ଧାରଣା ସମେତ ସାମାଜିକ ପ୍ରଭାବ ପରିଚ୍ଳଳନା ଯୋଜନା ବିଷୟରେ ପଞ୍ଚମ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି । ଷଷ୍ଠ ଅଧ୍ୟାୟରେ ଜନଶୁଣାଣିର ବିବରଣୀ ଓ ସପ୍ତମ ଅଧ୍ୟାୟରେ ସାମାଜିକ ମୂଲ୍ୟ ଲାଭର ବିଶ୍ଳେଷଣ ଓ ଆବଶ୍ୟକ କାର୍ଯ୍ୟକାରିତା ନିମନ୍ତେ ସୁପାରିଶ ସମ୍ବନ୍ଧରେ ଆଲୋଚନା କରାଯାଇଛି ।

# ଅଧ୍ୟାୟ-୩:
# ଅଧ୍ୟୟନ ଅଞ୍ଚଳ ଓ ପ୍ରଭାବିତ ପରିବାର ସାମାଜିକ ଓ ଅର୍ଥନୈତିକ ସ୍ଥିତି

## ୩.୧ ଅଧ୍ୟୟନ ଜିଲ୍ଲା : ଖୋର୍ଦ୍ଧା

ଖୋର୍ଦ୍ଧା ଜିଲ୍ଲା ଓଡ଼ିଶାର ପୂର୍ବ ପାର୍ଶ୍ୱରେ ୨୮୧୩ ବର୍ଗ କି.ମି. ଅଞ୍ଚଳକୁ ନେଇ ଅବସ୍ଥିତ । ଏହା ୧ ଏପ୍ରିଲ ୧୯୯୩ ମସିହାରେ ପୁରୀ ଜିଲ୍ଲାରୁ ବିଭାଜନ ହୋଇ ତିନୋଟି ଜିଲ୍ଲା ଯଥା ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଭାବରେ ଗଠନ କରାଯାଇଛି । ଇତିହାସରେ ଏହି ଜିଲ୍ଲାର ମାହାତ୍ମ୍ୟ ମଧ୍ୟ ଅଧିକ ରହିଛି । ଭୌଗଳିକ ଦୃଷ୍ଟି କୋଣରୁ ଏହା ୮୪୦ ୫୫’ ୮୬’’ ପୂର୍ବ ଅକ୍ଷାଂଶ ଓ ୧୯୦ ୫୫’ ୨୦’’ ଉତ୍ତର ଦ୍ରାଘିମା ମଧ୍ୟରେ ଅବସ୍ଥିତ । ଏହି ଜିଲ୍ଲାର ଉତ୍ତରରେ କଟକ ଜିଲ୍ଲା, ପଶ୍ଚିମରେ ନୟାଗଡ଼ ଜିଲ୍ଲା, ପୂର୍ବରେ ପୁରୀ ଜିଲ୍ଲା ଓ ଦକ୍ଷିଣରେ ଗଞ୍ଜାମ ଜିଲ୍ଲା ଅବସ୍ଥିତ । ଏହି ଜିଲ୍ଲାରେ ସାଧାରଣ ତାପମାତ୍ରା ଅବିଭୂତ ହୁଏ ଯାହାକି ସର୍ବାଧିକ ୪୨.୨୦ ସେଲ୍‌ସିୟସ ଓ ସର୍ବନିମ୍ନ ୧୧.୧୦ ସେଲ୍‌ସିୟସ ।




ଚିତ୍ର -୨ ଖୋର୍ଦ୍ଧାଜିଲ୍ଲାର ମାନଚିତ୍ର

ପ୍ରଶାସନର ସୁବିଧା ପାଇଁ ଜିଲ୍ଲାକୁ ୨ଗୋଟି ଉପଖଣ୍ଡରେ ଭାଗ କରାଯାଇଛି ତାହାହେଲା ଖୋର୍ଦ୍ଧା ଏବଂ ଭୁବନେଶ୍ୱର ସେଥିମଧ୍ୟରୁ ଭୂବନେଶ୍ୱର ଉପଖଣ୍ଡ ଟି ଡେଲ୍ଟାଇକ ଆଲୁଭିଆନ୍ ଭୂମି ଅଞ୍ଚଳ ଯାହା କି ୩ ଟି ବ୍ଲକକୁ ନେଇ ଗଠିତ ଯଥା-ବାଲିଅନ୍ତା, ବାଲିପାଟଣା, ଚିଲିକା ଯେତେବେଳେ କି ଅବଶିଷ୍ଟ ୭ ଟି ବ୍ଲକ ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ଯଥା ବାଣପୁର, ବେଗୁନିଆ, ଭୁବନେଶ୍ୱର, ବୋଲଗଡ଼, ଜଟଣୀ, ଖୋର୍ଦ୍ଧା ଏବଂ ଟାଙ୍ଗି ଲାଟ୍ରିଟିକ ଉପଖଣ୍ଡରେ ଗଠିତ ହୋଇଛି । ଜିଲ୍ଲାରେ ମୋଟ ଲୋକ ସଂଖ୍ୟା ୨୨,୫୧,୬୭୩ ଯେଉଁମାନେ କି ଜିଲ୍ଲାର ୧୬୮ ଟି ପଞ୍ଚାୟତ ଏବଂ ୫ଟି ସହରାଞ୍ଚଳରେ ବସବାସ କରନ୍ତି । ଜିଲ୍ଲାର ବିସ୍ତୃତ ପାର୍ଶ୍ୱଚିତ୍ର ସାରଣୀ ୩.୧ରେ ବର୍ଣ୍ଣନା କରାଯାଇଛି ।

ଜିଲ୍ଲାର ଲୋକମାନଙ୍କ ଆୟର ମୂଖ୍ୟ ଉତ୍ସ କୃଷି ଅଟେ । ସାଧାରଣତଃ ଅଧିକାଂଶ ଶସ୍ୟ ଖରିଫ ଓ ରବି ଋତୁରେ ହିଁ ଉତ୍ପାଦନ କରାଯାଏ ଏବଂ ଜିଲ୍ଲାର ସମୁଦାୟ ଚାଷ ଅଞ୍ଚଳ ୨୦୯୮୭ ହେକ୍ଟର । ଜିଲ୍ଲାରେ ମୋଟ ଜଳସେଚନ କ୍ଷମତା ଥିବା ଅଞ୍ଚଳ ୫୭୩୦୫ ହେକ୍ଟରକୁ ବ୍ୟାପ୍ତ ଏବଂ ନେଟ ଜଳସେଚନ ହେଉଥିବା ଅଞ୍ଚଳ ୫୦୧୫୧ ହେକ୍ଟର ଅଟେ । ଉଷ୍ମ ତଟବନ୍ଧୀୟ ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଧାନ ଗୋଟିଏ ମୁଖ୍ୟ ଫସଲ ଏବଂ ଖରିଫ ଓ ରବି ଋତୁରେ ଜିଲ୍ଲାରେ ଏହା ପ୍ରଭୂତ ପରିମାଣରେ ଚାଷ କରାଯାଏ । ଚାଷ ହେଉଥିବା ସମୁଦାୟ ଅଞ୍ଚଳ ମଧ୍ୟରୁ ବୃହତ ଅଞ୍ଚଳରେ ଅର୍ଥାତ ୮୫% ଅଞ୍ଚଳରେ ଧାନ ଚାଷ କରାଯାଏ । ଧାନ ବ୍ୟତିତ ଜିଲ୍ଲାରେ ଉତ୍ପାଦନ ହେଉଥିବା ଅନ୍ୟ

ଫସଲଗୁଡିକ ହେଲା ମାଣ୍ଡିଆ, ମକା, ମୁଗ, ବିରି, ଚିନାବାଦାମ, ରାଶି, ଶୋରିଷ,ଫେଶି, ଆଖୁ ଏବଂ ଆଳୁ ଇତ୍ୟାଦି । ଏହି ପରିପ୍ରେକ୍ଷିରେ ପରିସଂଖ୍ୟାନ ତଥ୍ୟରୁ ଜଣାଯାଏ ଯେ, ୨୦୧୩-୧୪ରେ ନେଟ ଜଳସେଚିତ ଅଞ୍ଚଳ ୫୫୯୬୦ ହେକ୍ଟର ଥିଲା ଯେତେବେଳେ କି ସମଗ୍ର ରାଜ୍ୟରେ ଏହି ପରିମାଣ ୨୨୫୩୬୭୦ ହେକ୍ଟର ଥିଲା ।

ଜିଲ୍ଲାରେ ପେଶାଗତ ବର୍ଗୀକରଣ ଦର୍ଶାଉଛି କି ଜିଲ୍ଲାରେ ୨୩୨୬୨୫ ମୁଖ୍ୟ ଶ୍ରମିକ ଏବଂ ୧୫୯୫୬୮ ନାମମାତ୍ର ଶ୍ରମିକ ଅଛନ୍ତି । ମୁଖ୍ୟ ଶ୍ରମିକମାନଙ୍କ ମଧ୍ୟରୁ ୭୯୭୯୩(୩୪.୩%) କୃଷକ ଏବଂ ୬୪୦୭୨(୨୭.୫%)ଜଣ କୃଷି ଶ୍ରମିକ ଅଟନ୍ତି । ଏହାର ଅର୍ଥ ଏହି କି ଯେ, ୬୦%ରୁ ଅଧିକ କର୍ମଜୀବି କୃଷି କାର୍ଯ୍ୟରେ ସାମିଲ ଅଛନ୍ତି । ଏହା ବ୍ୟତିତ ଜିଲ୍ଲାରେ ଥିବା ମୁଖ୍ୟ ବ୍ୟବାସାୟିକ ତଥା ଶିକ୍ଷାଞ୍ଚଳ ଯଥା ଭୁବନେଶ୍ୱର, ଜଟଣୀ ଏବଂ ଖୋର୍ଦ୍ଧା ବାଣପୁର , ଇଟାମାଟି ଲୋକମାନଙ୍କୁ ସେବା ଏବଂ ଉଦ୍ୟୋଗ କ୍ଷେତ୍ରରେ ଅନେକଗୁଡିଏ ନିଯୁକ୍ତି ସୁଯୋଗ ପ୍ରଦାନ କରୁଛି । ତେଣୁ ଲୋକମାନଙ୍କର ଆର୍ଥିକ ସ୍ଥିତିରେ ବୃଦ୍ଧି କରିବା ନିମନ୍ତେ ବିଭିନ୍ନ ନିରନ୍ତର ଉପାୟ ସବୁ ଉପଲବ୍ଧ ଅଛି ।

**ସାରଣୀ ୩.୧ : ସଂକ୍ଷେପରେ ଜିଲ୍ଲାର ତଥ୍ୟ**

| ବିଭିନ୍ନ ପରିମାପକ | ଖୋର୍ଦ୍ଧା ଜିଲ୍ଲା | ଓଡ଼ିଶା ରାଜ୍ୟ |
|---|---|---|
| ଭୌଗୋଳିକ ପରିସୀମା (ବର୍ଗ କିଲୋମିଟର) | ୨୮୧୩ ବର୍ଗ କିଲୋମିଟର | ୧୫୫୭୦୭ ବର୍ଗ କିଲୋମିଟର |
| ସବ୍‌ଡିଭିଜନ ସଂଖ୍ୟା | ୦୨ | ୫୮ |
| ତହସିଲ୍ ସଂଖ୍ୟା | ୧୦ | ୩୧୬ |
| ବ୍ଲକ ସଂଖ୍ୟା | ୧୦ | ୩୧୪ |
| ବିଜ୍ଞାପିତ ପରିଷଦ ସଂଖ୍ୟା | ୦୫ | ୬୮ |
| ଗ୍ରାମପଞ୍ଚାୟତ ସଂଖ୍ୟା | ୧୬୮ | ୬୨୩୪ |
| ଗ୍ରାମ ସଂଖ୍ୟା | ୧୫୫୧ | ୫୧୩୪୯ |
| ଘର ସଂଖ୍ୟା | ୪,୮୯,୬୩୬ | ୯୬,୩୭,୮୨୦ |
| ମୋଟ ଜନସଂଖ୍ୟା | ୨୨, ୫୧,୬୭୩ | ୪,୧୯,୭୪,୨୧୮ |
| ବର୍ଗ କି.ମି. ପ୍ରତି ଜନସଂଖ୍ୟା | ୮୦୦ | ୨୬୯ |
| ତଫସିଲଭୁକ୍ତ ଜାତି (%) | ୧୩.୨୧ | ୧୬.୫୩ |
| ତଫସିଲଭୁକ୍ତ ଜନଜାତି (%) | ୦୫.୧୧ | ୨୨.୧୩ |
| ଲିଙ୍ଗ ଅନୁପାତ (୧୦୦୦ ପୁରୁଷରେ ମହିଳାଙ୍କ ସଂଖ୍ୟା) | ୯୨୯ | ୯୭୮ |
| ସାକ୍ଷରତା ହାର (%) | ୮୯.୯ | ୭୩.୪୫ |

***ଉତ୍ସ- ଜନଗଣନା ୨୦୧୧***

**ତହସିଲ: ଭୁବନେଶ୍ୱର**

ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳଟି ଭୁବନେଶ୍ୱର ତହସିଲ ଅନ୍ତର୍ଗତ ଯାହାକି ଓଡ଼ିଶାର ରାଜଧାନୀ ଅଟେ । ଏହା ଏହି ଅଞ୍ଚଳର ଆର୍ଥିକ ଏବଂ ଧାର୍ମିକ ପ୍ରାଧାନ୍ୟ କେନ୍ଦ୍ର ଅଟେ । ନିକଟରେ 'ମେକ୍ ଇନ୍ ଓଡିଶା' ଉଦ୍ୟୋଗିକ ସମ୍ମିଳନି ରାଜ୍ୟ ସରକାରଙ୍କ ଦ୍ୱାରା ଏଠାରେ ଆୟୋଜନ କରାଯାଇଥିଲା, ଯେଉଁଥିରେ କି ବିଭିନ୍ନ ଦେଶର ଆନ୍ତର୍ଜାତିକ ସ୍ତରର ବ୍ୟବସାୟୀ ଓ ଶିଳ୍ପପତି ସମେତ ଭାରତର ବିଖ୍ୟାତ ଉଦ୍ୟୋଗପତିମାନେ ମଧ୍ୟ ଭାଗ ନେଇଥିଲେ । ଏହି ମନ ମୁଗ୍ଧକର ଉଦ୍ୟୋଗିକ ଘଟଣା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଅନେକ ପ୍ରଶଂସିତ ହୋଇଥିଲା । ଆହୁରିମଧ୍ୟ ଭୁବନେଶ୍ୱର ସହର ଓଡ଼ିଶାର ମନ୍ଦିରମାଳିନୀ ସହର ଭାବରେ ପରିଚିତ ଯେଉଁଠାରେ କି ବିଭିନ୍ନ ପ୍ରକାର ମନ୍ଦିର ସହିତ କଳାସ୍ଥାପତ୍ୟର ନୈପୁଣ୍ୟ ଦେଖାଯାଏ । ଲୋକମାନଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇ ଦେବା ପାଇଁ ଭୁବନେଶ୍ୱର ନଗର ନିଗମ ମୁଖ୍ୟ ଭୂମିକା ଗ୍ରହଣ କରିଛି ।

**ସାରଣୀ-୩.୨ ଭୁବନେଶ୍ୱର ତହସିଲ ସମ୍ବନ୍ଧରେ ପ୍ରମୁଖ ତଥ୍ୟ**

| | | | |
|---|---|---|---|
| ରାଜ୍ୟ | ଓଡ଼ିଶା | ମହିଳା ଜନସଂଖ୍ୟା | ୬୭,୦୯୩ |
| ଜିଲ୍ଲା | ଖୋର୍ଦ୍ଧା | ତଫସିଲଭୁକ୍ତ ଜନଜାତି ଲୋକସଂଖ୍ୟା | ୨୧,୨୦୧ |
| ଭୌଗୋଳିକ ପରିସୀମା (ବର୍ଗ କିଲୋମିଟର) | ୨୬୩.୮୭ | ତଫସିଲଭୁକ୍ତ ଜାତି ଜନସଂଖ୍ୟା | ୧୧,୭୬୮ |
| ଗ୍ରାମପଞ୍ଚାୟତ ସଂଖ୍ୟା | ୧୯ | ସାକ୍ଷର | ୧୦୬୦୨୭ |
| ଗ୍ରାମ ସଂଖ୍ୟା | ୧୨୧ | ସମୁଦାୟ କର୍ମଜିବୀ | ୪୮,୩୮୪ |
| ଘର ସଂଖ୍ୟା | ୨୮୬୫୫ | ମୁଖ୍ୟ କର୍ମଜିବୀ | ୩୭,୨୦୪ |
| ମୋଟ ଜନସଂଖ୍ୟା (୨୦୧୧) | ୧୩୮୩୫୩ | ମୁଖ୍ୟ ଚାଷି | ୪୯୬୯ |
| ପୁରୁଷ ଜନସଂଖ୍ୟା | ୭୧,୨୬୦ | କୃଷି ଶ୍ରମିକ | ୩୬୯୧ |

*ଉତ୍ସ- ଜନଗଣନା ୨୦୧୧*

ଭୁବନେଶ୍ୱର ତହସିଲ ୧୯ଟି ଗ୍ରାମ ପଞ୍ଚାୟତର ୧୨୧ଟି ଗ୍ରାମକୁ ନେଇ ଗଠିତ । ଏହି ତହସିଲର ଲୋକସଂଖ୍ୟା ୧୩୮୩୫୩ ଯେଉଁମାନେ କି ୨୮୬୫୫ଟି ପରିବାରରେ ବସବାସ କରନ୍ତି । ତହସିଲ ସମୁଦାୟ ଜନସଂଖ୍ୟା ମଧ୍ୟରୁ ୭୬.୬% ସାକ୍ଷର ଅଟନ୍ତି । ତହସିଲର ସମୁଦାୟ ଜନସଂଖ୍ୟା ମଧ୍ୟରୁ ୨୧୨୦୧ ଜଣ ହରିଜନ ହୋଇଥିବା ବେଳେ ୧୧୭୬୮ ଜଣ ଆଦିବାସୀ ଅଟନ୍ତି ।

ଭୁବନେଶ୍ୱର ମହାନଗର ନିଗମ ୬୭ଟି ୱାର୍ଡ଼ ଓ ୪୬ଟି ଗ୍ରାମରେ ବିଭକ୍ତ । ଏହି ନଗର ନିଗମ ସ୍ଥାୟୀ କମିଟି ମାଧ୍ୟମରେ ସହରରେ ବିଭିନ୍ନ ପ୍ରକାର ଉନ୍ନତି ମୂଳକ କାର୍ଯ୍ୟ ଯଥା, ରାସ୍ତାଘାଟ, ସରକାରୀ ସ୍କୁଲ, ଚିକିତ୍ସାଳୟ ଓ ବଜାର ଇତ୍ୟାଦି କାର୍ଯ୍ୟ କରୁଅଛି । ଭୁବନେଶ୍ୱରରେ ଏକ ସର୍ବୋଚ୍ଚ ସଂସ୍ଥା ଭାବରେ, ମହାନଗର ନିଗମ ତାର ସମସ୍ତ କାର୍ଯ୍ୟ କାଉନସିଲର ମେୟର, ଡେପୁଟି ମେୟର ଏବଂ ଅନ୍ୟାନ୍ୟ ନିର୍ବାଚିତ ସଭ୍ୟମାନଙ୍କ ମାଧ୍ୟମରେ କାର୍ଯ୍ୟକାରୀ କରିଥାଏ । ଭୁବନେଶ୍ୱର ମହାନଗର ନିଗମର ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଜଳଯୋଗାଣ, ଜଳନିଷ୍କାସନ, ପରିମଳ

ବ୍ୟବସ୍ଥା, ବର୍ଜ୍ୟବସ୍ତୁ ପରିଚାଳନା, ରାସ୍ତା ଆଲୋକିକରଣ ଇତ୍ୟାଦି କାର୍ଯ୍ୟ ସାମିଲ ଅଛି । ଭୁବନେଶ୍ୱର ସହର ଭାରତର ବିଭିନ୍ନ ସହର ଯଥା – ବମ୍ବେ, ଦିଲ୍ଲୀ, କଲିକତା ଓ ଚେନ୍ନାଇ ସହିତ ଆକାଶ ପଥରେ ଏବଂ ଦେଶର ସମସ୍ତ ଭାଗରେ ଅବସ୍ଥିତ ଅନ୍ୟାନ୍ୟ ସହର ସହ ରେଳପଥରେ ସଂଯୁକ୍ତ ଅଛି । ସମସ୍ତ ଆଧୁନିକ ସୁବିଧା ସୁଯୋଗର ଉପଲବ୍ଧତା ସହିତ ସ୍ୱାସ୍ଥ୍ୟକର ବାସର ବିଭିନ୍ନ ସୂଚକକୁ ପ୍ରତିବିମ୍ବିତ କରୁଥିବାରୁ ଭୁବନେଶ୍ୱର ସହର ଦେଶର ପ୍ରଥମ ସ୍ମାର୍ଟ ସହର ଭାବେ ଘୋଷଣା କରାଯାଇଛି ।

## ୩.୨ ପ୍ରକଳ୍ପ ପ୍ରଭାବିତ ୱାର୍ଡ଼ (ୱାର୍ଡ଼ ନମ୍ବରଡ୧୬)

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନଟି ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ଼ ନମ୍ବର ୧୬ ର ଜୟଦେବ ବିହାର ଗ୍ରାମରେ ଅବସ୍ଥିତ । ଏହି ୱାର୍ଡ଼ ଭୁବନେଶ୍ୱର ତହସିଲ ଅର୍ନ୍ତଗତ ଏବଂ ଏହାର ଭୌଗଳିକ ଅଞ୍ଚଳ ୩୯୫ ବର୍ଗ କିଲୋମିଟର । ଜନଗଣନା ୨୦୧୧ ଅନୁଯାୟୀ ୱାର୍ଡ଼ର ଲୋକସଂଖ୍ୟା ୨୦୨୩୦ ଯେଉଁଥିରୁ କି ୧୦୭୫୪ (୫୩.୧୬%) ପୁରୁଷ ଓ ୯୪୭୬ (୪୬.୮୪%) ମହିଳା ଯେଉଁମାନେ କି ୫୮୨୮ ଟି ପରିବାରରେ ବସବାସ କରନ୍ତି । ସାମାଜିକ ବର୍ଗୀକରଣ ଅନୁସାରେ ୱାର୍ଡ଼ରେ ୭୬.୮୯% ସାଧାରଣ ବର୍ଗ ଏବଂ ଅନ୍ୟାନ୍ୟ ପଛୁଆ ବର୍ଗର ଲୋକ, ୧୦.୯୨% ଅନୁସୂଚିତ ଜାତି ଏବଂ ୧୨.୧୯% ଅନୁସୂଚିତ ଜନଜାତି ଲୋକ ବସବାସ କରୁଛନ୍ତି । ସମୁଦାୟ ଲୋକସଂଖ୍ୟା ମଧ୍ୟରୁ ୮୩.୪% ସାକ୍ଷର ଅଛନ୍ତି ଯାହାକି ଜିଲ୍ଲାର ସାକ୍ଷରତା ହାର (୮୯.୯%) ଠାରୁ କମ୍ ଅଟେ । ୱାର୍ଡ଼ର ସମୁଦାୟ ଶ୍ରମଜୀବିଙ୍କ ସଂଖ୍ୟା ୮୩୬୪ ଯେଉଁଥିରୁ କି ୭୨୬୩ ଜଣ ମୁଖ୍ୟ ଶ୍ରମଜୀବି ଏବଂ ୧୧୦୧ ଜଣ ନାମମାତ୍ର ଶ୍ରମଜୀବି ଅଟନ୍ତି । ପ୍ରକଳ୍ପ ଅଞ୍ଚଳର ଜନସଂଖ୍ୟାର ବିସ୍ତୃତ ବିବରଣୀ ସାରଣୀ ୩.୩ରେ ପ୍ରଦାନ କରାଯାଇଛି । ***ଉତ୍ସ- ଜନଗଣନା ୨୦୧୧***

**ସାରଣୀ-୩.୩: ଅଧ୍ୟୟନ କରାଯାଇଥିବା ୱାର୍ଡ଼ ର ଜନସଂଖ୍ୟା ସମ୍ବନ୍ଧୀୟ ତଥ୍ୟ**

| | | | |
|---|---|---|---|
| ସମୁଦାୟ ଘର ସଂଖ୍ୟା | ୫୮୨୮ | ଅନୁସୂଚିତ ଜାତି | ୨୨୦୯ |
| ସମୁଦାୟ ଜନ ସଂଖ୍ୟା | ୨୦୨୩୦ | ସାକ୍ଷର | ୧୪୪୪୩ |
| ପୁରୁଷମାନଙ୍କ ସଂଖ୍ୟା | ୧୦୭୫୪ | ସମୁଦାୟ ଶ୍ରମଜୀବି | ୮୩୬୪ |
| ମହିଳାମାନଙ୍କ ସଂଖ୍ୟା | ୯୪୭୬ | ମୁଖ୍ୟ ଶ୍ରମଜୀବି | ୭୨୬୩ |
| ଅନୁସୂଚିତ ଜନଜାତି | ୨୪୬୭ | ନାମମାତ୍ର ଶ୍ରମଜୀବି | ୧୧୦୧ |

***ଉତ୍ସ- ଜନଗଣନା ୨୦୧୧***

## ୩.୩ ସାଧାରଣ, ସାମାଜିକ ଓ ସାଂସ୍କୃତିକ ଭିତ୍ତିଭୂମି

ୱାର୍ଡ଼ରେ ଲୋକମାନଙ୍କର ଜୀବନ ଜୀବିକା ସାଧାରଣତଃ ବିଭିନ୍ନ ପ୍ରକାର ସେବାର ଉପଲବ୍ଧତାର ସ୍ତର ଉପରେ ନିର୍ଭର କରେ ଯାହା ମୁଖ୍ୟତଃ ସାଧାରଣ ଭିତ୍ତିଭୂମି ଓ ସାଂଗଠନିକ ସୁବିଧା ସୁଯୋଗ ଯଥା ରାସ୍ତାଘାଟ, ପାନୀୟ ଜଳର ସୁବିଧା, ଉତ୍ସ ବିଦ୍ୟୁତ୍ ଯୋଗାଯୋଗ ବଜାର ଅଞ୍ଚଳ ଅଙ୍ଗନୱାଡ଼ି କେନ୍ଦ୍ର, ଡାକଘର ପୋଲିସ ଷ୍ଟେସନ୍ ଇତ୍ୟାଦିକୁ

ବୁଝାଏ । ଏହି ପରିପ୍ରେକ୍ଷିରେ ବିଭିନ୍ନ ପ୍ରକାର ସର୍ବସାଧାରଣ ସମ୍ପତ୍ତି ରହିଥିବାର ଦୃଷ୍ଟିଗୋଚର ହୁଏ ଯାହା ବିସ୍ତୃତ ବିବରଣୀ ସାରଣୀ ୩.୪ରେ ପ୍ରଦାନ କରାଯାଇଛି । ଅଞ୍ଚଳରେ ପରିଦର୍ଶନ ସମୟରେ ଏହା ଅନୁମାନ କରାଯାଉଛି କି ଏହି ସବୁ ସମ୍ପତ୍ତି ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେଉନାହିଁ ତଥାପି କିଛି ସମ୍ପତ୍ତିର ସ୍ଥାନନ୍ତରଣ ହେବାର ସମ୍ଭାବନା ଦେଖା ଯାଉଛି ।

**ସାରଣୀ-୩.୪ : ୱାର୍ଡ଼ରେ ଉପଲବ୍‌ଧ ହେଉଥିବା ସର୍ବସାଧାରଣ ସମ୍ପତ୍ତି(ସଂଖ୍ୟାରେ)**

| ଭିତ୍ତିଭୂମି | ସଂଖ୍ୟା ରେ ଉପଲବ୍‌ଧ | ଭିତ୍ତିଭୂମି | ସଂଖ୍ୟା ରେ ଉପଲବ୍‌ଧ |
|---|---|---|---|
| ମାଟି ସଡକ | ୦୦ | ଅଙ୍ଗନୱାଡ଼ି କେନ୍ଦ | ୦୩ |
| ପକ୍କା ସଡକ | ୦୩ | କୋଠ ଘର | ୦୨ |
| ଗଭୀର କୁଅ | ୦୨ | ବ୍ୟାଙ୍କ | ୦୩ |
| ନଳକୁଅ | ୧୦ | ଔଷଧ ଦୋକାନ | ୦୨ |
| ପାଇପ୍‌ର ଜଳ | ୦୧ | ବୈଷୟିକ ଶିକ୍ଷାନୁଷ୍ଠାନ | ୦୨ |
| ଡାଲି ଚାଉଳ ଦୋକାନ | ୦୫ | ମହାବିଦ୍ୟାଳୟ | ୦୧ |
| ଶବଶତ୍କାର ପଡିଆ | ୦୧ | ପାଠାଗାର | ୦୧ |
| ଏଫ୍ ପି ଏସ୍ | ୦୨ | ଉଚ୍ଚ ବିଦ୍ୟାଳୟ | ୦୧ |
| ଅଟା କଳ | ୦୧ | ଗୃହନିର୍ମାଣ ସାମଗ୍ରୀ ଦୋକାନ | ୦୩ |
| ବଢ଼େଇ | ୦୨ | ସାଇକେଲ ମରାମତି ଦୋକାନ | ୦୫ |
| ବାରିକ | ୦୩ | ଟେଲର | ୦୭ |
| ରାଜମିସ୍ତ୍ରୀ | ୧୫ | ଧୋବା | ୧୨ |

ଉପରେ ବର୍ଣ୍ଣିତ ସାରଣୀରୁ ପ୍ରଭାବିତ ଅଞ୍ଚଳରେ ଉପଲବ୍ଧ ହେଉଥିବା ମୁଖ୍ୟ ଭିତ୍ତିଭୂମି ସମ୍ବନ୍ଧରେ ଜଣାଯାଏ । ବିଭିନ୍ନ ଅନୁଷ୍ଠାନ ଯେପରି କି. ଅଙ୍ଗନୱାଡ଼ି କେନ୍ଦ୍ର, ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ବିଭିନ୍ନ ପ୍ରକାର ଦୋକାନ ପ୍ରକଳ୍ପ ଅଞ୍ଚଳରେ ଉପଲବ୍ଧ ଅଛି ଯାହାକି ପ୍ରକଳ୍ପ ଦ୍ୱାରା ସ୍ଥାନାନ୍ତର ହେଉନାହିଁ । ଏହା ଭିତ୍ତିଭୂମି ବ୍ୟତୀତ ଅନ୍ୟାନ୍ୟ ସେବା ପ୍ରଦାନକାରୀ ସୁବିଧା ଯଥା ସାଇକେଲ ମରାମତି ଦୋକାନ, ବଢ଼େଇ, ଟେଲର, ରାଜମିସ୍ତ୍ରୀ, ବାରିକ, ଧୋବା ଇତ୍ୟାଦି ରହିଛନ୍ତି ଯାହାକି ଗ୍ରାମର ଲୋକମାନଙ୍କୁ ଆବଶ୍ୟକୀୟ ସେବା ଯୋଗାଇଥାନ୍ତି ।

ଉପରେ ବର୍ଣ୍ଣନା କରାଯାଇଥିବା ଭିତ୍ତିଭୂମି ବ୍ୟତିତ ଗ୍ରାମରେ କିଛି ସାମାଜିକ ଓ ସାଂସ୍କୃତିକ ପ୍ରତିଷ୍ଠାନ ମଧ୍ୟ ଉପଲବ୍ଧ ଅଛି ଯାହାକି ସାରଣୀ ୩.୫ରେ ଦର୍ଶାଯାଇଛି ।

**ସାରଣୀ-୩.୫ ୱାର୍ଡ଼ରେ ଉପଲବ୍ଧ ହେଉଥିବା ସାମାଜିକ ଏବଂ ସାଂସ୍କୃତିକ ଭିତ୍ତିଭୂମି(ସଂଖ୍ୟାରେ)**

| ଭିତ୍ତିଭୂମି | ସଂଖ୍ୟା ରେ ଉପଲବ୍ଧ | ଭିତ୍ତିଭୂମି | ସଂଖ୍ୟା ରେ ଉପଲବ୍ଧ |
|---|---|---|---|
| ପର୍ବପର୍ବାଣୀ ପାଳନ ସ୍ଥାନ | ୦୦ | ମନ୍ଦିର | ୦୨ |
| ଭଜନ ମଣ୍ଡଳ | ୦୧ | ସ୍ୱୟଂ ସହାୟକ ଦଳ | ୦୫ |
| ଖେଳ ଦଳ | ୦୧ | ଯୁବକ ସଂଘ | ୦୨ |
| ଚର୍ଚ୍ଚ | ୦୧ | କୋପରେଟିଭ | ୦୧ |
| ବ୍ୟବସାୟ ସ୍ଥଳ | ୦୩ | ବୟସ୍କମାନଙ୍କ କମିଟି | ୦୨ |

*ଉତ୍ସ- ପ୍ରକଳ୍ପ ଅଞ୍ଚଳରୁ ସଂଗୃହିତ ପ୍ରାଥମିକ ତଥ୍ୟ*

ଏହି ସବୁ ସାଧାରଣ ସାମାଜିକ ସାଂସ୍କୃତିକ ଭିତ୍ତିଭୂମି ସମ୍ପର୍କିତ ତଥ୍ୟ ଏକ ସ୍ୱତନ୍ତ୍ର ପ୍ରଶ୍ନାବଳୀ ମାଧ୍ୟମରେ ସଂଗ୍ରହ କରାଯାଇଛି ଏବଂ ଏହାକୁ ମଧ୍ୟ ୱାର୍ଡର ସାମାଜିକ ମାନଚିତ୍ର ରେ ସୂଚିତ କରାଯାଇଛି । ଏହି ତଥ୍ୟକୁ ୱାର୍ଡର ପାର୍ଶ୍ୱ ଚିତ୍ର ସହ ଯାଞ୍ଚ କରାଯାଇ ପୁଷ୍ଟି କରାଯାଇଛି, ଯେଉଁଠାରେ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ସାଧାରଣ ଏବଂ ସାମାଜିକ-ସାଂସ୍କୃତିକ, ଭିତ୍ତିଭୂମି ଗଠନ ସହ ସମ୍ବନ୍ଧୀତ ଅଧିକ ତଥ୍ୟ ପ୍ରଦାନ କରାଯାଇଛି ।

**ବିଭାଗ-୨**

### ୩.୪ ପ୍ରଭାବିତ ପରିବାରମାନଙ୍କର ସାମାଜିକ ଅର୍ଥନୈତିକସ୍ଥିତି

କୌଣସି ଏକ ନିର୍ମାଣ ଜନିତ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଜମି ଅଧିଗ୍ରହଣର ଆବଶ୍ୟକତା ରହିଥାଏ । ଯାହାଦ୍ୱାରା କି ପ୍ରକଳ୍ପର ପ୍ରଭାବିତ ପରିବାର ମାନଙ୍କ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପ୍ରଭାବ ପଡ଼ିଥାଏ । ତେଣୁ ଜମି ଅଧିଗ୍ରହଣ ହେବା ପୂର୍ବରୁ ପ୍ରଭାବିତ ପରିବାରମାନଙ୍କର ସାମାଜିକ ଓ ଅର୍ଥନୈତିକ ସ୍ଥିତି ବିଷୟରେ ବିଶ୍ଲେଷଣ କରିବା ଆବଶ୍ୟକ ଯାହାକି ପ୍ରକଳ୍ପ ଅଧିକାରୀଙ୍କୁ ପୁର୍ନବାସ ଓ ଥଇଥାନ ଉପାୟ, ଜମି ଅଧିଗ୍ରହଣର ବିପରିତ ପ୍ରଭାବକୁ ପ୍ରଶମନ କରିବା ନିମନ୍ତେ କ୍ଷତିପୂରଣ ଯୋଜନା ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ । ଏହାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଭୁବନେଶ୍ୱର ତହସିଲର ରେଳବିହାର ଠାରୁ ଏକାମ୍ରକାନନ ପର୍ଯନ୍ତ ଭାୟା ହାତିଆଶୁଣୀ ୨୦୦ଫୁଟ ମାଷ୍ଟର ପ୍ଲାନ ରାସ୍ତା ନିର୍ମାଣ ନିମନ୍ତେ ବର୍ତ୍ତମାନର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି । ସେ ଯାହାହେଉ,ଏହି ଅଧ୍ୟାୟରେ ପ୍ରଭାବିତ ପରିବାର ଓ ବର୍ଦ୍ଧିତ ପରିବାର ମାନଙ୍କର ସାମାଜିକ ଅର୍ଥନୈତିକ ସ୍ଥିତି ବିଷୟରେ ବର୍ଣ୍ଣନା କରାଯାଇଛି । ଆହୁରି ମଧ୍ୟ, ସର୍ବେକ୍ଷଣ ଉଦ୍ଦେଶ୍ୟରେ ଲକ୍ଷିତ ଅଞ୍ଚଳର ୨୭ ଜଣ ପଟ୍ଟାଧାରକଙ୍କର ଏକ ସୂଚୀ ପ୍ରସ୍ତୁତ କରାଯାଇଥିଲା ଯେଉଁଥିରେ କି ୨ ଜଣ ପଟ୍ଟାଧାରିଙ୍କୁ ବିଭିନ୍ନ ପ୍ରୟାସ ପରେ ମଧ ଚିହ୍ନଟ କରାଯାଇପାରିନଥିଲା ଏବଂ ଚିହ୍ନଟ କରାଯାଇପାରିଥିବା ୨୫ ଜଣ ପଟ୍ଟାଧାରି ୧୩ ଟି ଗୃହରେ ବସବାସ କରୁଛନ୍ତି କାରଣ କେତେକ ଘଟଣାରେ ବିଭିନ୍ନ ପଟ୍ଟାଧାରି ପରସ୍ପର ସହ ଘନିଷ୍ଠ ଭାବରେ ସମ୍ବନ୍ଧୀତ ଏବଂ ଗୋଟିଏ ଛାତ ତଳେ ବାସ କରୁଛନ୍ତି ଏବଂ ଗୋଟିଏ ରୋଷେଇ ଘରେ ରୋଷେଇ କରୁଛନ୍ତି । ଏହା ବ୍ୟତିତ ଗୋଟିଏ ପରିବର୍ଦ୍ଧିତ ପରିବାରର ମଧ ସର୍ଭେ କରାଯାଇଛି ।

ଏହିପରି ଭାବରେ ଦଳ ୧୪ ଟି ପରିବାରକୁ ଚିହ୍ନଟ କରିପାରିଲା ଓ ତଦନୁଯାୟୀ ସର୍ଭେ କାର୍ଯ୍ୟ କରାଗଲା । ଆହୁରି ମଧ୍ୟ ଗୋଟିଏ ଘଟଣାରେ ତାଲିକାରେ ଥିବା ଜନୈକ ବ୍ୟକ୍ତି ତାଙ୍କ ଜମି ଅନ୍ୟଜଣଙ୍କୁ ବିକ୍ରୟ କରିଦେଇଥିବାରୁ ସର୍ଭେକାର୍ଯ୍ୟ ତାଲିକାରେ ଥିବା ବ୍ୟକ୍ତିଙ୍କ ବଦଳରେ ଜଣେ ନୂଆ ଲୋକ ନାମରେ କରାଯାଇଛି କାରଣ ସେହିଁ ଜମି ଖଣ୍ଡର ବାସ୍ତବିକ ମାଲିକ ଅଟେ ।

### ୩.୪.୧ ଜନସଂଖ୍ୟାର ପାର୍ଶ୍ୱଚିତ୍ର : ଲିଙ୍ଗ, ଜନସଂଖ୍ୟା ଓ ବୟସ ଭିତ୍ତିରେ ବିଭାଜନ

ପ୍ରଭାବିତ ପରିବାରମାନଙ୍କର ଜନସଂଖ୍ୟାର ପାର୍ଶ୍ୱ ଚିତ୍ର କୌଣସି ଏକ ଉନ୍ନୟନ ମୂଳକ ଅଧ୍ୟୟନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଉତ୍ତରଦାତାମାନଙ୍କ ଲିଙ୍ଗଗତ ବିଭାଜନରୁ ଜଣାଗଲା ଯେ ୧୪ ଜଣ ଉତ୍ତରଦାତାଙ୍କ ମଧ୍ୟରୁ ୧୩ ଜଣ (୯୨.୮%) ପୁରୁଷ ଅଟନ୍ତି, ଯାହା ବୁଝାଉଛି ଯେ ପ୍ରଭାବିତ ପରିବାରର ପୁରୁଷମାନେ ମୁଖ୍ୟ ନିଷ୍ପତ୍ତି ଗ୍ରହଣକାରୀ ଅଟନ୍ତି । ପ୍ରସ୍ତାବିତ ରାସ୍ତା ନିର୍ମାଣ ନିମନ୍ତେ ଏହି ପରିବାରମାନେ ସେମାନଙ୍କ ଜମି ସହିତ ଅନ୍ୟାନ୍ୟ ସମ୍ପତ୍ତି ମଧ୍ୟ ହରାଉଛନ୍ତି । ଆହୁରି ମଧ୍ୟ ସର୍ଭେ ହୋଇଥିବା ପରିବାରର ଜନସଂଖ୍ୟାର ଲିଙ୍ଗଗତ ବିଭାଜନରୁ ଜଣାଯାଏ ଯେ ୭୧ ଜଣ ସଦସ୍ୟଙ୍କ ମଧ୍ୟରୁ ୫୦.୭୦% (୩୬ଜଣ) ପୁରୁଷ ହୋଇଥିବା ବେଳେ ୪୯.୩୦% (୩୫ ଜଣ)ମହିଳା ଅଟନ୍ତି । ସେ ଯାହାହେଉ, ସର୍ଭେରୁ ପ୍ରଭାବିତ ଅଞ୍ଚଳର ଲିଙ୍ଗ ଅନୁପାତ ଜଣାଗଲା ଯେ, ୯୭୨ ଅଟେ । ପ୍ରଭାବିତ ପରିବାର ଏବଂ ପ୍ରଭାବିତ ଲୋକମାନଙ୍କର ସଂଖ୍ୟା ସାରଣୀ ୩.୬ରେ ଦିଆଯାଇଛି ।

**ସାରଣୀ-୩.୬: ଲିଙ୍ଗ ଭିତ୍ତିରେ ପ୍ରଭାବିତ ପରିବାର ଓ ଜନସଂଖ୍ୟାର ବିଭାଜନ**

| ଗ୍ରାମ | ସର୍ଭେ କରାଯାଇଥିବା ସମୁଦାୟ ପ୍ରଭାବିତ ପରିବାର | ସମୁଦାୟ ପ୍ରଭାବିତ ଲୋକସଂଖ୍ୟା | ଲିଙ୍ଗ | | ଲିଙ୍ଗ ଅନୁପାତ |
|---|---|---|---|---|---|
| | | | ପୁରୁଷ | ମହିଳା | |
| ଜୟଦେବ ବିହାର | ୧୪ | ୭୧ | ୩୬ (୫୦.୭୦%) | ୩୫ (୪୯.୩୦%) | ୯୭୨ |

ପ୍ରଭାବିତ ପରିବାରର ବୟସ ଭିତ୍ତିରେ ଜନସଂଖ୍ୟାର ସଂରଚନା ମହତ୍ତ୍ୱପୂର୍ଣ୍ଣ ଅଟେ କାରଣ ଏହା ସମୁଦାୟ ଜନସଂଖ୍ୟା ମଧ୍ୟରୁ ଉତ୍ପାଦନକ୍ଷମ ବୟସ ବର୍ଗର ଅନୁପାତ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥାଏ । ଜନ ସଂଖ୍ୟା ବିବରଣୀ ଅନୁଯାୟୀ ୧୫ ରୁ ୬୦ ବର୍ଷ ବୟସ୍କ ବ୍ୟକ୍ତିମାନେ ଉତ୍ପାଦନକ୍ଷମ ଜନସଂଖ୍ୟା ଅଟନ୍ତି ଅନ୍ୟମାନେ ଯଥା ପିଲା ଏବଂ ବୟସ୍କ ବ୍ୟକ୍ତିମାନେ ଅନ୍ୟ ଉପରେ ନିର୍ଭର କରୁଥିବା ବ୍ୟକ୍ତି ବୋଲି ବିଚାର କରାଯାଏ । ସାଧାରଣତଃ ୧୮ ରୁ ୪୫ ବର୍ଷ ବୟସ୍କ ବ୍ୟକ୍ତିମାନଙ୍କୁ ସମାଜ ତଥା ପରିବାର ନିମନ୍ତେ ଅତ୍ୟଧିକ ନିର୍ଭର ଯୋଗ୍ୟ ହିସାବରେ ପରିଗଣିତ କରାଯାଏ । ଏହି ପରିପ୍ରେକ୍ଷୀରେ ପ୍ରଭାବିତ ଜନସଂଖ୍ୟାର ବୟସ ହିସାବରେ ତଥ୍ୟ ସଂଗ୍ରହ କରାଯାଇଛି ଏବଂ ସାରଣୀ ୩.୭ରେ ଉପସ୍ଥାପନ କରାଯାଇଛି ।


**ସାରଣୀ-୩.୭ ବୟସ ଅନୁଯାୟୀ ପ୍ରଭାବିତ ଜନସଂଖ୍ୟାର ବିଭାଜନ**

| ବୟସ | ପୁରୁଷ | % | ମହିଳା | % | ସମୁଦାୟ | % |
|---|---|---|---|---|---|---|
| ୧୮ ବର୍ଷରୁ କମ୍ | ୮ | ୨୨.୨୨ | ୭ | ୨୦.୦୦ | ୧୫ | ୨୧.୧୩ |
| ୧୮ ରୁ ୪୫ ବର୍ଷ | ୮ | ୨୨.୨୨ | ୧୨ | ୩୪.୨୯ | ୨୦ | ୨୮.୧୭ |
| ୪୫ ରୁ ୬୦ବର୍ଷ | ୧୨ | ୩୩.୩୩ | ୧୦ | ୨୮.୫୭ | ୨୨ | ୩୦.୯୮ |
| ୬୦ ବର୍ଷ ଏବଂ ଅଧିକ | ୮ | ୨୨.୨୨ | ୬ | ୧୭.୧୪ | ୧୪ | ୧୯.୭୨ |
| **ସମୁଦାୟ** | ୩୬ | ୧୦୦.୦୦ | ୩୫ | ୧୦୦.୦୦ | ୭୧ | ୧୦୦.୦୦ |

*ଉତ୍ସ- ପ୍ରକଳ୍ପ ଅଞ୍ଚଳରୁ ସଂଗୃହିତ ପ୍ରାଥମିକ ତଥ୍ୟ*

***ଦ୍ରଷ୍ଟବ୍ୟ- ପୁରୁଷ ବର୍ଗରେ ୩ଟି ପିଲା ୦-୬ ବର୍ଷ ବୟସ ମଧ୍ୟରେ ଅଟନ୍ତି***

ଉପରେ ପ୍ରଦାନ କରାଯାଇଥିବା ସାରଣୀ ସୂଚିତ କରୁଛି ଯେ, ସମୁଦାୟ ଜନସଂଖ୍ୟାର ସର୍ବାଧିକ ୩୦.୯୮% ଲୋକ ୪୫ ରୁ ୬୦ ବର୍ଷ ବୟସ୍କ ବର୍ଗରେ ଅଛନ୍ତି ଯେଉଁମାନେ କି ଅର୍ଥନୈତିକ ଦୃଷ୍ଟିରୁ ସକ୍ରିୟ ବୋଲି କଳ୍ପନା କରାଯାଉଛି, ଯେତେବେଳେ କି, ଦ୍ୱିତୀୟ ସର୍ବାଧିକ ୨୮.୧୭% (୧୮ ରୁ ୪୫ ବର୍ଷ ବୟସ୍କ)ଯେଉଁମାନେ କି ଉତ୍ପାଦନକ୍ଷମ ଗୋଷ୍ଠୀର ଅଟନ୍ତି ।




**ଚିତ୍ର-୩ ବୟସ ଅନୁଯାୟୀ ପ୍ରଭାବିତ ଜନସଂଖ୍ୟାର ବିଭାଜନ**

ତେଣୁ ଏହା ସୂଚିତ କରୁଛି ଯେ, ପ୍ରଭାବିତ ଅଞ୍ଚଳର ପ୍ରାୟ ୬୦% ଲୋକ ସେମାନଙ୍କ ପରିବାରକୁ ଆର୍ଥିକ ଦୃଷ୍ଟିରୁ ସହାୟତା କରନ୍ତି । ଆହୁରି ମଧ ୨୧.୧୩% ବ୍ୟକ୍ତି ୧୮ ବର୍ଷରୁ କମ୍ ବୟସର ଅଟନ୍ତି ଯେଉଁମାନେ କି ପରିବାରର ରୋଜଗାରୀ ବ୍ୟକ୍ତିଙ୍କ ଉପରେ ନିର୍ଭରଶୀଳ ଯେତେବେଳେ କି ଅବଶିଷ୍ଟ ଅର୍ଥାତ ଜନସଂଖ୍ୟାର ୧୯.୭୨% ବ୍ୟକ୍ତିଙ୍କର ବୟସ ୬୦ ବର୍ଷରୁ ଅଧିକ । ଏହା ଆହୁରିମଧ୍ୟ ଦୃଷ୍ଟିଗୋଚର ହେଲା ଯେ, ପ୍ରଭାବିତ ଅଞ୍ଚଳରେ, ୬୦ ବର୍ଷରୁ ଅଧିକ ବୟସର ବ୍ୟକ୍ତିମାନଙ୍କ ସଂଖ୍ୟା ସାମାନ୍ୟ ଅଧିକ ଏହା ବୟସ୍କ ଜନସଂଖ୍ୟାର ରାଜ୍ୟ ପ୍ରତିଶତ ୯.୩% ତୁଳନାରେ ସାମାନ୍ୟ ଅଧିକ ଜଣାପଡ଼େ (ଜନଗଣନା୨୦୧୧) ।

### ୩.୪.୨ ସାମାଜିକ ସ୍ଥିତି: ଜାତିଗତ ଓ ଶିକ୍ଷାଗତ

#### କ) ଜାତି

ଗୋଟିଏ ଲୋକର ଜାତି ଏବଂ ଶିକ୍ଷାଗତ ଯୋଗ୍ୟତା କେବଳ ଯେ ତାର ସାମାଜିକ ସ୍ଥିତି କୁ ପ୍ରତିଫଳିତ କରେ ତାହା ନୁହେଁ, ତାର ଆର୍ଥିକ ସ୍ଥିତିକୁ ମଧ୍ୟ ପ୍ରତିଫଳିତ କରେ । ସାଧାରଣତଃ ଉଚ୍ଚ ବର୍ଗର ଲୋକମାନେ ଉନ୍ନତମାନର ଜୀବନ ଯାପନ କରୁଥିବା ବେଳେ ହରିଜନ ଓ ଆଦିବାସୀ ଲୋକମାନେ ଦୁର୍ବଳ, ଦୁସ୍ଥ ଏବଂ ସମାଜରେ ଅବହେଳିତ ସ୍ଥିତିରେ ରହିଥାନ୍ତି । ସେ ଯାହାହେଉ, ସାରଣୀ ୩.୮ ରୁ ଜଣା ପଡୁଛି ଯେ, ପ୍ରକଳ୍ପ ପ୍ରଭାବିତ ପରିବାରମାନେ ଦୁଇଟି ବର୍ଗରେ ଅଛନ୍ତି ଅର୍ଥାତ ଅନ୍ୟାନ୍ୟ ପଛୁଆ ବର୍ଗ ଏବଂ ସାଧାରଣ ବର୍ଗ, ଯେତେବେଳେ କି ସାଧାରଣ ବର୍ଗ ଲୋକମାନେ ଅନ୍ୟାନ୍ୟ ପଛୁଆ ବର୍ଗର ଲୋକମାନଙ୍କ ଠାରୁ ବହୁତ ଅଧିକ । ଏହି ପରିପ୍ରେକ୍ଷିରେ ଏହା ପରିଲକ୍ଷିତ ହେଲାଯେ, ପ୍ରଦାନ କରାଯାଇଥିବା ତାଲିକାରେ କୌଣସି ହରିଜନ କିମ୍ବା ଆଦିବାସୀ ପରିବାର ନାହାନ୍ତି । ସର୍ବୋପରି ପ୍ରଭାବିତ ପରିବାରର ଧର୍ମ ସମ୍ବନ୍ଧରେ ଏହା ପରିଲକ୍ଷିତ ହେଲା ଯେ ସର୍ଭେ କରାଯାଇଥିବା ସମସ୍ତ ପରିବାର ହିନ୍ଦୁ ଅଟନ୍ତି ।

**ସାରଣୀ-୩.୮: ପ୍ରଭାବିତ ପରିବାରମାନଙ୍କର ଜାତି ବିଭାଜନ**

| ଜାତି | ସଂଖ୍ୟା | % |
|---|---|---|
| ଏସ୍. ସି | ୦ | ୦.୦୦ |
| ଏସ୍.ଟି | ୦ | ୦.୦୦ |
| ଓବିସି | ୫ | ୩୫.୭୧ |
| ସାଧାରଣ | ୯ | ୬୪.୨୯ |
| **ସମୁଦାୟ** | ୧୪ | ୧୦୦.୦୦ |

#### ଖ) ଶିକ୍ଷା

ଶିକ୍ଷା ଏକ ମୌଳିକ ଆବଶ୍ୟକତା ଭାବରେ ପରିଗଣିତ ହେଉଅଛି, ଯାହା ଦ୍ୱାରାକି ଲୋକମାନେ ଅର୍ଥନୈତିକ ଅଗ୍ରଗତିରେ ଅଂଶଗ୍ରହଣ କରିପାରିବେ । ଏହି ପରିପ୍ରେକ୍ଷୀରେ ପ୍ରଭାବିତ ପରିବାରମାନଙ୍କର ସାକ୍ଷରତା ବିଷୟରେ ତଥ୍ୟ ସଂଗ୍ରହ କରାଯାଇଛି, ଯାହା ଦର୍ଶାଉଛି ଯେ, ସମୁଦାୟ ଜନସଂଖ୍ୟା ମଧ୍ୟରୁ ୬୮ ଜଣ ସାକ୍ଷର ଅଟନ୍ତି ଏବଂ ବଳକା ୩ ଜଣ ଶିଶୁ ଅଟନ୍ତି ଯେଉଁମାନେ କି ଅଦ୍ୟାବଧି ବିଦ୍ୟାଳୟ ଯାଇନାହାନ୍ତି । ସାରଣୀ ୩.୯ରେ ପ୍ରଭାବିତ ପରିବାରମାନଙ୍କର ଶିକ୍ଷାଗତ ଯୋଗ୍ୟତାର ତଥ୍ୟ ପ୍ରଦାନ କରାଯାଇଛି ।

**ସାରଣୀ-୩.୯: ପ୍ରଭାବିତ ପରିବାରମାନଙ୍କ ଶିକ୍ଷାର ସ୍ତର**

| ଶିକ୍ଷା | ପୁରୁଷ | % | ମହିଳା | % | ସମୁଦାୟ | % |
|---|---|---|---|---|---|---|
| ସାକ୍ଷର | ୨ | ୬.୦୬ | ୨ | ୫.୭୧ | ୪ | ୫.୮୮ |
| ମାଧ୍ୟମିକ | ୪ | ୧୨.୧୨ | ୭ | ୨୦.୦୦ | ୧୧ | ୧୬.୧୮ |
| ହାଇସ୍କୁଲ | ୦ | ୦.୦୦ | ୪ | ୧୧.୪୩ | ୪ | ୫.୮୮ |
| ମାଟ୍ରିକ ପାସ | ୩ | ୯.୦୯ | ୨ | ୫.୭୧ | ୫ | ୭.୩୫ |
| ଇଣ୍ଟରମିଡିଏଟ୍ | ୦ | ୦.୦୦ | ୬ | ୧୭.୧୪ | ୬ | ୮.୮୨ |
| ସ୍ନାତକ | ୧୨ | ୩୬.୩୬ | ୭ | ୨୦.୦୦ | ୧୯ | ୨୭.୯୪ |

| ଶିକ୍ଷା | ପୁରୁଷ | % | ମହିଳା | % | ସମୁଦାୟ | % |
|---|---|---|---|---|---|---|
| ସ୍ନାତକୋତ୍ତର | ୪ | ୧୨.୧୨ | ୪ | ୧୧.୪୩ | ୮ | ୧୧.୭୬ |
| ବୈଷୟିକ ଶିକ୍ଷା | ୧ | ୩.୦୩ | ୧ | ୨.୮୬ | ୨ | ୨.୯୪ |
| ଆଇଟି/ ସି ଟି | ୧ | ୩.୦୩ | ୦ | ୦.୦୦ | ୧ | ୧.୪୭ |
| ବୈଷୟିକ ଶିକ୍ଷା | ୬ | ୧୮.୧୮ | ୨ | ୫.୭୧ | ୮ | ୧୧.୭୬ |
| **ସମୁଦାୟ** | ୩୩ | ୧୦୦.୦୦ | ୩୫ | ୧୦୦.୦୦ | ୬୮ | ୧୦୦.୦୦ |

*ଉତ୍ସ- ପ୍ରକଳ୍ପ ଅଞ୍ଚଳରୁ ସଂଗୃହିତ ପ୍ରାଥମିକ ତଥ୍ୟ*


ସର୍ଭେ କରାଯାଇଥିବା ଲୋକସଂଖ୍ୟାର ଶିକ୍ଷାଗତ ଯୋଗ୍ୟତାର ତଥ୍ୟ ସମ୍ବନ୍ଧରେ ତାଲିକା ସୂଚିତ କରୁଛି ଯେ, ସମୁଦାୟ ସାକ୍ଷରମାନଙ୍କ ମଧ୍ୟରୁ ସର୍ବାଧିକ ୨୭.୯୪% ସ୍ନାତକ, ୧୬.୧୮% ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ଅର୍ଥାତ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିବା ବେଳେ ୧୧.୭% ସ୍ନାତକୋତ୍ତର ହୋଇଥିବାର ପରିଲକ୍ଷିତ ହୋଇଥିଲା ଏବଂ ସେହି ଅନୁପାତରେ ସାକ୍ଷର ବୈଷୟିକ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବାର ଦେଖାଗଲା । ବୈଷୟିକ ଶିକ୍ଷାଗତ ଯୋଗ୍ୟତାକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ ପ୍ରଭାବିତ ଜନସଂଖ୍ୟା ମଧ୍ୟରୁ ମାତ୍ର ୨ଜଣ ବୈଷୟିକ ଶିକ୍ଷା ଗ୍ରହଣ କରିଛନ୍ତି ଏବଂ ଜଣେ ବ୍ୟକ୍ତି ଆଇ ଟି ଆଇ ସମାପ୍ତ କରିଛନ୍ତି । ଆହୁରି ମଧ୍ୟ ଦୁଇଟି ଲିଙ୍ଗ ମଧ୍ୟରେ ଶିକ୍ଷାଗତ ଯୋଗ୍ୟତାକୁ ଦେଖିଲେ ଏହା ସୂଚିତ କରୁଛି ଯେ, ସ୍ନାତକ ସ୍ତରରେ ପୁରୁଷମାନଙ୍କ ସଂଖ୍ୟା ମହିଳାମାନଙ୍କ ସଂଖ୍ୟା ମଧ୍ୟରେ ଖୁବ ଫରକ ଅଛି କିନ୍ତୁ ଇଣ୍ଟରମିଡିଏଟ ଏବଂ ହାଇସ୍କୁଲକୁ ଛାଡିଦେଲେ ଅନ୍ୟାନ୍ୟ ସ୍ତରରେ ସେପରି ପାର୍ଥକ୍ୟ ପରିଲକ୍ଷିତ ହୁଏ ନାହିଁ । ଇଣ୍ଟରମିଡିଏଟ ଏବଂ ହାଇସ୍କୁଲ ସ୍ତରରେ ମହିଳାମାନେ ଉତ୍ତମ ପ୍ରତିଫଳନ କରୁଛନ୍ତି । ଆହୁରିମଧ୍ୟ ଏହା ସୂଚିତ କରୁଛି ଯେ, ପ୍ରକଳ୍ପ ପ୍ରଭାବିତ ଲୋକମାନଙ୍କ ମଧ୍ୟରୁ ୩୫% ଲୋକଙ୍କର ଶିକ୍ଷାର ଉପଲବ୍ଧତା ଅଛି କିନ୍ତୁ ଏହା ମାଟ୍ରିକ ମଧ୍ୟରେ ସିମିତ । ତେଣୁ ପ୍ରକଳ୍ପରେ ଜମିକ୍ଷତି ନିମନ୍ତେ ମିଳିବାକୁ ଥିବା କ୍ଷତିପୂରଣ ବିଷୟରେ ଏହି ଲୋକମାନଙ୍କୁ ଅଧିକ ସଚେତନ କରାଇବା ଆବଶ୍ୟକ ।

### ୩.୪.୩ ପ୍ରଭାବିତ ବିପଦ ସଙ୍କୁଳ ପରିବାର

ସାଧାରଣତଃ ବିପଦ ସଙ୍କୁଳ ପରିବାରମାନେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଏବଂ ସାଂସ୍କୃତିକ ଦୃଷ୍ଟିରୁ ସମାଜରେ ଉଚ୍ଚ ସମ୍ପ୍ରଦାୟର ଲୋକମାନଙ୍କର ଅଧିନସ୍ଥ । ଏମାନଙ୍କ ମଧ୍ୟରେ ହରିଜନ, ଆଦିବାସୀ, ମହିଳା ମୁଖ୍ୟ ପରିବାର ଓ ଭିନ୍ନକ୍ଷମ ଅର୍ନ୍ତଭୁକ୍ତ । ସରକାର/ସମାଜର ବିଭିନ୍ନ ଯୋଜନାଗୁଡ଼ିକ ଏହି ପରିବାର ନିକଟରେ ପହଞ୍ଚିପାରେ ନାହିଁ ଯଦିବା ପହଞ୍ଚି ଥାଏ ତେବେ ସେଥିରେ ବହୁତ ବାଟମାରଣା ହୋଇଥାଏ । ସେ ଯାହାହେଉ, ଅଧ୍ୟୟନର ଅଞ୍ଚଳ ପରିଦର୍ଶନ ସମୟରେ ବିପଦ ସଙ୍କୁଳ ପରିବାରମାନଙ୍କୁ ଚିହ୍ନଟ କରିବାକୁ ଏକ ପ୍ରୟାସ କରାଯାଇଥିଲା ଏବଂ ଏହା ପରିଲକ୍ଷିତ ହୋଇଥିଲା ଯେ, ମାତ୍ର ୩ଟି ପରିବାର ବିପଦ ସଙ୍କୁଳ ପରିବାର ବର୍ଗରେ ଆସୁଛନ୍ତି ଅର୍ଥାତ । ମହିଳା ମୁଖ୍ୟ ପରିବାର ଓ ବି.ପି.ଏଲ ଶ୍ରେଣୀର ଅର୍ନ୍ତଭୁକ୍ତ । ଏମାନଙ୍କ ବ୍ୟତୀତ ଅନ୍ୟ କୌଣସି ବିପଦ ସଙ୍କୁଳ ପରିବାର ପ୍ରଭାବିତ ଅଞ୍ଚଳ ରେ ନଥିବାର ତଥ୍ୟରୁ ସୂଚନା ମିଳେ ।

### ୩.୪.୪ ପ୍ରଭାବିତ ପରିବାରମାନଙ୍କର ଜୀବିକା ଓ ବୃତ୍ତି

ପରିବାରର ଆର୍ଥିକ କାର୍ଯକ୍ରମ ବା ଜୀବିକା ସେମାନଙ୍କ ରୋଜଗାରର ସ୍ତର, ନିଯୁକ୍ତି ର ପ୍ରକୃତି ତଥା ଆର୍ଥିକ ସ୍ଥିତି ଏବଂ ସେମାନଙ୍କ ପରିବାରର ଲୋକମାନଙ୍କର ଚଳଣୀ ସ୍ଥିର କରିଥାଏ । ଜନଗଣନା ୨୦୧୧ ଅନୁସାରେ ଭୁବନେଶ୍ୱର ତହସିଲରେ (ଭୁବନେଶ୍ୱର ନଗର ନିଗମ ବ୍ୟତୀତ) ୩୪.୯୭% କର୍ମଜୀବି ରହିଥିବାବେଳେ ଅନ୍ୟମାନେ ସେମାନଙ୍କ ଉପରେ ନିର୍ଭରଶୀଳ । ତହସିଲର ସମୁଦାୟ କର୍ମଜୀବି ମାନଙ୍କ ମଧ୍ୟରୁ ୭୬.୯% ମୁଖ୍ୟ କର୍ମଜୀବି । ଏହି ତଥ୍ୟକୁ ଆଧାର କରି ପ୍ରଭାବିତ ପରିବାର ମାନଙ୍କର ଜୀବିକା ଆଧାରରେ ତଥ୍ୟ ସଂଗ୍ରହ କରାଯାଇଥିଲା । ଏଥିରୁ ଜଣାଗଲା ଯେ ସମୁଦାୟ ଲୋକସଂଖ୍ୟା ମଧ୍ୟରୁ ୨୪ ଜଣ (୩୪%) ବିଭିନ୍ନ ପ୍ରକାରର ଆର୍ଥିକ ବୃତ୍ତିରେ ନିୟୋଜିତ ଅଛନ୍ତି ଓ ଅନ୍ୟମାନେ ସେମାନଙ୍କ ଉପରେ ନିର୍ଭର କରନ୍ତି । ପୁନଶ୍ଚ ସମୁଦାୟ ରୋଜଗାର କ୍ଷମ ବ୍ୟକ୍ତିମାନଙ୍କ ମଧ୍ୟରୁ ସର୍ବାଧିକ (୬୬.୭%) ବ୍ୟବସାୟ କାର୍ଯ୍ୟରେ ନିୟୋଜିତ ଥିବାବେଳେ ୨୫% ସରକାରୀ ବା ବେସରକାରୀ କ୍ଷେତ୍ରରେ ନିୟୋଜିତ ଅଛନ୍ତି । ହାରାହାରି ୪% ଲୋକ କୃଷିକାର୍ଯ୍ୟରେ ନିୟୋଜିତ ଥିବାବେଳେ ସମାନ ପ୍ରତିଶତ ଲୋକ କାରିଗର କାର୍ଯ୍ୟ  କରନ୍ତି । ଏହା ସ୍ପଷ୍ଟ ଯେ, ଏହି ପ୍ରଭାବିତ ପରିବାରମାନେ ମୁଖ୍ୟତଃ ଚାକିରୀ ଓ ବ୍ୟବସାୟ କ୍ଷେତ୍ରରେ ନିୟୋଜିତ ଅଛନ୍ତି । କୁହାଯାଇ ପାରେ ଯେ ପ୍ରଭାବିତ ଅଞ୍ଚଳ ଭୁବନେଶ୍ୱର ନିକଟବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ବା ସହରାଞ୍ଚଳର ପ୍ରଭାବରେ ଲୋକମାନେ ମୁଖ୍ୟତଃ ଚାକିରୀ ଓ ବ୍ୟବସାୟରେ ନିୟୋଜିତ ଅଛନ୍ତି ।




**ଚିତ୍ର – ୪ ପ୍ରଭାବିତ ପରିବାର ମାନଙ୍କର ଜୀବିକା**

**ସାରଣୀ -୩.୧୦ ଜିବିକା ଅନୁସାରେ ପ୍ରଭାବିତ ପରିବାର ବିତରଣ**

| ଜିବିକା | ପୁରୁଷ | % | ମହିଳା | % | ମୋଟ | % |
|---|---|---|---|---|---|---|
| କୃଷକ | ୧ | ୫.୫୬ | ୦ | ୦.୦୦ | ୧ | ୪.୧୭ |
| କୃଷି ଶ୍ରମିକ | ୦ | ୦.୦୦ | ୦ | ୦.୦୦ | ୦ | ୦.୦୦ |
| ଦିନ ମଜୁରିଆ | ୦ | ୦.୦୦ | ୦ | ୦.୦୦ | ୦ | ୦.୦୦ |
| ଦରମା | ୩ | ୧୬.୬୭ | ୩ | ୫୦.୦୦ | ୬ | ୨୫.୦୦ |
| କାରିଗର | ୦ | ୦.୦୦ | ୧ | ୧୬.୬୭ | ୧ | ୪.୧୭ |
| ଦ୍ୟବସାୟ | ୧୪ | ୭୭.୭୮ | ୨ | ୩୩.୩୩ | ୧୬ | ୬୬.୬୭ |
| **ସମୁଦାୟ** | **୧୮** | **୧୦୦.୦୦** | **୬** | **୧୦୦.୦୦** | **୨୪** | **୧୦୦.୦୦** |

**ଦ୍ରଷ୍ଟବ୍ୟ –କୌଣସି ଆର୍ଥିକ କାର୍ଯ୍ୟରେ ସାମିଲ ହେଉନଥିବା ଲୋକ ପୁରୁଷ-୧୫ ମହିଳା – ୨୯ ମୋଟ ୪୪**

ଏହା ବିଶ୍ଳେଷଣ କରାଯାଉଛି, ଅଧ୍ୟୟନ ଅଞ୍ଚଳରେ ସମୁଦାୟ ଶ୍ରମିକ ସଂଖ୍ୟାର ୯୦%ରୁ ଅଧିକ ନିଜର ଜୀବିକା ବଞ୍ଚାଇବା ନିମନ୍ତେ କୌଣସି ନା କୌଣସି ବ୍ୟବସାୟ କିମ୍ବା ଚାକିରିରେ ସମ୍ପୃକ୍ତ ଅଛନ୍ତି । ଏହି ସମ୍ବନ୍ଧରେ ଏହା ଦେଖାଗଲା ଯେ, ପ୍ରଭାବିତ ଅଞ୍ଚଳ ରାଜ୍ୟର ରାଜଧାନୀ ଭୁବନେଶ୍ୱରର କେନ୍ଦ୍ରସ୍ଥଳିରେ ଅବସ୍ଥିତ ହୋଇଥିବାରୁ ବ୍ୟବସାୟ ଓ ଚାକିରୀ ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ଉପଲବ୍ଧ ଅଛି । ଦ୍ୱିତୀୟରେ ରାସ୍ତା ଯୋଗାଯୋଗ ବ୍ୟବସ୍ଥା ଓ ପରିବହନ ସୁବିଧା ସେହି ଲୋକମାନଙ୍କୁ ଏହି ପ୍ରକାର ବ୍ୟବସାୟ କରିବାକୁ ଅଧିକ ପ୍ରଲୋଭିତ କରୁଛି । ଏହା ବ୍ୟତିତ ଯେଉଁ ଲୋକମାନେ ଦିନ ମଜୁରିଆ, ଛୋଟ ବ୍ୟବସାୟୀ ଏବଂ ଅନ୍ୟ ଆୟକାରୀ ଗୋଷ୍ଠି ସେମାନଙ୍କୁ ବଜାର ପ୍ରଣାଳି ପର୍ଯ୍ୟନ୍ତ ପହଞ୍ଚିବାରରେ ସହାୟକ ହେବ ।

## ୩.୪.୫ ପରିବାରର ଆୟ, ଖର୍ଚ୍ଚ ଏବଂ ଋଣଗ୍ରସ୍ତତା :

ପରିବାରର ଆୟର ସ୍ତର ଯାହାକି ପରିବାରର ଖର୍ଚ୍ଚ ପ୍ରଣାଳୀ କୁ ପ୍ରଭାବିତ କରିଥାଏ ତାହା ଲୋକମାନଙ୍କର ସାମାଜିକ-ଆର୍ଥିକ ସ୍ଥିତି ଜାଣିବା ନିମନ୍ତେ ଏକ ପ୍ରଧାନ ସୂଚକ ଅଟେ । ଏହିପରି, ପ୍ରକଳ୍ପ ଅଞ୍ଚଳର ପ୍ରଭାବିତ ପରିବାର ଆୟର ସ୍ତର ଜାଣିବା ନିମନ୍ତେ ପ୍ରାଧାନ୍ୟ ଦିଆ ଯାଇଥିଲା । ସାରଣୀ ୩.୧୧ରେ ପ୍ରଭାବିତ ପରିବାରର ଆୟର ସ୍ତର ଉଲ୍ଲେଖ କରାଯାଇଛି ।

**ସାରଣୀ-୩.୧୧ ପ୍ରଭାବିତ ପରିବାରମାନଙ୍କର ଆୟର ସ୍ତର**

| ବାର୍ଷିକ ଆୟ (ଟଙ୍କାରେ) | ସଂଖ୍ୟା | % |
|---|---|---|
| ୬୦୦୦୦ ଟଙ୍କା ପର୍ଯ୍ୟନ୍ତ | ୧ | ୭.୧୪ |
| ୬୦୦୦୦-୮୦୦୦୦ | ୧ | ୭.୧୪ |
| ୮୦୦୦୦-୧୦୦୦୦୦ | ୦ | ୦.୦୦ |
| ୧୦୦୦୦୦-୧୫୦୦୦୦ | ୦ | ୦.୦୦ |
| ୧୫୦୦୦୦-୨୦୦୦୦୦ | ୦ | ୦.୦୦ |
| ୨୦୦୦୦୦-୩୦୦୦୦୦ | ୧ | ୭.୧୪ |
| ୩୦୦୦୦୦ ଏବଂ ଅଧିକ | ୧୧ | ୭୮.୫୭ |
| **ମୋଟ** | ୧୪ | ୧୦୦.୦୦ |

ଉପରେ କଥିତ ସାରଣୀ ସୂଚିତ କରୁଛି ଯେ, ସର୍ଭେ ହୋଇଥିବା ୧୪ଟି ପରିବାର ମଧ୍ୟରୁ ୧୧(୭୮.୫୭ଟି ପରିବାର ସ୍ପଷ୍ଟ କରିଥିଲେ ଯେ, ସେମାନଙ୍କର ବାର୍ଷିକ ଆୟ ୩,୦୦,୦୦୦ ଟଙ୍କାରୁ ଅଧିକ । ଆୟର ଅନ୍ୟାନ୍ୟ ସ୍ତରରେ ଏହା ପରିଲକ୍ଷିତ ହେଲା ଯେ, ଟଙ୍କା୨,୦୦,୦୦୦/-ରୁ ଟଙ୍କା୩,୦୦,୦୦୦/-, ଟଙ୍କା୬,୦୦,୦୦୦/-ରୁ ଟଙ୍କା ୮,୦୦,୦୦୦/- ଏବଂ ଟଙ୍କା ୬,୦୦,୦୦୦/-ରୁ କମ୍ ବର୍ଗ ମଧ୍ୟରେ ପ୍ରତ୍ୟେକ ବର୍ଗରେ ଗୋଟିଏ କରି ପରିବାର ଅଛନ୍ତି ।

ରଙ୍ଗରାଜନ୍ କମିଟି ୨୦୧୪ ଅନୁଯାୟୀ, ଯେଉଁ ପରିବାର ସହରାଞ୍ଚଳରେ ବାର୍ଷିକ ୮୪,୪୨୦ଟଙ୍କାରୁ କମ୍ ଖର୍ଚ୍ଚ କରନ୍ତି ସେମାନଙ୍କୁ ଦାରିଦ୍ର ସୀମାରେଖା ତଳେ ଥିବା ପରିବାର/ଆର୍ଥିକ ଭାବରେ ପଛୁଆ ହିସାବରେ ବର୍ଗୀକରଣ କରାଯାଇପାରେ । ହାରାହାରି ବାର୍ଷିକ ଆୟ ୮୪,୩୨୦ କୁ ବିଚାରକୁ ନେଇ ଏବଂ ଏହାକୁ ଆୟ ସହ ସମାନ କରି, ଏହି ଧାରଣା କରାଯାଇପାରେ ଯେ ସହରରେ ବାସ କରୁଥିବା ଗୋଟିଏ ପରିବାରର ବାର୍ଷିକ ବ୍ୟୟ ୮୪,୪୨୦ ଟଙ୍କା

ହେଲେ ବାର୍ଷିକ ଆୟ ମଧ୍ୟ ସେତିକି ହେବ । ଏହାଛଡା ଆୟର ସ୍ଥିତି ସମ୍ବନ୍ଧରେ ଉପରୋକ୍ତ ଚର୍ଚ୍ଚାରୁ ଜଣାପଡୁଛି ଯେ, ସର୍ଭେ କରାଯାଇଥିବା ପରିବାର ମଧ୍ୟରେ କେବଳ ୨ଟି ପରିବାର ବିପିଏଲ୍ ବା ଆର୍ଥିକ ଦୃଷ୍ଟିରୁ ପଛୁଆ ଅଟନ୍ତି ଯେଉଁମାନଙ୍କର ବାର୍ଷିକ ଆୟ ୮୦୦୦୦ ମଧରେ ରଖାଯାଇଛି । ତେଣୁ ରେଳବିହାର ଠାରୁ ଏକାମ୍ରକାନନ ପର୍ଯନ୍ତ ୨୦୦ଫୁଟ ମାଷ୍ଟରପ୍ଲାନ ରାସ୍ତା ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ସେମାନଙ୍କୁ ଅତ୍ୟନ୍ତ ଦୁର୍ବଳତାର ପରିସ୍ଥିତିକୁ ନେଇପାରେ । ତେଣୁ ପ୍ରକଳ୍ପ ଅଧିକାରୀମାନେ ଏହି ପରିବାରମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେଲେ ସେମାନଙ୍କର ଆର୍ଥିକସ୍ଥିତି ଦୁର୍ବଳ ହେବନାହିଁ ଓ ସେମାନଙ୍କର ଖାଦ୍ୟ ସୁରକ୍ଷା ପ୍ରଭାବିତ ହେବନାହିଁ ।

**ପରିବାରର ଖର୍ଚ୍ଚ:**

ପ୍ରଭାବିତ ପରିବାରମାନଙ୍କର  ରୋଜଗାର ଓ ଖର୍ଚ୍ଚର ସମ୍ପୃକ୍ତିକୁ ଅନୁଧ୍ୟାନ କରିବା ପାଇଁ ପରିବାରର ପୂର୍ବ ବର୍ଷର ଖାଦ୍ୟ ଓ ଅଣଖାଦ୍ୟ ଖର୍ଚ୍ଚକୁ ବିଶ୍ଳେଷଣ କରାଯାଇଛି । ସର୍ଭେ କରାଯାଇଥିବା ପରିବାରଠାରୁ ସଂଗ୍ରହ କରାଯାଇଥିବା ତଥ୍ୟ ସୂଚିତ କରୁଛି ଯେ, ୧୦ ଟି ପରିବାର (୭୧.୪୩%) ପରିବାର ଖାଦ୍ୟ ପାଇଁ ମାସିକ ୧୦,୦୦୦ ଟଙ୍କାରୁ ଅଧିକ ଖର୍ଚ୍ଚ କରନ୍ତି  । ସେହିପରି ୬,୦୦୦ ଟଙ୍କାରୁ କମ୍ ଓ ୬,୦୦୦ ଟଙ୍କାରୁ ୮,୦୦୦ ଟଙ୍କା ମଧ୍ୟରେ ପ୍ରତ୍ୟେକ ବର୍ଗରେ ୨ ଟି ପରିବାର ଅଛନ୍ତି । ସାରଣୀ ୩.୧୨ରେ ପ୍ରଭାବିତ ପରିବାର ମାନଙ୍କର ମାସିକ ଖାଦ୍ୟର ଖର୍ଚ୍ଚର ତଥ୍ୟ ପ୍ରଦାନ କରାଯାଇଛି ।

**ସାରଣୀ-୩.୧୨ ଖାଦ୍ୟ ଓ ଅଣଖାଦ୍ୟରେ ହାରାହାରୀ ହାରାହାରି ମାସିକ ଖର୍ଚ୍ଚ (ଟଙ୍କାରେ)**

| **ବାର୍ଷିକ ବ୍ୟୟ (ଟଙ୍କାରେ)** | ଖାଦ୍ୟ | % | ଅଣ ଖାଦ୍ୟ | % |
|---|---|---|---|---|
| ୬୦୦୦ ଟଙ୍କାରୁ କମ୍ | ୨ | ୧୪.୨୯ | ୦ | ୦.୦୦ |
| ୬୦୦୦-୮୦୦୦ | ୨ | ୧୪.୨୯ | ୦ | ୦.୦୦ |
| ୮୦୦୦-୧୦୦୦୦ | ୦ | ୦.୦୦ | ୦ | ୦.୦୦ |
| ୧୦୦୦୦ ଟଙ୍କା ଏବଂ ଅଧିକ | ୧୦ | ୭୧.୪୩ | ୧୪ | ୧୦୦.୦୦ |
| ମୋଟ | ୧୪ | ୧୦୦.୦୦ | ୧୪ | ୧୦୦.୦୦ |

*ଉତ୍ସ- ପ୍ରକଳ୍ପ ଅଞ୍ଚଳରୁ ସଂଗୃହିତ ପ୍ରାଥମିକ ତଥ୍ୟ*

ପରିବାରର ଅଣଖାଦ୍ୟ ଖର୍ଚ୍ଚ ଦେଖିବାକୁ ଗଲେ ସର୍ଭେ କରଯାଇଥିବା ସମସ୍ତ ପରିବାର କହିଥିଲେ ଯେ, ହାରାହାରି ସେମାନେ ସମସ୍ତେ ଗତ କ୍ୟାଲେଣ୍ଡର ବର୍ଷରେ ସେମାନେ ଅଣଖାଦ୍ୟ ବାବାଦରେ ୧୦୦୦୦ ଟଙ୍କାରୁ ଅଧିକ ଖର୍ଚ୍ଚ କରିଛନ୍ତି । ଏହା ଅନୁମାନ କରାଯାଉଛି କି, ସହରାଞ୍ଚଳରେ ଅଣଖାଦ୍ୟ ବାବଦରେ ଆନୁପାତିକ ହିସାବରେ ଅଧିକ ଖର୍ଚ୍ଚ ହୁଏ, କାରଣ ଘରଭଡା, ସାମାଜିକ କାର୍ଯକ୍ରମ, ଶିକ୍ଷା ସ୍ୱାସ୍ଥ୍ୟ ରେ ରେ ଅଧିକ ଟଙ୍କା ଖର୍ଚ୍ଚ ହେଉଥିବା ହେତୁ ଏପରି ହୋଇଥାଏ ।

**ଋଣଗ୍ରସ୍ତତା :**

କର୍ତ୍ତବ୍ୟ ହେତୁ ହେଉ ଅବା ଦାୟିତ୍ୱ ହେତୁ ହେଉ, ଘରୋଇ ଅବା ବାହାର କିମ୍ବା ଉଭୟର ଆବଶ୍ୟକତା ନିମନ୍ତେ ଲୋକମାନଙ୍କର ସାମାଜିକ-ଆର୍ଥିକ ଆବଶ୍ୟକତା କୁ ପୁରଣ କରିବା ନିମନ୍ତେ ଋଣ ଏକ ମୁଖ୍ୟ ଉତ୍ସ ଅଟେ । ଏହାକୁ

ଭିତିକରି ପ୍ରଭାବିତ ପରିବାର ମାନଙ୍କର ଋଣଗ୍ରସ୍ତତା ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରାଯାଇଥିଲା ଏବଂ ଏଥିରୁ ଅବଗତ ହେଲା ଯେ, ୧୪ ଟି ପରିବାର ମଧ୍ୟରୁ ୭ (୫୦%) ଟି ପରିବାର ଉତ୍ପାଦନଭିତ୍ତିକ ବିନିଯୋଗ ଓ ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ ଆନୁଷ୍ଠାନିକ ଋଣ ବିଭିନ୍ନ ବ୍ୟାଙ୍କରୁ ନେଇଛନ୍ତି । କାହିଁକି ଲୋକ ମାନେ ଏହି ଉତ୍ସରୁ ଋଣ ଆଣୁଛନ୍ତି ଏହାର କାରଣ ସମ୍ବନ୍ଧରେ ଜାଣିବାକୁ ଚାହିଁବାରୁ ସେମାନେ କହିଥିଲେ ଯେ, ଅନ୍ୟାନ୍ୟ ମାଧ୍ୟମଠାରୁ ବ୍ୟାଙ୍କ୍ କମ୍ ମାତ୍ରାରେ ସୁଧ ନେଉଥିବାରୁ ଓ କୌଣସି ବନ୍ଧକ ରଖୁନ ଥିବାରୁ ଲୋକମାନେ ଏହି ମାଧ୍ୟମରୁ ଋଣ ନେଇଛନ୍ତି ।

**ସାରଣୀ-୩.୧୩ ପ୍ରଭାବିତ ପରିବାରର ଋଣଗ୍ରସ୍ତତା**

| ଋଣ ନେଇଛନ୍ତି କି ? | **ସଂଖ୍ୟା** | % |
|---|---|---|
| ହଁ | ୭ | ୫୦.୦୦ |
| ନାହିଁ | ୭ | ୫୦.୦୦ |
| **ମୋଟ** | **୧୪** | **୧୦୦.୦୦** |

**ସାରଣୀ-୩.୧୪ପ୍ରଭାବିତ ପରିବାରର ବିଭନ୍ନ ସଦସ୍ୟ ନେଇଥିବା ଋଣ**

| ଋଣ ନେଇଥିବା ସଦସ୍ୟ | **ସଂଖ୍ୟା** | % |
|---|---|---|
| ପରିବାରର ର ମୁଖ୍ୟ | ୩ | ୪୨.୮୬ |
| ପରିବାରର ର ମୁଖ୍ୟଙ୍କ ପତ୍ନି ବା ପତି | ୩ | ୪୨.୮୬ |
| ପୁଅ | ୧ | ୧୪.୨୮ |
| ବୋହୁ | ୦ | ୦.୦୦ |
| **ମୋଟ** | **୭** | **୧୦୦.୦୦** |

**ସାରଣୀ-୩.୧୫ ଋଣର ଉତ୍ସ**

| **ଋଣର ଉତ୍ସ** | **ସଂଖ୍ୟା** | % |
|---|---|---|
| ବ୍ୟାଙ୍କ | ୭ | ୧୦୦.୦୦ |
| ବେସରକାରୀ ସଂସ୍ଥା | ୦ | ୦.୦୦ |
| ମହାଜନ | ୦ | ୦.୦୦ |
| ବନ୍ଧୁବାନ୍ଧବ/ସାଙ୍ଗ | ୦ | ୦.୦୦ |
| ଏସ୍ ଏଚ୍ ଜି | ୦ | ୦.୦୦ |
| ଅନ୍ୟାନ୍ୟ | ୦ | ୦.୦୦ |
| **ମୋଟ** | **୭** | **୧୦୦.୦୦** |

**ସାରଣୀ-୩.୧୬ ଋଣର ଉଦ୍ଦେଶ୍ୟ**

| ଋଣର ଉଦ୍ଦେଶ୍ୟ | ସଂଖ୍ୟା | % |
|---|---|---|
| ଉତ୍ପାଦାନେଯାଗ୍ୟ ବିନିଯୋଗ ଉଦ୍ଦେଶ୍ୟରେ | ୨ | ୨୮.୫୭ |
| ଜିନିଷ କିଣିବାକୁ | ୧ | ୧୪.୨୯ |
| ଜରୁରି ଆବଶ୍ୟକତା | ୦ | ୦.୦୦ |
| ପିଲାମାନଙ୍କ ବିବାହ | ୦ | ୦.୦୦ |
| ପୂର୍ବଋଣ ସୁଝିବାକୁ | ୦ | ୦.୦୦ |
| ଅନ୍ୟାନ୍ୟ | ୪ | ୫୭.୧୪ |
| **ମୋଟ** | ୭ | ୧୦୦.୦୦ |

### ୩.୪.୬ ବାସଗୃହର ସ୍ଥିତି, ଅତ୍ୟାବଶ୍ୟକ ସୁବିଧା ଓ ଆସବାବପତ୍ର

ସାମାଜିକ ଆକଳନରେ ସାମାଜିକ- ଅର୍ଥନୈତିକ ଅଧ୍ୟୟନ ନିମନ୍ତେ ଗୃହର ଢାଞ୍ଚା ଓ ସେଥିରେ ଉପଲବ୍ଧ ମୌଳିକ ସୁବିଧାର ଆକଳନ କରିବା ମହତ୍ତ୍ୱପୂର୍ଣ୍ଣ ଅଟେ । ତେଣୁ କ୍ଷେତ୍ର ସର୍ବେକ୍ଷଣ ସମୟରେ ଯାଞ୍ଚକର୍ତ୍ତାମାନଙ୍କ ଦ୍ୱାରା ବାସଗୃହର ଢାଞ୍ଚା, ଏହାର ବ୍ୟବହାର, ଗୃହର ଅବସ୍ଥା ଏବଂ ମୌଳିକ ସୁବିଧା ସୁଯୋଗର ଉପଲବ୍ଧତା ବିଷୟରେ ତନ୍ନତନ୍ନ କରି ଦେଖାଯାଇଥିଲା ଏବଂ ତଥ୍ୟରୁ ଜଣାଗଲା ଯେ, ସମସ୍ତ ପ୍ରଭାବିତ ପରିବାର ସେମାନଙ୍କର ନିଜ ଗୃହରେ ବସବାସ କରୁଛନ୍ତି, ଯେଉଁଗୁଡିକ କି ଇଟା ଏବଂ ସିମେଣ୍ଟ ସହିତ କଂକ୍ରିଟରେ ତିଆରି । ଏହା ଆହୁରି ମଧ୍ୟ ପରିଲକ୍ଷିତ ହେଲା ଯେ, ତିନୋଟି ଗୃହର ଚଟାଣ ଟାଇଲରେ ନିର୍ମିତ, ୪ ଟି ଗୃହର ଚଟାଣ ସିମେଣ୍ଟରେ ନିର୍ମିତ ଏବଂ ଅବଶିଷ୍ଟ ୭ ଟି ଗୃହର ଚଟାଣ ଅନ୍ୟାନ୍ୟ ପଦାର୍ଥରେ ନିର୍ମିତ ଅଟେ ।

ବାସଗୃହରେ ଥିବା ମୌଳିକ ସୁବିଧା ଗୁଡ଼ିକ ବିଶ୍ଳେଷଣ କରିବା ବେଳେ ଏହା ଦୃଷ୍ଟିଗୋଚର ହେଲା ଯେ, ସମସ୍ତ ବାସଗୃହରେ ମୌଳିକ ନାଗରିକ ସୁବିଧା ସୁଯୋଗ ଯଥା- ଗାଧୁଆଘର, ପାଇଖାନା, ଘର ଭିତରେଧୁଆଧୁଇ ହେବା ପାଇଁ ସ୍ୱତନ୍ତ୍ର ସ୍ଥାନ ଏବଂ ବିଦ୍ୟୁତ୍ ସଂଯୋଗ ଇତ୍ୟାଦି ଉପଲବ୍ଧ ଅଛି । ଏହା ମଧ ଦୃଷ୍ଟିଗୋଚର ହେଲା ଯେ, ପ୍ରଭାବିତ ପରିବାର ଉତ୍ତମ ଭାବରେ ନିର୍ମିତ ସମସ୍ତ ମୌଳିକ ସୁବିଧା ଉପଲବ୍ଧ ଥିବା ଗୃହରେ ବସବାସ କରୁଛନ୍ତି । ସର୍ବେକ୍ଷଣ ସମୟରେ ପ୍ରଭାବିତ ପରିବାରମାନେ ବ୍ୟବହାର କରୁଥିବା ପାନୀୟ ଜଳର ଉତ୍ସ ସମ୍ବନ୍ଧରେ ମଧ ତଥ୍ୟ ସଂଗ୍ରହ କରାଯାଇଥିଲା ଏବଂ ଏହା ଅବଗତ ହେଲା ଯେ, ପ୍ରଭାବିତ ପରିବାର ସଦସ୍ୟମାନେ ପିଇବା ପାଇଁ ପାଇପ୍ ଜଳ ଉପରେ ନିର୍ଭର କରୁଛନ୍ତି । ଏହା ମଧ୍ୟ ସୁଚନା ମିଳିଲା ଯେ, ସହରୀକରଣର ପ୍ରଭାବରେ ଲୋକମାନେ ତଙ୍କ ଅଞ୍ଚଳରେ ସମସ୍ତ ମୌଳିକ ସୁବିଧା ସୁଯୋଗ ପାଇପାରୁଛନ୍ତି ।

**ପରିବାରର ଆସବାବ ପତ୍ର:**

ପ୍ରଭାବିତ ପରିବାରର ସାମାଜିକ-ଆର୍ଥିକ ସ୍ଥିତି ଆକଳନ କରିବା ନିମନ୍ତେ ତଥ୍ୟ ସଂଗ୍ରହ ସମୟରେ ପରିବାରରେ ଥିବା ଆସବାବପତ୍ରର ତଥ୍ୟ ମଧ ବିଚାରକୁ ନିଆ ଯାଇଥିଲା । କ୍ଷେତ୍ର ପରିଦର୍ଶନ ସମୟରେ ଏହା ଦୃଷ୍ଟି ଗୋଚର ହେଲା ଯେ ପରିବାରମାନେ ବିଭିନ୍ନ ପ୍ରକାର ଆସବାବପତ୍ର ରଖିଛନ୍ତି ଯାହାକି ସାରଣୀ – ୩.୧୭ରେ ଉଲ୍ଲେଖ କରାଯାଇଛି ।

**ସାରଣୀ-୩.୧୭: ପରିବାରର ଚଳନ୍ତି ଆସବାବ ପତ୍ର**

| ଆସବାବ ପତ୍ର | ସଂଖ୍ୟା | % | ଆସବାବ ପତ୍ର | ସଂଖ୍ୟା | % |
|---|---|---|---|---|---|
| ଟିଭି | ୧୪ | ୧୦୦.୦୦ | ଚାରି ଚକିଆ ଯାନ | ୧୦ | ୭୧.୪୩ |
| ରେଫ୍ରିଜରେଟର | ୧୪ | ୧୦୦.୦୦ | ବସ୍ | ୨ | ୧୪.୨୯ |
| ମୋବାଇଲ ଫୋନ | ୧୪ | ୧୦୦.୦୦ | ଏଲ୍.ପି.ଜି ଗ୍ୟାସ୍ | ୧୪ | ୧୦୦.୦୦ |
| ସାଇକେଲ | ୪ | ୨୮.୫୭ | ବାସନକୁସନ | ୧୪ | ୧୦୦.୦୦ |
| ତିନିଚକିଆ ଯାନ | ୨ | ୧୪.୨୯ | ଅଳଙ୍କାର | ୧୩ | ୯୨.୮୬ |
| ଦୁଇ ଚକିଆ ଯାନ | ୧୧ | ୭୮.୫୭ | ଅନ୍ୟାନ୍ୟ ଆସବାବ ପତ୍ର | ୬ | ୪୨.୮୬ |

*ଉତ୍ସ- ପ୍ରକଳ୍ପ ଅଞ୍ଚଳରୁ ସଂଗୃହିତ ପ୍ରାଥମିକ ତଥ୍ୟ*

ଉପରେ ପ୍ରଦାନ କରାଯାଇଥିବା ସାରଣୀର ତଥ୍ୟରୁ ଜଣାଯାଏ ଯେ ସମୁଦାୟ ୧୪ଟି ପରିବାର ମଧ୍ୟରୁ ସମସ୍ତଙ୍କ ଘରେ ଟିଭି, ରେଫ୍ରିଜରେଟର ମୋବାଇଲ ଫୋନ ଏଲ୍.ପି.ଜି ଗ୍ୟାସ୍ ଓ ଆବଶ୍ୟକୀୟ ବାସନକୁସନ ରଖିଛନ୍ତି । ଏହା ବ୍ୟତିତ ୧୪ଟି ପରିବାର ମଧ୍ୟରୁ ୧୧ ଟି ପ୍ରଭାବିତ ପରିବାରରେ ଦୁଇ ଚକିଆ ଯାନ, ୧୩ ଟି ପରିବାରରେ ଅଳଙ୍କାର ଓ ୪ଟି ପରିବାରରେ ସାଇକେଲ ଥିବାର ଜଣାଗଲା । ଆହୁରି ମଧ୍ୟ ଏହି ତଥ୍ୟ ପ୍ରଦାନ କଲେ ଯେ, ୧୦ ଟି ଉଚ୍ଚ ଆୟକାରୀ ପରିବାରରେ ୪ ଚକିଆ ଯାନ ଏବଂ ୨ ଟି ପରିବାରରେ ବସ୍ ଅଛି । ମଜାଦାର କଥା ଯେ କୌଣସି ପରିବାରରେ ରେଡ଼ିଓ ବା ଟେପ୍ରେକର୍ଡ଼ ନାହିଁ ଏବଂ ଏହା ଅନୁଭବ କରାଗଲା ବୋଧହୁଏ ଏହା ପୁରୁଣାକାଳିଆ ହୋଇଗଲାଣି ।

### ୩.୪.୭ ସ୍ୱାସ୍ଥ୍ୟ ଯତ୍ନଶୀଳତା :

ପ୍ରଭାବିତ ପରିବାରମାନଙ୍କୁ ସେମାନଙ୍କର ସ୍ୱାସ୍ଥ୍ୟ ଯତ୍ନଶୀଳତା ବିଷୟରେ ଯଥା ସ୍ୱାସ୍ଥ୍ୟକେନ୍ଦ୍ରର ଉପଲବ୍ଧତା, ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରକାର, ଗତ ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟ ପାଇଁ କେତେ ଖର୍ଚ୍ଚ କରିଛନ୍ତି ସେ ସମ୍ବନ୍ଧରେ ପଚରା ଯାଇଥିଲା । ସେ ଯାହାହେଉ ଯେ କେହି ବି ଏହି ପ୍ରତିକ୍ରିୟାରୁ ଆକଳନ କରିପାରିବ ଯେ ପ୍ରଭାବିତ ପରିବାର ବିଭିନ୍ନ ପ୍ରକାର ସୁବିଧାର ଉପଯୋଗ କରନ୍ତି । ଏହା ଜଣାପଡିଲା ଯେ, ସର୍ଭେ ତାରିଖ ପୂର୍ବ ୧୨ ମାସ ମଧ୍ୟରେ ୧୪ ଟି ପ୍ରଭାବିତ ପରିବାର ମଧ୍ୟରୁ ୮ଟି ପରିବାର (୫୭.୧୪%) ସଦସ୍ୟମାନେ ବିଭିନ୍ନ ପ୍ରକାର ରୋଗରେ ପ୍ରଭାବିତ ହୋଇଛନ୍ତି । ନିଜର ଚିକିତ୍ସା ପାଇଁ ପ୍ରାୟ ସମସ୍ତେ (୭୫%) ବେସରକାରୀ ଏଲୋପାଥି ଚିକିତ୍ସାଳୟକୁ ଯାଇଛନ୍ତି । ଏହି ଅଗ୍ରାଧିକାର ସେମାନଙ୍କ ଉତ୍ତମ ଆର୍ଥିକ ଅବସ୍ଥା ସମ୍ବନ୍ଧରେ ସୂଚିତ କରୁଛି ।

ସ୍ୱାସ୍ଥ୍ୟ ସୁବିଧାର ଉପଲବ୍ଧତା ସମ୍ବନ୍ଧରେ ପଚରାଯିବାରୁ ଏହା ଜଣାଗଲା ଯେ, ସର୍ଭେ କରାଯାଇଥିବା ସମୁଦାୟ ପରିବାରମାନଙ୍କ ମଧ୍ୟରୁ ୬ଟି (୪୨.୮୬%) ପରିବାର ବେସରକାରୀ ଡାକ୍ତରଖାନାକୁ ଯାଆନ୍ତି ଏବଂ ସମାନ ସଂଖ୍ୟକ ପରିବାର ବେସରକାରୀ କ୍ଲିନିକକୁ ପ୍ରାଧାନ୍ୟ ଦିଅନ୍ତି ଏବଂ ମାତ୍ର ୨ ଟି ପରିବାର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଆନ୍ତି । ଯାଆନ୍ତି । ପରିସଂଖ୍ୟାନ ତଥ୍ୟରୁ ଅନୁମାନ କରାଯାଉଛି ଅଧିକାଂଶ ପରିବାର ବେସରକାରୀ ସ୍ୱାସ୍ଥ୍ୟ ସୁବିଧା ଉପରେ

ନିର୍ଭର କରିଥାନ୍ତି କାରଣ ଭୁବନେଶ୍ୱରରେ ଅଧିକାଂଶ ବେସରକାରୀ ସ୍ୱାସ୍ଥ୍ୟ ସୁବିଧା ଉପଲବ୍ଧ ଅଛି ଏବଂ ସେମାନେ ଏଥିପାଇଁ ଖର୍ଚ୍ଚ କରିବାକୁ ମଧ୍ୟ ପ୍ରସ୍ତୁତ ଅଛନ୍ତି ।

ନିୟମିତ ଚିକିତ୍ସା ଆବଶ୍ୟକ କରୁଥିବା ପୁରୁଣା ରୋଗ ସମ୍ବନ୍ଧରେ ପରିବାରର ଧାରଣା ବିଷୟରେ ତଥ୍ୟ ସଂଗ୍ରହ କରାଯାଇଥିଲା । ସମୁଦାୟ ପ୍ରଭାବିତ ପରିବାର ମଧ୍ୟରୁ ୧୩ଜଣ (୯୨.୮୬%) ପ୍ରକାଶ କଲେ ଯେ, ସେମାନେ ଶ୍ୱାସ, ଡାଇବେଟିସ୍, ବ୍ଲଡ଼ପ୍ରେସର ଏବଂ ଥାଇରଏଡ ଭଳି ରୋଗ ନିମନ୍ତେ ନିୟମିତ ଚିକିତ୍ସା ହେଉଛନ୍ତି । ସର୍ଭେ ସମୟରେ ଏହା ଆହୁରି ମଧ୍ୟ ଜଣାଗଲା ଯେ, ଡାକ୍ତରଖାନାରେ ଚିକିତ୍ସା ବାବଦରେ ୮ଟି ପରିବାର ମାସିକ ୫୦୦୦ଟଙ୍କାରୁ ଅଧିକ ସ୍ୱାସ୍ଥ୍ୟ ବାବଦରେ ଖର୍ଚ୍ଚ କରନ୍ତି ୩ ଟି ପରିବାର ମାସିକ ୩୦୦୦-୫୦୦୦ ଟଙ୍କା ଖର୍ଚ୍ଚ କରନ୍ତି ଏବଂ ସମାନ ସଂଖ୍ୟକ ପରିବାର ସ୍ପଷ୍ଟ କରିଥିଲେ ଯେ ସେମାନେ ଏହି ଉଦ୍ଦେଶ୍ୟରେ ମାସକୁ ୧୦୦୦ ଟଙ୍କା ଖର୍ଚ୍ଚ କରନ୍ତି ।

### ୩.୪.୮ ନିଷ୍ପତ୍ତିଗ୍ରହଣ ଓ ସହଭାଗିତା

ପ୍ରକଳ୍ପ ଅଞ୍ଚଳରେ ମହିଳା ସଶକ୍ତିକରଣକୁ ହୃଦୟଙ୍ଗମ କରିବା ପାଇଁ ପରିବାର ସ୍ତରରେ ଲିଙ୍ଗ ଆଧାରରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ଓ ସହଭାଗିତାକୁ ଅନୁଧ୍ୟାନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଉତ୍ତରଦାତାମାନଙ୍କୁ ଗୋଷ୍ଠି ସ୍ତରରେ ବିଭିନ୍ନ କାର୍ଯ୍ୟ କ୍ରମରେ ଭାଗ ନେବାରେ ଓ ପରିବାର ସ୍ତରରେ ନିଷ୍ପତ୍ତିଗ୍ରହଣ ପ୍ରକ୍ରିୟାରେ ମହିଳାମାନଙ୍କର ଭାଗିଦାରିତା ସମ୍ବନ୍ଧରେ ପ୍ରଶ୍ନ ପଚରାଯାଇଥିଲା ଓ ସେମାନଙ୍କର ତଥ୍ୟ ଗୁଡ଼ିକୁ ସାରଣୀ ୩.୧୮ରେ ଉଲ୍ଲେଖ କରାଯାଇଛି ।

**ସାରଣୀ-୩.୧୮ ପରିବାର ସ୍ତରରେ ନିଷ୍ପତ୍ତିଗ୍ରହଣ ପ୍ରକ୍ରିୟା**

| ନିଷ୍ପତ୍ତି | ପୁରୁଷ | ମହିଳା | ଉଭୟ | ମୋଟ |
|---|---|---|---|---|
| ଆର୍ଥିକ ବିଷୟ | ୯ | ୨ | ୩ | ୧୪ |
| | ୬୪.୨୯ | ୧୪.୨୯ | ୨୧.୪୩ | ୧୦୦.୦୦ |
| ପିଲାମାନଙ୍କ ଶିକ୍ଷା | ୪ | ୩ | ୭ | ୧୪ |
| | ୨୮.୫୭ | ୨୧.୪୩ | ୫୦.୦୦ | ୧୦୦.୦୦ |
| ପିଲାମାନଙ୍କ ସ୍ୱାସ୍ଥ୍ୟ | ୧ | ୮ | ୫ | ୧୪ |
| | ୭.୧୪ | ୫୭.୧୪ | ୩୫.୭୧ | ୧୦୦.୦୦ |
| ସମ୍ପତ୍ତି କ୍ରୟ | ୨ | ୧ | ୧୧ | ୧୪ |
| | ୧୪.୨୯ | ୭.୧୪ | ୭୮.୫୭ | ୧୦୦.୦୦ |
| ଦୈନନ୍ଦିନ ଗୃହକାର୍ଯ୍ୟ | ୫ | ୮ | ୧ | ୧୪ |
| | ୩୫.୭୧ | ୫୭.୧୪ | ୭.୧୪ | ୧୦୦.୦୦ |
| ସାମାଜିକ ଉତ୍ସବ ଓ ବିବାହ | ୪ | ୩ | ୭ | ୧୪ |
| | ୨୮.୫୭ | ୨୧.୪୩ | ୫୦.୦୦ | ୧୦୦.୦୦ |
| ପରିବାର ନିମନ୍ତେ ମହିଳାମାନେ ଆୟ କରିବା | ୩ | ୪ | ୭ | ୧୪ |
| | ୨୧.୪୩ | ୨୮.୫୭ | ୫୦.୦୦ | ୧୦୦.୦୦ |

| | | | | |
|---|---|---|---|---|
| ଜମି ଏବଂ ସମ୍ପତ୍ତି | ୯ | ୨ | ୩ | ୧୪ |
| | ୬୪.୨୯ | ୧୪.୨୯ | ୨୧.୪୩ | ୧୦୦.୦୦ |
| ଅନ୍ୟାନ୍ୟ | ୭ | ୩ | ୪ | ୧୪ |
| | ୫୦.୦୦ | ୨୧.୪୩ | ୨୮.୫୭ | ୧୦୦.୦୦ |

*ଉତ୍ସ- ପ୍ରକଳ୍ପ ଅଞ୍ଚଳରୁ ସଂଗୃହିତ ପ୍ରାଥମିକ ତଥ୍ୟ*

ସର୍ଭେରୁ ଜଣା ପଡୁଛି ଯେ, ପରିବାର ସ୍ତର ଘଟଣାର ନିଷ୍ପତ୍ତିଗ୍ରହଣ ପ୍ରକ୍ରିୟାରେ ମହିଳାମାନେ ଅଂଶଗ୍ରହଣ କରନ୍ତି କିନ୍ତୁ ସେମାନଙ୍କ ଅନୁପାତ ପୁରୁଷ ପ୍ରତିପକ୍ଷଙ୍କ ତୁଳନାରେ ବହୁତ କମ୍ ଅଟେ । ସେ ଯାହାହେଉ ପିଲାମାନଙ୍କ ସ୍ୱାସ୍ଥ୍ୟ ଓ ଗୃହର ଦୈନନ୍ଦିନ କାର୍ଯ୍ୟକ୍ରମ ସମ୍ବନ୍ଧରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ମହିଳାମାନେ ଉଚ୍ଚ ସ୍ଥିତିରେ ଅଛନ୍ତି । ସେହିପରି ଆର୍ଥିକ ମାମଲା ଏବଂ ଜମି ଓ ସମ୍ପତ୍ତି ଘଟଣାରେ ପୁରୁଷ ଲୋକମାନେ ମହିଳା ମାନଙ୍କ ଠାରୁ ଅଲଗା ସ୍ଥିତିରେ ଅଛନ୍ତି । ଏହିପରି ଏହା ସୂଚିତ କରୁଛି ଯେ, ସାଧାରଣ ଭାବରେ ମହିଳା ସଦସ୍ୟମାନେ ପରିବାର ସ୍ତରର ଫଇସଲା ଉପରେ ନିୟନ୍ତ୍ରଣ ରହିଥିଲାବେଳେ ପୁରୁଷ ସଦସ୍ୟମାନଙ୍କର ଆର୍ଥିକ ମାମଲା ଏବଂ ଜମି ଓ ସମ୍ପତ୍ତି ଭଳି ବାହାର ଘଟଣାରେ ନିଷ୍ପତ୍ତି ଗ୍ରହଣ କରିବାରେ ପ୍ରମୁଖ ଭୂମିକା ରହିଥାଏ । ଏହା ବ୍ୟତିତ ଅନ୍ୟ ସମସ୍ତ ଘଟଣାରେ ଏକାଠି ନିଷ୍ପତ୍ତି ଗ୍ରହଣ କରାଯାଏ । ଉପରେ ବର୍ଣ୍ଣନା କରାଯାଇଥିବାର ସବିଶେଷ ବିବରଣୀ ସାରଣୀ ୩.୧୮ରେ ଉଲ୍ଲେଖ କରାଯାଇଛି ।

### ୩.୫ ପରୋକ୍ଷ ଭାବେ ପ୍ରଭାବିତ ବ୍ୟକ୍ତିମାନଙ୍କର ପାର୍ଶ୍ୱଚିତ୍ର

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସମୟରେ ମନମୁତାବକ ନମୁନା ବାଛି ନମୁନା ସର୍ବେକ୍ଷଣ ପଦ୍ଧତିରେ ୧୦ ଟି ପରୋକ୍ଷ ଭାବରେ ପ୍ରଭାବିତ ପରିବାର ଠାରୁ ମଧ୍ୟ ତଥ୍ୟ ସଂଗ୍ରହ କରାଯାଇଥିଲା । ଏହା ଦେଖାଗଲା ଯେ ମୋଟ ୧୦ଟି ପରିବାରରେ ୪୭ ଜଣ ସଦସ୍ୟ ରହିଛନ୍ତି ଓ ସେମାନଙ୍କ ମଧ୍ୟରୁ ୨୭ ଜଣ ପୁରୁଷ ହୋଇଥିବା ବେଳେ ୨୦ ଜଣ ମହିଳା ଅଟନ୍ତି । ଜାତି ବିଭାଜନ ଅନୁସାରେ ସମୁଦାୟ ପରିବାର ମଧ୍ୟରୁ ଅନ୍ୟାନ୍ୟ ପଛୁଆ ବର୍ଗ ଓ ସାଧାରଣ ବର୍ଗ ପ୍ରତ୍ୟେକରେ ୩ ଟି କରି ପରିବାର ଥିବାବେଳେ ଅବଶିଷ୍ଟ ୪ ଟି ପରିବାର ଅନୁସୂଚିତ ଜାତିର ଅଟନ୍ତି ସାରଣୀ ୩.୧୯ ଦ୍ରଷ୍ଟବ୍ୟ । ଆହୁରି ମଧ୍ୟ ସର୍ଭେ ହୋଇଥିବା ୧୦ ଟି ପରିବାର ମଧ୍ୟରେ ୨ଟି ବିପଦସଙ୍କୁଳ ପରିବାର ଥିବାର ଦୃଷ୍ଟିଗୋଚର ହୋଇଥିଲା ଯେହେତୁ ସେମାନଙ୍କର ଆୟ ଆବଶ୍ୟକ ଠାରୁ କମ୍ ଥିଲା । ବୟସ ଅନୁଯାୟୀ ପରୋକ୍ଷ ଭାବରେ ପ୍ରଭାବିତ ପରିବାର ସଦସ୍ୟମାନଙ୍କ ବିଭାଜନ ଏକ ସୁସ୍ଥ ପ୍ରତିବିମ୍ବ ପ୍ରଦର୍ଶିତ କରୁଛି ଯେହେତୁ ୨୨ଜଣ (୪୬.୮୧%) ଉତ୍ପାଦନକ୍ଷମ ବୟସ ବର୍ଗ ୧୮ ରୁ ୪୫ ବର୍ଷ ବୟସର ଅଛନ୍ତି । ଅନ୍ୟାନ୍ୟ ବୟସ ବର୍ଗ ମଧ୍ୟରେ ୧୩ଜଣ (୨୭.୬୬%) ୪୫ ରୁ ୬୦ ବର୍ଷ ବୟସ ବନ୍ଧନିରେ ଥିବା ବେଳେ ୧୮ ବର୍ଷ ବୟସରୁ କମ ବର୍ଗରେ ୯ଜଣ (୧୯.୧୫%) ଏବଂ ଅବଶିଷ୍ଟ ୩ ଜଣ (୬.୩୮%) ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ଅଛନ୍ତି ସାରଣୀ ୩.୨୦ ଦ୍ରଷ୍ଟବ୍ୟ ।

ପରୋକ୍ଷ ଭାବରେ ପ୍ରଭାବିତ ପରିବାରର ସାକ୍ଷରତା ଦୃଷ୍ଟିରୁ ଅନୁଧ୍ୟାନ କଲେ ଜଣାଯାଇଛି ଯେ ସମୁଦାୟ ଜନସଂଖ୍ୟାର ୯୫.୬୫% (୪୪ ଜଣ) ଜଣ ସାକ୍ଷର ଏବଂ ମାତ୍ର ୨ ଜଣ ନିରକ୍ଷର ଅଟନ୍ତି । ସାକ୍ଷରମାନଙ୍କ ମଧ୍ୟରେ ୮ ଜଣ ବ୍ୟକ୍ତି ସ୍ନାତକ ପର୍ଯ୍ୟନ୍ତ ଶିକ୍ଷା ଲାଭ କରିଛନ୍ତି ଏବଂ ସମାନ ସଂଖ୍ୟକ ଲୋକ ମାଟ୍ରିକ୍ ପାସ୍ କରିଛନ୍ତି । ଅନ୍ୟମାନଙ୍କ

ମଧ୍ୟରେ ୧୯ ଜଣ ହାଇସ୍କୁଲ ପର୍ଯ୍ୟନ୍ତ ପାଠ ପଢ଼ିଥିବା ବେଳେ ୨ ଜଣ ଇଣ୍ଟରମିଡିଏଟ୍, ୩ ଜଣ ସ୍ନାତୋକତ୍ତର ଏବଂ ୩ ଜଣ ବୈଷୟିକ ଶିକ୍ଷା ଲାଭ କରିଛନ୍ତି ସାରଣୀ ୩.୨୧ ଏବଂ ସାରଣୀ ୩.୨୨ ଦ୍ରଷ୍ଟବ୍ୟ ।

ପରୋକ୍ଷ ଭାବେ ପ୍ରଭାବିତ ପରିବାର ମାନଙ୍କର ଜୀବିକାର ସ୍ଥିତି ପ୍ରଦର୍ଶିତ କରୁଛି ଯେ, ୪୭ ଜଣ ପରିବାର ସଦସ୍ୟଙ୍କ ମଧ୍ୟରୁ ୧୫ ଜଣ ବ୍ୟକ୍ତି ସେମାନଙ୍କ ପରିବାରର ଜୀବିକା ନିମନ୍ତେ ଆର୍ଥିକ କାର୍ଯ୍ୟ ରେ ନିୟୋଜିତ ଅଛନ୍ତି । ଆୟ କରୁଥିବା ସମୁଦାୟ ବ୍ୟକ୍ତିମାନଙ୍କ ମଧ୍ୟରୁ ସର୍ବାଧିକ ୯ଜଣ ବ୍ୟବସାୟ କରୁଥିବା ବେଳେ ୩ଜଣ ବ୍ୟକ୍ତି ସରକାରୀ କିମ୍ବା ବେସରକାରୀ ସଂସ୍ଥାରେ ଚାକିରୀ କରନ୍ତି ସାରଣୀ ୩.୨୩ ଦ୍ରଷ୍ଟବ୍ୟ । କେବଳ୧ଜଣ ବ୍ୟକ୍ତି କୃଷି କାର୍ଯ୍ୟରେ ନିୟୋଜିତ ଅଛନ୍ତି ଓ ୧ ଜଣ ବ୍ୟକ୍ତି ଦିନ ମଜୁରିଆ ଭାବରେ କାର୍ଯ୍ୟ କରୁଛନ୍ତି ଏବଂ ଜଣେ ବ୍ୟକ୍ତି କାରିଗର ଅଟନ୍ତି । ଅଧ୍ୟୟନ କରାଯାଇଥିବା ପରିବାରମାନଙ୍କର ବାର୍ଷିକ ଆୟ ସମ୍ପର୍କିତ ତଥ୍ୟରୁ ଜଣାଯାଇଛି ଯେ ୫ଟି ପରିବାରର ବାର୍ଷିକ ଆୟ ଟଙ୍କା ୩,୦.୦୦୦/- ରୁ ଅଧିକ, ୨ ଟି ପରିବାରର ଆୟ ଟଙ୍କା ୧,୦.୦୦୦/- ରୁ ଟଙ୍କା ୧,୫୦.୦୦୦/- ମଧ୍ୟରେ ଏବଂ ସମାନ ସଂଖ୍ୟକ ଲୋକ ୬୦,୦୦୦ ଟଙ୍କାରୁ କମ୍ ଆୟ କରନ୍ତି । ଏହା ପ୍ରଦର୍ଶିତ କରୁଛି ଯେ, ପରୋକ୍ଷ ଭାବେ ପ୍ରଭାବିତ ପରିବାରମାନଙ୍କର ଅର୍ଥନୈତିକ ସ୍ଥିତି ଚଳନିୟ ରୁ ଭଲ ମଧ୍ୟରେ  ଅଟେ ।

**ସାରଣୀ-୩.୧୯ : ପରୋକ୍ଷ ଭାବରେ ପ୍ରଭାବିତ ପରିବାରମାନଙ୍କର ଜାତି ହିସାବରେ ବିଭାଜନ**

| ଜାତି | ସଂଖ୍ୟା | % |
|---|---|---|
| ଏସ୍. ସି | ୪ | ୪୦.୦୦ |
| ଏସ୍.ଟି | ୦ | ୦.୦୦ |
| ଓବିସି | ୩ | ୩୦.୦୦ |
| ସାଧାରଣ | ୩ | ୩୦.୦୦ |
| **ସମୁଦାୟ** | ୧୦ | ୧୦୦.୦୦ |

**ସାରଣୀ-୩.୨୦ ବୟସ ଅନୁଯାୟୀ ପରୋକ୍ଷ ଭାବରେ ପ୍ରଭାବିତ ଜନସଂଖ୍ୟାର ବିଭାଜନ**

| ବୟସ | ପୁରୁଷ | % | ମହିଳା | % | ସମୁଦାୟ | % |
|---|---|---|---|---|---|---|
| ୧୮ ବର୍ଷରୁ କମ୍ | ୨ | ୭.୪୧ | ୭ | ୩୫.୦୦ | ୯ | ୧୯.୧୫ |
| ୧୮ ରୁ ୪୫ ବର୍ଷ | ୧୬ | ୫୯.୨୬ | ୬ | ୩୦.୦୦ | ୨୨ | ୪୬.୮୧ |
| ୪୫ ରୁ ୬୦ବର୍ଷ | ୭ | ୨୫.୯୩ | ୬ | ୩୦.୦୦ | ୧୩ | ୨୭.୬୬ |
| ୬୦ ବର୍ଷ ଏବଂ ଅଧିକ | ୨ | ୭.୪୧ | ୧ | ୫.୦୦ | ୩ | ୬.୩୮ |
| ମୋଟ | ୨୭ | ୧୦୦.୦୦ | ୨୦ | ୧୦୦.୦୦ | ୪୭ | ୧୦୦.୦୦ |

**ସାରଣୀ-୩.୨୧ : ପରୋକ୍ଷ ଭାବରେ ପ୍ରଭାବିତ ଲୋକମାନଙ୍କ ସାକ୍ଷରତା ସ୍ତର ଅନୁଯାୟୀ ବିତରଣ**

| ଶିକ୍ଷା | ପୁରୁଷ | % | ମହିଳା | % | ମୋଟ | % |
|---|---|---|---|---|---|---|
| ସାକ୍ଷର | ୨୬ | ୯୬.୩୦ | ୧୮ | ୯୦.୦୦ | ୪୪ | ୯୩.୬୨ |
| ନିରକ୍ଷର | ୧ | ୩.୭୦ | ୨ | ୧୦.୦୦ | ୩ | ୬.୩୮ |
| **ମୋଟ** | **୨୭** | **୧୦୦.୦୦** | **୨୦** | **୧୦୦.୦୦** | **୪୭** | **୧୦୦.୦୦** |

**ସାରଣୀ-୩.୨୨: ପରୋକ୍ଷ ଭାବରେ ପ୍ରଭାବିତ ଲୋକମାନଙ୍କ ଶିକ୍ଷାର ସ୍ତର ଅନୁଯାୟୀ ବିତରଣ**

| ଶିକ୍ଷା | ପୁରୁଷ | % | ମହିଳା | % | ମୋଟ | % |
|---|---|---|---|---|---|---|
| ସାକ୍ଷର | ୨ | ୭.୬୯ | ୩ | ୧୬.୬୭ | ୫ | ୧୧.୩୬ |
| ମାଧ୍ୟମିକ | ୩ | ୧୧.୫୪ | ୪ | ୨୨.୨୨ | ୭ | ୧୫.୯୧ |
| ହାଇସ୍କୁଲ | ୩ | ୧୧.୫୪ | ୪ | ୨୨.୨୨ | ୭ | ୧୫.୯୧ |
| ମାଟ୍ରିକ ପାସ | ୫ | ୧୯.୨୩ | ୩ | ୧୬.୬୭ | ୮ | ୧୮.୧୮ |
| ଇଣ୍ଟରମିଡିଏଟ୍ | ୧ | ୩.୮୫ | ୧ | ୫.୫୬ | ୨ | ୪.୫୫ |
| ସ୍ନାତକ | ୭ | ୨୬.୯୨ | ୧ | ୫.୫୬ | ୮ | ୧୮.୧୮ |
| ସ୍ନାତକୋତ୍ତର | ୧ | ୩.୮୫ | ୨ | ୧୧.୧୧ | ୩ | ୬.୮୨ |
| ବୈଷୟିକ ଶିକ୍ଷା | ୨ | ୭.୬୯ | ୦ | ୦.୦୦ | ୨ | ୪.୫୫ |
| ବୈଷୟିକ ଡିପ୍ଲୋମା | ୧ | ୩.୮୫ | ୦ | ୦.୦୦ | ୧ | ୨.୨୭ |
| ଆଇଟି/ ସି ଟି | ୦ | ୦.୦୦ | ୦ | ୦.୦୦ | ୦ | ୦.୦୦ |
| ପେଷାଦାର ଡିଗ୍ରୀ | ୧ | ୩.୮୫ | ୦ | ୦.୦୦ | ୧ | ୨.୨୭ |
| **ମୋଟ** | ୨୬ | ୧୦୦.୦୦ | ୧୮ | ୧୦୦.୦୦ | ୪୪ | ୧୦୦.୦୦ |

**ସାରଣୀ -୩.୨୩ ଜିବିକା ଅନୁସାରେ ପରୋକ୍ଷ ଭାବରେ ପ୍ରଭାବିତ ପରିବାର ବିତରଣ**

| ଜିବିକା | ପୁରୁଷ | % | ମହିଳା | % | ମୋଟ | % |
|---|---|---|---|---|---|---|
| କୃଷକ | ୧ | ୩.୭୦ | ୦ | ୦.୦୦ | ୧ | ୨.୧୩ |
| କୃଷି ଶ୍ରମିକ | ୦ | ୦.୦୦ | ୦ | ୦.୦୦ | ୦ | ୦.୦୦ |
| ଦିନ ମଜୁରିଆ | ୧ | ୩.୭୦ | ୦ | ୦.୦୦ | ୧ | ୨.୧୩ |
| ଦରମା | ୩ | ୧୧.୧୧ | ୦ | ୦.୦୦ | ୩ | ୬.୩୮ |
| କାରିଗର | ୧ | ୩.୭୦ | ୦ | ୦.୦୦ | ୧ | ୨.୧୩ |
| ଦ୍ୟବସାୟ | ୯ | ୩୩.୩୩ | ୦ | ୦.୦୦ | ୯ | ୧୯.୧୫ |
| ଅନ୍ୟାନ୍ୟ | ୧୨ | ୪୪.୪୪ | ୨୦ | ୧୦୦.୦୦ | ୩୨ | ୬୮.୦୮ |
| **ମୋଟ** | ୨୭ | ୧୦୦.୦୦ | ୨୦ | ୧୦୦.୦୦ | ୪୭ | ୧୦୦.୦୦ |

**ସାରଣୀ-୩.୨୪ ପରୋକ୍ଷ ଭାବରେ ପ୍ରଭାବିତ ପରିବାରମାନଙ୍କର ବାର୍ଷିକ ଆୟ**

| ବାର୍ଷିକ ଆୟ (ଟଙ୍କାରେ) | ସଂଖ୍ୟା | % |
|---|---|---|
| ୫୦୦୦୦ ଟଙ୍କା ପର୍ଯ୍ୟନ୍ତ | ୨ | ୨୦.୦୦ |
| ୫୦୦୦୦-୬୦୦୦୦ | ୦ | ୦.୦୦ |
| ୬୦୦୦୦-୮୦୦୦୦ | ୦ | ୦.୦୦ |
| ୮୦୦୦୦-୧୦୦୦୦୦ | ୦ | ୦.୦୦ |
| ୧୦୦୦୦୦-୧୫୦୦୦୦ | ୨ | ୨୦.୦୦ |
| ୧୫୦୦୦୦-୨୦୦୦୦୦ | ୦ | ୦.୦୦ |
| ୨୦୦୦୦୦-୩୦୦୦୦୦ | ୧ | ୧୦.୦୦ |
| ୩୦୦୦୦୦ ଏବଂ ଅଧିକ | ୫ | ୫୦.୦୦ |
| **ମୋଟ** | ୧୦ | ୧୦୦.୦୦ |

# ଅଧ୍ୟାୟ – ୪:

# ଜମିର ଆକଳନ

ଜମିକୁ ଏକ ମୂଲ୍ୟବାନ ସମ୍ପତ୍ତି ଆକାରରେ ଗ୍ରହଣ କରାଯାଏ ଏବଂ ଏହାର ମାଲିକମାନଙ୍କର ଏହି ସ୍ଥାବର ସମ୍ପତ୍ତି ସହ ଏକ ଭାବନାତ୍ମକ ସମ୍ପର୍କ ଅଛି । ବିଶେଷ ଭାବରେ ଏହା ଗ୍ରାମାଞ୍ଚଳରେ ଏକ ପ୍ରମୁଖ ଜୀବିକାର ସୁଯୋଗ ପ୍ରଦାନ କରିଥାଏ ଏବଂ ସହରାଞ୍ଚଳରେ ଆଜି ଦିନରେ ବହୁ ଅଧିକ ମୂଲ୍ୟ ପ୍ରଦାନ କରିଥାଏ । ଜମିର ମାଲିକାନା ସମାଜରେ ଏକ ସାମାଜିକ ସ୍ଥିତିର ପ୍ରତିକ ରୁପେ ଦେଖାଯାଏ । ଭୁବନେଶ୍ୱର ଅନ୍ତର୍ଗତ ରେଳବିହାର ଠାରୁ ଏକାମ୍ରକାନନ ପର୍ଯନ୍ତ ୨୦୦ଫୁଟ ମାଷ୍ଟର ପ୍ଲାନ ରାସ୍ତା ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ କାର୍ଯ୍ୟରେ ବିଭିନ୍ନ ପ୍ରକାର ଜମି ଅଧିଗ୍ରହଣ କରାଯିବ । ଜମି ଅଧିଗ୍ରହଣ କାରଣରୁ ଜୀବିକା, ସାର୍ବଜନିନ ସମ୍ପତ୍ତି ଏବଂ ଭିତ୍ତିଭୂମି ଭଳି ବିଭିନ୍ନ ବିଷୟ ଉପରେ ପ୍ରଭାବର ସୀମା ଆକଳନ କରିବାକୁ ତଥା ଜମି ହରାଉଥିବା ପରିବାରକୁ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଆର.ଏଫ.ସି.ଟି.ଏଲ.ଏ.ଆର.ଆର.,୨୦୧୩ ଅନୁଯାୟୀ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି । ଆର୍ ଓ ଆର୍ ରେ ଉଲ୍ଲେଖ କରାଯାଇଥିବା ମତେ ଜୟଦେବ ବିହାର ଅଞ୍ଚଳରେ ପ୍ରଭାବିତ ହେଉଥିବା ୩.୩୫୪ ଏକର ଜମିରୁ ଅଧିଗ୍ରହଣ କରାଯାଉଥିବା ୧.୯୬୧ ଏକର ବେସରକାରୀ ଜମି ନିମନ୍ତେ ସର୍ଭେ କରାଯାଇଛି ।

## ୪.୧ ପ୍ରଭାବିତ ପରିବାରର ଜମିଜୋତର ପରିମାଣ

ପ୍ରାଥମିକ ତଥ୍ୟ ପ୍ରଦର୍ଶିତ କରୁଛି ଯେ, ପ୍ରଭାବିତ ପରିବାର ମାଲିକାନାରେ ସମୁଦାୟ ୩୧.୧୯୦ ଏକର ଜମି ଉପଲବ୍ଧ ଅଛି । ଏହା ବ୍ୟତିତ ଲୋକମାନେ ୦.୦୬ ଏକର ସରକାରୀ ଜମି ଏବଂ ୦.୯୩ ଏକର ଅନ୍ୟ କିସମର ଜମି ଦଖଲ କରିଛନ୍ତି । ମାଲିକାନାରେ ଥିବା ଜମିର ଜଳସେଚନ ଦୃଷ୍ଟିରୁ ଦେଖିଲେ, ଏହା ପରିଲକ୍ଷିତ ହେଲା ଯେ ମାଲିକାନାରେ ଥିବା ଜମି ମଧ୍ୟରୁ ପ୍ରାୟ ୧୧.୨୫ ଏକର (୩୬.୦୭%) ଜଳସେଚିତ ଜମି ଏବଂ ୮.୫୦ (୨୭.୨୫%) ଅଣ-ଜଳସେଚିତ ଜମି ଅଟେ । ଏହା ବ୍ୟତିତ ୫.୭୫୦ ଏକର ପତିତ ଜମି ଏବଂ ୫.୬୯୦ ଅନ୍ୟ ପ୍ରକାରର ଜମି ପ୍ରଭାବିତ ପରିବାରର ମାଲିକାନାରେ ଅଛି ।

## ୪.୨ ଜମି ବ୍ୟବହାର ଏବଂ ଶ୍ରେଣୀ ବିଭାଗ


ଜମି ବ୍ୟବହାର ପ୍ରଣାଳୀ ଗୋଟିଏ ପରିବାରର ଆର୍ଥିକ ସ୍ଥିତିର ଗୋଟିଏ ମୁଖ୍ୟ ନିର୍ଦ୍ଧାରକ ଅଟେ । ପୂର୍ବରୁ ଯେପରି ଆଲୋଚନା କାରାଯାଇଛି ପ୍ରଭାବିତ ପରିବାରର ମାଲିକାନାରେ ୩୧.୧୯ ଏକର ଜମି ରାଜ୍ୟର ବିଭିନ୍ନ ପ୍ରାନ୍ତରରେ ଅଛି ଯେଉଁଥିରେ କି ପ୍ରଭାବିତ ଅଞ୍ଚଳରେ ଥିବା ୩.୮୮୧ ଏକର ଜମି ସାମିଲ ଅଟେ ।

**ସାରଣୀ ୪.୧ ପ୍ରଭାବିତ ପରିବାରର ମାଲିକାନାରେ ଥିବା ଜମିର ପ୍ରକାର**

| ଜମିର ବ୍ୟବହାର | ଏକର | % |
|---|---|---|
| ଚାଷ | ୧୯.୭୫ | ୬୩.୩୨ |
| ଫଳବଗିଚା | ୦ | ୦.୦୦ |
| ବାସଗୃହ | ୩.୯୭ | ୧୨.୭୩ |
| ବ୍ୟବସାୟୀକ | ୦.୪୮ | ୧.୫୪ |
| ବୃକ୍ଷରୋପଣ | ୦ | ୦.୦୦ |
| ପତିତ | ୬.୪୨ | ୨୦.୫୮ |
| ଅନ୍ୟାନ୍ୟ | ୦.୫୭ | ୧.୮୩ |
| ମାଲିକାନାରେ ଥିବା ସମୁଦାୟ ଜମି | ୩୧.୧୯ | ୧୦୦.୦୦ |

*ଉତ୍ସ- ପ୍ରକଳ୍ପ ଅଞ୍ଚଳରୁ ସଂଗୃହିତ ପ୍ରାଥମିକ ତଥ୍ୟ*

ସାରଣୀ ରେ ଉଲ୍ଲେଖ କରାଯାଇଛି ସମୁଦାୟ ଜମି ମଧ୍ୟରୁ ସର୍ବାଧିକ ୧୯.୭୫ଏକର (୬୩.୩୨%) ଚାଷ ଉପଯୋଗି ଜମି ଏବଂ ୬.୪୨ ଏକର (୨୦.୫୮%) ପତିତ ଜମି ଯାହାକି ଖାଲି ପଡଛି ଏବଂ ଲୋକ ଏହାକୁ କୌଣସି କାର୍ଯ୍ୟରେ ବ୍ୟବହାର କରୁନାହାନ୍ତି । ଏସବୁ ବ୍ୟତିତ ଲୋକମାନେ ୩.୯୭ ଏକର (୧୨.୩୭%) ଜମି ବାସସ୍ଥଳୀ ହିସାବରେ ଏବଂ ୦.୪୮ ଏକର ବ୍ୟବସାୟୀକ କର୍ଯ୍ୟରେ ବ୍ୟବହାର କରୁଛନ୍ତି । ଏହିପରି ଏହା ଜଣାଗଲା ଯେ ମାଲିକାନାରେ ଥିବା ଜମିର ମୁଖ୍ୟଅଂଶ ଚାଷ ଜମି ଅଟେ । ସାରଣୀ ୪.୧ ଏବଂ ଚିତ୍ର -୫ ରେ ମାଲିକାନାରେ ଥିବା ବିଭିନ୍ନ ପ୍ରକାର ଜମିର ପ୍ରତିଶତରେ ଅନୁପାତ ଉଲ୍ଲେଖ କରାଯାଇଛି ।




**ଚିତ୍ର- ୫ ଜମି ବ୍ୟବହାର ପ୍ରଣାଳୀ**

### ୪.୩ ପ୍ରକଳ୍ପ ଜମି ଉପରେ ଥିବା ଢାଞ୍ଚା/ନିର୍ମାଣ

ଘରର ସ୍ଥିତି ଯେଉଁଥିରେ ପରିବାର ବସବାସ କରୁଛି ତାହା ସାମାଜିକ-ଆର୍ଥିକ ଅବସ୍ଥାର ଗୋଟିଏ ସୂଚକ ଅଟେ । ପରିବାରର ପୁନର୍ବାସ ନିମନ୍ତେ ଆବାସ ଯୋଜନା ତିଆରି ସମୟରେ ପ୍ରକଳ୍ପ ସମର୍ଥକ ଏହାର ତଥ୍ୟ ରଖିବା ଉଚିତ । ଜୟଦେବ ବିହାର ଅଞ୍ଚଳରେ ବର୍ତ୍ତମାନ କରାଯାଉଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନରେ ଏହା ଦେଖଗଲା ଯେ ପ୍ରସ୍ତାବିତ ରାସ୍ତାପ୍ରକଳ୍ପ ନିମନ୍ତେ ପ୍ରଭାବିତ ଜମିରେ ବିଭିନ୍ନ ପ୍ରକାର ଢାଞ୍ଚା ଅଛି । ସେହି ଢାଞ୍ଚା ଗୁଡିକୁ ମୁଖ୍ୟ ରୁପରେ ୨ ଭାଗରେ ଭାଗ କରାଯାଇପାରେ ଅର୍ଥାତ ବାସଗୃହ ନିମନ୍ତେ ନିର୍ମାଣ କରାଯାଇଥିବା ଏବଂ ଅନ୍ୟ

ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିବା ଢାଞ୍ଚା ସେଗୁଡିକ ହେଲା ପାଚେରି ଏବଂ ଦୋକାନ । ସାରଣୀ -୪.୨ପ୍ରଭାବିତ ହେଉଥିବା ବିଭିନ୍ନ ପ୍ରକାର ଢାଞ୍ଚାର ତଥ୍ୟ ପ୍ରଦାନ କରାଯାଇଛି ।

**ସାରଣୀ -୪.୨ ପ୍ରକଳ୍ପ ଜମିରେ କ୍ଷତି ହେଉଥିବା ବିଭିନ୍ନ ପ୍ରକାର ଢାଞ୍ଚା/ନିର୍ମାଣ**

| ସମ୍ପତ୍ତି | ଢାଞ୍ଚାର ପ୍ରକାର | ସମୁଦାୟ ବ୍ୟାପ୍ତି (ବର୍ଗ ଫୁଟରେ) | ଅଧିଗ୍ରହଣ ମଧ୍ୟରେ ଥିବା ପରିମାଣ (ବର୍ଗ ଫୁଟରେ) |
|---|---|---|---|
| ଘର | ସିମେଣ୍ଟ ସେଡ୍ | ୨୦୦୦ | ୨୦୦୦ |
| ଘର | ପକ୍କା | ୧୮୦୦୦ | ୧୮୦୦୦ |
| ଘର | ପକ୍କା | ୨୨୦୦ | ୨୨୦୦ |
| ଘର | ପକ୍କା | ୧୯୫୦ | ୧୯୫୦ |
| ଘର | ପକ୍କା | ୭୦୦ | ୭୦୦ |
| ଘର | ପକ୍କା | ୭୦୦ | ୭୦୦ |
| ଘର | ପକ୍କା | ୫୦୧୭ | ୫୦୧୭ |
| ଘର | ପକ୍କା | ୧୩୦୦ | ୧୩୦୦ |
| ଘର | ପକ୍କା | ୬୦୦ | ୬୦୦ |
| ଦୋକାନ | ଆଜ୍‌ବେସ୍‌ଟସ୍ | ୧୪୦୦ | ୧୪୦୦ |
| ଘର ପାଚେରି | ପକ୍କା | ୨୨୦୦ | ୨୨୦୦ |
| ଚଉହଦିରେ ଥିବା ପାଚେରି | ପକ୍କା | ୧୦୦୦ | ୧୦୦୦ |

ପ୍ରଭାବିତ ବାସଗୃହର ଢାଞ୍ଚା ସମ୍ବନ୍ଧରେ ଏହା ଦେଖାଗଲା ଯେ, ପ୍ରସ୍ତାବିତ ପ୍ରକଳ୍ପର ଭୂମି ଅଧିଗ୍ରହଣ ବା ରାସ୍ତା ନିର୍ମାଣ କାରଣରୁ ବାସଗୃହ ଆକାରରେ ବ୍ୟବହାର ହେଉଥିବା ସମୁଦାୟ ୯ ଟି ଘର ପ୍ରଭାବିତ ହୋଇପାରେ ଏବଂ ଏ ସମସ୍ତ କଂକ୍ରିଟ ଛାତର ନିର୍ମାଣ କରାଯାଇଥିବା ଘର ଅଟେ । ଏ ସମସ୍ତ ଘର ବାସଗୃହ ଆକାରରେ ବ୍ୟବହାର କରାଯାଉଛି । ଏହା ବ୍ୟତିତ ପ୍ରକଳ୍ପ ଅଞ୍ଚଳରେ ଗୋଟିଏ ଆଜ୍‌ବେଷ୍ଟସ ଘର ପ୍ରଭାବିତ ହେଉଛି ଯାହା ବୟବସୟୀକ କାର୍ଯ୍ୟରେ ବ୍ୟବହାର ହେଉଛି । ଏହା ବ୍ୟତିତ ଦୁଇଟି ପାଚେରି ୨୦୦ ଫୁଟ ମାଷ୍ଟର ପ୍ଲାନ ରୋଡ ହେତୁ ପ୍ରଭାବିତ ହେବ ଏହା ସାରଣୀ ୪.୨ ରେ ସୂଚିତ କରାଯାଇଛି । ଏହି କ୍ଷତି ହେତୁ ଲୋକମାନେ ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେବେ ଏବଂ ମାନସିକ ସ୍ତରରେ ଦୁଃଖ ପାଇବେ । କେନ୍ଦ୍ରୀଭୂତ ଦଳଗତ ଆଲୋଚନା ସମୟରେ ଜଣାଗଲା ଯେ, ଲୋକମାନେ ତାଙ୍କ କ୍ଷତିଗ୍ରସ୍ତ ବାସଗୃହ ବଦଳରେ ଉତ୍ତମ ଭାବରେ ନିର୍ମିତ ଘର ଓ କ୍ଷତିପୂରଣ ଆକାରରେ ଅର୍ଥ ଦାବି କରୁଛନ୍ତି । ଏହା ମଧ୍ୟ ପରିଲକ୍ଷିତ ହେଲା ଯେ, ରାସ୍ତା ପ୍ରକଳ୍ପ ହେତୁ ୧୦ଟି (୩ ଟି ଆମ୍ବ, ୪ ଟି ନଡିଆ, ୩ ଟି ଇଉକାଲିପଟାସ ) ଗଛ ପ୍ରଭାବିତ ହେଉଛି ଏବଂ ଲୋକମାନେ ଏଥିପାଇଁ ନଗଦ ଅର୍ଥ କ୍ଷତିପୂରଣ ଆକାରରେ ଚାହୁଁଛନ୍ତି । ସେ ଯାହାହେଉ ଉପଯୁକ୍ତ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ ହେବା ପରେ କ୍ଷତି ଗୁଡିକ ଚିହ୍ନଟ ହେବା ପରେ ନିୟମ ଅନୁଯାୟୀ କ୍ଷତିପୁରଣ ପ୍ରଦାନ କରାଯିବ ।

## ୪.୪ ପ୍ରକଳ୍ପ ଜମି : ପ୍ରଭାବିତ ଏବଂ ଅଧିଗ୍ରହଣ

ରେଳବିହାର ଠାରୁ ଏକାମ୍ରକାନନ ପର୍ଯ୍ୟନ୍ତ ୨୦୦ଫୁଟ ମାଷ୍ଟର ପ୍ଲାନ ରାସ୍ତା ନିର୍ମାଣ ନିମନ୍ତେ ଆବଶ୍ୟକ ହେଉଥିବା ଜମି ଅତି ସର୍ବନିମ୍ନ ଆବଶ୍ୟକ ହେଉଥିବା ଜମି ଅଟେ, ଯାହାକି ପ୍ରଭାବିତ ଅଞ୍ଚଳରେ ଉପଲବ୍ଧ ହେଉଥିବା ସମୁଦାୟ ଜମିର ଏକ କ୍ଷୁଦ୍ର ଅଂଶ ଅଟେ । ଏହା ପରିଲକ୍ଷିତ ହେଲା ଯେ, ଜୟଦେବ ବିହାରରେ ସମୁଦାୟ ୩.୩୫୪ ବ୍ୟକ୍ତିଗତ ଜମି ପ୍ରଭାବିତ ହେବ। ସେଥିରୁ କଥିତ ପ୍ରକଳ୍ପ ନିମନ୍ତେ ୧.୯୬୧ ଏକର ଜମି ଅଧିଗ୍ରହଣ କରାଯି, ଯାହାକି ସମୁଦାୟ ପ୍ରଭାବିତ ଜମିର ୫୮.୪୬% । ଆମେ ଯେତେବେଳେ ପ୍ରଭାବିତ ପରିବାରର ସମୁଦାୟ ଜମି କୁ ଦେଖୁଛୁ ଏଥିରୁ ଜଣା ପଡୁଛି ଯେ, ସମୁଦାୟ ୩୧.୧୯୦ ଏକର ଜମିରୁ ୧.୯୬୧ ଏକର ଅଧିଗ୍ରହଣ କରାଯିବ ଯାହାକି ସମୁଦାୟ ଜମିଜୋତର ୬.୨୯% । ସେ ଯାହାହେଉ ଭୁବନେଶ୍ୱର ପରି ରାଜଧାନୀ ସହରର ଛାତି ଉପରେ ଥିବା ଜମି ଏକ ବହୁ ମୂଲ୍ୟ ଦୁର୍ଲଭ ସମ୍ପତ୍ତି ଅଟେ ଏବଂ ସେଥିପାଇଁ ଯେଉଁମାନଙ୍କ ଜୀବନ ଓ ଜୀବିକା ମୁଳତଃ ଏହି ଜମି ଉପରେ ନିର୍ଭରଶୀଳ ଅଟେ ସେହି ଲୋକମାନଙ୍କ ନିମନ୍ତେ ଏହା ମହତ୍ୱପୂର୍ଣ୍ଣ ଅଟେ। ତେଣୁ ଏହି ପରିବାରଗୁଡିକୁ ପ୍ରକଳ୍ପ ଅଧିକାରୀଙ୍କ ଦ୍ୱାରା ଉପଯୁକ୍ତ ଭାବରେ କ୍ଷତିପୂରଣ ପ୍ରଦାନ କରାଯିବା ଉଚିତ ନଚେତ ସେମାନେ ଦୁସ୍ଥ ଅବସ୍ଥାକୁ ଖସି ଆସିବେ ।

**ସାରଣୀ-୪.୩ ପ୍ରଭାବିତ ଏବଂ ଅଧିଗ୍ରହଣ ଜମିର କ୍ଷତି (ପ୍ରତିଶତରେ)**

| ପ୍ରଭାବିତ ପରିବାରର ମାଲିକାନାରେ ଥିବା ସମୁଦାୟ ଜମିର ପରିମାଣ | ପ୍ରଭାବିତ ଜମି | ଅଧିଗ୍ରହଣ ହେବାକୁ ଥିବା ଜମି | ପ୍ରଭାବିତ ଜମିର କେତେ ପ୍ରତିଶତ | ସମୁଦାୟ ଜମିର କେତେ ପ୍ରତିଶତ |
|---|---|---|---|---|
| ୩୧.୧୯୦ | ୩.୩୫୪ | ୧.୯୬୧ | ୫୮.୪୬ | ୬.୨୯ |

ଅଧ୍ୟୟନ ପ୍ରକ୍ରିୟା ସମୟରେ, ଭୂମି ଅଧିଗ୍ରହଣ ହେତୁ କେତେ କୃଷି ଶ୍ରମିକ ବା ଭାଗ ଚାଷୀ ପ୍ରଭାବିତ ହେଉଛନ୍ତି କି ନାହିଁ ତାହା ଜାଣିବାକୁ ପ୍ରୟାସ କରାଯାଇଥିଲା । ଏ ସମ୍ବନ୍ଧରେ ଏହା ଜଣାଗଲା ଯେ, ଲକ୍ଷିତ କ୍ଷେତ୍ର ର ଆଖପାଖ ଅଞ୍ଚଳରେ ଆୟୋଜିତ କେନ୍ଦ୍ରୀଭୂତ ଦଳଗତ ଆଲୋଚନା ସମୟରେ ପ୍ରସ୍ତାବିତ ଭୂମି ଅଧିଗ୍ରହଣ କାରଣରୁ କୃଷି ଶ୍ରମିକ ବା ଭାଗ ଚାଷୀ ପ୍ରଭାବିତ ହେଉନାହାନ୍ତି ।

# ଅଧ୍ୟାୟ – ୫:

# ପ୍ରକଳ୍ପର ପ୍ରଭାବ ଆକଳନ ଓ ସାମାଜିକ ପ୍ରଭାବ ପରିଚାଳନା ଯୋଜନା

ପ୍ରକଳ୍ପର ସାମାଜିକ ପ୍ରଭାବକୁ ନିର୍ଦ୍ଧାରଣ କରିବା ହେଉଛି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଏକ ମୁଖ୍ୟ ଉପାଦାନ । ଗୋଟିଏ ପ୍ରକଳ୍ପର ନିର୍ମାଣ ହେତୁ ସମ୍ବଳର ଉପଲବ୍ଧତା, ସେବା, ବଞ୍ଚିବାର ଅବସ୍ଥା, ଜୀବନର ଗୁଣବତ୍ତା ଏବଂ ପରିବେଶ ଉପରେ ପ୍ରକଳ୍ପର କି ପ୍ରଭାବ ପଡିବ ତାହା ସାମାଜିକ ପ୍ରଭାବ ଆକଳନରୁ ଜଣାପଡିଥାଏ । ବର୍ତ୍ତମାନର ଏହି ଅଧ୍ୟୟନରେ ପ୍ରଭାବିତ ପରିବାର ଠାରୁ ତଥ୍ୟ ସଂଗ୍ରହ ନିମନ୍ତେ ବିଭିନ୍ନ ପ୍ରକ୍ରିୟା ଯଥା; ପରିବାର ସାକ୍ଷାତକାର ଅନୁସୂଚୀ, କେନ୍ଦ୍ରୀଭୂତ ଦଳଗତ ଆଲୋଚନା, ପି ଆର୍ ଏ କୌଶଳ ଆଦି ବ୍ୟବହାର କରାଯାଇଥିଲା ଏବଂ ପ୍ରକଳ୍ପର ପ୍ରଭାବ ଜାଣିବା ନିମନ୍ତେ ସଂଗୃହିତ ତଥ୍ୟ ଗୁଡିକର ବିଶ୍ଳେଷଣ କରାଯାଇଥିଲା । ପ୍ରକଳ୍ପର ପ୍ରଭାବ ଜାଣିବା ନିମନ୍ତେ ପ୍ରକଳ୍ପ ଅଞ୍ଚଳରେ କାର୍ଯ୍ୟ କରିବା ସମୟରେ ବ୍ୟକ୍ତିଗତ ହିତାଧିକାରୀମାନଙ୍କୁ ଯୋଗାଯୋଗ କରାଯାଇଥିଲା ଏବଂ ଅଞ୍ଚଳର ତଥ୍ୟ ସଂଗ୍ରହ କରାଯାଇଥିଲା । ସେ ଯାହାହେଉ, ପ୍ରକଳ୍ପର ସାମାଜିକ ପ୍ରଭାବର ବିସ୍ତୃତ ବିବରଣୀ ଏହି ଅଧ୍ୟାୟରେ ଉପସ୍ଥାପନ କରାଯାଇଛି ।

### ୫.୧ ଜମି ଉପରେ ପ୍ରଭାବ

ପୂର୍ବରୁ ଆଲୋଚନା କରାଯାଇଛି ଯେ, ସଡ଼କ ପ୍ରକଳ୍ପ ପାଇଁ ମୋଟ ପ୍ରଭାବିତ ପରିବାରର ମୋଟ ୩.୩୫୪ ଏକର ଜମି ପ୍ରଭାବିତ ହେବ ଏବଂ ସେଥି ମଧ୍ୟରୁ ୧.୯୬୧ ଏକର ଜମି ଅଧିଗ୍ରହିତ ହେବ ଯାହାକି ସମୁଦାୟ ପ୍ରଭାବିତ ଜମିର ୫୮.୪୬% । ଏହା ପ୍ରଭାବିତ ପରିବାର ମାନଙ୍କ ରୋଜଗାର ଓ ଜୀବିକା ଉପରେ କ୍ଷତି କରି ପାରେ ଓ କେତେକ ମଧ୍ୟ ସେମାନଙ୍କ ଜମିର ମୁଖ୍ୟ ଅଂଶ ହରାଇପାରନ୍ତି ଏବଂ ଆଉ କେତେକ ସାମାନ୍ୟ ପରିମାଣର କ୍ଷତିଗ୍ରସ୍ତ ହେବେ ।

ଏହି ସମସ୍ୟାକୁ ସମାଧାନ କରିବାକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ଉଚିତ, ଯଦ୍ଵାରାକି ଜମି କ୍ଷତି ହେତୁ ପ୍ରଭାବିତ ପରିବାର ଜୀବିକା ଫେରାଇ ଆଣିବା ନିମନ୍ତେ ସକ୍ଷମ ହେବେ । ଏହା ଛଡା ପ୍ରକଳ୍ପ ଅଧିକାରୀ ପ୍ରକଳ୍ପ ପ୍ରଭାବିତ ପରିବାରର ଜୀବିକା ପୁନଃ ସ୍ଥାପନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ଆବଶ୍ୟକ ଯଦ୍ଵାରାକି ସେମାନଙ୍କର ବିଶେଷ ଆବଶ୍ୟକତା ଉପରେ ଧ୍ୟାନ କେନ୍ଦ୍ରୀତ କରି ନିଜର ଜିବନର ମାନକୁ ଉନ୍ନତ କରି ପାରିବେ । ଜମି ଅଧିଗ୍ରହଣ ପରେ କେତେକ ପ୍ଲଟ୍‌ର ବଳକା ଅଂଶ କୌଣସି କାର୍ଯ୍ୟ ନିମନ୍ତେ ଉପଯୁକ୍ତ ହେବନାହିଁ । ତେଣୁ ସମୁଦାୟ ଜମିକୁ ଅଧିଗ୍ରହଣ କରିବା ଆବଶ୍ୟକ ଏବଂ ଏହାର ମାଲିକଙ୍କୁ ଜମିର ଅନ୍ୟ ଭାଗର ସମପରିମାଣ ମୂଲ୍ୟ କ୍ଷତିପୂରଣ ଆକାରରେ ଦିଆଯିବା ଆବଶ୍ୟକ ।

### ୫.୨ ଜୀବିକା ଉପରେ ପ୍ରଭାବ

ଜମି ଅଧିଗ୍ରହଣ ପ୍ରଭାବିତ ପରିବାରମାନଙ୍କ ଉପରେ ନକରାତ୍ମକ ପ୍ରଭାବ ପକାଇଥାଏ । କେନ୍ଦ୍ରୀଭୂତ ଦଳଗତ ଆଲୋଚନା ସମୟରେ ଜଣାଯାଇଛି ଯେ ଏହି ପ୍ରକଳ୍ପ ସ୍ଥାନୀୟ ଲୋକଙ୍କୁ କୌଣସି ଆର୍ଥିକ ସହାୟତା ପ୍ରଦାନ କରିବ

ନାହିଁ ପରନ୍ତୁ ଏହା କିଛି ଛୋଟ ବ୍ୟବସାୟ ପ୍ରତିଷ୍ଠାନକୁ ସ୍ଥାନାନ୍ତରଣ କରିବ । ସେ ଯାହାହେଉ ପ୍ରକଳ୍ପ କର୍ଯ୍ୟ ସମ୍ପାଦନ ସମୟରେ ପ୍ରଭାବିତ ଲୋକମାନଙ୍କ ନିମନ୍ତେ ପ୍ରତ୍ୟକ୍ଷ ମଜୁରୀ ସୁଯୋଗ ସୃଷ୍ଟି କରିପାରେ, କିନ୍ତୁ ଏହା ସ୍ପଷ୍ଟ ଯେ, ପ୍ରଭାବିତ ପରିବାରର ସ୍ଥାନୀୟ ଯୁବକମାନେ ପୁନଶ୍ଚ ପ୍ରକଳ୍ପ ଅଞ୍ଚଳରେ ସେମାନଙ୍କର ବର୍ତ୍ତମାନର ଅଭିଜ୍ଞତାରେ ଏହି ପ୍ରକାର ନିଯୁକ୍ତି ନିମନ୍ତେ ଉପଯୁକ୍ତ ବୋଲି ବିଶ୍ୱାସେଯାଗ୍ୟ ହେଲେ ନାହିଁ । ପ୍ରକଳ୍ପ ଅଞ୍ଚଳରେ କେତେକ ପ୍ରଭାବିତ ବ୍ୟକ୍ତି ଛୋଟ ବ୍ୟବସାୟ କରି ନିଜର ପରିବାର ଭରଣ ପୋଷଣ କରନ୍ତି । ଅଧ୍ୟୟନରୁ ମିଳିଥିବା ତଥ୍ୟ ଅନୁଯାୟୀ ପ୍ରକଳ୍ପ ଅଞ୍ଚଳରେ ପ୍ରଭାବିତ ପରିବାର ମଧ୍ୟରୁ ୨୩.୫୩% ପରିବାରର ବିଭିନ୍ନ ପ୍ରକାରର ବ୍ୟବସାୟ ଅଛି ଏବଂ ସେମାନଙ୍କ ମଧ୍ୟରୁ କେତେକଙ୍କର ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ହିଁ ବ୍ୟବସାୟ ଅଛି । ଏହା ମଧ୍ୟ ଜଣାଗଲା ଯେ, ଏହି ବ୍ୟବସାୟୀମାନେ ସ୍ଥାନାନ୍ତରିତ ହେବେ ଓ ସେମାନଙ୍କର ଜୀବିକା କ୍ଷତିଗ୍ରସ୍ତ ହେବ, ଯାହାକି ସେମାନଙ୍କ ଉପରେ ଏକ ନକାରାତ୍ମକ ପ୍ରଭାବ ପକାଇପାରେ  । ତେଣୁ ଏହି ବ୍ୟକ୍ତିମାନଙ୍କୁ ସେମାନଙ୍କର ସ୍ଥାନାନ୍ତରଣ ମୂଲ୍ୟ ସହିତ ଓ ବ୍ୟବସାୟ କ୍ଷତି ଦିନ ଗୁଡ଼ିକର କ୍ଷତିପୂରଣ ଦିଆଯିବା ଆବଶ୍ୟକ ।

### ୫.୩ କୌଣସି ଢାଞ୍ଚା/ନିର୍ମାଣ ଉପରେ ପ୍ରଭାବ

ଏହା ପରିଲକ୍ଷିତ ହେଲା ଯେ, ପ୍ରସ୍ତାବିତ ସଡ଼କ ନିର୍ମାଣ ହେତୁ ସମ୍ପୃକ୍ତ ଅଞ୍ଚଳରେ ଥିବା ବିଭିନ୍ନ ପ୍ରକାର ଢାଞ୍ଚା ପ୍ରଭାବିତ ହୋଇପାରେ । ପ୍ରଭାବିତ ବାସଗୃହର ଢାଞ୍ଚା ସମ୍ବନ୍ଧରେ ଏହା ଦେଖାଗଲା ଯେ, ପ୍ରସ୍ତାବିତ ପ୍ରକଳ୍ପର ଭୂମି ଅଧିଗ୍ରହଣ ବା ରାସ୍ତା ନିର୍ମାଣ କାରଣରୁ ବାସଗୃହ ଆକାରରେ ବ୍ୟବହାର ହେଉଥିବା ସମୁଦାୟ ୯ ଟି ଘର ପ୍ରଭାବିତ ହୋଇପାରେ ଏବଂ ଏ ସମସ୍ତ କଂକ୍ରିଟ ଛାତର ନିର୍ମାଣ କରାଯାଇଥିବା ଘର ଅଟେ । ଏହା ବ୍ୟତିତ ପ୍ରକଳ୍ପ ଅଞ୍ଚଳରେ ଗୋଟିଏ ଆଜ୍‌ବେଷ୍ଟସ ଘର ଓ ଦୁଇଟି ପାଚେରି ପ୍ରଭାବିତ ହେବ । ଏହି କ୍ଷତି ହେତୁ ଲୋକମାନେ ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେବେ ଏବଂ ମାନସିକ ସ୍ତରରେ ଦୁଃଖ ପାଇବେ । କେନ୍ଦ୍ରୀଭୂତ ଦଳଗତ ଆଲୋଚନା ସମୟରେ ଜଣାଗଲା ଯେ, ଲୋକମାନେ ତାଙ୍କ କ୍ଷତିଗ୍ରସ୍ତ ବାସଗୃହ ବଦଳରେ ଉତ୍ତମ ଭାବରେ ନିର୍ମିତ ଘର ଓ କ୍ଷତିପୂରଣ ଆକାରରେ ଅର୍ଥ ଦାବି କରୁଛନ୍ତି  ।

### ୫.୪ ସର୍ବସାଧାରଣ ସମ୍ପତ୍ତି ଉପରେ ପ୍ରଭାବ

କେନ୍ଦ୍ରୀଭୂତ ଦଳଗତ ଆଲୋଚନା ସମୟରେ ଜଣାଗଲା ଯେ, ପ୍ରସ୍ତାବିତ ସଡ଼କ ନିର୍ମାଣ ପ୍ରକଳ୍ପ ନିମନ୍ତେ କୌଣସି ସର୍ବସାଧାରଣ ସମ୍ପତ୍ତି ପ୍ରଭାବିତ ହେଉନାହିଁ । କିନ୍ତୁ ନିର୍ମାଣ ସମୟରେ ସ୍ଥାନୀୟ ଅଞ୍ଚଳରେ ଲୋକସଂଖ୍ୟା ବୃଦ୍ଧି (ନିଯୁକ୍ତି ସୁଯୋଗ ଏବଂ ବାହାର ଲୋକମାନଙ୍କ ଆଗମନ ହେତୁ) ଭିତ୍ତିଭୂମି ଓ ସେବା ଉପରେ ଅତିରିକ୍ତ ଚାପ ସୃଷ୍ଟି କରିବାର ସମ୍ଭାବନା ଅଛି । ଏହାର ପରିଣାମ ସ୍ୱରୁପ ସ୍ଥାନୀୟ ଅଞ୍ଚଳର ଆବଶ୍ୟକତାକୁ ପୂରଣ କରିବାକୁ ସେବା ଓ ଭିତ୍ତିଭୂମିର କ୍ଷମତା କମ୍ ହୋଇପାରେ । ସେ ଯାହାହେଉ, ସୀମା ଏବଂ ପରିମାଣ ଦୃଷ୍ଟିରୁ ଏହି ପ୍ରଭାବ ସ୍ଥାନୀୟ ହେବ ଏବଂ ଅଳ୍ପ ସମୟ ନିମନ୍ତେ ହେବ ବୋଲି ଆକଳନ କରାଯାଏ । ଏହା ଛଡା ପ୍ରକଳ୍ପ ହେତୁ ପୂର୍ବରୁ ଥିବା କେତେଗୁଡିଏ ରାସ୍ତା ଉନ୍ନତ କରାଯିବ ବୋଲି ଆଶା କରାଯାଏ, ଯାହା ପ୍ରଭାବ କୁ ରୋକିବାରେ ସାହାଯ୍ୟ କରିବ । ଏହି କାରଣରୁ ପ୍ରଭାବର ପ୍ରକୃତି ନକାରାତ୍ମକ ଓ ଲଘୁ ହେବ ବୋଲି ଆକଳନ କରାଯାଏ ।

### ୫.୫ ପରିବହନ ଓ ଗମନା ଗମନ ଉପରେ ପ୍ରଭାବ

ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମୟରେ ଗାଡିମଟର ର ଯାତାୟତ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇବ । ନିର୍ମାଣ ସ୍ଥଳକୁ ବିଭିନ୍ନ ପ୍ରକାର ଯନ୍ତ୍ରପାତି, ଜିନିଷ ପତ୍ର ଓ ଶ୍ରମିକମାନଙ୍କୁ ପରିବହନ କରିବା ଉଦ୍ଦେଶ୍ୟରେ ଯାନବାହନର ବ୍ୟବହାର କରାଯିବ । ଗାଡି ସଂଖ୍ୟାରେ ବୃଦ୍ଧି ହେତୁ ଅନ୍ୟ ସଡକ ବ୍ୟବହାରକାରୀମାନଙ୍କ ନିମନ୍ତେ ସଡକ ସୁରକ୍ଷାରେ ବିପଦ ସୃଷ୍ଟି ହୋଇପାରେ । ତେଣୁ ନିର୍ମାଣ ସ୍ଥଳ ନିକଟରେ ଯାତାୟତ କରୁଥିବା ଗାଡି ଓ ସଡକ ବ୍ୟବହାରକାରୀମାନଙ୍କ ଯାତାୟତରେ ବାଧାସୃଷ୍ଟି ନକରି ସଠିକ୍ ଭାବରେ ଟ୍ରାଫିକ୍ ନିୟନ୍ତ୍ରଣ କରାଗଲେ ସାଧାରଣ ଲୋକମାନେ ଅସୁବିଧାରେ ପଡ଼ିବେନି । କେନ୍ଦ୍ରୀଭୂତ ଦଳଗତ ଆଲୋଚନା ସମୟରେ ଉଭୟ ପ୍ରଭାବିତ ଓ ପରୋକ୍ଷ ଭାବରେ ପ୍ରଭାବିତ କେତେକ ଅଂଶଗ୍ରହଣକାରୀ ମତ ରଖିଥିଲେ ଯେ ଏହି ପ୍ରକଳ୍ପ ଯୋଗୁ ଗୃହପାଳିତ ପଶୁମାନେ ଚଳପ୍ରଚଳ କରୁଥିବା ଯାନବାହନ ଦ୍ୱାରା ଦୁର୍ଘଟଣାର ଶିକାର ହେବାର ସମ୍ଭାବନା ରହିବ ଏବଂ ତାଙ୍କ ଘରପାଖରେ ଥିବା ରାସ୍ତା ଚଉଡା ହେବା ଦ୍ୱାରା ଏହି ସମ୍ଭାବନା ଅଧିକ ବଢିଯିବ ।

### ୫.୬ ପ୍ରକଳ୍ପ ସମ୍ବନ୍ଧରେ ପରିବାରମାନଙ୍କର ସଚେତନତା ଓ ଧାରଣା

ସର୍ଭେ ସମୟରେ ତଥ୍ୟ ସଂଗ୍ରହ ଓ ବିଭିନ୍ନ ହିତାଧିକାରୀଙ୍କ ସହିତ ଆଲୋଚନାରୁ ସ୍ପଷ୍ଟ ହେଲା ଯେ ଜୟଦେବ ବିହାର ଲୋକମାନଙ୍କ ସମେତ ଭୁବନେଶ୍ୱରର ଲୋକମାନେ ହାତିଆଶୁଣି ଦେଇ ରେଳବିହାର ଠାରୁ ଏକାମ୍ରକାନନ ପର୍ଯନ୍ତ ୨୦୦ଫୁଟ ମାଷ୍ଟର ପ୍ଲାନ ରାସ୍ତା ନିର୍ମାଣ ପ୍ରକଳ୍ପ ସମ୍ବନ୍ଧରେ ସଚେତନ ଅଛନ୍ତି । ସେମାନେ ମତାମତ ଦେଇଥିଲେ ଯେ ଏହି ପ୍ରକଳ୍ପ ଦ୍ୱାରା ବିଭିନ୍ନ ପ୍ରକାର ସୁବିଧା ଯଥା କ୍ଷତିପୂରଣ, ନିଯୁକ୍ତି ସୁଯୋଗ, ଉନ୍ନତ ଯୋଗାଯୋଗ ବ୍ୟବସ୍ଥା ଓ ପରିବହନ ବ୍ୟବସ୍ଥା ଇତ୍ୟାଦି ପାଇ ଉପକୃତ ହେବେ । ତଥାପି ସମସ୍ତ ପ୍ରଭାବିତ ପରିବାର ସେମାନଙ୍କ ଜମି ଓ ଘରର ଇତ୍ୟାଦିର କ୍ଷତି ନିମନ୍ତେ ସଠିକ୍ କ୍ଷତିପୂରଣ ପାଇବାକୁ ଦାବି କରିଛନ୍ତି ।

### ୫.୭ ପ୍ରକଳ୍ପର ସୁବିଧା ସାମାଜିକ ଓ ଅର୍ଥନୈତିକ

ପ୍ରସ୍ତାବିତ ସଡ଼କ ପ୍ରକଳ୍ପ ଏହି ଅଞ୍ଚଳ ତଥା ସ୍ଥାନୀୟ ଗୋଷ୍ଠି ନିମନ୍ତେ ବିଭିନ୍ନ ପ୍ରକାର ସୁବିଧା ସୃଷ୍ଟି କରିବ । ତେଣୁ ପ୍ରକଳ୍ପ ଅଞ୍ଚଳ ପରିଦର୍ଶନ ସମୟରେ ପ୍ରକଳ୍ପର ସାମାଜିକ ଓ ଅର୍ଥନୈତିକ ସୁବିଧା ସମ୍ପର୍କରେ ଆକଳନ କରାଯାଇଥିଲା ଏବଂ ଏହା ଦୃଷ୍ଟିଗୋଚର ହେଲା ଯେ, ପ୍ରାୟ ସମସ୍ତ ପରିବାର ଏହି ପ୍ରକଳ୍ପରୁ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିରୁ ସୁବିଧା ପାଇବେ ବୋଲି ମତ ଦେଇଛନ୍ତି । ସାମାଜିକ ସୁବିଧା ଭାବେ ୯୦% ପରିବାର ମତ ଦେଲେ ଯେ ରେଳବିହାର ଠାରୁ ଏକାମ୍ରକାନନ ପର୍ଯନ୍ତ ୨୦୦ଫୁଟ ମାଷ୍ଟର ପ୍ଲାନ ରାସ୍ତା ନିର୍ମାଣ ପ୍ରକଳ୍ପଟି ସ୍ଥାନୀୟ ଲୋକଙ୍କୁ ସହଜ ଓ ସମୟୋପଯୋଗି ଗମନାଗମନ ସୁବିଧା ଯୋଗାଇ ଦେବ । ଏହା ବ୍ୟତିତ ମୌଳିକ ପରିବହନ ସୁବିଧା ଯୋଗାଇଦେବାରେ ସହାୟକ ହେବ । ସର୍ଭେ କରାଯାଇଥିବା ପରିବାର ତାଙ୍କ ଜମିର ଅଧିଗ୍ରହଣ ହେତୁ ଅଧିକ ଅର୍ଥନୈତିକ ସୁବିଧା ପାଇବାର ଆଶା କରିଛନ୍ତି କାରଣ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ସମ୍ପତ୍ତି ମୂଲ୍ୟ ବହୁତ ଅଧିକ । କେତେକ ପରିବାର କହିଲେ ରାସ୍ତାର ଉନ୍ନତିକରଣ ହେଲେ ରାସ୍ତା ପାଖରେ ଛୋଟ ଛୋଟ ବ୍ୟବସାୟର ସୁବିଧା ସୃଷ୍ଟି ହେବ । ତେଣୁ ଏହା କୁହା ଯାଇପାରେ ଯେ, ପ୍ରକଳ୍ପ ସ୍ଥାନୀୟ ଲୋକମାନଙ୍କ ନିମନ୍ତେ ଅର୍ଥନୈତିକ ସୁବିଧା ନିମନ୍ତେ ସୁଯୋଗ ସୃଷ୍ଟି କରିବ ।

## ୫.୮ ପ୍ରକଳ୍ପ ପ୍ରତି ପରିବାରମାନଙ୍କର ଦୃଷ୍ଟିଭଙ୍ଗୀ

### କ) ସକାରାତ୍ମକ ଦୃଷ୍ଟିଭଙ୍ଗୀ

ପ୍ରକଳ୍ପ ଅଞ୍ଚଳରେ କାର୍ଯ୍ୟ ସଞ୍ଚାଳନ ସମୟରେ ପ୍ରକଳ୍ପ ସମ୍ବନ୍ଧରେ ପରିବାରମାନଙ୍କର ମତାମତ ଗୁଡ଼ିକୁ ସଂଗ୍ରହ ଏବଂ ପ୍ରସ୍ତାବିତ ରାସ୍ତା ପ୍ରକଳ୍ପ ହେତୁ ପ୍ରଭାବିତ ପରିବାରର ଦୃଷ୍ଟଭଙ୍ଗୀକୁ ନିରିକ୍ଷଣ କରିବାକୁ ପ୍ରୟାସ କରାଯାଇଥିଲା । ଏହି ହେତୁ ପରିବାରମାନଙ୍କୁ ପ୍ରଭାବର ବିଭିନ୍ନ ସ୍ତର ସମ୍ପର୍କରେ ଅନେକ ପ୍ରକାରର ପ୍ରଶ୍ନ ପଚରା ଯାଇଥିଲା । ସକାରତ୍ମକ ବୟାନ ଏବଂ ପରିବାରର ଜବାବ ନିମ୍ନଲିଖିତ ଅଧ୍ୟାୟରେ ଉପସ୍ଥାପନ କରାଯାଇଛି ।

**ସାରଣୀ-୫.୧: ପ୍ରକଳ୍ପ ବାବଦରେ ପରିବାର ମାନଙ୍କର ଦୃଷ୍ଟିଭଙ୍ଗୀ**

| ସକାରତ୍ମକ ପ୍ରଭାବ | ଦୃଢଭାବରେ ଏକମତ | | ଏକମତ | | କୌଣସି ମତାମତ ନାହିଁ | | ଏକମତ ନୁହନ୍ତି | | ଦୃଢଭାବରେ ଏକମତ ନୁହନ୍ତି | |
|---|---|---|---|---|---|---|---|---|---|---|
| | (ସଂଖ୍ୟା-୧୪) | | (ସଂଖ୍ୟା-୧୪) | | (ସଂଖ୍ୟା-୧୪) | | (ସଂଖ୍ୟା-୧୪) | | (ସଂଖ୍ୟା-୧୪) | |
| | ସଂଖ୍ୟା | % | ସଂଖ୍ୟା | % | ସଂଖ୍ୟା | % | ସଂଖ୍ୟା | % | ସଂଖ୍ୟା | % |
| ପ୍ରକଳ୍ପ ନିଶ୍ଚିତ ଭାବରେ ପରିବାରକୁ ପ୍ରଭାବିତ କରିବ | ୧ | ୭.୧୪ | ୦ | ୦.୦୦ | ୧ | ୭.୧୪ | ୩ | ୨୧.୪୩ | ୯ | ୬୪.୨୯ |
| ବହୁଳ ମାତ୍ରାରେ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବ | ୪ | ୨୮.୫୭ | ୨ | ୧୪.୨୯ | ୨ | ୧୪.୨୯ | ୨ | ୧୪.୨୯ | ୪ | ୨୮.୫୭ |
| ସ୍ଥାନୀୟ ଲୋକମାନଙ୍କ ନିମନ୍ତେ ଭଲ ହେବ | ୧ | ୭.୧୪ | ୩ | ୨୧.୪୩ | ୮ | ୫୭.୧୪ | ୧ | ୭.୧୪ | ୧ | ୭.୧୪ |
| ପରିବହନ ଓ ଗମନାଗମନରେ ସୁବିଧା ହେବ | ୩ | ୨୧.୪୩ | ୧ | ୭.୧୪ | ୨ | ୧୪.୨୯ | ୫ | ୩୫.୭୧ | ୩ | ୨୧.୪୩ |
| ଏହା ଦୂରତ୍ୱ ହ୍ରାସ କରିବ | ୩ | ୨୧.୪୩ | ୩ | ୨୧.୪୩ | ୩ | ୨୧.୪୩ | ୪ | ୨୮.୫୭ | ୧ | ୭.୧୪ |
| ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିବ | ୦ | ୦.୦୦ | ୩ | ୨୧.୪୩ | ୭ | ୫୦.୦୦ | ୪ | ୨୮.୫୭ | ୦ | ୦.୦୦ |
| ସ୍ଥାନୀୟ ଲୋକମାନଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ବୃଦ୍ଧି କରିବ | ୨ | ୧୪.୨୯ | ୪ | ୨୮.୫୭ | ୫ | ୩୫.୭୧ | ୨ | ୧୪.୨୯ | ୧ | ୭.୧୪ |
| ସମ୍ପତ୍ତି ର ମୂଲ୍ୟ ବୃଦ୍ଧି କରିବ | ୭ | ୫୦.୦୦ | ୫ | ୩୫.୭୧ | ୧ | ୭.୧୪ | ୧ | ୭.୧୪ | ୦ | ୦.୦୦ |

*ଉତ୍ସ- ପ୍ରକଳ୍ପ ଅଞ୍ଚଳରୁ ସଂଗୃହିତ ପ୍ରାଥମିକ ତଥ୍ୟ*

ଉପରୋକ୍ତ ସାରଣୀରେ ପ୍ରତିବିମ୍ବିତ ହୋଇଥିବା ପ୍ରଭାବିତ ଲୋକମାନଙ୍କର ସକାରାତ୍ମକ ମନ୍ତବ୍ୟକୁ ଦେଖିଲେ ଜଣାଯାଉଛି ଯେ, ୮୬%ରୁ ଅଧିକ ଲକ୍ଷିତ ପରିବାର ଆଶା କଲେ ଯେହେତୁ ଏକ ଚଉଡା ରାସ୍ତା ତାଙ୍କ ଘର ନିକଟ ଦେଇ ଅତିକ୍ରମ କରିବ ତେଣୁ ପ୍ରକଳ୍ପ ତାଙ୍କ ସମ୍ପତ୍ତିର ମୂଲ୍ୟ ବୃଦ୍ଧି କରାଇବାରେ ସହାୟକ ହେବ । ପ୍ରାୟ ୪୩% ଉତ୍ତର ଦାତା ଉଭୟ ନିଯୁକ୍ତି ସୁଯୋଗ ସମ୍ବନ୍ଧରେ ଆଶାବାଦି ଓ ପ୍ରସ୍ତାବିତ ପ୍ରକଳ୍ପ ହେତୁ ରାସ୍ତାର ଦୂରତ୍ୱ କମିବା ଭଳି ଦୁଇଟି ମତାମତ ସମ୍ବନ୍ଧରେ ମତ ଦେଲେ । ସେ ଯାହାହେଉ, ଅଧିକାଂଶ ମତଦାତା ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିବାରେ ପ୍ରକଳ୍ପ ସହାୟତା କରିବ ଏବଂ ସ୍ଥାନୀୟ ଲୋକମାନଙ୍କ ନିମନ୍ତେ ଲାଭଦାୟକ ହେବା ଭଳି କୌଣସି ମତାମତ ଦେଲେ ନାହିଁ । ଆହୁରି ମଧ୍ୟ, ପ୍ରାୟ ୮୬% ପ୍ରଭାବିତ ପରିବାରର ମତଦାତା "ପ୍ରକଳ୍ପ ତୁମ ଉପରେ ନିଶ୍ଚିତ ଭାବରେ ପ୍ରଭାବ ପକାଇବ" ମନ୍ତବ୍ୟ ସହ ସହମତ ହେଲେ ନାହିଁ ।

### ଖ) ନକାରାତ୍ମକ ଦୃଷ୍ଟିଭଙ୍ଗି

ନିମ୍ନରେ ପ୍ରଦାନ କରାଯାଇଥିବା ସାରଣୀରେ ଏହା ଦେଖାଗଲା ଯେ, ଅଧିକାଂଶ ନକରାତ୍ମକ ପ୍ରଭାବ ସମ୍ପର୍କରେ ପ୍ରଭାବିତ ପରିବାରର ଧାରଣା ସକାରାତ୍ମକ ଅଟେ । ଏହି ପରିପ୍ରେକ୍ଷିରେ ପ୍ରକଳ୍ପର ନକାରାତ୍ମକ ପ୍ରଭାବ ସମ୍ପର୍କରେ ସେମାନଙ୍କ ମତାମତ ଯଥା; ଯଥା; ଅପରାଧ ବୃଦ୍ଧି, ଘରର କ୍ଷତି ସମ୍ପର୍କିତ ଅଭିଜ୍ଞତା, ବାୟୁ ପ୍ରଦୂଷଣ ହେତୁ ସ୍ୱାସ୍ଥ୍ୟ ସମସ୍ୟା, ବାନ୍ଧୁବାନ୍ଧବ ସମ୍ପର୍କ ନଷ୍ଟ, ସ୍ଥାନୀୟ ବ୍ୟବସାୟ ଉପରେ ପ୍ରଭାବ ଏବଂ ରାସ୍ତା ଦୁର୍ଘଟଣାର ସମ୍ଭାବନା ଓ ଜୀବିକା ନିର୍ବାହ କ୍ଷେତ୍ରରେ ବ୍ୟାହତ ଇତ୍ୟାଦି ପ୍ରକଳ୍ପ ଅଞ୍ଚଳରେ ଅନୁଭୂତ ହେବ ।

**ସାରଣୀ-୫.୨: ପ୍ରକଳ୍ପ ନକାରାତ୍ମକ ପ୍ରଭାବ**

| ନକାରତ୍ମକ ପ୍ରଭାବ | ଦୃଢଭାବରେ ଏକମତ (ସଂଖ୍ୟା-୧୪) | | ଏକମତ (ସଂଖ୍ୟା-୧୪) | | କୌଣସି ମତାମତ ନାହିଁ (ସଂଖ୍ୟା-୧୪) | | ଏକମତ ନୁହନ୍ତି (ସଂଖ୍ୟା-୧୪) | | ଦୃଢଭାବରେ ଏକମତ ନୁହନ୍ତି (ସଂଖ୍ୟା-୧୪) | |
|---|---|---|---|---|---|---|---|---|---|---|
| | ସଂଖ୍ୟା | % | ସଂଖ୍ୟା | % | ସଂଖ୍ୟା | ସଂଖ୍ୟା | % | ସଂଖ୍ୟା | % | ସଂଖ୍ୟା |
| ଅପରାଧ ବୃଦ୍ଧି ଘଟିବ | ୪ | ୨୮.୫୭ | ୯ | ୬୪.୨୯ | ୧ | ୭.୧୪ | ୦ | ୦.୦୦ | ୦ | ୦.୦୦ |
| ପ୍ରକଳ୍ପ ହେତୁ ଘର କ୍ଷତି ହେବ | ୮ | ୫୭.୧୪ | ୨ | ୧୪.୨୯ | ୧ | ୭.୧୪ | ୧ | ୭.୧୪ | ୨ | ୧୪.୨୯ |
| ବାୟୁ ପ୍ରଦୂଷଣ ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବ | ୦ | ୦.୦୦ | ୧୦ | ୭୧.୪୩ | ୩ | ୨୧.୪୩ | ୧ | ୭.୧୪ | ୦ | ୦.୦୦ |
| ସର୍ବସାଧାରଣ ସମ୍ପତ୍ତି ନଷ୍ଟ ହେବ | ୦ | ୦.୦୦ | ୨ | ୧୪.୨୯ | ୧୦ | ୭୧.୪୩ | ୨ | ୧୪.୨୯ | ୦ | ୦.୦୦ |
| ବାନ୍ଧୁବାନ୍ଧବ ସମ୍ପର୍କ ନଷ୍ଟ ହେବ | ୩ | ୨୧.୪୩ | ୬ | ୪୨.୮୬ | ୨ | ୧୪.୨୯ | ୨ | ୧୪.୨୯ | ୧ | ୭.୧୪ |
| ଐଓଠ/ଇଓଡ଼ଝ ରୋଗ ବ୍ୟାପିବାର ସମ୍ଭାବନା ରହିବ | ୦ | ୦.୦୦ | ୫ | ୩୫.୭୧ | ୯ | ୬୪.୨୯ | ୦ | ୦.୦୦ | ୦ | ୦.୦୦ |
| ସ୍ଥାନୀୟ ବ୍ୟବସାୟ ପ୍ରତି ସ୍ୱଳ୍ପ କାଳିନ ପ୍ରଭାବ | ୦ | ୦.୦୦ | ୭ | ୫୦.୦୦ | ୬ | ୪୨.୮୬ | ୧ | ୭.୧୪ | ୦ | ୦.୦୦ |
| ସ୍ଥାନୀୟ ବ୍ୟବସାୟ ପ୍ରତି ଦୀର୍ଘକାଳିନ ପ୍ରଭାବ | ୦ | ୦.୦୦ | ୯ | ୬୪.୨୯ | ୪ | ୨୮.୫୭ | ୦ | ୦.୦୦ | ୧ | ୭.୧୪ |
| ଗୃହପାଳିତ ପଶୁମାନଙ୍କର ଦୁର୍ଘଟଣା ବୃଦ୍ଧି ପାଇବ | ୧ | ୭.୧୪ | ୨ | ୧୪.୨୯ | ୧୦ | ୭୧.୪୩ | ୦ | ୦.୦୦ | ୧ | ୭.୧୪ |
| ବଣ୍ୟ ଜନ୍ତୁମାନଙ୍କର ଦୁର୍ଘଟଣା ବୃଦ୍ଧି ପାଇବ | ୧ | ୭.୧୪ | ୨ | ୧୪.୨୯ | ୧୦ | ୭୧.୪୩ | ୦ | ୦.୦୦ | ୧ | ୭.୧୪ |
| ଲୋକମାନଙ୍କର ଦୁର୍ଘଟଣା ବୃଦ୍ଧି ପାଇବ | ୯ | ୬୪.୨୯ | ୨ | ୧୪.୨୯ | ୨ | ୧୪.୨୯ | ୦ | ୦.୦୦ | ୧ | ୭.୧୪ |

*ଉତ୍ସ- ପ୍ରକଳ୍ପ ଅଞ୍ଚଳରୁ ସଂଗୃହିତ ପ୍ରାଥମିକ ତଥ୍ୟ*

ଏହା ବ୍ୟତିତ ସାରଣୀ -୫.୨ରେ ଉଲ୍ଲେଖ କରାଯାଇଥିବା ପ୍ରଭାବିତ ପରିବାରମାନଙ୍କର ନକରାତ୍ମକ ମତାମତର ତଥ୍ୟ ରୁ ସଙ୍କେତ ମିଳୁଛି ଯେ, ପ୍ରଭାବିତ ପରିବାରରୁ ଅଧିକାଂଶ ପରିବାରର "ସର୍ବସାଧାରଣ ସମ୍ପତ୍ତି ନଷ୍ଟ ହେବ, ଐଓଠ/ଇଓଡ଼ଝ ରୋଗ ବ୍ୟାପିବାର ସମ୍ଭାବନା ରହିବ, ଗୃହପାଳିତ ପଶୁ ଓ ବଣ୍ୟଜନ୍ତୁମାନଙ୍କର ଦୁର୍ଘଟଣା ବୃଦ୍ଧି ପାଇବ" ଭଳି ମନ୍ତବ୍ୟ ପ୍ରତି କୌଣସି ଦୃଢ ସହମତ ନାହିଁ ।

## ୫.୯ କେନ୍ଦ୍ରୀଭୂତ ଦଳଗତ ଆଲୋଚନା ର ମୁଖ୍ୟାଂଶ

ପ୍ରଭାବିତ ପରିବାର ଉପରେ ପ୍ରକଳ୍ପର ପ୍ରଭାବ ସମ୍ପର୍କରେ ଅବଗତ ହେବା ନିମନ୍ତେ ଉଭୟ ପ୍ରଭାବିତ ଓ ପରୋକ୍ଷ ଭାବରେ ପ୍ରଭାବିତ ପରିବାରକୁ ନେଇ ପ୍ରକଳ୍ପ ଅଞ୍ଚଳରେ କେନ୍ଦ୍ରୀଭୂତ ଦଳଗତ ଆଲୋଚନାର ଆୟୋଜନ କରାଯାଇଥିଲା । କେନ୍ଦ୍ରୀଭୂତ ଦଳଗତ ଆଲୋଚନାରେ ଉପଲବ୍ଧ ତଥ୍ୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦାନ କରାଯାଇଛି ।

- ଭାଗ ନେଇଥିବା ପ୍ରାୟ ସମସ୍ତ ବ୍ୟକ୍ତି ପ୍ରସ୍ତାବିତ ରାସ୍ତା ପ୍ରକଳ୍ପ ସମ୍ବନ୍ଧରେ ଉତ୍ତମ ଭାବରେ ଅବଗତ ଅଛନ୍ତି । ଏପରିକି ରାସ୍ତାର ମାର୍ଗ ରେଖା ବାରମ୍ବାର ବଦଳିଥିବା କଥା ସେମାନେ ଜାଣିଛନ୍ତି । ଦଳର ସଦସ୍ୟମାନେ ସ୍ପଷ୍ଟ କରିଥିଲେ ଯେ, ଯଦି ପୂର୍ବ ମାର୍ଗରେଖା ଅନୁଯାୟୀ କାର୍ଯ୍ୟ ହୋଇଥାନ୍ତା ତେବେ ଦୁଇଟି ବା ତିନୋଟି ଘର ପ୍ରଭାବିତ ହୋଇଥାନ୍ତା କିନ୍ତୁ ବର୍ତ୍ତମାନ ଯୋଜନା ଅନୁସାରେ ଅଧିକ ଲୋକ ଓ ଘର ପ୍ରଭାବିତ ହେଉଛନ୍ତି, ଯେଉଁଥିପାଇଁ ଅଧିକ ଲୋକ ଅଶାନ୍ତ ହେବେ ଏବଂ ସରକାର ଅଧିକ କ୍ଷତିପୂରଣ ପ୍ୟାକେଜ ସହିବେ ।
- ଅଧିକାଂଶ ପ୍ରଭାବିତ ପରିବାର ଏହି ପ୍ରକଳ୍ପକୁ ସମର୍ଥନ କରୁଛନ୍ତି କିନ୍ତୁ ପ୍ରସ୍ତାବିତ ପ୍ରକଳ୍ପର ପୂର୍ବରୁ କରାଯାଇଥିବା ମାର୍ଗରେଖାରେ ପରିବର୍ତ୍ତନ ସମ୍ବନ୍ଧରେ ସେମାନେ ଅସନ୍ତୁଷ୍ଟ ଅଛନ୍ତି ।
- ଆଲୋଚନା ସମୟରେ ଦଳର ସଭ୍ୟମାନେ ଆହୁରି ନିର୍ଦ୍ଦିଷ୍ଟ ଭାବରେ କହିଲେ, ଯଦି ଏହି ରାସ୍ତା ବର୍ତ୍ତମାନର ଯୋଜନା ଅନୁଯାୟୀ କରାଯାଏ ତେବେ ଏଠାରେ ଅଧିକ ଦୃଷ୍ଟିଗୋଚର ହୋଇପାରୁନଥିବା ଅଙ୍କାବଙ୍କା ରାସ୍ତା ରହିବ ଯାହାକି ଦୁର୍ଘଟଣା ପ୍ରବଣ ଅଟେ । ତେଣୁ ଦିର୍ଘଦିନ ପର୍ଯ୍ୟନ୍ତ ଏହି ରାସ୍ତାରେ ଯାତାୟତ କରୁଥିବା ଯାତ୍ରିମାନଙ୍କ ନିରାପତ୍ତା ନିମନ୍ତେ ରାସ୍ତାକୁ ପୂରୁଣା ନକ୍ସା ଅନୁଯାୟୀ ନିର୍ମାଣ କରାଯିବା ଆବଶ୍ୟକ ବୋଲି ସେମାନେ ମତାମତ ଦେଲେ ।
- ପ୍ରଭାବିତ ପରିବାରର ସାମାଜିକ ଆର୍ଥିକ ଅବସ୍ଥାକୁ ଦେଖିଲେ ଜଣା ଯାଉଛି ସେମାନେ ପ୍ରାୟତଃ ଉତ୍ତମ ଚଳଣୀର ପରିବାର ଅଟନ୍ତି । ଆହୁରିମଧ୍ୟ ଏହି ତଥ୍ୟ ଉପଲବ୍ଧ ହେଲା ଯେ, ପ୍ରସ୍ତାବିତ ଅଞ୍ଚଳର ଅତି ନିକଟବର୍ତ୍ତୀ ଅଞ୍ଚଳରେ ରହୁଥିବା ଅଧିକାଂଶ ପରିବାର ଦିନ ମଜୁରୀଆ, ନିର୍ମାଣ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତି, କେତେକ ଛୋଟ ବ୍ୟବସାୟୀ ଓ ସେବା ପ୍ରଦାନକାରୀ ଅଟନ୍ତି । କେତେକ ଚାକିରିଆ ବା ଅବସର ନେଇଥିବା ବ୍ୟକ୍ତି ଅଟନ୍ତି ।
- ପ୍ରସ୍ତାବିତ ପ୍ରଭାବିତ ଜାଗାରେ କୌଣସି ଫସଲ ହୁଏନାହିଁ କାରଣ ଏହା ବାସଗୃହ ଥିବା ଏକ ଅଞ୍ଚଳ ଅଟେ ।
- ବର୍ତ୍ତମାନର ରାସ୍ତା ଯୋଜନାରେ ପ୍ରଭାବିତ ଅଞ୍ଚଳର ତାଲିକା କରାଯାଇଥିବା ଲୋକମାନଙ୍କର ମାଲିକାନାରେ ଥିବା ପ୍ରାୟ ୯ ଟି ଘର, ୨ଟି ସେଡ୍ ଏବଂ ୨ଟି ପାଚେରି ପ୍ରଭାବିତ ହେବାର ସମ୍ଭାବନା ଅଛି । ଆହୁରି ମଧ୍ୟ ୮ ରୁ ୧୦ଟା ଛୋଟ ଦୋକାନ, କେତୋଟି ମଟର ଗ୍ୟାରେଜ ପ୍ରଭାବିତ ହେବାର ସମ୍ଭାବନା ଅଛି । ସେ

ଯାହାହେଉ ଉପଯୁକ୍ତ ଅଧିକାରୀଙ୍କ ଦ୍ଵାରା ମାର୍ଗରେଖା ଟଣା ଯିବାପରେ ପ୍ରଭାବିତ ହେଉଥିବା ନିର୍ଦ୍ଦିଷ୍ଟ ଭାବରେ ସମସ୍ତ ସମ୍ପତ୍ତିର ବିସ୍ତୃତ ବିବରଣୀ ଜଣାପଡିବ ।


- ଆଲୋଚନା ପ୍ରକ୍ରୀୟାରେ ଜଣାପଡିଲା ଯେ, ୧୯୮୪-୮୫ ମସିହାରେ ପ୍ରଭାବିତ ଲୋକମାନଙ୍କର ଜାତୀୟ ରାଜପଥ କଡରେ ଥିବା କିଛି ଜମି ଅଧିଗ୍ରହଣ କରାଯାଇ ପ୍ରଚଳିତ ବେଞ୍ଚମାର୍କ ଅନୁଯାୟୀ ସେମାନେ କ୍ଷତିପୂରଣ ଗ୍ରହଣ କରିଥିଲେ । ସେ ଯାହାହେଉ ଜାତୀୟ ରାଜପଥ ବାବଦରେ କ୍ଷତିପୂରଣ ନିର୍ଦ୍ଦିଷ୍ଟ ଭାବରେ କେଉଁ ବର୍ଷ ପାଇଥିଲେ ସେ ସମ୍ବନ୍ଧରେ ସେମାନେ ନିଶ୍ଚିତ ନୁହନ୍ତି ।
- ଆଇ ଆର ସି ଭିଲେଜ ନିକଟରେ ଗୋଟିଏ ସରକାରୀ ଡାକ୍ତରଖାନା ଏବଂ ବେସରକାରୀ ଡାକ୍ତରଖାନା "ଡଝଛଓ" ଅବସ୍ଥିତ ଅଛି ଏବଂ ଉଭୟ ପ୍ରକଳ୍ପ ଅଞ୍ଚଳରୁ ୨ କିଲୋମିଟର ଦୂରରେ ଅବସ୍ଥିତ । ଅଞ୍ଚଳରେ ପ୍ରଚଳିତ ନିୟମିତ ରୋଗ ଗୁଡିକ ହେଲା ଉଚ୍ଚ ରକ୍ତ ଚାପ, ଡାଇବେଟିସ୍, ରିୟୁମାଟିଜିମ ଏବଂ ଆଜ୍ମା ଇତ୍ୟାଦି ।
- ଅଞ୍ଚଳର ସାକ୍ଷରତା ହାର ପ୍ରାୟ ୮୦-୯୦% ।
- ନିଯୁକ୍ତିର ପ୍ରତିଶତ ସମ୍ବନ୍ଧରେ ଗୋଷ୍ଠିର ସଦସ୍ୟମାନେ ମତ ଦେଲେ ପ୍ରାୟ ସମସ୍ତ ପରିବାର ବର୍ଷସାରା ନିଯୁକ୍ତି ପାଇଥାନ୍ତି ।
- ବାଳ ଶ୍ରମିକ ପ୍ରଥା ପ୍ରଚଳିତ ନାହିଁ ।
- ଭାଗ ନେଇଥିବା ବ୍ୟକ୍ତି ମାନେ ମତ ଦେଲେ ଯେ, ଯଦି ବିସ୍ଥାପନର ଆବଶ୍ୟକତା ପଡେ ତେବେ ସେମାନେ ପ୍ରସ୍ତାବିତ ରାସ୍ତାର ୧ ବା ୨ କିଲୋମିଟର ପରିଧି ମଧ୍ୟରେ ହିଁ ରହିବେ । ସେମାନେ ଆହୁରି ମଧ୍ୟ ପ୍ରସ୍ତାବ ଦେଲେ ଯେ, ଆଇ ଆର ସି ଭିଲେଜର ଏନ୍-୩ ରେ କିଛି ଖାଲି ସରକାରୀ ସ୍ଥାନ ଅଛି ଯେଉଁଠିକି ସେମାନେ ବିସ୍ଥାପିତ ହେବାକୁ ପସନ୍ଦ କରିବେ । ଏତଦ୍‌ବ୍ୟତିତ ପ୍ରସ୍ତାବିତ ରାସ୍ତା କଡରେ ମଧ୍ୟ କିଛି ଫାଙ୍କା ସ୍ଥାନ ଅଛି ଯାହାକୁ କି ମଧ୍ୟ ବିଚାରକୁ ନିଆଯାଇପାରେ ।
- କୌଣସି ଧାର୍ମିକ ଢାଞ୍ଚା ନାହିଁ, ଯାହାକି ପ୍ରଭାବିତ ବା ସ୍ଥାନଚ୍ୟୁତ ହେବ
- ପ୍ରକଳ୍ପରୁ ମିଳିବାକୁ ଥିବା ଲାଭ, ସେମାନେ କିଛି ନିର୍ଦ୍ଦିଷ୍ଟ ପ୍ରସ୍ତାବ ଉପସ୍ଥାପନ କରିଥିଲେ ଯଥା; ଜମି ବଦଳରେ ଜମି ସହିତ ଢାଞ୍ଚା, ବର୍ତ୍ତମାନର ବଜାର ମୂଲ୍ୟ ଅନୁଯାୟୀ କ୍ଷତିପୂରଣ ଅର୍ଥ ନଗଦ ଟଙ୍କା ଆକାରରେ ପ୍ରଦାନ କରଯିବ ।
- ଆହୁରି ମଧ୍ଯ ସେମାନେ ରାସ୍ତାର ବାମ ପାର୍ଶ୍ଵରେ ଥିବା ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ତାର କୁ ସ୍ଥାନାନ୍ତର କରିବାକୁ ଦର୍ଶାଇଥିଲେ ଯାହାକି ଆଖପାଖରେ ଥିବା ପ୍ରଭାବିତ ହେଉନଥିବା ଏକ ଘର ଏବଂ ପ୍ରଭାବିତ ପରିବାର ଯେ କି ଜମି ଓ ଘର ହରାଉଛି ତାର ଆୟର ଉତ୍ସକୁ ପ୍ରଭାବିତ କରୁଛି ।
- ସେ ଅଞ୍ଚଳରେ ସକ୍ରୀୟ ଥିବା ଏନ୍ ଜି ଓ ସମ୍ପର୍କରେ ପଚାରିବାରୁ ସେମାନେ ମତ ଦେଇଥିଲେ ଯେ, କେତେଗୁଡିଏ ଏନ୍ ଜି ଓ ଏଠାରେ କାମ କରୁଛନ୍ତି କିନ୍ତୁ ସେମାନେ ତାଙ୍କ ନାମ ବିଷୟରେ ସଚେତନ ନୁହନ୍ତି

ସେ ଯାହାହେଉ ସେମାନେ କେବଳ ସି ଓ୍ୱାଇ ଏସ୍ ଡି ନାମକ ଗୋଟିଏ ଏନ୍ ଜି ଓ ସମ୍ବନ୍ଧରେ ଅବଗତ ଅଛନ୍ତି ।

- ଆହୁରି ମଧ୍ୟ ଭାଗ ନେଇଥିବା ବ୍ୟକ୍ତିମାନେ ସେମାନଙ୍କ ପ୍ରଭାବିତ ଅଞ୍ଚଳରେ ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ ନିମନ୍ତେ ପ୍ରସ୍ତାବ ଦେଇଥିଲେ ଏବଂ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ରେ ସ୍ଥାନୀୟ ଲୋକମାନଙ୍କ ଭାଗୀଦାରୀତା ସମ୍ବନ୍ଧରେ ସେମାନେ କହିଲେ ଯେ, ସ୍ଥାନୀୟ ବସ୍ତି ବାସିନ୍ଦା ନିର୍ମାଣ କାର୍ଯ୍ୟରେ ସାମିଲ ହେବେ ।

## ୫.୧୦ ପ୍ରଭାବିତ ପରିବାରମାନଙ୍କର କ୍ଷତିପୁରଣ ପାଇଁ ଆକାଂକ୍ଷା ଓ ଅଗ୍ରାଧିକାର

ପ୍ରକଳ୍ପ ପ୍ରଭାବିତ ପରିବାର ତାଙ୍କ ଜମି ଓ ସମ୍ପତ୍ତିର କ୍ଷତି ନିମନ୍ତେ ସହାୟତା ଗ୍ରହଣ କରିବା ପାଇଁ ରାଜି ଅଛନ୍ତି । ଏହି ସମ୍ବନ୍ଧରେ ସେମାନଙ୍କୁ ସହୟତା ପ୍ରାପ୍ତ କରିବାକୁ ବିଭିନ୍ନ ବିକଳ୍ପ ବାବଦରେ ସେମାନଙ୍କ ଇଚ୍ଛା ସମ୍ପର୍କରେ ପଚରା ଯାଇଥିଲା ଏବଂ ପ୍ରତିକ୍ରିୟା ଗୁଡିକର ବିଶ୍ଳେଷଣ ଚିତ୍ର -୫ ରେ ପ୍ରଦାନ କରା ଯାଇଛି । ପ୍ରକଳ୍ପରୁ ସହାୟତା ସମ୍ପର୍କରେ ୯ ଟି ପରିବାର ଅର୍ଥାତ ୬୪.୩% ସର୍ବେକ୍ଷଣ ପରିବାର ସେମାନଙ୍କ ଜମି କ୍ଷତି ନିମନ୍ତେ ଟଙ୍କା ନେବାକୁ ମତ ଦେଇଥିବାବେଳେ ୬ (୩୫.୭%) ଟି ପରିବାର ଘର କ୍ଷତି ନିମନ୍ତେ ପ୍ରକଳ୍ପ ଅଧିକାରୀଙ୍କ ଠାରୁ ଟଙ୍କା ନେବାକୁ ମତ ଦେଇଥିଲେ । ଏହି ଦୁଇଟି ମତାମତ ବ୍ୟତିତ ଅନ୍ୟ ମତ କୌଣସି ପରିବାର ଦେଇନଥିଲେ । ସେ ଯାହାହେଉ ପ୍ରାୟ ସମସ୍ତ ପ୍ରକଳ୍ପ ପ୍ରଭାବିତ ପରିବାର ଜମି ତ୍ୟାଗକରି ପ୍ରକଳ୍ପକୁ ସମର୍ଥନ କରଥିଲେ ।




**ଚିତ୍ର :୬ କ୍ଷତିପୂରଣ ପାଇବା ନିମନ୍ତେ ପ୍ରଭାବିତ ପରିବାରର ପ୍ରାଥମିକତା**

ଲୋକମାନଙ୍କ ସକାରାତ୍ମକ ଓ ନକାରାତ୍ମକ ପ୍ରଭାବର ଉପରେ ବର୍ଣ୍ଣନା କରଯାଇଥିବା ବିଶ୍ଳେଷଣ ଏବଂ ପ୍ରକାଳ୍ପରୁ ତାଙ୍କ ଆଶା ସ୍ପଷ୍ଟ ଭାବରେ ସୂଚିତ କରୁଛି ଯେ,ପ୍ରଭାବିତ ପରିବାର ପ୍ରକଳ୍ପ ଆରମ୍ଭ କରିବାର ବିରୋଧି ନୁହନ୍ତି । ତଥାପି, ପ୍ରଭାବିତ ପରିବାର ବାସଗୃହ କ୍ଷତି ହେବାର ଆଶଙ୍କା କରୁଛନ୍ତି ଏବଂ ଏଥିପାଇଁ ସେମାନେ ପ୍ରକଳ୍ପ ଅଧିକାରୀଙ୍କ ଠାରୁ ଉପଜୁକ୍ତ କ୍ଷତିପୂରଣ ପ୍ରଦାନ କରିବା ନିମନ୍ତେ ପରମର୍ଶ ଦେଲେ ।

## ୫.୧୧ ସାମାଜିକ ପ୍ରଭାବ ପରିଚଳନା ଯୋଜନା :

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୪ର ଉପଧାରା ୫ରେ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତ କରିବା ପାଇଁ କୁହାଯାଇଛି । ଏହି ଯୋଜନା ଅଧିନରେ କୌଣସି ଏକ ପ୍ରକଳ୍ପ ଦ୍ୱାରା ସୃଷ୍ଟି ହୋଇଥିବା ନକାରାତ୍ମକ ପ୍ରଭାବ ଗୁଡ଼ିକୁ ପ୍ରତିହତ କରିବା ପାଇଁ

ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥାକୁ ବିଭିନ୍ନ ପ୍ରକାର କଲ୍ୟାଣମୂଳକ କାର୍ଯ୍ୟକ୍ରମମାନ ହାତକୁ ନେବାପାଇଁ ନିର୍ଦ୍ଦେଶ ରହିଛି । ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦ୍ୱାରା ମୁଖ୍ୟତଃ ପ୍ରକଳ୍ପଟିଏ କାର୍ଯ୍ୟକାରୀ ହେବାଦ୍ୱାରା ପ୍ରଭାବିତ ଅଞ୍ଚଳରେ ବସବାସ କରୁଥିବା ଅଧିବାସୀମାନଙ୍କ ଜୀବନଜିବୀକା ଉପରେ ପଡୁଥିବା ପ୍ରଭାବ ଗୁଡିକ ଚିହ୍ନଟ ହୋଇଥାଏ । ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ଛଓଗଚ)ଟି ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ, ଯେଉଁଥିରେ ପ୍ରକଳ୍ପର ହାନିକାରକ ଦିଗଗୁଡ଼ିକୁ ନିବାରଣ କରିବା ପାଇଁ ପଦକ୍ଷେପମାନ ବର୍ଣ୍ଣନା ହେବା ସହ ଏଥିପାଇଁ ଆବଶ୍ୟକ ହେଉଥିବା ଖର୍ଚ୍ଚକୁ କାର୍ଯ୍ୟକାରୀ କରିବା ସଂସ୍ଥା ଏବଂ ସମୟ ନିର୍ଘଣ୍ଟ ଆଦିର ବର୍ଣ୍ଣନା ହୋଇଥାଏ । ଏହି ଅଧ୍ୟୟନକାଳରେ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଦ୍ୱାରା ଉପୁଜୁଥିବା ଅନେକଗୁଡ଼ିଏ ସକରାତ୍ମକ ଏବଂ ନକରାତ୍ମକ ଦିଗ ପରିଲକ୍ଷିତ ହୋଇଛି । ତେଣୁ ପ୍ରକଳ୍ପର ନକରାତ୍ମକ ପ୍ରଭାବକୁ ପରିଚାଳନା ତଥା ତଦାରଖ କରିବା ପାଇଁ ପରିଚାଳନା ଯୋଜନା ଏପରି ପ୍ରସ୍ତୁତି ହେବା ଆବଶ୍ୟକ ଯାହାକି ପ୍ରକଳ୍ପ ପ୍ରଭାବିତ ପରିବାର, ଗୋଷ୍ଠୀ ଏବଂ ସମାଜ ଉପରେ ପଡୁଥିବା ହାନିକାରକ ପ୍ରଭାବ ଯଥା ସମ୍ଭବ କମ୍ ହେବ । ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ହାତିଆଶୁଣି ଦେଇ ରେଳବିହାର ଠାରୁ ଏକାମ୍ରକାନନ ପର୍ଯନ୍ତ ୨୦୦ଫୁଟ ମାଷ୍ଟର ପ୍ଲାନ ରାସ୍ତା ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ବର୍ତ୍ତମାନ ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି, ସାମାଜିକ ପ୍ରଭାବ ପ୍ରଶମନ ଯୋଜନାଟି ଆର.ଏଫ.ସି.ଟି.ଏଲ.ଏ. ଆର.ଆର.,୨୦୧୩ ଏବଂ ଓଡିଶା ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୬ର  ନିୟମ ମୁତାବକ ପ୍ରସ୍ତୁତ କରାଯାଇଛି । କାର୍ଯ୍ୟକ୍ରମର ପ୍ରଭାବ ଏବଂ ଏହାର ପ୍ରଶମନ ନିମନ୍ତେ ପ୍ରସ୍ତାବିତ ଉପାୟ  ନିମ୍ନରେ ପ୍ରଦାନ କରା ଯାଇଛି ।

**ପ୍ରକଳ୍ପ କାର୍ଯ୍ୟକ୍ରମ  – ୧: ଜମି ଅଧିଗ୍ରହଣ**

ପ୍ରଭାବ– ଜମିରୁ ମିଳୁଥିବା ଆୟର କ୍ଷତି ଓ ଜମିରେ ଥିବା ଅନ୍ୟାନ୍ୟ ସମ୍ପତ୍ତିର କ୍ଷତି ।

***ପ୍ରସ୍ତାବିତ ପ୍ରଶମନ ଉପାୟ*** –

- ଅଧିକୃତ ଜମିର ସ୍ୱଚ୍ଛ ଓ ନ୍ୟାୟୋଚିତ ଭାବେ କ୍ଷତିପୂରଣ
- ଉପଯୁକ୍ତ ତଦନ୍ତ ସହିତ ଯଥା ସମୟରେ କ୍ଷତିପୂରଣ
- ଜମିର ଅଧିକୃତ ଅଂଶ ବ୍ୟତୀତ ଅନ୍ୟାନ୍ୟ ଭାଗରୁ ମାଟି, ଅଳିଆ ଆବର୍ଜନା ଗୋଡି ଆଦି କାଢି ଜମିକୁ ବ୍ୟବହାର ଉପଯୋଗି କରାଇବା ।
- ଯଦି ଜମି ଅଧିକୃତ ହେଲା ପରେ ଏକ ଛୋଟ ଅଂଶ ବଳକା ରହିଯାଏ । ଏହାକୁ ମଧ୍ୟ ଅଧିକୃତ କରାଯାଇ ଉପଯୁକ୍ତ କ୍ଷତିପୂରଣ ଦିଆଯିବା ଆବଶ୍ୟକ ।

ଦାୟିତ୍ୱ – ରାସ୍ତା ପ୍ରକଳ୍ପର ପ୍ରକଳ୍ପ ପରିଚାଳନା ଦଳ

**ପ୍ରକଳ୍ପ କାର୍ଯ୍ୟ – ୨: ନିର୍ମାଣ କାର୍ଯ୍ୟ**

ପ୍ରଭାବ - ନିଯୁକ୍ତି ସୁଯୋଗ ଓ ସ୍ଥାନୀୟ ଅଞ୍ଚଳରେ ବ୍ୟବସାୟ ସୁଯୋଗ

***ପ୍ରସ୍ତାବିତ ପ୍ରଶମନ ଉପାୟ*** –

- ସ୍ଥାନୀୟ ସାମଗ୍ରୀ ନିମନ୍ତେ ଯୋଜନା ର ବିକାଶ ଓ କାର୍ଯ୍ୟ ସମ୍ପାଦନ । ଏହାର ଅଂଶ ବିଶେଷ ଭାବରେ ଗୋଟିଏ ସ୍ଥାନୀୟ ନିଯୁକ୍ତି ଏବଂ କ୍ରୟ ସଂଗ୍ରହ ଜନିତ ପରିଚାଳନା ଯୋଜନା ନିର୍ଦ୍ଧାରଣ କରିବାକୁ ପଡିବ । ଯୋଜନାର ବିକାଶ କରିବାରେ ଯୁକ୍ତିଯୁକ୍ତ ଅଂଶୀଦାର ମାନଙ୍କ ସହିତ ସରକାରୀ କର୍ମକର୍ତ୍ତା ଏବଂ ସ୍ଥାନୀୟ ଅଞ୍ଚଳବାସୀମାନଙ୍କ ସହିତ ବିଚାର ଆଲୋଚନା ସବୁ ଅନ୍ତର୍ଭୁକ୍ତ ହେବା ଉଚିତ । ନିଯୁକ୍ତି ସମ୍ବନ୍ଧୀୟ କୌଶଳ ସବୁ ଏପରି ଭାବରେ ବିକଶିତ ହେବା ଉଚିତ, ଯେପରିକି ଯେତେଦୂର ସମ୍ଭବ ସ୍ଥାନୀୟ ନିଯୁକ୍ତିର ସ୍ତର ସର୍ବାଧିକ ରହିବ ।
- ସ୍ଥାନୀୟ ଯୁବକମାନଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦିଆଯିବା ଆବଶ୍ୟକ ଓ ସେମାନଙ୍କୁ ପ୍ରକଳ୍ପ କାର୍ଯ୍ୟ ସହିତ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ କରିବାର ସୁଯୋଗ ହେବା ଆବଶ୍ୟକ ।
- ସ୍ଥାନୀୟ ଲୋକଙ୍କୁ ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ କରିବା ଆବଶ୍ୟକ । ଅନ୍ୟାନ୍ୟ କଣ୍ଟ୍ରାକ୍ଟ କାର୍ଯ୍ୟରେ ସ୍ଥାନୀୟ ଲୋକଙ୍କୁ ଅଗ୍ରାଧିକାର ଦିଆଯିବା ଆବଶ୍ୟକ ।

ଦାୟିତ୍ୱ – ରାସ୍ତା ପ୍ରକଳ୍ପର ପ୍ରକଳ୍ପ ପରିଚାଳନା ଦଳ

**ପ୍ରକଳ୍ପ କାର୍ଯ୍ୟ – ୩: ନିର୍ମାଣ କାର୍ଯ୍ୟ ଓ ନିର୍ମାଣ ସାମଗ୍ରୀର ପରିବହନ**

ପ୍ରଭାବ – ଟ୍ରାଫିକ ସମସ୍ୟା, ଦୁର୍ଘଟଣାରେ ବୃଦ୍ଧି ଓ କ୍ଷୟକ୍ଷତିର ଆଶଙ୍କା

***ପ୍ରସ୍ତାବିତ ପ୍ରଶମନ ଉପାୟ*** –

- ଗୋଟିଏ ଟ୍ରାଫିକ୍ ପରିଚାଳନା ଯୋଜନାର ବିକାଶ ଏବଂ କାର୍ଯ୍ୟାନ୍ୱୟନ କରାଯିବା ଉଚିତ୍ । ଏଥିରେ ନିର୍ମାଣ ସାମଗ୍ରୀ ସବୁର ପରିବହନ ଏବଂ ନିର୍ମାଣ ସ୍ଥଳୀକୁ ଶ୍ରମଶକ୍ତିର ଯାତାୟତ ସହିତ ସଂପୃକ୍ତ ସମସ୍ୟା ସବୁର ହ୍ରାସ ପାଇଁ ପଦକ୍ଷେପ ସବୁକୁ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ ।
- କୌଣସି ପ୍ରକଳ୍ପ ସଂପର୍କୀୟ ଯାନର ଚାଳନା ପୂର୍ବରୁ ଚାଳକ ସମୂହ ତାଲିମପ୍ରାପ୍ତ ହୋଇଥିବା ଉପରେ ସୁନିଶ୍ଚିତ ହେବା ଆବଶ୍ୟକ ।
- ସ୍ଥାନୀୟ ପ୍ରଭାବିତ ପରିବାରମାନଙ୍କ ସହିତ କାର୍ଯ୍ୟ କରିବା ପାଇଁ ସୁଯୋଗ ସୃଷ୍ଟି କରାଯିବା ଆବଶ୍ୟକ, ଫଳତଃ ସେମାନଙ୍କ ଜରିଆରେ ସ୍ଥାନୀୟ ଅଞ୍ଚଳରେ ଟ୍ରାଫିକ୍ ସହିତ ସଂପୃକ୍ତ କ୍ଷୟକ୍ଷତି ବିଷୟରେ ସଚେତନତା ବୃଦ୍ଧି କରାଯାଇପାରିବ ।
- ସୁରକ୍ଷା କର୍ମୀମାନଙ୍କ ପାଇଁ ଉପଯୁକ୍ତ ତାଲିମ ବ୍ୟବସ୍ଥା ଏବଂ ତାଲିମ କାର୍ଯ୍ୟକାଳ ସମୟରେ କାର୍ଯ୍ୟାନ୍ୱୟନର ପର୍ଯ୍ୟାଲୋଚନା କରାଯିବା ଆବଶ୍ୟକ ।

**ପ୍ରକଳ୍ପ କାର୍ଯ୍ୟ – ୪: ନିର୍ମାଣ କାର୍ଯ୍ୟ ପାଇଁ ଭାରୀ ଯାନବାହନର ଚଳପ୍ରଚଳ**

**ପ୍ରଭାବ** – ମାନସିକ ଚାପ ଏବଂ ଉତ୍କଣ୍ଠା ସହିତ ସଂପୃକ୍ତ ଗୋଷ୍ଠୀଗତ କାର୍ଯ୍ୟାକଳାପ ସବୁରେ ବ୍ୟାଘାତ

*<u>ପ୍ରସ୍ତାବିତ ପ୍ରଶମନ ଉପାୟ</u>* –

- ଆବଶ୍ୟକ ସ୍ଥଳେ କମ୍ପ୍ରେସର ଏବଂ ଅନ୍ୟାନ୍ୟ କ୍ଷୁଦ୍ର ଉପକରଣ ସବୁକୁ ରକ୍ଷା କରିବାପାଇଁ ବହନଯୋଗ୍ୟ ପ୍ରତିବନ୍ଧକ ସବୁର ସ୍ଥାପନ କରିବା ।
- ଶବ୍ଦ ନିୟନ୍ତ୍ରଣ ସଂପର୍କୀୟ ସାମଗ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଉପକରଣ ସବୁର ବ୍ୟବହାର ।
- ବହନକାରୀ ଟ୍ରକ୍ ସମୁହ ଏବଂ ଅନ୍ୟାନ୍ୟ କ୍ଷୁଦ୍ର ଉପକରଣ ସବୁକୁ ସର୍ବନିମ୍ନ ସମୟ ପାଇଁ ବନ୍ଦ ରଖିବାକୁ ହେବ ଏବଂ ଯାନ ସବୁର ବ୍ୟବହାରପାଇଁ ସାଧାରଣ ଜ୍ଞାନର ପ୍ରୟୋଗ ଏବଂ ଯଥାସମ୍ଭବ ଯାନ ସବୁର ଇଞ୍ଜିନ୍‌କୁ ସ୍ଥାନ ବିଷେଶରେ ବନ୍ଦ ରଖିବା ପାଇଁ ଶ୍ରମିକମାନଙ୍କୁ ସଚେତନ କରାଯିବା ଆବଶ୍ୟକ ।
- ଉପଯୁକ୍ତ ଶ୍ରମିକ ସୁରକ୍ଷା ପ୍ରଦାନକାରୀ ଉପକରଣ ସବୁର ବ୍ୟବସ୍ଥା ।
- ଦିନବେଳା ନିର୍ମାଣ କାର୍ଯ୍ୟ ସମ୍ପାଦିତ ହେବା ଉଚିତ ।
- ଶ୍ରମଭିତ୍ତିକ ନିର୍ମାଣ ପ୍ରକ୍ରିୟା ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ଆବଶ୍ୟକ ।

**ଦାୟିତ୍ୱ** – ଜମି ଅବଶ୍ୟକ କରୁଥିବା ସଂସ୍ଥା ଓ ନିର୍ମାଣ ନିମନ୍ତେ ନିଯୁକ୍ତ କମ୍ପାମି ଏବଂ କ୍ଷେତ୍ରରେ ଥିବା ପ୍ରକଳ୍ପ ପରିଚାଳନା ଦଳ ।

**ପ୍ରକଳ୍ପ କାର୍ଯ୍ୟ – ୫: ନିର୍ମାଣ କାର୍ଯ୍ୟ**

ସ୍ଥାନୀୟ କୁଶଳୀଙ୍କର ସଂଖ୍ୟାରେ ହ୍ରାସ ଓ ବିଭିନ୍ନ ପ୍ରକାରର ନିଶାଦ୍ରବ୍ୟ ପାନୀୟ ସେବନ ହେତୁ ସାମାଜିକ ଚଳଣୀ ରେ ପରିବର୍ତ୍ତନ ।

*<u>ପ୍ରସ୍ତାବିତ ପ୍ରଶମନ ଉପାୟ</u>* –

- ଶ୍ରମଶକ୍ତି ପାଇଁ ଗୋଟିଏ ଆଚାର ସଂହିତାର ବିକାଶ ଏବଂ କାର୍ଯ୍ୟକାରୀ କରାଇବା ଆବଶ୍ୟକ ଯାହାକି, ଅସାମାଜିକ ବ୍ୟବହାର, ନିଶା ଔଷଧ ତଥା ପାନୀୟ ଆଦିର ସେବନ ଜନିତ ସମସ୍ୟା ବିଷୟମାନଙ୍କ ଉପରେ ଗୁରୁତ୍ୱ ପ୍ରଦାନ କରୁଥିବ ।
- ଗୋଟିଏ ସ୍ଥାନୀୟ ଆଧାର ସଂପର୍କିତ ଯୋଜନାର ପ୍ରଣୟନ କରାଯିବା ଆବଶ୍ୟକ । ଏହାର ପ୍ରମୁଖ ବିଷୟବସ୍ତୁ ସ୍ଥାନୀୟ ସ୍ତରରେ ନିଯୁକ୍ତି ସୁଯୋଗର ବ୍ୟବସ୍ଥା ଉପରେ ଗୁରୁତ୍ୱପୂର୍ଣ୍ଣ ହେଉଥିବ ।

**ଦାୟିତ୍ୱ** – ଜମି ଆବଶ୍ୟକ କରୁଥିବା ସଂସ୍ଥା ଓ ନିର୍ମାଣ ନିମନ୍ତେ ନିଯୁକ୍ତ କମ୍ପାନି ଏବଂ କ୍ଷେତ୍ରରେ ଥିବା ପ୍ରକଳ୍ପ ପରିଚାଳନା ଦଳ ।

## ୫.୧୨ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ଌଓଗଚ) କାର୍ଯ୍ୟକାରୀ କରିବାପାଇଁ ଆନୁଷ୍ଠାନିକ ବ୍ୟବସ୍ଥା

ସାମାଜିକ ପ୍ରଭାବ ପରିଚାଳନା ଯୋଜନାରେ ମୌଳିକ ଲକ୍ଷ୍ୟ ହେଉଛି, ବିଭିନ୍ନ ଉନ୍ନତିମୂଳକ ଯୋଜନା ମାଧ୍ୟମରେ ପ୍ରତିକୂଳ ପ୍ରଭାବକୁ ଦୂର କରିବା । ପ୍ରଭାବିତ ପରିବାର ଏବଂ ଗୋଷ୍ଠୀର କଲ୍ୟାଣ ପାଇଁ ଆଇନରେ ତଥା ଓଡିଶା

ସରକାରଙ୍କ ନିୟମାବଳୀରେ ବିଭିନ୍ନ ସ୍ତରରେ ଆନୁଷ୍ଠାନିକ ବ୍ୟବସ୍ଥା ରହିଛି । ପୁର୍ନବାସ ଓ ଥଇଥାନ ମୁଖ୍ୟ ହିସାବରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସମେତ ଜିଲ୍ଲା ପ୍ରଶାସନ, ଉପ ଜିଲ୍ଲାପାଳ, ଜମି ଅଧିଗ୍ରହଣ ଅଧିକାରୀ, ପ୍ରକଳ୍ପର ପ୍ରଶାସକ, ପ୍ରକଳ୍ପ ସ୍ତରରେ ଥିବା ପୁର୍ନବାସ ଓ ଥଇଥାନ କମିଟି ପୁର୍ନବାସ ଓ ଥଇଥାନ ତଦାରଖ ପାଇଁ ଥିବା ରାଜ୍ୟସ୍ତରୀୟ କମିଟିଙ୍କର ଦାୟିତ୍ୱ ହେଉଛି ପ୍ରକଳ୍ପର ସଠିକ୍ କାର୍ଯ୍ୟକାରିତା ସମେତ କ୍ଷତିପୂରଣ ଦେବା, ପୁର୍ନବାସ ଓ ଥଇଥାନ ଅଧିକାର ପ୍ରଦାନ କରିବାକୁ ସୁଗମ କରିବା, ପ୍ରଭାବିତ ପରିବାରଗୁଡିକ ମଧ୍ୟରେ ଥିବା ମତଭେଦକୁ ଶୀଘ୍ର ସମାଧାନ କରିବା ଏବଂ ଅଭିଯୋଗ ସମାଧାନ କରିବା । ଏହିସବୁ ସହାୟକ ବ୍ୟବସ୍ଥା ବ୍ୟତୀତ, ଏନ୍‌ଜିଓ, ସ୍ୱାଧୀନ ମୂଲ୍ୟାୟନ କରୁଥିବା ସଂସ୍ଥାମାନଙ୍କୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯିବ । ପ୍ରକଳ୍ପ କାର୍ଯ୍ୟକାରିତାର ଅଗ୍ରଗତିକୁ ତଦାରଖ କରିବା ପାଇଁ କେତେକ ସୁପାରିଶ କରାଯାଇଛି । ସ୍ୱାଧୀନ ତଥା ତୃତୀୟପକ୍ଷଙ୍କ ଦ୍ୱାରା ସାମାଜିକ ପ୍ରଭାବ ପରିଚାଳନା ଯୋଜନାର ଏକ ନିର୍ଦ୍ଦିଷ୍ଟ ସମୟାନ୍ତରରେ ମୂଲ୍ୟାୟନ, କରାଇବା ଆବଶ୍ୟକ । ପରିଚାଳନା ଯୋଜନାର ମୂଲ୍ୟାୟନରୁ ଏହି ରିପୋର୍ଟରେ ସୁପାରିଶ କରାଯାଇଥିବା ଉନ୍ନତିମୂଳକ ଯୋଜନାର କାର୍ଯ୍ୟକାରିତାର ସଫଳତା ଜଣାପଡିବ । ତେବେ, ଏହି ସୁପାରିଶ ଗୁଡିକ ଅପରିବର୍ତ୍ତନୀୟ ନୁହେଁ କିମ୍ବା ବାଧ୍ୟତାମୂଳକ ନୁହେଁ । ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ସଂସ୍ଥା ଦ୍ୱାରା ପ୍ରଭାବିତ ପରିବାର ଓ ଗୋଷ୍ଠୀ ସହିତ ଆଲୋଚନା କରି ଏହାକୁ ପରିବର୍ତ୍ତନ କରାଯାଇପାରିବ । ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ସଂସ୍ଥା ଦ୍ୱାରା ଆଭ୍ୟନ୍ତରୀଣ ତଦାରଖ ବ୍ୟବସ୍ଥା ହେବ । କାରଣ, ଏହାଦ୍ୱାରା ଆଇନ ଅନୁସାରେ ଅଧିକାର ଗୁଡିକ ଠିକ୍ ଭାବେ ଦିଆଯାଇଛି କି ନାହିଁ ତାହା ଜଣାପଡିବ । ପ୍ରକଳ୍ପ କାର୍ଯ୍ୟକାରୀ ହେବା ପୂର୍ବରୁ, ହେଉଥିବା ସମୟରେ ଏବଂ ପରେ ଏହି ତଦାରଖ ବ୍ୟବସ୍ଥା କରାଯିବ ।

# ଅଧ୍ୟାୟ-୬:

# ଜନଶୁଣାଣି ଶିବିରର ବିସ୍ତୃତ ବିବରଣୀ

**ସ୍ଥାନ- ପ୍ଲଟ ନମ୍ବର ୨୩୯୧ ଶିବା ଟିମ୍ବର ଡିପୋ ଏକାମ୍ରକାନନ ପାର୍କ ନିକଟ ଏକାମ୍ର ବିହାର ଭୁବନେଶ୍ୱର**

**ତା୦୨୬.୦୨.୨୦** **ସମୟ-ଦିବା ୧୧ ଘଟିକା**

ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୩୩୮୦ ତା-୧୯.୦୨.୨୦ ଅନୁଯାୟୀ ଓଡିଶାର ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱରର ମହାନଗର ନିଗମ ଅନ୍ତର୍ଗତ ରେଲବିହାର ଠାରୁ ହାତିଆଶୁଣୀ ଦେଇ ଏକାମ୍ରକାନନ ପର୍ଯ୍ୟନ୍ତ ସଂଯୋଗ କରୁଥିବା ୨୦୦ ଫୁଟ ଓସାର ବିଶିଷ୍ଟ ମାଷ୍ଟରପ୍ଲାନ ଅନ୍ତର୍ଭୁକ୍ତ ରାସ୍ତା ନିର୍ମାଣ ନିମନ୍ତେ ଭୁମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଜନଶୁଣାଣି କାର୍ଯ୍ୟକ୍ରମ ୨୬.୦୨.୨୦ ତାରିଖ ପ୍ଲଟ ନମ୍ବର ୨୩୯୧ ଶିବା ଟିମ୍ବର ଡିପୋ, ଏକାମ୍ରକାନନ ପାର୍କ ନିକଟ ଏକାମ୍ର ବିହାର ଆଇ ଆର୍ ସି ଭିଲେଜ୍, ଭୁବନେଶ୍ୱର ଠାରେ -ଦିବା ୧୧ ଘଟିକା ସମୟରେ ନିମ୍ନଲିଖିତ ପଦାଧିକାରୀ, ଅଧିଗୃହିତ ହେବାକୁ ଥିବା ଭୂମିର ସତ୍ତ୍ୱାଧିକାରୀ/ସେମାନଙ୍କ ଦ୍ୱାରା ପ୍ରେରିତ ପ୍ରତିନିଧି ଏବଂ ସ୍ଥାନୀୟ ଭଦ୍ରବ୍ୟକ୍ତିମାନଙ୍କର ଉପସ୍ଥିତିରେ ସରକାରଙ୍କ ଦ୍ୱାରା ନିଯୁକ୍ତ ତୃତୀୟ ପକ୍ଷ ଭାବେ ସର୍ବେକ୍ଷଣ କରାଇଥିବା ସଂସ୍ଥା, ରିସର୍ଚ୍ଚ ଆଣ୍ଡ ଆନାଲିସିସ କନସଲଟାଣ୍ଟ ଙ୍କ ଦ୍ୱାରା ଉକ୍ତ ସଭାର ଆୟୋଜନ କରାଯାଇଥିଲା । (ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପତ୍ରର ନକଲ ସଂଲଗ୍ନ କରାଗଲା) ସଭାରେ ଉପସ୍ଥିତ ପଦାଧିକାରୀ ଏବଂ ଅଧିଗୃହିତ ହେବାକୁ ଥିବା ଭୂମିର ସତ୍ତ୍ୱାଧିକାରୀ /ସେମାନଙ୍କର ପ୍ରତିନିଧିମାନଙ୍କର ନାମ ତାଲିକା ପ୍ରଦତ୍ତ କରାଗଲା ।

**ସଭାରେ ଉପସ୍ଥିତ ପଦାଧିକାରୀବୃନ୍ଦ**

| କ୍ର.ସଂ | ପଦାଧିକାରୀଙ୍କ ନାମ | ପଦବି |
|---|---|---|
| ୧ | ରଶ୍ମିତାରାଣୀ ତରାସିଆ | ଭୂଅଧିଗ୍ରହଣ ଅଧିକାରୀ (ଖୋର୍ଦ୍ଧା) |
| ୨ | ପୁରନ୍ଦର ନନ୍ଦ | ସହକାରୀ ଉପ ଜିଲ୍ଲାପାଳ (ଭୁବନେଶ୍ୱର) |
| ୩ | ପୂର୍ଣ୍ଣଚନ୍ଦ୍ର ଦଳେଇ | ସହକାରୀ ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠାବାଡି ନିର୍ମାଣ ବିଭାଗ)୩ ଭୁବନେଶ୍ୱର |
| ୪ | ରାଜକିଶୋର ଜେନା | ସହକାରୀ ଯନ୍ତ୍ରୀ (ରାସ୍ତା ଓ କୋଠାବାଡି ନିର୍ମାଣ ବିଭାଗ)- ୩ ଭୁବନେଶ୍ୱର |
| ୫ | ରଶ୍ମୀରଞ୍ଜନ ରାଉତରାୟ | ଜେ ଆର୍ ଏ (ଖୋର୍ଦ୍ଧା) |
| ୬ | ପ୍ରକାଶ ରଞ୍ଜନ ପ୍ରଧାନ | ଆର୍ ଆଇ (ଖୋର୍ଦ୍ଧା) |
| ୭ | ସଞ୍ଜୟ ଦାସ | ଅମିନ୍ |
| ୮ | ଡା. ସରୋଜ ରଞ୍ଜନ ମାଣିଆ | ସମ୍ପାଦକ, ରିସର୍ଚ୍ଚ ଆଣ୍ଡ ଆନାଲିସିସ କନସଲଟାଣ୍ଟ ଭୁବନେଶ୍ୱର |
| ୯ | ହୃଷିକେଶ ଦାଶ | ପର୍ଯବେକ୍ଷକ. ରିସର୍ଚ୍ଚ ଆଣ୍ଡ ଆନାଲିସିସ କନସଲଟାଣ୍ଟ ଭୁବନେଶ୍ୱର |
| ୧୦ | ରମେଶ ଚନ୍ଦ୍ର କର | ପର୍ଯବେକ୍ଷକ, ରିସର୍ଚ୍ଚ ଆଣ୍ଡ ଆନାଲିସିସ କନସଲଟାଣ୍ଟ ଭୁବନେଶ୍ୱର |
| ୧୧ | ଦିପକ କୁମାର ଦାଶ | ସଂଯୋଜକ, ରିସର୍ଚ୍ଚ ଆଣ୍ଡ ଆନାଲିସିସ କନସଲଟାଣ୍ଟ ଭୁବନେଶ୍ୱର |
| ୧୨ | ଆର୍ତ୍ତତ୍ରାଣ ସେଠୀ | ଅନୁସନ୍ଧାନକାରୀ, ରିସର୍ଚ୍ଚ ଆଣ୍ଡ ଆନାଲିସିସ କନସଲଟାଣ୍ଟ ଭୁବନେଶ୍ୱର |

ପ୍ରଭାବିତ ହେଉଥିବା ସତ୍ତ୍ୱାଧିକାରୀ /ସେମାନଙ୍କ ଦ୍ୱାରା ପ୍ରେରିତ ପ୍ରତିନିଧିମାନଙ୍କର ନାମ ତାଲିକା ସ୍ୱତନ୍ତ୍ରଭାବେ ସଂଲଗ୍ନ କରାଗଲା । ଉକ୍ତ ସଭାର କାର୍ଯ୍ୟକ୍ରମକୁ ୨ ଗୋଟି ପର୍ଯ୍ୟାୟରେ ପର୍ଯ୍ୟାୟଭୁକ୍ତ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଗଲା ।

## ପ୍ରଥମ ପର୍ଯ୍ୟାୟ

ପ୍ରାରମ୍ଭରେ ସମସ୍ତ ଉପସ୍ଥିତ ଆଗନ୍ତୁକମାନଙ୍କୁ ରିସର୍ଚ୍ଚ ଆଣ୍ଡ ଆନାଲିସିସ କନସଲ୍‌ଟାଣ୍ଟ ଭୁବନେଶ୍ୱର ତରଫରୁ ସମ୍ପାଦକ, ଡା. ସରୋଜ ରଞ୍ଜନ ମାଣିଆ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ସଂସ୍ଥା ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ମାଧ୍ୟମରେ ଅଧିଗୃହିତ ଭୂମିର କ୍ଷତିଗ୍ରସ୍ତ ସତ୍ତ୍ୱାଧିକାରୀ ପରିବାରମାନଙ୍କର ମତାମତ ସଂଗ୍ରହ ଠାରୁ ଉକ୍ତ ଦିବସ ପର୍ଯ୍ୟନ୍ତ ସଂସ୍ଥା ଦ୍ୱାରା ସମାପିତ ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ଧାରଣା ଉପଲବ୍ଧ କରାଇଥିଲେ । ଅଧିଗୃହିତ ହେବାକୁ ଥିବା ଭୂମିର ପ୍ରଭାବିତ ହେବାକୁ ଥିବା ସତ୍ତ୍ୱାଧିକାରୀ ପରିବାରମାନଙ୍କ ମତାମତ କୁ ଏକତ୍ରୀକରଣ କରି ଲିପିବଦ୍ଧ ହୋଇଥିବା ଚିଠା ପ୍ରସ୍ତାବକୁ ବିସ୍ତୃତ ଭାବରେ ଉପସ୍ଥାପନା କରିବାପାଇଁ ସଂସ୍ଥାର କାର୍ଯ୍ୟରତ କର୍ମଚାରୀ ଶ୍ରୀ ହୃଷିକେଶ ଦାଶଙ୍କୁ ଅନୁରୋଧ କରିଥିଲେ ।

ତତ୍ପରେ ଶ୍ରୀ ହୃଷିକେଶ ଦାଶ ସଂଗୃହିତ ସମସ୍ତ ବ୍ୟକ୍ତିଗତ ମତାମତକୁ ଏକତ୍ରିକରଣ କରି ଚିଠା ପ୍ରସ୍ତାବରେ ଦିଆଯାଇଥିବା ପ୍ରସ୍ତାବକୁ ପଠନ କରିବା ସଙ୍ଗେ ସଙ୍ଗେ, ସମଷ୍ଟିଗତ ଭାବରେ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରଯାଇଥିବା ସଭାର (ଏଫ୍ ଜି ଡି) ମତାମତକୁ ମଧ୍ୟ ଉପସ୍ଥାପନ କରିଥିଲେ ।

ସେ କହିଲେ ଯେ. ପ୍ରକଳ୍ପ ନିମନ୍ତେ ଅଧିଗୃହିତ ହେଉଥିବା ଭୂମିଦ୍ୱାରା ପ୍ରଭାବିତ କ୍ଷତିଗ୍ରସ୍ତ ହେଉଥିବା ୧୬ ଟି ପରିବାର ମଧ୍ୟରୁ ୧୪ ଟି ପରିବାରର ସର୍ବେକ୍ଷଣ ମାଧ୍ୟମରେ ମତାମତ ସଂଗ୍ରହ କରିବାରେ ସଂସ୍ଥାର କର୍ମଚାରୀମାନେ ସକ୍ଷମ ହୋଇଥିଲେ । ଅବଶିଷ୍ଟ ୨ ଟି ପରିବାର ମଧ୍ୟରୁ ଗୋଟିଏ ପରିବାର ଏସ୍ ଏନ୍ ବିଲ୍ଡରର ସଠିକ ଠିକଣା ମିଳିପାରିନଥିବାରୁ ଏବଂ ଅନ୍ୟ ଗୋଟିଏ ପରିବାର ଅନିମା ଆଚାର୍ଯ୍ୟ ଓଡିଶା ବାହାରେ ରହୁଥିବାରୁ ସେମାନଙ୍କ ମତାମତ ସଂଗ୍ରହ କରାଯାଇପାରିନଥିଲା । କିନ୍ତୁ ଖୁସିର ବିଷୟ ଯେ ସେ ଦୁଇଟି ପରିବାର ପ୍ରତିନିଧି ଆଜିର ଜନଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସେମାନଙ୍କ ମତାମତ ଦେବାର ସୁଯୋଗ ପାଇଛନ୍ତି । ସେ କହିଲେ, ଏହି ନୂତନ ଭୂ-ଅର୍ଜନ ଆଇନ ୨୦୧୩ ମସିହାରେ ଗୃହିତ ହୋଇ ୨୦୧୪ ମସିହା ଠାରୁ କାର୍ଯ୍ୟକାରୀ ହୋଇ ଆସୁଛି । ଉକ୍ତ ଆଇନର ଧାରା ୧୫ ଅନୁଯାୟୀ ରାଜ୍ୟ ସରକାରମାନଙ୍କୁ ଦିଆଯାଇଥିବା କ୍ଷମତା ଅନୁଯାୟୀ ଆମ ରାଜ୍ୟ ସରକାର ଆଇନରେ ସାମାନ୍ୟ ପରିବର୍ତ୍ତନ ଆଣି ୨୦୧୬ ମସିହା ଠାରୁ ଆମ ରାଜ୍ୟରେ କାର୍ଯ୍ୟକାରୀ କରିଆସୁଛନ୍ତି । ଉକ୍ତ ଆଇନ ଅନୁଯାୟୀ ସରକାରଙ୍କ ଦ୍ୱାରା ନିଯୁକ୍ତ ଏକ ତୃତୀୟ ପକ୍ଷ ଦ୍ୱାରା ସର୍ବେକ୍ଷଣ ମାଧ୍ୟମରେ ପ୍ରଭାବିତ କ୍ଷତିଗ୍ରସ୍ତ ପରିବାରମାନଙ୍କର ବ୍ୟକ୍ତିଗତ ସ୍ତରରେ ସେମାନଙ୍କର ସାମାଜିକ ଅର୍ଥନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ କିଭଳି ପ୍ରଭାବିତ ହେଉଅଛି ତାହା ଆକଳନ କରି ସେମାନଙ୍କର ମତାମତକୁ ଏକତ୍ରିକରଣ କରାଯାଇ ଚିଠା ପ୍ରସ୍ତାବରେ ରିସର୍ଚ୍ଚ ଆଣ୍ଡ ଆନାଲିସିସ କନସଲ୍‌ଟାଣ୍ଟ ଙ୍କ ଦ୍ୱାରା ଉପସ୍ଥାପନା କରାଯାଇଛି । ଶ୍ରୀ ଦାଶ ଆହୁରିମଧ୍ୟ କହିଲେ ଯେ, ଏ ସଭାର ଉଦ୍ଦେଶ୍ୟ ହେଲା, ସର୍ବେକ୍ଷଣ ପରେ ପ୍ରଭାବିତ କ୍ଷତିଗ୍ରସ୍ତ ପରିବାର ସଦସ୍ୟଙ୍କର ମାନସିକ ସ୍ତରରେ ପରିବର୍ତ୍ତନ

ଆସିଥାଇପାରେ କିମ୍ୱା କିଛି ଅବ୍ୟକ୍ତ ମତାମତ ରହିଥାଇପାରେ ସେ ସବୁକୁ ଉପସ୍ଥାପନା କରିବା ପାଇଁ ପୁନଃ ସୁଯୋଗ ଦେବା ଉଦ୍ଦେଶ୍ୟ ସହିତ ତତ୍‌ସମ୍ବନ୍ଧୀୟ ଅଜ୍ଞାତ ତଥ୍ୟ ଏବଂ ପ୍ରଶ୍ନର ଉତ୍ତର ସରକାରୀ ପଦାଧିକାରୀଙ୍କ ଠାରୁ ପ୍ରାପ୍ତ ହେବା ପାଇଁ ସୁଯୋଗ ସୃଷ୍ଟି କରିବା ଏ ସଭାର ପ୍ରଧାନ ଲକ୍ଷ୍ୟ । ଶ୍ରୀ ଦାଶ ତାଙ୍କ ବକ୍ତବ୍ୟ ମାଧ୍ୟମରେ ସୂଚନା ଦେଲେ ଯେ, ଉକ୍ତ ରାସ୍ତା ପ୍ରକଳ୍ପର ଯୋଜନା ପ୍ରସ୍ତୁତ ସମୟରେ ୩ ଗୋଟି ବିକଳ୍ପ ରାସ୍ତା, ପ୍ରକଳ୍ପର ଯୋଜନା ଇଞ୍ଜିନିୟରିଙ୍ଗ ସଂସ୍ଥା ଦ୍ୱାରା ପ୍ରସ୍ତୁତ କରାଯାଇ ଦେଖାଗଲା ଯେ, ପ୍ରସ୍ତାବିତ ରାସ୍ତା ପ୍ରକଳ୍ପ ନିର୍ମାଣ ଖୁବ୍ କମ୍ ପରିବାର କ୍ଷତିଗ୍ରସ୍ତ ହେଉଥିବାରୁ ଏବଂ ସ୍ୱଳ୍ପ ବ୍ୟୟସାପେକ୍ଷ ଦୃଷ୍ଟିରୁ ଏହା ସରକାରୀ ଅନୁମୋଦନ ଲାଭକଲା । ସଭାର ଦ୍ୱିତୀୟ ପର୍ଯ୍ୟାୟ ପ୍ରାରମ୍ଭରେ ଅଧିଗୃହିତ ହେବାକୁ ଥିବା ଭୂମିର ସତ୍ତ୍ୱାଧିକାରୀ ଶ୍ରୀ ଚିତ୍ତରଞ୍ଜନ ବେହେରା ପ୍ରଶ୍ନ କରିଥିଲେ କି, ଅଧିଗୃହିତ ଜମିର ମୂଲ୍ୟାୟନ ନିମନ୍ତେ କେଉଁ ପ୍ରକାର ପଦ୍ଧତି ଗ୍ରହଣ କରିବାର ବ୍ୟବସ୍ଥା ଅଛି ।

ଉତ୍ତରରେ ଶ୍ରୀ ଦାଶ କହିଥିଲେ, ନୂତନ ଆଇନ ଅନୁଯାୟୀ ମୂଖ୍ୟତଃ ୩ ଗୋଟି ବିଷୟକୁ ବିଚାରକୁ ନେଇ ଭୂମିର ମୂଲ୍ୟାୟନ କରାଯାଇଥାଏ ।

୧. ୧୮୯୯ ଧାରା-୨ ଷ୍ଟାମ୍ପ ଆଇନ ଅନୁଯାୟୀ ଭୁମିର କିଣାବିକା ସମୟରେ ଧାର୍ଯ୍ୟ ମୂଲ୍ୟ ।

୨. ଭୂମି ଅଧିଗୃହିତ ହେଉଥିବା ପ୍ରଭାବିତ ଅଞ୍ଚଳର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସମାନ ପ୍ରକାର ଭୂମିର କିଣାବିକାର ସର୍ବୋଚ୍ଚ ମୂଲ୍ୟ ।

୩. ବେସରକାରୀ କମ୍ପାନି ବା ସରକାରୀ ଓ ବେସରକାରୀ କମ୍ପାନିମାନଙ୍କ ମିଳିତ ଉଦ୍ଦେଶ୍ୟର ଉପ ବିଭାଗ -୨ (ସେକ୍ସନ-୨) ର ଅନୁବିଭାଗ (ସବ୍ ସେକ୍ସନ-୨) ଅନୁଯାୟୀ ନିର୍ଦ୍ଦିଷ୍ଟ ମୂଲ୍ୟ ସୂଚୀକୁ ବିଚାରକୁ ନେଇ ସର୍ବୋଚ୍ଚ ମୂଲ୍ୟ ଅଧିଗୃହିତ ଭୁମିର ମୂଲ୍ୟ ଭାବରେ ନିର୍ଦ୍ଧାରଣ କରାଯାଏ ।

ଶ୍ରୀ ବେହେରା, ପୁନର୍ବାର ପ୍ରଶ୍ନ କରିଥିଲେ କି ଭୂ-ଅର୍ଜନ ଆଇନ ୨୦୧୩ ଧାରା ୨୬ ର ପ୍ରଥମ ପତ୍ର ଅନୁଯାୟୀ ଅଧିକୃତ ଭୂମିର ବଜାର ଦର କେଉଁ ଭାବରେ ମୂଲ୍ୟାୟନ କରାଯିବ ତାହାର ସୂଚନା ପ୍ରଦାବ କରାଯାଉ । ସେ କହିଲେ ଯେ, ଜୟଦେବ ବିହାର ଅଞ୍ଚଳର ଭୂମିର ବଜାର ମୂଲ୍ୟ ସରକାରଙ୍କ ପାଖରେ ବର୍ତ୍ତମାନ ଉପଲବ୍ଧ କି? ଯଦି ଥାଏ ଆମକୁ ସେ. ତଥ୍ୟ ପ୍ରଦାନ କରାଯାଉ । ସେ ଆହୁରି କହିଲେ ଯେ, ୨୦୧୦ ମସିହା ପରଠାରୁ ସରକାର ପ୍ରଭାବିତ, ଜୟଦେବ ବିହାର ଅଞ୍ଚଳର ପାର୍ଶ୍ୱବର୍ତ୍ତୀ ଆଇ ଆର୍ ସି ଭିଲେଜ ଅଞ୍ଚଳର ଭୂମି କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଜରିଆରେ ସାଧାରଣ ଲୋକମାନଙ୍କୁ ନିଲାମ ମାଧ୍ୟମରେ ସର୍ବୋଚ୍ଚ ମୂଲ୍ୟର ନିଲାମ ଧାରୀ ଙ୍କୁ ତିନି ଚାରି ବର୍ଷ ତଳୁ ବିକ୍ରୟ କରି ଆସୁଛନ୍ତି । ତାହାର ବଜାର ମୂଲ୍ୟ ସୂଚୀର ତଥ୍ୟ ବର୍ତ୍ତମାନ ସରକାରଙ୍କ ନିକଟରେ ଉପଲବ୍ଧ କି? ଯଦି ସେ ତଥ୍ୟ ଉପଲବ୍ଧ ନାହିଁ ତେବେ ଏ ସଭା ମାଧ୍ୟମରେ ଭୂ-ଅର୍ଜନ ଅଧିକାରୀଙ୍କୁ ଅନୁରୋଧ କରୁ ଅଛୁକି ଅଧିଗୃହିତ ହେଉଥିବା ଭୂମିର ମୂଲ୍ୟାୟନ ସମୟରେ ଉକ୍ତ ଅଞ୍ଚଳରେ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିକ୍ରୀ କରାଯାଇଥିବା ଭୂମିର ସର୍ବୋଚ୍ଚ ମୂଲ୍ୟସୂଚୀକୁ ବିଚାରଭୂକ୍ତ କରାଯାଉ । ଶ୍ରୀ ବେହେରା ନିକଟ ଅତିତରେ ଉକ୍ତ ଅଞ୍ଚଳରେ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିକ୍ରୀ କରାଯାଇଥିବା କେତେଗୁଡିଏ ଭୂମିର ସର୍ବୋଚ୍ଚ ମୂଲ୍ୟ ସୂଚୀ ତାଲିକା ସଂଲଗ୍ନ କରି ଏକ ଦରଖାସ୍ତ ଭୂ-ଅର୍ଜନ ଅଧିକାରୀଙ୍କୁ ପ୍ରଦାନ କରିଥିଲେ ।

ଅଧିଗୃହିତ ଭୂମି ସତ୍ତ୍ୱାଧିକାରୀ କଲ୍ୟାଣୀ ମହାନ୍ତି ଙ୍କ ତରଫରୁ ପ୍ରତିନିଧିତ୍ୱ କରିଥିବା ତାଙ୍କ ସ୍ୱାମୀ ଶ୍ରୀ ବିଜୟାନନ୍ଦ ମହାନ୍ତି, ଶ୍ରୀ ବେହେରାଙ୍କ ମତ ସହ ସହମତି ପ୍ରକାଶ କରି ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିକ୍ରୀ କରାଯାଇଥିବା ଭୂମିର ସର୍ବୋଚ୍ଚ ମୂଲ୍ୟସୂଚୀ ବିଚାରକୁ ନେବା ପାଇଁ ଭୂଅର୍ଜନ ଅଧିକାରୀଙ୍କୁ ନିବେଦନ କରି ଏକ ଦରଖାସ୍ତ ପ୍ରଦାନ କରେଥିଲେ ।

ଅନ୍ୟ ଜଣେ ସତ୍ତ୍ୱାଧିକାରୀ ଅନୀମା ଅଚାର୍ଯ୍ୟଙ୍କ ତରଫରୁ ପ୍ରତିନିଧିତ୍ୱ କରୁଥିବା ଶ୍ରୀ ଅବନିକାନ୍ତ ରଥ ଆଶଙ୍କା ପ୍ରକାଶ କରି କହିଲେ ଯେ,

୧. ଏକ ଦୁଇଶହ ଫୁଟ ଓସାର ବିଶିଷ୍ଟ ରାସ୍ତା ୨ଟି ସ୍ଥାନରେ ବଙ୍କା ହୋଇଆସି ୧ ଶହେ ଫୁଟ ଓସାର ବିଶିଷ୍ଟ ରାସ୍ତାକୁ ସଂଯୋଗ କରୁଥିବାରୁ ମନରେ ଆଶଙ୍କା ଉପୁଜୁଛି କି, ସଂଯୋଗ ସ୍ଥଳ ଦୁର୍ଘଟଣାର କେନ୍ଦ୍ରବିନ୍ଦୁ (ଇମମସୟରଭୱ କ୍ସ୍ୱକ୍ଟଭର) ରେ ପରିଣତ ହୋଇପାରେ ।

୨. ଉକ୍ତ ରାସ୍ତା ଯଦି ସିଧାସଳଖ ଭାବରେ  ରାସ୍ତା ସେତୁ ନିର୍ମାଣ କରି (ଫ୍ଲାଏ ଓଭର ବ୍ରିଜ୍) ସଂଯୋଗ କରାଯାଇଥାନ୍ତା ତେବେ ଦୁର୍ଘଟଣା ଘଟିବାର ଆଶଙ୍କା ଠାରୁ ମୁକ୍ତି ମିଳିବା ସହିତ ସମ୍ପୂର୍ଣ୍ଣ ସରକାରୀ ଭୂମିଦେଇ ଆସିଥାନ୍ତା ଏବଂ ପ୍ରାୟ କୌଣସି ପରିବାର କ୍ଷତିଗ୍ରସ୍ତ ହୋଇନଥାନ୍ତେ ।

୩.ଉକ୍ତ ରାସ୍ତା ନିର୍ମାଣରେ କେତେ ଖର୍ଚ୍ଚହେବ ଓ କେତେ ପରିମାଣର କ୍ଷତିପୂରଣ ରାଶୀ କ୍ଷତିଗ୍ରସ୍ତ ପରିବାରଙ୍କୁ ପ୍ରଦାନ କରାଯିବ ତାହାର ବିଶଷେ ତଥ୍ୟ ଯେତେବେଳେ ସରକାରଙ୍କ ପାଖରେ ନାହିଁ ତେବେ କେଉଁ ଆଧାରରେ ୩ ଟି ପ୍ରକଳ୍ପ ମଧ୍ୟରୁ ଉକ୍ତ ପ୍ରକଳ୍ପ ଟି କାର୍ଯ୍ୟକାରୀ କରିବା ନିମନ୍ତେ ଯୋଗ୍ୟ ବିବେଚିତ ହେଲା । ଅନ୍ୟତମ ସତ୍ତ୍ୱାଧିକାରୀ ଶ୍ରୀ ଦେବବ୍ରତ ମହାପାତ୍ରଙ୍କ ତରଫରୁ ପ୍ରତିନିଧିତ୍ୱ କରୁଥିବା ଶ୍ରୀ ମନୋରଞ୍ଜନ ମିଶ୍ର କହିଲେ କି, ତାଙ୍କ ପ୍ଲଟ ଏରିଆ ୦.୧୮୦ ଡିସିମିଲରୁ ୦.୧୫୫ ଡିସିମିଲ ଅଧିଗୃହିତ ହେଉଥିବାରୁ ଅବଶିଷ୍ଟ ବଳକା ଜମି ତାଙ୍କ ନିମନ୍ତେ ଅନବଶ୍ୟକ ହେଉଥିବାରୁ ଉକ୍ତ ବଳକା ଜମିକୁ ମଧ ଅଧିଗ୍ରହଣ କରିନେବା ପାଇଁ ଅନୁରୋଧ କରିଥିଲେ ।

ଉପରୋକ୍ତ ୨ ସତ୍ତ୍ୱାଧିକାରୀ ଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ରାସ୍ତା ଓ କୋଠାବାଡି ନିର୍ମାଣ ବିଭାଗ- ୩, ଭୁବନେଶ୍ୱରର ସହକାରୀ ନିର୍ବାହୀ ଯନ୍ତ୍ରୀ କହିଲେ ଯେ. ରାସ୍ତା କୁ ସିଧା କରି ଆଣିଲେ ବହୁ ଜଙ୍ଗଲ ଭୂମିକୁ ଅଧିଗ୍ରହଣ କରିବାକୁ ପଡିବ । ପରିବେଶ, ଜଙ୍ଗଲ ଓ ବନ୍ୟଜନ୍ତୁ  ସଂରକ୍ଷଣ ଆଇନ କଡାକଡି ଲାଗୁ କରାଯାଇଥିବାରୁ ଭାରତ ସରକାରଙ୍କ ଅନୁମତି ସାପେକ୍ଷ, ଭାରତ ସରକାରଙ୍କ ଅନୁମତି ପାଇବା ସହଜସାଧ ନୁହେଁ, ଅସମ୍ଭବ ମଧ୍ୟ ହୋଇପାରେ ଏବଂ ସମୟ ସାପେକ୍ଷ । ଦ୍ୱିତୀୟ ସତ୍ତ୍ୱାଧିକାରୀଙ୍କ ପ୍ରଶ୍ନର ଉତ୍ତରରେ କହିଲେ ଭୂମି ଅଧିଗୃହିତ ହୋଇସାରିବା ପରେ ଆପଣଙ୍କ ପାଇଁ ଅନାବଶ୍ୟକ ବଳକା ଭୂମି ନିମନ୍ତେ ନିର୍ଦ୍ଦିଷ୍ଟ ଫର୍ମରେ ଦରଖାସ୍ତ କଲେ ନିର୍ଦ୍ଧାରିତ ମୁଲ୍ୟାୟନ ଅନୁଯାୟୀ ଉକ୍ତ ଭୂମିକୁ ଅଧିଗ୍ରହଣ କରାଯାଇପାରେ ।

ଅନ୍ୟ ଏକ ସତ୍ତ୍ୱାଧିକାରୀ ଶ୍ରୀ ସନ୍ତୋଷ କୁମାର ବେହେରା ଜାଣିବାକୁ ଚାହିଁଲେ କି, ଅଧିଗୃହିତ ଭୂମି ବଦଳରେ ଉକ୍ତ ପାଖାପାଖି  ଅଞ୍ଚଳରେ ତାଙ୍କୁ ଭୂମି ପ୍ରଦାନ କରାଯାଇପାରିବ କି ? କାରଣ ତାଙ୍କର ଅନ୍ୟ କୌଣସି ଠାରେ ଭୂ ସମ୍ପତ୍ତି ନଥିବାରୁ ସେ ଉକ୍ତ ଅଞ୍ଚଳରେ ଦିର୍ଘଦିନ ଧରି ଛୋଟ କାଟର ବ୍ୟବସାୟ କରି ପରିବାର ପ୍ରତିପୋଷଣ କରି ଆସୁଛନ୍ତି ।

ଅନ୍ୟଏକ ସତ୍ତ୍ୱାଧିକାରୀ ଙ୍କ ତରଫରୁ ପ୍ରତିନିଧିତ୍ୱ କରୁଥିବା ଶ୍ରୀ ସୋମ୍ୟକାନ୍ତ ପଣ୍ଡା ଜାଣିବା ନିମନ୍ତେ ଇଚ୍ଛା ପ୍ରକାଶ କରିଥିଲେ । ଭୂମି ଅଧିଗ୍ରହଣ ଠାରୁ କ୍ଷତି ପୁରଣ ପାଇବାର ସମସ୍ତ ପ୍ରକ୍ରିୟାର ସମୟ ସିମା କେତେ ?

ଉପରୋକ୍ତ ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଭୂ ଅର୍ଜନ ଅଧିକାରୀ କହିଲେ ଯେ, ସବୁ ପ୍ରକ୍ରୀୟା ସ୍ୱଚ୍ଛତା ମାଧମରେ କରାଯିବ । ଶ୍ରୀ ଚିତ୍ତରଞ୍ଜନ ବେହେରାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଲେ, ଏ ଅଞ୍ଚଳର ଭୂମିର ପ୍ରଚଳିତ ସବୁ ପ୍ରକାରର ମୂଲ୍ୟସୂଚୀ ତାଙ୍କ ପାଖରେ ଉପଲବ୍ଧ ହେଉନାହିଁ । ଏ ଅଞ୍ଚଳର ନିର୍ଣ୍ଣାୟକ ମୂଲ୍ୟ ସୂଚୀ ପ୍ରଦାନ କରିବା ପାଇଁ ଜିଲ୍ଲା ସବ୍ ରେଜିଷ୍ଟରଙ୍କୁ ବେଞ୍ଚମାର୍କ ମୂଲ୍ୟ ନିମନ୍ତେ ଅନୁରୋଧ କରାଯାଇଛି । ଉକ୍ତ ମୂଲ୍ୟସୂଚୀ ପ୍ରାପ୍ତି ପରେ ଆପଣମାନଙ୍କ ୪(କ) ବିଜ୍ଞାପନ ଦେବା ସମୟରେ ଏ ଅଞ୍ଚଳରେ ପ୍ରଚଳିତ ଭୂମିର ସବୁ ପ୍ରକାରର ସର୍ବୋଚ୍ଚ ମୂଲ୍ୟସୂଚୀର ତଥ୍ୟ ଜଣାଇ ଦିଆଯିବ । ଏ ଅଞ୍ଚଳରେ ଅଧିଗୃହିତ ଭୂମିର ସର୍ବୋଚ୍ଚ ମୂଲ୍ୟସୂଚୀ ନିର୍ଦ୍ଧାରଣ କରିବା ନିମନ୍ତେ ଜିଲ୍ଲାପାଳଙ୍କ ଅଧିନରେ ଗଠିତ କମିଟି ମାଧମରେ ସବୁ ପ୍ରକାରର ମୂଲ୍ୟସୂଚୀ ବିଚାରକୁ ନେଇ ସ୍ଥିରିକୃତ କରାଯିବ । ମୂଲ୍ୟସୂଚୀ ନିର୍ଦ୍ଧାରଣ ସମୟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିକ୍ରି କରାଯାଇଥିବା ଭୂମିର ମୂଲ୍ୟସୂଚୀ ସମ୍ପର୍କରେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ବିଚାରଭୁକ୍ତ କରାଯିବ । ଅଧିଗୃହିତ ଭୂମିର ସର୍ବୋଚ୍ଚ ମୂଲ୍ୟସୂଚୀ ନିର୍ଦ୍ଧାରିତ ହେବା ପରେ ଶତପ୍ରତିଶତ କ୍ଷତି ପୁରଣ ରାଶୀକୁ ଏକତ୍ରୀକରଣ କରି ତତ୍ପରେ ଶତକଡା ୧୨ ପ୍ରତିଶତ ସହାୟକ ରାଶୀ ପ୍ରଦାନ କରାଯିବ । ଏତଦ୍‌ବ୍ୟତିତ ଅଧିଗୃହିତ ଭୂମି ଉପରେ ଗଢି ଉଠିଥିବା ସମସ୍ତ ନିର୍ମିତ ବସ୍ତୁ ଏବଂ ବୃକ୍ଷଲତାର ମୂଲ୍ୟାଙ୍କନ କରାଯାଇ କ୍ଷତିପୂରଣ ପ୍ରଦାନ କରିବାର ବ୍ୟବସ୍ଥା ଅଛି ।

ଶ୍ରୀ ସନ୍ତୋଷ କୁମାର ବେହେରାଙ୍କର ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଲେ ଭୂମି ବଦଳରେ ଭୂମି ଦେବା ସବୁକ୍ଷେତ୍ରରେ ସମ୍ଭବପର ହେଉନଥିବାରୁ ଏ ପ୍ରସ୍ତାବ ଗ୍ରହଣ ଯୋଗ୍ୟ ହେଉନାହିଁ । ଏ ସମ୍ବନ୍ଧିତ ଆଇନ ମଧ୍ୟ ବଦଳି ଯାଇଛି ।

ଶ୍ରୀ ସୋମ୍ୟକାନ୍ତ ପଣ୍ଡାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଲେ ଯେ, ସର୍ବେକ୍ଷଣ ଠାରୁ କ୍ଷତିପୁରଣ ଦେଇ ଭୂମି ଅଧିଗ୍ରହଣ କରିବା ପର୍ଯ୍ୟନ୍ତ ସର୍ବୋଚ୍ଚ ସମୟ ସୀମା ୩ ବର୍ଷ ଧାର୍ଯ୍ୟ କରାଯାଇଛି ।

ସର୍ବଶେଷରେ ରିସର୍ଚ୍ଚ ଆଣ୍ଡ ଆନାଲିସିସ କନସଲ୍‌ଟାଣ୍ଟ ର ସମ୍ପାଦକ ଉପସ୍ଥିତ ସଦସ୍ୟ ମାନଙ୍କୁ ଅନୁରୋଧ କରି କହିଲେ ଯଦି କୌଣସି ବ୍ୟକ୍ତିଙ୍କର ଯଦି କିଛି ଜିଜ୍ଞାସା ଥାଏ ତେବେ ତାହା ଏଠାରେ ପ୍ରକାଶ କରି ପାରନ୍ତି । ଉପସ୍ଥିତ ସଦସ୍ୟମାନଙ୍କ ଠାରୁ ପ୍ରତ୍ୟୁତ୍ତର ନମିଳିବାରୁ ଧନ୍ୟବାଦ ସହ ସଭା ସାଙ୍ଗ କରାଗଲା । ଉକ୍ତ ଜନଶୁଣାଣି ସଭାର ସମସ୍ତ ବିବରଣୀ ଅଡିଓ ଓ ଭିଡିଓ ମାଧମରେ ରେକର୍ଡିଙ୍ଗ କରାଯାଇ ଏକ ସି ଡି ମାଧ୍ୟୟମରେ ସରକାରଙ୍କ ଗୋଚରାର୍ଥେ ଦାଖଲ କରାଯୀବା ସହିତ ଜନଶୁଣାଣି ସମୟରେ ଉତ୍ତୋଳିତ ହୋଇଥିବା ସମସ୍ତ ଫଟୋ ମଧ୍ୟ ଏଥିସହ ଦାଖଲ କରାଗଲା ।

# ଅଧ୍ୟାୟ-୭:

# ସାମାଜିକ ମୂଲ୍ୟ ଲାଭର ବିଶ୍ଳେଷଣ ଓ ସୁପାରିଶ

## ୭.୧ ସାମାଜିକ ମୂଲ୍ୟ ଓ ଲାଭର ବିଶ୍ଳେଷଣ:

ପ୍ରକଳ୍ପ ଉପରେ ନିଷ୍ପତ୍ତି ନେବା ପାଇଁ ଲାଭ-କ୍ଷତି ବିଶ୍ଳେଷଣ ଆବଶ୍ୟକୀୟ ସାଧନ । ଲାଭ ଓ କ୍ଷତିର ଠିକ୍ ଆକଳନ ଉପରେ ବିଶ୍ଳେଷଣର ସଠିକତା ନିର୍ଭର କରେ । ସାମାଜିକ କ୍ଷତି ଘରୋଇ କ୍ଷତିଠାରୁ ଅଲଗା କାରଣ ପରିବେଶୀୟ କ୍ଷତି ଭଳି ଅନେକ ଉପାଦାନ ଏହାର ଅନ୍ତର୍ଭୁକ୍ତ । ସାମାଜିକ ଲାଭ କ୍ଷେତ୍ରରେ ମଧ୍ୟ ସେହିଭଳି ଅବସ୍ଥା, କାରଣ ଏଥିରେ ଭବିଷ୍ୟତ ବଂଶଧର ଓ ଅମାନବୀୟ ଭାଗିଦାର ମାନଙ୍କର ମୁନାଫା ବିଚାରକୁ ନିଆଯାଏ । ସାମାଜିକ ହିତ କେବଳ ବ୍ୟକ୍ତିମାନଙ୍କ ହିତର ସମଷ୍ଟି ନୁହେଁ, ଏହାଠାରୁ ଅଧିକ । ସାମାଜିକ ଲାଭ-କ୍ଷତି ଆକଳନରେ ଅନେକ ସମସ୍ୟା ଅଛି । କେତେକ କ୍ଷତି ଆକଳନ କରିବା ସହଜ, ମାତ୍ର ପରିବେଶୀୟ ବିଶୃଙ୍ଖଳା, ପ୍ରଭାବ ଇତ୍ୟାଦି ଭଳି କ୍ଷତିର ପ୍ରଭାବ ଗୁଡିକର ମୂଲ୍ୟ ନିର୍ଦ୍ଧାରଣ ସଠିକ୍ ଭାବରେ ହେବା ଉଚିତ୍ । ସେ ଯାହାହେଉ ହାତିଆଶୁଣି ଦେଇ ରେଳବିହାର ଠାରୁ ଏକାମ୍ରକାନନ ପର୍ଯନ୍ତ ୨୦୦ଫୁଟ ମାଷ୍ଟର ପ୍ଲାନ ରାସ୍ତା ପ୍ରକଳ୍ପର ନିର୍ମାଣ ନିମନ୍ତେ ମୂଲ୍ୟ ପ୍ରକଳ୍ପ ଉପର ସ୍ତରରେ ଅବଗତ ଅଛି । କିନ୍ତୁ ଲାଭ କ୍ଷତିର ଆକଳନ ଅଧିକ ଜଟିଳ ଏବଂ ସମୟ ସାପେକ୍ଷ । ଏପରି ଚେଷ୍ଟା ବହୁତ କଷ୍ଟକର ।

ଏହି ଦୃଷ୍ଟିରୁ ଓଡିଶାର ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଭୁବନେଶ୍ୱର ତହସିଲର ଜୟଦେବ ବିହାର ଅଞ୍ଚଳ ହାତିଆଶୁଣି ଦେଇ ରେଳବିହାର ଠାରୁ ଏକାମ୍ରକାନନ ପର୍ଯନ୍ତ ୨୦୦ଫୁଟ ମାଷ୍ଟର ପ୍ଲାନ ରାସ୍ତା ନିର୍ମାଣ ପ୍ରକଳ୍ପର ଲାଭ-କ୍ଷତି ବିଶ୍ଳେଷଣ କରିବାକୁ ଚେଷ୍ଟା କରାଯାଇଛି । ବର୍ତ୍ତମାନର ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ତଥ୍ୟରୁ ଜଣା ପଡୁଛି ସମୁଦାୟ ୧୪ ଟି ପ୍ରଭାବିତ ପରିବାରର ଥିବା ୩୧.୧୯୦ଏକର ଜମି ମଧ୍ୟରୁ ମାତ୍ର ୧.୯୬୧ ଏକର (୬.୨୯%) ଅଧିଗ୍ରହଣ ନିମନ୍ତେ ଯୋଜନା କରାଯାଇଛି । ତେଣୁ ବହୁତ ଲୋକଙ୍କୁ ପ୍ରକଳ୍ପରୁ ମିଳିବାକୁ ଥିବା ଲାଭ ତୁଳନାରେ ପ୍ରଭାବିତ ପରିବାର ଉପରେ ପଡିବାକୁ ଥିବା ନକାରାତ୍ମକ ପ୍ରଭାବ ଖୁବ୍ କମ୍ ହେବ । ଅନ୍ୟାନ୍ୟ କ୍ଷତି ଯଥା ଗଛ, ପାଚେରି ଏବଂ କେତେକ ଦୋକାନ ଘର ନିମନ୍ତେ ଗୋଷ୍ଠି ତଥା ବ୍ୟକ୍ତିଗତ ଲୋକମାନଙ୍କୁ ପ୍ରକଳ୍ପ ଅଧିକାରୀଙ୍କ ଦ୍ୱାରା କ୍ଷତି ପୂରଣ ପ୍ରଦାନ କରାଯିବ । ତେଣୁ ରାଜ୍ୟ ନିମନ୍ତେ ରାସ୍ତା ନିର୍ମାଣ କାର୍ଯ୍ୟ ବହୁତ ଆବଶ୍ୟକ ଏବଂ ଏହା ଏକ ବ୍ୟବହାର୍ଯ୍ୟ ପ୍ରକଳ୍ପ ଯାହାକି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାଥମିକତା ଆଧାରରେ କରାଯିବା ଆବଶ୍ୟକ ।

## ୭.୨ ସୁପାରିଶ ଓ ଉପସଂହାର:

ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ନିମନ୍ତେ ନିଷ୍କର୍ଷର ଆଧାରରେ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସୁପାରିଶ କରାଯାଉଛି । ଏହି ସୁପାରିଶଗୁଡିକ ମୁଖ୍ୟତଃ ଗୋଷ୍ଠୀସହ ବୈଠକ ଓ କେନ୍ଦ୍ରୀଭୂତ ଦଳଗତ ଆଲୋଚନା ର ନିଷ୍କର୍ଷ ଅଟେ । ସେ ଯାହାହେଉ ଏହି ସୁପାରିଶ ଗୁଡିକ ଗୋଷ୍ଠି ନିମନ୍ତେ ବାଧ୍ୟତାମୁଳକ ନୁହେଁ ଏହା ପ୍ରକଳ୍ପ ଅଧିକାରୀଙ୍କ ଦ୍ୱାରା ଗୋଷ୍ଠି ସହ ନିବିଡ ଭାବରେ ମିଳାମିଶା କରିବା ପରେ ବିଚାରବିମର୍ଷ କରାଯାଇ ଆହୁରି ଭଲ କରାଯାଇପାରେ ।

- ଏହା ଅନୁମାନ କରାଯାଉଛି କି ରେଳବିହାର ଠାରୁ ଏକାମ୍ରକାନନ ପର୍ଯନ୍ତ ୨୦୦ଫୁଟ ମାଷ୍ଟର ପ୍ଲାନ ରାସ୍ତା ନିର୍ମାଣ ହେତୁ ୯ଟି ବାସଗୃହ ପ୍ରଭାବିତ ହେବ। ଏହା ପରାମର୍ଶ ଦିଆଯାଉଛି କି ଉପଯୁକ୍ତ ଅଧିକାରୀଙ୍କ ଦ୍ୱାରା ସଠିକ ମାର୍ଗରେଖା ର ଯାଞ୍ଚ ହେବା ଆବଶ୍ୟକ ଏବଂ ଢାଞ୍ଚାର କ୍ଷତି ନିମନ୍ତେ ଅଧିନିୟମ ଅନୁଯାୟୀ କ୍ଷତି ପୂରଣ ପ୍ରଦାନ କରାଯିବା ଆବଶ୍ୟକ ।

- ପ୍ରକଳ୍ପ ଅଧିକାରୀ ପାଚେରି, ଦୋକାନ ଘର ଓ ଗଛର କ୍ଷତି ନିମନ୍ତେ ମୁଲ୍ୟାୟନ କରିବା ସହିତ ଏହି ସମ୍ପତ୍ତିରୁ ମିଳୁଥିବା ଆୟର ମଧ୍ୟ ହିସାବ କରିବା ଉଚିତ ଏବଂ ଆୟ ସହ ସମ୍ପତ୍ତି କ୍ଷତିର ଆଧାରରେ କ୍ଷତି ପୂରଣ ପ୍ରଦାନ କରାଯିବା ଆବଶ୍ୟକ।

- ଲୋକମାନେ ନିଜର ଜୀବିକାପାଇଁ କେବଳ ଜମିକୁ ମହତ୍ତ୍ୱପୂର୍ଣ୍ଣ ମାନନ୍ତି ତାହା ନୁହେଁ ବରଂ ଏକ ସ୍ଥାବର ସମ୍ପତ୍ତି ରୁପେ ଏହାର ସ୍ଥାୟୀ ମୂଲ୍ୟ ନିମନ୍ତେ ମଧ୍ୟ ଗ୍ରହଣ କରାଯାଏ । ଜମି ଅଧିଗ୍ରହଣ ସେମାନଙ୍କ ଆତ୍ମବିଶ୍ୱାସ ଉପରେ ପ୍ରତିକୂଳ ରୂପରେ ପ୍ରଭାବିତ କରିବ। ତେଣୁ ସେମାନେ ଭୂମି ଏବଂ ଅନ୍ୟ ସମ୍ପତ୍ତି ନିମନ୍ତେ ଅଧିକ କ୍ଷତିପୂରଣ ଦାବି କଲେ ଯଦ୍ୱାରା କି ସେମାନେ ଏକ ବିକଳ୍ପ ଦିର୍ଘସ୍ଥାୟୀ ରୋଜଗାରରେ ନିୟୋଜିତ ହୋଇପାରିବେ।

- ପ୍ରଭାବିତ ଲୋକମାନଙ୍କ ମତାମତ ଅନୁଯାୟୀ କ୍ଷତିଗ୍ରସ୍ତ ଜମିମାଲିକମାନଙ୍କୁ କ୍ଷତିପୁରଣ ଅର୍ଥ ପୈଠ କରିବାପାଇଁ ଏକ ସହଜ ଓ ସରଳ ପ୍ରଣାଳୀ ଗ୍ରହଣ କରାଯିବା ଦରକାର, କାରଣ ଅନେକ ଆଶଙ୍କା କରୁଛନ୍ତି ସରକାରୀ ବ୍ୟବସ୍ଥା ଜଟିଳ ଯାହାକି କ୍ଷତିଗ୍ରସ୍ତ ଲୋକମାନଙ୍କୁ କ୍ଷତିପୁରଣ ପାଇବାରେ ସହାୟକ ହେବନାହିଁ।

- ଅଦାଲତ ଓ ପରିବାର ସ୍ତରୀୟ କୌଣସି ମାଲିମକୋଦ୍ଦମା ନଥିଲେ କ୍ଷତିପୁରଣ ପୈଠ ବ୍ୟବସ୍ଥା ସୁଗମ ହେବା ଦରକାର ଏବଂ ପ୍ରାଥମିକ ଅଧିସୁଚନାର ଧାରା ୧୧(କ) ଅନୁଯାୟୀ ଓ ଜମିର ରେକର୍ଡ ତଦନ୍ତ ପରେ ପରେ କ୍ଷତିପୁରଣ ଯଥାଶୀଘ୍ର ପୈଠ ହୋଇଯିବା ଆବଶ୍ୟକ ଏବଂ ସର୍ବ ସାଧାରଣ ସମ୍ପତ୍ତିର କ୍ଷତି ନିମନ୍ତେ ଗ୍ରାମବାସୀମାନଙ୍କ ସହ ଆଲୋଚନା ପରେ କ୍ଷତିପୂରଣ ପ୍ରଦାନ କରାଯିବା ଆବଶ୍ୟକ ।

- ଜମି ବନ୍ଦୋବସ୍ତ ମଧ୍ୟରେ ସମୟର ବ୍ୟବଧାନ ବହୁତ ଅଧିକ ଏବଂ ଜମି ବନ୍ଦୋବସ୍ତ ପ୍ରକ୍ରୀୟା ବହୁତ କଷ୍ଟକର ତେଣୁ ବେଳେବେଳେ ଭୂମିର ବାସ୍ତବିକ ମାଲିକର ନାମ ଜମି ରେକର୍ଡରେ ଥିବା ମାଲିକରନାମ ସହ ସମାନ ହୁଏ ନାହିଁ। ଏହା ଜମିର ମାଲିକାନାକୁ ନେଇ ବିବାଦ ସୃଷ୍ଟି ହେଉଛି ଏବଂ ବର୍ଷବର୍ଷ ଧରି ତହସିଲ କାର୍ଯ୍ୟାଳୟରେ କେସ୍ ଚାଲୁଛି।  ତେଣୂ ପ୍ରକୃତ ମାଲିକକୁ କ୍ଷତିପୂରଣ ପ୍ରଦାନ କରିବା ପୂର୍ବରୁ ଏହାର ମିମାଂସା ହୋଇଯିବା ଦରକାର

ଯଦିଓ ପ୍ରକଳ୍ପର ପ୍ରଭାବିତ ପରିବାରଗୁଡିକ ଉପରେ କିଛି ପ୍ରତିକୂଳ ପ୍ରଭାବ ଅଛି; ଜମି ଆବଶ୍ୟକ କରୁଥିବା ସଂସ୍ଥା ନିଶ୍ଚିନ୍ତ ରୂପେ ଉପଯୁକ୍ତ ପଦକ୍ଷେପ ନେଇ ପ୍ରଭାବିତ ଗୋଷ୍ଠି ଉପରେ ପଡୁଥିବା ନକାରାତ୍ମକ ପ୍ରଭାବଗୁଡିକୁ କମ୍ କରିବାକୁ ଚେଷ୍ଟା କରିବେ। ସେ ଯାହା ହେଉ ପ୍ରସ୍ତାବିତ ରାସ୍ତା ନିର୍ମାଣ କେବଳ ଯେ ପ୍ରଭାବିତ ଅଞ୍ଚଳକୁ ଲାଭ ଦେବ ତାହାନୁହେଁ ଏହା ରଜ୍ୟର ରାଜଧାନୀ ଏବଂ ସର୍ବୋପରି ରାଜ୍ୟ ନିମନ୍ତେ ଲାଭଦାୟକ ହେବ।

# ଅନୁସୂଚୀ

**ଅନୁସୂଚୀ-୧**

## ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିଜ୍ଞପ୍ତି

ଓଡିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
***

No RDM-LAA-KHD-0010-2018/ 1893 R&DM, dated 10 JAN 2020

ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା

ରାଜ୍ୟ ସରକାର ସମ୍ପୃକ୍ତ ପୌର ନିଗମଙ୍କ ପରାମର୍ଶକ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥି ନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ( Social Impact Assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି । ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ -୨୦୧୩ ର ଧାରା ୪ ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ।

୧. ପ୍ରକଳ୍ପ ବିକାଶକାରୀ ଙ୍କ ନାମ :- ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ ଗୃହ) ବିଭାଜନ ସଂଖ୍ୟା- ୩, ଭୁବନେଶ୍ୱର।

୨.ପ୍ରସ୍ତାବିତ ଭୂମି ଅଧିଗ୍ରହଣ ର ଉଦ୍ଦେଶ୍ୟ- ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଜୟଦେବ ବିହାରଠାରେ ଇନଷ୍ଟିଚ୍ୟୁଟ ଅଫ ମ୍ୟାଥମାଟିକ୍ସ ଠାରୁ ଇନ୍ଫୋସିଟି ମଧ ଦେଇ ଏକାମ୍ରକାନନ ପର୍ଯ୍ୟନ୍ତ □□□□□□□□□□□ରାସ୍ତା ର ଉନ୍ନତିକରଣ ନିମନ୍ତେ ନିର୍ବାହୀ ଯନ୍ତ୍ରୀ, (ରାସ୍ତା ଓ ଗୃହ) ବିଭାଜନ ସଂଖ୍ୟା- ୩, ଭୁବନେଶ୍ୱରଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

୩. SIA ସର୍ବେକ୍ଷଣ ଅନୁଷ୍ଠାନ : Research and Analysis Consultants(RAC), BBSR , an empanelled agency under Nabakrushna Choudhury Centre for Development Studies , Bhubaneswar

୪.SIA study କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୁଚନା ;- Nabakrushna Choudhury Centre for Development Studies , Bhubaneswar ,Phone No. 0674,2300471, 2301094

୫. ପ୍ରକଳ୍ପ ପାଇଁ ଖୋର୍ଦ୍ଧା ଜିଲ୍ଲା ରେ ପ୍ରସ୍ତାବିତ ଭୂ ଅଧିଗ୍ରହଣର ବିବରଣୀ/ ତଫସିଲ

| କ୍ରମିକ ନଂ | ତହସିଲ | ଗ୍ରାମ | ବେସରକାରୀ ଜମି | ମନ୍ତବ୍ୟ |
|---|---|---|---|---|
| ୧ | ଖୋର୍ଦ୍ଧା | ଜୟଦେବ ବିହାର | ୧.୯୬୧ | |
| | ମୋଟ | | ୧.୯୬୧ | |

ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି ।

a) **ପ୍ରସ୍ତାବିତ ପ୍ରକଳ୍ପ ର ସଂକ୍ଷିପ୍ତ ବିବରଣୀ** :- ଖୋର୍ଦ୍ଧା ଜିଲ୍ଲା ଜୟଦେବ ବିହାର ଠାରେ ଇନଷ୍ଟିଚ୍ୟୁଟ ଅଫ ମ୍ୟାଥମାଟିକ୍ସ ଠାରୁ ଇନ୍ଫୋସିଟି ମଧ ଦେଇ ଏକାମ୍ରକାନନ ପର୍ଯ୍ୟନ୍ତ ରାସ୍ତା ର ଉନ୍ନତିକରଣ ନିମନ୍ତେ ନିର୍ବାହୀ ଯନ୍ତ୍ରୀ, (ରାସ୍ତା ଓ ଗୃହ) ବିଭାଜନ ସଂଖ୍ୟା- ୩, ଭୁବନେଶ୍ୱରଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

b) **SIA ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ** :- ଖୋର୍ଦ୍ଧା ଜିଲ୍ଲା ରେ ଉପରୋକ୍ତ ଗ୍ରାମରେ **ଏକର ୧.୯୬୧** ଘରୋଇ ଜମି ଅନ୍ତର୍ଭୁକ୍ତ । ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା/ତଫସିଲ SIA ସର୍ବେକ୍ଷଣ ଅନ୍ତେ ମିଳି ପାରିବ ।

c) **SIA ସର୍ବେକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟାବଳୀ** :- ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମବାସୀ ଙ୍କ ପରାମର୍ଶ କ୍ରମେ SIA ସର୍ବେକ୍ଷଣ କରାଯିବ। SIA ସର୍ବେକ୍ଷଣ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୂହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୂଡାନ୍ତ ରିପୋର୍ଟ ରେ ସ୍ଥାନିତ ହେବ। ଭୂମି ଅଧିଗୃହିତ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଶତକଡା ୨୫ ଭାଗ ପ୍ରଭାବିତ ସମସ୍ତ ଗ୍ରାମସଭା ମାନଙ୍କରେ ଜନଶୁଣାଣି କରାଯିବ।

d) **ଗ୍ରାମସଭା / ଭୂମି ମାଲିକଙ୍କ ସହମତି ଆବଶ୍ୟକ କି ?** ସହମତି ଆବଶ୍ୟକ ।

e) SIA ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସଠାରୁ ୬ ମାସ ମଧ୍ୟରେ SIA ସର୍ବେକ୍ଷଣ ସମାପନ କରାଯିବ। SIA ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ /ଗ୍ରାମ/ୱାର୍ଡ ସ୍ତରରେ ସ୍ଥାନୀୟ ଭାଷାରେ ପ୍ରକାଶନ କରାହେବ । ତତସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବ୍ଲକ ମହକୁମାରେ ପ୍ରକାଶନ କରାଯିବ ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ ସରକାରଙ୍କ ୱେବ ସାଇଟ ରେ ସୂଚିତ ହେବ ।

ରାଜ୍ୟପାଳଙ୍କ ଆଦେଶାନୁସାରେ

୫।୯।୨୦୨୦
ଅତିରିକ୍ତ ଶାସନ ସଚିବ

Memo No. 1894 Dated 10 JAN 2020

Copy forwarded to the Director, Printing Stationary, Odisha, Cuttack for information and necessary. He is requested to publish the Notification in the next issue of the Odisha Gazette as this is a statutory one.

SRO Number may be allotted to this publication.

09/01/2020

Deputy Secretary to Government

Memo No. 1895 Dated 10 JAN 2020

Copy forwarded to Works Department for information and necessary action.

09/01/2020

Deputy Secretary to Government

Memo No. 1896 Dated 10 JAN 2020

Copy forwarded to RDC(CD), Cuttack /Collector, Puri / Land Acquisition Officer , Khordha / Executive Engineer , R & B Division No-3, Bhubaneswar for information and necessary action.

09/01/2020

Deputy Secretary to Government

Memo No. 1897 Dated 10 JAN 2020

Copy forwarded to the State Co-Coordinator ,Nabakrushna Choudhury Centre for Development Studies ,Bhubaneswar for information and necessary action.

09/01/2020

Deputy Secretary to Government

## ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ

ଜିଲ୍ଲା - ଖୋର୍ଦ୍ଧା

ତହସିଲ - ଭୁବନେଶ୍ୱର

ମୌଜା - ଜୟଦେବ ବିହାର

| ଗ୍ରାମ ର ନାମ | ତହସିଲ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଜୟଦେବ ବିହାର | ଭୁବନେଶ୍ୱର | ସହରାଞ୍ଚଳ | ୩୫୨ | ୬୨୯/୩୩୪୩ | ଘରବାରି-୨ | ଏ. ୦.୧୦୫ | ଏ. ୦.୦୨୫ | ଲକ୍ଷ୍ମୀନାରାୟଣ ଦାସ ଓଗେର |
| | | | ୪୫୩/୬୨୫ | ୬୪୬/୨୩୩୩ | ଘରବାରି-୨ | ଏ. ୦.୦୫୦ | ଏ. ୦.୦୦୬ | କଲ୍ୟାଣୀ ଲକ୍ଷ୍ମୀ ମହାନ୍ତି ଓଗେର |
| | | | ୪୫୩/୧୩୨୫ | ୬୪୫/୪୦୮୫ | ଘରବାରି | ଏ. ୦.୦୪୩ | ଏ. ୦.୦୪୩ | ଚିତ୍ତରଞ୍ଜନ ବେହେରା |
| | | | ୪୫୩/୧୭୩୭ | ୬୪୫/୪୮୭୫ | ଘରବାରି | ଏ. ୦.୦୧୯ | ଏ. ୦.୦୧୯ | ଏସ.ଏନ ଡେଭଲପର୍ସ |
| | | | ୪୫୩/୧୮୦୦ | ୬୪୫/୭୮୯୨ | ଘରବାରି | ଏ. ୦.୧୦୯ | ଏ. ୦.୦୬୪ | ଏସ.ଏନ ଡେଭଲପର୍ସ |
| | | | ୩୭୧ | ୬୪୬ | ଘରବାରି-୨ | ଏ. ୦.୦୭୨ | ଏ. ୦.୦୭୨ | ସନ୍ତୋଷ କୁମାର ବେହେରା |
| | | | ୪୦୪ | ୬୪୬/୨୩୩୨ | ଘରବାରି-୨ | ଏ. ୦.୦୯୦ | ଏ. ୦.୦୯୦ | ସୁଦର୍ଶନ ପଣ୍ଡା ଓଗେର |
| | | | ୩୫୩ | ୬୩୬ | ଘରବାରି-୨ | ଏ. ୦.୮୧୧ | ଏ. ୦.୧୫୭ | ଲକ୍ଷ୍ମୀନାରାୟଣ ଦାସ ଓଗେର |
| | | | ୩୫୩ | ୬୩୭ | ଶାରଦ-୩ | ଏ. ୦.୦୭୧ | ଏ. ୦.୦୨୮ | ଲକ୍ଷ୍ମୀନାରାୟଣ ଦାସ ଓଗେର |
| | | | ୬୧ | ୬୪୬/୨୩୯୧ | ଘରବାରି-୨ | ଏ. ୦.୨୧୫ | ଏ. ୦.୨୧୫ | କିଶୋରୀ ହରିଚନ୍ଦନ ଓଗେର |
| | | | ୬୧ | ୬୪୬/୨୩୯୨ | ସଡକ | ଏ. ୦.୦୪୦ | ଏ. ୦.୦୩୪ | କିଶୋରୀ ହରିଚନ୍ଦନ ଓଗେର |
| | | | ୬୧ | ୬୪୪ | ଶାରଦ-୩ | ଏ. ୦.୧୩୯ | ଏ. ୦.୦୯୬ | କିଶୋରୀ ହରିଚନ୍ଦନ ଓଗେର |
| | | | ୪୫୩/୧୫ | ୬୪୪/୩୪୬୧ | ଶାରଦ-୩ | ଏ. ୦.୦୮୪ | ଏ. ୦.୦୧୮ | ବିଜୟ ମିଶ୍ର |

| ଗ୍ରାମ ର ନାମ | ତହସିଲ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଜୟଦେବ ବିହାର | ଭୁବନେଶ୍ୱର | ସହରାଞ୍ଚଳ | ୪୫୩/ ୧୩୨୫ | ୬୪୪/ ୪୦୮୪ | ଘରବାରି | ଏ. ୦.୦୧୧ | ଏ. ୦.୦୧୧ | ଚିତ୍ତରଞ୍ଜନ ବେହେରା |
| | | | ୧୪୨୬/ ୧୧୪୭ | ୬୪୪/ ୪୫୪୮ | ଘରବାରି-୨ | ଏ. ୦.୦୭୨ | ଏ. ୦.୦୭୨ | ହରଚାନ୍ଦ ମେହେର |
| | | | ୪୫୩/ ୮୭୩ | ୬୪୪/ ୪୬୮୭ | ଶାରଦ-୩ | ଏ. ୦.୦୨୯ | ଏ. ୦.୦୨୯ | ହରଚାନ୍ଦ ମେହେର |
| | | | ୪୫୩/ ୧୭୩୪ | ୬୪୪/ ୪୮୭୨ | ଘରବାରି | ଏ. ୦.୧୩୪ | ଏ. ୦.୦୧୬ | ଏସ.ଏନ ଡେଭଲପର୍ସ |
| | | | ୪୫୩/ ୧୮୮୮ | ୬୪୪/ ୭୯୩୧ | ଘରବାରି | ଏ. ୦.୦୨୩ | ଏ. ୦.୦୨୩ | ଚିତ୍ତରଞ୍ଜନ ବେହେରା |
| | | | ୬୧ | ୬୪୦ | ଶାରଦ-୩ | ଏ. ୦.୦୫୦ | ଏ. ୦.୦୫୦ | କିଶୋରୀ ହରିଚନ୍ଦନ ଓଗେର |
| | | | ୪୫୩/ ୨୩୫ | ୬୪୨ | ଘରବାରି-୨ | ଏ. ୦.୧୮୦ | ଏ. ୦.୧୫୫ | ଦେବବ୍ରତ ମହାପାତ୍ର |
| | | | ୪୫୩/ ୨୩୯ | ୬୪୧ | ଘରବାରି | ଏ. ୦.୧୬୦ | ଏ. ୦.୧୬୦ | ଅନିମା ଆଚାର୍ଯ୍ୟ ଓଗେର |
| | | | ୬୧ | ୬୩୯ | ଶାରଦ-୩ | ଏ. ୦.୦୪୧ | ଏ. ୦.୦୩୦ | କିଶୋରୀ ହରିଚନ୍ଦନ ଓଗେର |
| | | | ୪୫୩/ ୧୧୮୮ | ୬୩୯/ ୪୭୯୧ | ଘରବାରି | ଏ. ୦.୨୫୨ | ଏ. ୦.୧୮୮ | ପ୍ରତିମା ରାଣୀ ସାହୁ |
| | | | ୪୫୩/ ୧୨୧୬ | ୬୩୯/ ୪୮୦୦ | ଘରବାରି | ଏ. ୦.୩୧୭ | ଏ. ୦.୧୨୩ | ସୁଦର୍ଶନ ସାହୁ |
| | | | ୧୭୬ | ୬୪୦/ ୨୩୨୭ | ଘରବାରି-୨ | ଏ. ୦.୦୭୨ | ଏ. ୦.୦୭୨ | ନିକୁଞ୍ଜ କିଶୋର ମହାନ୍ତି |
| | | | ୮୦ | ୬୪୦/ ୨୩୨୬ | ଘରବାରି-୨ | ଏ. ୦.୦୭୫ | ଏ. ୦. ୦୭୫ | ଗୀତାରାଣୀ ମହାନ୍ତି |
| | | | ୪୫୩/ ୧୩୦୮ | ୬୪୦/ ୨୩୨୫ | ଘରବାରି-୨ | ଏ. ୦.୦୯୦ | ଏ. ୦.୦୯୦ | ବିରଜା ପ୍ରସାଦ ଦାସ |

**ମୋଟ ଏ. ୧.୯୬୧ ଡିସିମିଲ**

28.12.19

ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା

# ଜନଶୁଣାଣି ନିମନ୍ତେ ବିଜ୍ଞପ୍ତି

OFFICE OF THE COLLECTOR & DISTRICT MAGISTRATE, KHORDHA

(Land Acquisition Section)

Letter No. 3380 / Date. 19/02/2020 /

To

The Deputy Commissioner, BMC, Bhubaneswar
The Sub-Collector, Bhubaneswar,
The Tahasildar, Bhubaneswar,
The Executive Engineer,(R & B), Division-III,
Bhubaneswar.

Sub:- Organisation of Public Hearing for acquisition of private land for "Construction of 200ft Master Plan Road from Rail Vihar to Ekamrakan Via Hatiasuni" in Mouza-Jayadev Vihar

Sir,

With reference to the above noted subject, I am to say that an area of Ac 1.961 dec of private land is to be acquired in Mouza-Jayadev Vihar "Construction of 200ft Master Plan Road from Rail Vihar to Ekamrakan Via Hatiasuni". As per section-5 of RFCTLAR&R Act-2013 read with Rule 14 of ORFCTLAR & R Rules-2016, a Public Hearing is scheduled to be held on 26.02.2020(Wednesday) at 11 A.M at **"Plot No.2391, Infront of Shiva Timber Depot, Near Ekamra Park,Ekamra Vihar, IRC Village, Bhubaneswar-751015"** in order to finalise the draft SIA study report. In this regard, the public notice, enclosed with this letter is to be published on the office Notice Board for information of the general public.

You are, therefore, requested to attend in the above public hearing as per the scheduled programme.

Yours faithfully,

Land Acquisition Officer,
Collectorate, Khordha

Memo No. 3381 Date. 19/02/2020

Copy submitted to the Coordinator, State SIA Unit(Nabakrushna Choudhury Centre for Development Studies), Bhubaneswar-751013 / The Managing Director, M/S. Research & Analysis Consultants (RAC),Saheed Nagar,Bhubaneswar-751007 for information & Necessary action.

Land Acquisition Officer,
Collectorate, Khordha

**ଅନୁସୂଚୀ-୨**

# ଦାବିଦାରମାନଙ୍କ ନାମ

| କ୍ର. ନଂ | ଗ୍ରାମ | ଖତିଆନରେ ଥିବା ରୟତଙ୍କ ନାମ | ପ୍ରକଳ୍ପ ପ୍ରଭାବିତ ହିତାଧିକାରୀ | ବୟସ | ପରିବାରର ମୁଖ୍ୟଙ୍କ ସହ ସମ୍ପର୍କ | ଜାତି | ସମୁଦାୟ ଜମି | ଖାତା ନଂ | ପ୍ଲଟ ନଂ | ଜମିର ପ୍ରକାର | ସମୁଦାୟ ପ୍ରଭାବିତ ଜମି | ସମୁଦାୟ ଅଧିକୃତ ଜମି | ସମୁଦାୟ ଜମିରୁ ପ୍ରଭାବିତ ଜମି କେତେ ଶତାଂଶ (%) | ଅଧିଗୃହିତ ଜମି ପ୍ରଭାବିତ ଜମିର କେତେ ଶତାଂଶ (%) |
|---|---|---|---|---|---|---|---|---|---|---|---|---|---|---|
| ୧ | ଜୟଦେବ ବିହାର | ଲକ୍ଷ୍ମୀ ନାରାୟଣ ଦାସ | ବିରଞ୍ଚି ନାରାୟଣ ଦାସ | ୬୯ | ଭାଇ | ସାଧାରଣ | ୨.୩୦ | ୩୫୨, ୩୫୩, | ୬୨୯/୩୩ ୪୩୬୩୬, ୬୩୭ | ଘରବାରି-୨, ୩ ସାରଦ-୩ | ୦.୯୮୭ | ୦.୨୧ | ୯.୧୩ | ୨୧.୨୮ |
| ୧ | ଜୟଦେବ ବିହାର | ଲକ୍ଷ୍ମୀ ନାରାୟଣ ଦାସ | ସୁଚିସ୍ମିତା ଦାସ | ୨୪ | ଝିଆରି | ସାଧାରଣ | | | | | | | | |
| ୧ | ଜୟଦେବ ବିହାର | ଲକ୍ଷ୍ମୀ ନାରାୟଣ ଦାସ | ସତ୍ୟନାରାୟଣ ଦାସ | ୭୧ | ଭାଇ | ସାଧାରଣ | | | | | | | | |
| ୨ | ଜୟଦେବ ବିହାର | କଲ୍ୟାଣୀଲକ୍ଷ୍ମୀ ମହାନ୍ତି | କଲ୍ୟାଣୀଲକ୍ଷ୍ମୀ ମହାନ୍ତି | ୫୭ | ଗୃହକର୍ତ୍ତା | ସାଧାରଣ | ୦.୨୦ | ୪୫୩/ ୬୨୫ | ୬୪୬/ ୨୩୩୩ | ଘରବାରି-୨ | ୦.୦୫୦ | ୦.୦୦୬ | ୩.୦୦ | ୧୨.୦୦ |
| ୩ | ଜୟଦେବ ବିହାର | ଚିତରଞ୍ଜନ ବେହେରା | ଚିତରଞ୍ଜନ ବେହେରା | ୫୦ | ଗୃହକର୍ତ୍ତା | ଓବିସି | ୧.୨୮ | ୪୫୩/୧୩ ୨୫,୪୫୩ /୧୮୮୮ | ୬୪୫/୪୦ ୮୫ ୬୪୪/ ୪୦୮୪ ୬୪୪/ ୭୯୩୧ | ଘରବାରି-୨ | ୦.୦୭୭ | ୦.୦୭୭ | ୬.୦୦ | ୧୦୦.୦୦ |
| ୩ | ଜୟଦେବ ବିହାର | ଚିତରଞ୍ଜନ ବେହେରା | ଆଦ୍ୱେଶା ବେହେରା | ୧୯ | ଝିଅ | ଓବିସି | | | | | | | | |
| ୪ | ଜୟଦେବବିହାର | ସନ୍ତୋଷ କୁମାର ବେହେରା | ସନ୍ତୋଷ କୁମାର ବେହେରା | ୩୯ | ଗୃହକର୍ତ୍ତା | ଓବିସି | ୦.୦୭୨ | ୩୭୧ | ୬୪୬ | ଘରବାରି-୨ | ୦.୦୭୨ | ୦.୦୭୨ | ୧୦୦.୦୦ | ୧୦୦.୦୦ |
| ୫ | ଜୟଦେବବିହାର | ସୁଦର୍ଶନ ପଣ୍ଡା | ସୁଦର୍ଶନ ପଣ୍ଡା | ୬୫ | ଗୃହକର୍ତ୍ତା | ସାଧାରଣ | ୨.୦୯ | ୪୦୪ | ୬୪୬/ ୨୩୩୨ | ଘରବାରି-୨ | ୦.୦୯୦ | ୦.୦୯୦ | ୪.୩୧ | ୧୦୦.୦୦ |

| କ୍ର. ନଂ | ଗ୍ରାମ | ଖତିଆନରେ ଥିବା ରୟତଙ୍କ ନାମ | ପ୍ରକଳ୍ପ ପ୍ରଭାବିତ ହିତାଧିକାରୀ | ବୟସ | ପରିବାରର ମୁଖ୍ୟଙ୍କ ସହ ସମ୍ପର୍କ | ଜାତି | ସମୁଦାୟ ଜମି | ଖାତା ନଂ | ପ୍ଲଟ ନଂ | ଜମିର ପ୍ରକାର | ସମୁଦାୟ ପ୍ରଭାବିତ ଜମି | ସମୁଦାୟ ଅଧିକୃତ ଜମି | ସମୁଦାୟ ଜମିରୁ ପ୍ରଭାବିତ ଜମି କେତେ ଶତାଂଶ (%) | ଅଧିଗୃହିତ ଜମି ପ୍ରଭାବିତ ଜମିର କେତେ ଶତାଂଶ (%) |
|---|---|---|---|---|---|---|---|---|---|---|---|---|---|---|
| ୫ | ଜୟଦେବବିହାର | ସୁଦର୍ଶନ ପଣ୍ଡା | ସୌମ୍ୟକାନ୍ତ ପଣ୍ଡା | ୩୫ | ପୁଅ | ସାଧାରଣ | | | | | | | | |
| ୬ | ଜୟଦେବ ବିହାର | କିଶୋରୀ ହରିଚନ୍ଦନ | ଯୋଗେନ୍ଦ୍ରନାଥ ହରିଚନ୍ଦନ | ୫୭ | ପୁଅ | ଓବିସି | ୦.୮୨ | ୬୧ | ୬୪୬/ ୨୩୯୧ ୬୪୬/୨୩ ୯୨ ୬୪୪, ୬୪୦, ୬୩୯ | ଘରବାରି-୨ ସଡକ, ସାରଦ-୩ | ୦.୪୮୫ | ୦.୪୨୫ | ୫୧.୮୩ | ୮୭.୬୩ |
| ୬ | ଜୟଦେବ ବିହାର | କିଶୋରୀ ହରିଚନ୍ଦନ | ବ୍ରଜକିଶୋର ହରିଚନ୍ଦନ | ୨୬ | ନାତି | ଓବିସି | | | | | | | | |
| ୬ | ଜୟଦେବ ବିହାର | କିଶୋରୀ ହରିଚନ୍ଦନ | ଦାଶରଥି ହରିଚନ୍ଦନ | ୫୫ | ପୁଅ | ଓବିସି | | | | | | | | |
| ୬ | ଜୟଦେବ ବିହାର | କିଶୋରୀ ହରିଚନ୍ଦନ | ଅରୁଣ ହରିଚନ୍ଦନ | ୨୮ | ନାତି | ଓବିସି | | | | | | | | |
| ୬ | ଜୟଦେବ ବିହାର | କିଶୋରୀ ହରିଚନ୍ଦନ | ଯ୍ୟୋତି ହରିଚନ୍ଦନ | ୨୫ | ନାତି | ଓବିସି | | | | | | | | |
| ୭ | ଜୟଦେବ ବିହାର | ବିଜୟ ମିଶ୍ର | ବିଜୟ ମିଶ୍ର | ୬୫ | ଗୃହକର୍ତ୍ତା | ସାଧାରଣ | ୫.୯୩ | ୪୫୩/୧୫ | ୬୪୪/ ୩୪୬୧ | ସାରଦ-୩ | ୦.୦୮୪ | ୦.୦୧୮ | ୦.୩୦ | ୨୧.୪୩ |
| ୮ | ଜୟଦେବ ବିହାର | ହରଚାନ୍ଦ ମେହେର | ହରଚାନ୍ଦ ମେହେର | ୭୪ | ଗୃହକର୍ତ୍ତା | ଓବିସି | ୦.୧୦୧ | ୧୪୨୬/୧ ୧୪୭, ୪୫୩/ ୮୭୩ | ୬୪୪/ ୪୫୪୮ ୬୪୪/ ୪୬୮୭ | ଘରବାରି-୨, ସାରଦ-୩ | ୦.୧୦୧ | ୦.୧୦୧ | ୧୦୦.୦୦ | ୧୦୦.୦୦ |
| ୮ | ଜୟଦେବ ବିହାର | ହରଚାନ୍ଦ ମେହେର | ଜୟନ୍ତ କୁମାର ମେହେର | ୫୧ | ପୁଅ | ଓବିସି | | | | | | | | |
| ୮ | ଜୟଦେବ ବିହାର | ହରଚାନ୍ଦ ମେହେର | ମନୋଜ କୁମାର ମେହେର | ୪୮ | ପୁଅ | ଓବିସି | | | | | | | | |
| ୮ | ଜୟଦେବ ବିହାର | ହରଚାନ୍ଦ ମେହେର | ସଞ୍ଜୁକ୍ତା ମେହେର | ୪୦ | ଝିଅ | ଓବିସି | | | | | | | | |
| ୯ | ଜୟଦେବ ବିହାର | ଦେବବ୍ରତ ମହାପାତ୍ର | ଦେବବ୍ରତ ମହାପାତ୍ର | ୫୭ | ଗୃହକର୍ତ୍ତା | ସାଧାରଣ | ୦.୫୮ | ୪୫୩/ | ୬୪୨ | ଘରବାରି-୨ | ୦.୧୮୦ | ୦.୧୫୫ | ୨୬.୭୨ | ୮୬.୧୧ |

| କ୍ର. ନଂ | ଗ୍ରାମ | ଖତିଆନରେ ଥିବା ରୟତଙ୍କ ନାମ | ପ୍ରକଳ୍ପ ପ୍ରଭାବିତ ହିତାଧିକାରୀ | ବୟସ | ପରିବାରର ମୁଖ୍ୟଙ୍କ ସହ ସମ୍ପର୍କ | ଜାତି | ସମୁଦାୟ ଜମି | ଖାତା ନଂ | ପ୍ଲଟ ନଂ | ଜମିର ପ୍ରକାର | ସମୁଦାୟ ପ୍ରଭାବିତ ଜମି | ସମୁଦାୟ ଅଧିକୃତ ଜମି | ସମୁଦାୟ ଜମିରୁ ପ୍ରଭାବିତ ଜମି କେତେ ଶତାଂଶ (%) | ଅଧିଗୃହିତ ଜମି ପ୍ରଭାବିତ ଜମିର କେତେ ଶତାଂଶ (%) |
|---|---|---|---|---|---|---|---|---|---|---|---|---|---|---|
| | | | | | | | | ୨୩୫ | | | | | | |
| ୯ | ଜୟଦେବ ବିହାର | ଦେବବ୍ରତ ମହାପାତ୍ର | ସଚଳା ମହାପାତ୍ର | ୭୬ | ମା | ସାଧାରଣ | | | | | | | | |
| ୯ | ଜୟଦେବ ବିହାର | ଦେବବ୍ରତ ମହାପାତ୍ର | ସଙ୍କଳ୍ପ ମହାପାତ୍ର | ୨୫ | ପୁଅ | ସାଧାରଣ | | | | | | | | |
| ୧୦ | ଜୟଦେବ ବିହାର | ସୁଦର୍ଶନ ସାହୁ | ସୁଦର୍ଶନ ସାହୁ | ୬୮ | ଗୃହକର୍ତ୍ତା | ଓବିସି | ୬.୭୦ | ୪୫୩/ ୧୨୧୬ | ୬୩୯/ ୪୮୦୦ | ଘରବାରି | ୦.୩୧୭ | ୦.୧୨୩ | ୧.୮୪ | ୩୮.୮୦ |
| ୧୦ | ଜୟଦେବ ବିହାର | ପ୍ରତିମାରାଣି ସାହୁ | ପ୍ରତିମାରାଣି ସାହୁ | ୫୭ | ଗୃହକର୍ତ୍ତୀ | ଓବିସି | | ୪୫୩/ ୧୧୮୮ | ୬୩୯/ ୪୭୯୧ | ଘରବାରି | ୦.୨୫୨ | ୦.୧୮୮ | ୨.୮୧ | ୭୪.୬୦ |
| ୧୦ | ଜୟଦେବ ବିହାର | ପ୍ରତିମାରାଣି ସାହୁ | ସୋହାଲ କୁମାର ସାହୁ | ୩୦ | ପୁଅ | ଓବିସି | | | | | | | | |
| ୧୦ | ଜୟଦେବ ବିହାର | ପ୍ରତିମାରାଣି ସାହୁ | ଭିଚାଲ ସାହୁ | ୨୫ | ପୁଅ | ଓବିସି | | | | | | | | |
| ୧୧ | ଜୟଦେବ ବିହାର | ନିକୁଞ୍ଜ କିଶୋର ମହାନ୍ତି | ଉତ୍ତରା ମହାନ୍ତି | ୬୪ | ସ୍ତ୍ରୀ | ସାଧାରଣ | ୨.୫୦ | ୧୭୬ | ୬୪୦/୨୩ ୨୭ | ଘରବାରି-୨ | ୦.୦୭୨ | ୦.୦୭୨ | ୨.୮୮ | ୧୦୦.୦୦ |
| ୧୧ | ଜୟଦେବ ବିହାର | ନିକୁଞ୍ଜ କିଶୋର ମହାନ୍ତି | ନୋଭେସ ମହାନ୍ତି | ୪୫ | ପୁଅ | ସାଧାରଣ | | | | | | | | |
| ୧୨ | ଜୟଦେବ ବିହାର | ଗିତାରାଣୀ ମହାନ୍ତି | ପୟୋଜା କିଶୋରୀ ମହାନ୍ତି | ୪୯ | ପୁଅ | ସାଧାରଣ | ୩.୧୧ | ୮୦ | ୬୪୦/ ୨୩୨୬ | ଘରବାରି-୨ | ୦.୦୭୫ | ୦.୦୭୫ | ୨.୨୫ | ୧୦୦.୦୦ |
| ୧୨ | ଜୟଦେବ ବିହାର | ଗିତାରାଣୀ ମହାନ୍ତି | ପଙ୍କଜ କିଶୋର ମହାନ୍ତି | ୪୭ | ପୁଅ | ସାଧାରଣ | | | | | | | | |
| ୧୨ | ଜୟଦେବ ବିହାର | ଗିତାରାଣୀ ମହାନ୍ତି | ପ୍ରଣବ କିଶୋର ମହାନ୍ତି | ୪୫ | ପୁଅ | ସାଧାରଣ | | | | | | | | |
| ୧୩ | ଜୟଦେବ ବିହାର | ବିରଜା ପ୍ରସାଦ ଦାସ | ବିରଜା ପ୍ରସାଦ ଦାସ | ୪୭ | ଗୃହକର୍ତ୍ତା | ସାଧାରଣ | ୩.୨୦ | ୪୫୩/ ୧୩୦୮ | ୬୪୦/ ୨୩୨୫ | ଘରବାରି-୨ | ୦.୦୯୦ | ୦.୦୯୦ | ୨.୮୧ | ୧୦୦.୦୦ |

# ଅନୁସୂଚୀ-୩ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଫଟୋଗ୍ରାଫ



ପ୍ରଭାବିତ ହେବାକୁ ଯାଉଥିବା ସି ଆର୍ ପି ଏଫ୍ ଛକଠାରୁ ଜୟଦେବ ବିହାର ଛକ (ଭାୟା ଏକାମ୍ରକାନନ ଗେଟ) କୁ ସଂଯୋଗ କରୁଥିବା ରାସ୍ତାର ଦୃଶ୍ୟ



ପ୍ରଭାବିତ ହେବାକୁ ଯାଉଥିବା ବସ୍ତିର ଗୋଟିଏ ଘରର ଦୃଶ୍ୟ



ପ୍ରଭାବିତ ହେବାକୁ ଯାଉଥିବା ଗୋଟିଏ ପରିବାର ମୁଖ୍ୟଙ୍କ ସହ ପରିବାର ସମ୍ବନ୍ଧରେ ଆଲୋଚନାର ଦୃଶ୍ୟ



ପ୍ରଭାବିତ ହେବାକୁ ଯାଉଥିବା ଗୋଟିଏ ପରିବାର ମୁଖ୍ୟଙ୍କ ସହ ପରିବାର ସମ୍ବନ୍ଧରେ ଆଲୋଚନାର ଦୃଶ୍ୟ



ପ୍ରଭାବିତ ହେବାକୁ ଯାଉଥିବା ଗୋଟିଏ ପରିବାର ମୁଖ୍ୟଙ୍କ ସହ ପରିବାର ସମ୍ବନ୍ଧରେ ଆଲୋଚନାର ଦୃଶ୍ୟ



ପ୍ରଭାବିତ ହେବାକୁ ଯାଉଥିବା ଗୋଟିଏ ପରିବାର ମୁଖ୍ୟଙ୍କ ସହ ପରିବାର ସମ୍ବନ୍ଧରେ ଆଲୋଚନାର ଦୃଶ୍ୟ



ପ୍ରସ୍ତାବିତ ପ୍ରକଳ୍ପ ହେତୁ ସ୍ଥାନାନ୍ତର ହେବାକୁ ଯାଉଥିବା କେତେକ ଛୋଟ ଦୋକାନର ଦୃଶ୍ୟ



ପ୍ରସ୍ତାବିତ ପ୍ରକଳ୍ପ ହେତୁ ସ୍ଥାନାନ୍ତର ହେବାକୁ ଯାଉଥିବା ଗୋଟିଏ ଗୃହର ନିର୍ମାଣ ସାମାଗ୍ରୀର ଦୃଶ୍ୟ



ପ୍ରଭାବିତ ହେବାକୁ ଯାଉଥିବା ଶ୍ରୀଯୁକ୍ତ ସନ୍ତୋଶ କୁମାର ମହାନ୍ତିଙ୍କ ଉଭୟ ଜମି ଏବଂ ଗୃହର ଦୃଶ୍ୟ



ପ୍ରଭାବିତ ହେବାକୁ ଯାଉଥିବା ଗୋଟିଏ ଅନୁସୂଚିତ ଜନଜାତି ବସ୍ତିର ଦୃଶ୍ୟ




ସ୍ଥାନୀୟ ଲୋକମାନଙ୍କ ସହ କେନ୍ଦ୍ରୀଭୁତ ଦଳଗତ ଆଲୋଚନାର ଦୃଶ୍ୟ



ସ୍ଥାନୀୟ ଲୋକମାନଙ୍କ ସହ କେନ୍ଦ୍ରୀଭୁତ ଦଳଗତ ଆଲୋଚନାର ଦୃଶ୍ୟ

## ଏକାମ୍ର ବିହାର ଠାରେ ତା ୨୬.୦୨.୨୦ ରିଖରେ ଜୟଦେବ ବିହାର ମୌଜାରେ ଅନୁଷ୍ଠିତ ହୋଇଥିବା ଜନଶୁଣାଣି ଶିବିରର ଫଟୋଗ୍ରାଫ

























# ଅନୁସୂଚୀ-୪

## କେନ୍ଦ୍ରୀଭୂତ ଦଳଗତ ଆଲୋଚନାରେ ଭାଗ ନେଇଥିବା ଲୋକମାନଙ୍କ ଦସ୍ତଖତ

**Focus Group Discussion**

1. Name of Village: JAYADEV VIHAR
2. Name of GP: WARD-16, BMC
3. Name of Block: BHUBANESWAR
4. Name of Tahasil BHUBANESWAR
5. Name of District: KHORDHA.

**LIST OF PARTICIPANTS**

| Sl. No. | Name | Occupation | Sex | Age | Social Category | Signature |
|---|---|---|---|---|---|---|
| 1. | Priyabrata Narayan Das | Rtd. Govt. Servant. | male | 68 | Gen | [illegible] |
| 2 | Jogendra [illegible] | Govt. | M | 58 | Gen | [illegible] |
| 3 | Sadhu Charan Behera | Rtd. Govt Service | M | 70 | OBC | [illegible] |
| 4 | Abani Kumar Rath | Business | M | 46 | Gen | [illegible] |
| 5 | Harachand Meher | Rtd. Govt Servant | M | 74 | OBC | [illegible] |
| 6 | Soumya Kanta Panda | Social Service | M | 35 | Gen | Sk Panda |
| 7 | Gourang Singh | Daily Labour | M | 58 | Gen | [illegible] |
| 8 | Santosh Kumar Sahu | Garriage Owner on Rd. Side | M | 38 | OBC | Santosh Sahu |
| 9 | Prasanna Kumar Setty - Govt. Plot | Dhobi work | M | 48 | SC | P. K. Setty |
| 10 | Tophan Khatei | Road side business | M | 45 | OBC | [illegible] |
| 11 | Pradipta Kumar Sahoo | Labour | M | 38 | OBC | P. K Sahoo. |
| 12 | Santanu Patra | Labour | M | 40 | OBC | S. Patra |
| 13 | Rajendra Kumar Das | Business on Rd. Side | M | 28 | Gen | R. K. DAS |
| 14 | Srinibas Pradhan | Business on Rd. side | M | 40 | OBC | [illegible] |
| 15 | Sai Ranjan Sahoo | Garage worker | M | 25 | OBC | Sai Ranjan Sahoo |
| 16 | Chandan Kumar Sahu | Rd. side Business | M | 26 | OBC | [illegible] |

1

## ଜନଶୁଣାଣିରେ ଭାଗ ନେଇଥିବା ଅଧିକାରୀମାନଙ୍କ ଦସ୍ତଖତ

**Public Hearing on "Social Impact Assessment of Land Acquisition for Construction of 200' Master Plan Road from Rail Vihar to Ekmrakanan via Hatiasuni" in Khordha District.**

Place-Ekamra Vihar **List of Official Participants** Date-26.02.2020

| Sl. No | Name | Occupation | Signature |
|---|---|---|---|
| 1 | | | |
| 2 | Rasmita Rani Paraia | L.A.O, Khordha | [signature] 26-2-2020 |
| 3 | Purna chandra Dalai AEE. (R&B) Div-III, BBSR | A.E.E. (R&B) Division No-III, BBSR | [signature] 26/2/2020 |
| 4 | Purandar Nanda Asst. Collector, O/o Sub Collector BBSR | Asst. Collector O/o Sub Collector. BBSR | [signature] 26/2/20 |
| 5 | Dr. S R Mawa | RAC | [signature] |
| 6 | Hrushikesh Dash | Supervisor. RAC | [signature] 26/2/20 |
| 7 | Rajarishee Jena | AE (L&B) BBSR | [signature] 26/2/2020 |
| 8 | Rasmi Ranjan Behera | JRA | [signature] 26.02.2020 |
| 9 | Prasanta Ranjan Pradhan | R.I. | [signature] 26-02-20 |
| 10 | Sanjay Das | Amin | [signature] 26.02.2020 |
| | | | |
| | | | |

Scanned by CamScanner

## ଜନଶୁଣାଣିରେ ଭାଗ ନେଇଥିବା ଲୋକମାନଙ୍କ ଦସ୍ତଖତ

### Public Hearing on "Social Impact Assessment of Land Acquisition for Construction of 200' Master Plan Road from Rail Vihar to Ekmrakanan via Hatiasuni" in Khordha District.


Place-Ekamra Vihar | **( List of Participants )** | Date-26.02.2020

| Sl. No | RoR Holder | Participants | Signature |
|---|---|---|---|
| 1 | Laxminarayan Das | | |
| 2 ✓ | Kalyanilaxmi Mohanty | Bijaya Nanda Mohanty [illegible] | [illegible] 26/02/2020 |
| 3 | Chittaranjan Behera | CHITTA RANJAN BEHERA | [illegible] 26-2/20 |
| 4 | S. N Developers 7978913154/94370228[illegible] | Bijaya Kumar Pradhan for S.N. Developers | B.K. Pradh |
| 5 ✓ | Santosh Kumar Behera | Santosh Kumar Behera | Santosh Kumar Behera |
| 6 ✓ | Sudarsan panda | Soumya Kanta Panda on behalf of Sudarsan Panda | Soumya Kanta Panda |
| 7 | Kishori Harichandan | Jogendranath Harichandan for Kishori Harichandan | Jogendranath Harichandan |
| 8 | Bijaya Mishra | | |
| 9 | Harachand Meher | Harachand Meher | [illegible] |
| 10 ✓ | Debabrata Mohapatra | Manoranjan Mishra for Debabrata Mohapatra | [illegible] 26/02/2020 |
| 11 ✓ | Anima Acharya | Abani Kumar Rath on behalf of Anima Acharya. | [illegible] 26/02/20. |
| 12 | Sudarsana Sahoo | Saubhagya Kumar Khitua on behalf of Sudarsan Sahoo | [illegible] 26-2-20 |
| 13 | Pratimarani Sahoo | for Saubhagya [illegible] | [illegible] 26-2-20 |
| 14 | Nikunja Kishore Mohanty | Naresh Kr Mohanty | [illegible] |
| 15 | Gitarani Mohanty | Payoja Kishore Mohanty | [illegible] Mohanty |
| 16 | Birajaprasad Dash | | |
| | | | |
| | | | |

Scanned by CamScanner

## ଅନୁସୂଚୀ-୫

# ଏସ୍ ଆଇ ଏ ମ୍ୟାପ



**ଅନୁସୂଚୀ-୬**

# ସାମାଜିକ ମାନଚିତ୍ର

